# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୩୦/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 30/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୩୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 333 | ମୂଲ୍ୟ ₹୭/-




**ଗ୍ଲେନ୍ ଫିଲିପ୍ସ ପ୍ଲେୟର ଅଫ୍ ଦି ମ୍ୟାଚ**

ଶ୍ରୀଲଙ୍କା ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ନ୍ୟୁଜିଲାଣ୍ଡ ବ୍ୟାଟର ଗ୍ଲେନ ଫିଲିପ୍ସ ଶତକ ହାସଲ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

୧୬

୧୨

**ନିର୍ବାଚନ ଲଢ଼ିବାକୁ କଙ୍ଗନା ଆଗ୍ରହୀ**

ନିର୍ବାଚନ ଲଢ଼ିବା ସୁଯୋଗ ମିଳିଲେ ହାତଛଡ଼ା କରିବେ ନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ କହିଛନ୍ତି।



# ଯେତେ ଜବତ, ସେତେ ଭେଜାଲ

**ପଦ୍ମପୁର ପାଇଁ ୪୮ କୋଟିର ପ୍ରକଳ୍ପ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

୩

## ନିୟନ୍ତ୍ରଣ ବାହାରେ ଖାଦ୍ୟ ଅପମିଶ୍ରଣ

**ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ୍ ଇଣ୍ଡିଆ ଅର୍ଥାତ୍ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ କର୍ତ୍ତୃପକ୍ଷ (ଏଫ୍ଏସ୍ଏସ୍ଆଇ) ପକ୍ଷରୁ ଗତ ଜୁଲାଇରେ ୨୦୨୧-୨୨ର ଖାଦ୍ୟ ନିରାପତ୍ତା ସୂଚକାଙ୍କ ଜାରି କରାଯାଇଥିଲା। ଏହି ତାଲିକାରେ ଦେଶର ୧୭ଟି ବଡ଼ ରାଜ୍ୟ ମଧ୍ୟରେ ଓଡ଼ିଶା ୮ ନମ୍ବରରେ ରହିଥିଲା। ଉକ୍ତ ଇଣ୍ଡେକ୍ସରେ ପ୍ରଦତ୍ତ ତଥ୍ୟାନୁସାରେ ଖାଦ୍ୟ ଯାଞ୍ଚ ଓ ଧରପଗଡ଼ ପାଇଁ ରାଜ୍ୟରେ ଏକ ମଜଭୁତ ଭିତ୍ତିଭୂମି ରହିଛି। ତେବେ ଏଭଳି ଦାବିକୁ ଅମୂଳକ ପ୍ରମାଣ କରିଛି ବେଆଇନ ଭାବେ ଚାଲିଥିବା ଅସଂଖ୍ୟ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ୟୁନିଟ୍। କାରଣ ପୋଲିସ ପ୍ରଶାସନ ଯେତେ ଧରୁଛି, ତହିଁରୁ ଅଧିକ ଭେଜାଲ ଖାଦ୍ୟ ପ୍ରସ୍ତୁତି ବେଧଡ଼କ ଚାଲିଛି।**

କଟକ ଅଫିସ,୨୯।୧୦

ସାରା ରାଜ୍ୟରେ ତେଲ, ଲୁଣ, ମସଲା, ସସ୍, ଔଷଧ ଆଦି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଅବିକଳ ନକଲ ବିକ୍ରି ହେଉଛି। ବିଶେଷକରି ଦ୍ୱୈତ ନଗରୀ ଭୁବନେଶ୍ୱର ଓ କଟକରେ ଅପମିଶ୍ରିତ ଖାଦ୍ୟର ଆତଙ୍କ ବଢ଼ିଚାଲିଛି। ନାମୀ କମ୍ପାନୀଗୁଡ଼ିକର ବ୍ରାଣ୍ଡ ଥିବା ☞ପୃଷ୍ଠା-୪



ଜଗତପୁର ଅଞ୍ଚଳର ଏକ ନକଲି କୋଲ୍ଡ୍ରିଙ୍କ୍ସ କମ୍ପାନୀରେ ସିଏମ୍ସି ହେଲ୍ଥ ସ୍କ୍ୱାଡ୍ ଓ ପୋଲିସର ଚଢ଼ାଉ।

## ଆଖିକୁ ନାମୀ ବ୍ରାଣ୍ଡ୍, ପ୍ୟାକେଟରେ ବିଷ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ହାଟ ବଜାରରେ ହାଉଯାଉ ନକଲି ବ୍ରାଣ୍ଡ। ଆଖିକୁ ନାମୀ ବ୍ରାଣ୍ଡ୍ ଦେଖାଯାଉଥିଲେ ମଧ୍ୟ ପ୍ୟାକେଟରେ ବିଷ ଭରି ରହିଛି। ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବ୍ୟବହାର କରି ଅନେକ ସମୟରେ ଲୋକେ ମୃତ୍ୟୁ ମୁଖରେ ପଡୁଛନ୍ତି। ନିକଟରେ କଟକ ଜିଲାର ବଡମ୍ବାରେ ଚାଟ୍ ଖାଇ ଗୋଟିଏ ପରିବାରର ୩ ସଦସ୍ୟଙ୍କର ମୃତ୍ୟୁ ହେବା ଏହି କଳା ସାମ୍ରାଜ୍ୟର ପ୍ରାଦୁର୍ଭାବକୁ ସୂଚାଉଛି। ୨୦୧୯ ଜାନୁୟାରୀରେ କୋରାପୁଟର ଜୟପୁରଠାରେ ମସଲା ଅପମିଶ୍ରଣ ୟୁନିଟ ଠାବ କରାଯାଇଥିବା ବେଳେ ସେହିବର୍ଷ ଫେବୃୟାରୀରେ ଅନୁଗୋଳରେ ଡାଲି, ଦୁଗ୍ଧ ଓ ଲଙ୍କାଗୁଣ୍ଡ ଅପମିଶ୍ରଣ ୟୁନିଟ ଠାବ ହୋଇଥିଲା। ସେହିପରି ୨୦୨୦ ସେପ୍ଟେମ୍ବରରେ କଟକରେ ଟମାଟୋ ଏବଂ ଲଙ୍କା ସସ୍ ନକଲି କାରଖାନା ଧରାପଡ଼ିଥିଲା। ୨୦୨୨ ସେପ୍ଟେମ୍ବରରେ ଭୁବନେଶ୍ୱର ଉପକଣ୍ଠ ପାହାଳଠାରେ ଏକ ନକଲି ଲୁଣ ଓ ଡିଟରଜେଣ୍ଟ ପାଉଡର ଫ୍ୟାକ୍ଟ୍ରି ଧରାପଡ଼ିଥିଲା। ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଆକ୍ଟ-୨୦୦୬ ଅନୁଯାୟୀ ଖାଦ୍ୟ ପଦାର୍ଥର ମାନ ଯାଞ୍ଚ ସହ ଅପମିଶ୍ରିତ ସାମଗ୍ରୀରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟରେ ଜଣେ ଆଇଏଏସ୍ ର୍ୟାଙ୍କର ଅଫିସର ଫୁଡ୍ ସେଫ୍ଟି କମିଶନର ରହିବେ। ଏହାଛଡ଼ା ଫୁଡ୍ ସେଫ୍ଟି ଡାଇରେକ୍ଟର, ଆଡିଶନାଲ ଫୁଡ୍ ସେଫ୍ଟି କମିଶନର, ସମସ୍ତ ଜିଲାରେ ଫୁଡ୍ ସେଫ୍ଟି ଅଫିସର ରହିବେ। ନିୟମିତ ବ୍ୟବଧାନରେ ନମୁନା ସଂଗ୍ରହ କରାଯାଇ ଲାବରେଟୋରିରେ ଏହାକୁ ପରୀକ୍ଷା କରାଯିବ। ଅପମିଶ୍ରଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାତ୍ର ଯାଞ୍ଚ ଠିକ୍ ଢଙ୍ଗରେ ହେଉ ନ ଥିବା କିମ୍ବା ଅପମିଶ୍ରଣକାରୀଙ୍କ ସହ କେତେଜଣ ଅସାଧୁ ଅଫିସରଙ୍କ ଭିତିରି ସମ୍ପର୍କ ଯୋଗୁ ଏଭଳି ବେଆଇନ କାରବାର ଦିନକୁ ଦିନ ବଢ଼ିଚାଲିଛି। ରାଜ୍ୟରେ ନମୁନା ପରୀକ୍ଷା ଅତ୍ୟନ୍ତ ନଗଣ୍ୟ ରହିଛି। ଅପମିଶ୍ରଣକାରୀଙ୍କୁ ଦଣ୍ଡିତ କରିବା ହାର ମଧ୍ୟ କମ୍ ରହିଛି। ଗତ ୩ ବର୍ଷରେ ରାଜ୍ୟରେ ୧୦୦ଟି ନମୁନା ପରୀକ୍ଷା କରାଯାଇଛି। ସେଥିରୁ ୨୧ଟିରେ ଅପମିଶ୍ରଣ ଠାବ କରାଯାଇଛି। ଅପମିଶ୍ରଣକାରୀଙ୍କଠାରୁ ଜରିମାନା ବାବଦରେ ୨୬.୩୫ କୋଟି ଟଙ୍କା ଆଦାୟ କରାଯାଇଛି। ସେହିପରି ୨୦୧୮-୧୯ରେ ୧୨୩ ଜଣ ଅପମିଶ୍ରଣକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲେ ମଧ୍ୟ ଜଣେ ହେଲେ ଦଣ୍ଡିତ ହୋଇ ନାହାନ୍ତି। ଜଣେ ବରିଷ୍ଠ ଫୁଡ୍ ସେଫ୍ଟି ଅଫିସରଙ୍କ କହିବା ଅନୁଯାୟୀ ପର୍ଯ୍ୟାପ୍ତ କର୍ମଚାରୀ ଅଭାବରୁ ନମୁନା ସଂଗ୍ରହ ତ୍ୱରାନ୍ୱିତ ହୋଇପାରୁନାହିଁ।









# ଦଳାଚକଟାରେ ୧୨୦ ମୃତ

## ସିଓଲ ହଲୋଇନ୍ ପାର୍ଟିରେ ଅଘଟଣ



ଜଣେ ଆହତଙ୍କୁ ହସ୍ପିଟାଲକୁ ନିଆଯାଉଛି।

ସିଓଲ, ୨୯।୧୦

ଦକ୍ଷିଣ କୋରିଆ ରାଜଧାନୀ ସିଓଲସ୍ଥିତ ଇଟାଓ୍ୱନ ଷ୍ଟ୍ରିଟ୍‌ରେ ଶନିବାର ରାତିରେ ହଲୋଇନ୍ କାର୍ଯ୍ୟକ୍ରମ ଚାଲିଥିବାବେଳେ ଦଳଚକଟାରେ ୧୨୦ ଜଣଙ୍କ ଜୀବନ ଯିବା ସହ ଶହେରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶଙ୍କୁ ହୃଦ୍‌ଘାତ ହୋଇଥିଲା। ଦଳାଚକଟାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ହଲୋଇନ୍ କାର୍ଯ୍ୟକ୍ରମରେ କେହି ସେଲିବ୍ରିଟି ଆସିଥିବା ଖବର ପ୍ରଚାର ହୋଇଥିଲା। ବହୁସଂଖ୍ୟାରେ ଲୋକେ ଇଟାଓ୍ୱନରେ ଚାଲିଥିବା ଏହି କାର୍ଯ୍ୟକ୍ରମ ସ୍ଥଳୀରେ ଧସେଇ ପଶିଥିଲେ। ସଙ୍କୀର୍ଣ୍ଣ ଷ୍ଟ୍ରିଟ୍‌ରେ ଭିଡ଼ ଏତେ ବଢ଼ିଯାଇଥିଲା ଯେ ତାହାକୁ ନିୟନ୍ତ୍ରଣ କରିବା ସୁରକ୍ଷାକର୍ମୀଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ଠେଲାପେଲାରେ ଶତାଧିକ ଲୋକ ତଳେ ପଡ଼ିଯାଇଥିଲେ। ଉଦ୍ଧାରକାରୀ ଦଳ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ରାଷ୍ଟ୍ରପତି ୟୋନ୍ ସୁକ୍ ୟୋଲ ଦୁଃଖ ପ୍ରକାଶ କରିବା ସହ ଘଟଣାର ତଦନ୍ତ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆହତଙ୍କ ଚିକିତ୍ସାରେ ୪ ଶହରୁ ଊର୍ଦ୍ଧ୍ୱ ଆପତ୍‌କାଳୀନ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଓ ୧୪୦ ଗାଡ଼ି ନିୟୋଜିତ ହୋଇଛି। କୋଭିଡ୍ କଟକଣା ଯୋଗୁ ୨ ବର୍ଷ ହେଲା ହଲୋଓ୍ୱିନ୍ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। କଟକଣା ହଟିବା ପରେ ହଲୋଓ୍ୱିନ୍ ପାର୍ଟି ଚଳିତ ବର୍ଷର ସବୁଠୁ ବଡ଼ କାର୍ଯ୍ୟକ୍ରମ ଥିଲା। ଏଥିପାଇଁ ଇଟାଓ୍ୱନ୍ ଷ୍ଟ୍ରିଟ୍‌ରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା ବୋଲି ସ୍ଥାନୀୟ ଗଣମାଧ୍ୟମ କହିଛି।

## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍: ଆଉ ମାସେ ବଢ଼ିଲା ଅବଧି

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ଗାଡ଼ିଚାଳକ ଆଶ୍ୱସ୍ତ ହୋଇଛନ୍ତି। ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍(ଏଚ୍ଏସ୍ଆର୍‌ପି) ଅବଧି ରାଜ୍ୟ ସରକାର ଆଉ ୧ ମାସ ପାଇଁ ପୁଣି ବଢ଼ାଇଛନ୍ତି। ଏ ନେଇ ଶନିବାର ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୩ ଫେବୃୟାରୀ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଯେଉଁ ଗାଡ଼ିଗୁଡ଼ିକର ନମ୍ବର ଶେଷ ଅଙ୍କ ୧,୨,୩ ଓ ୪ ରହିଛି, ସେଗୁଡ଼ିକରେ ଏଚ୍ଏସ୍ଆର୍‌ପି ଲଗାଇବା ପାଇଁ ଆସନ୍ତା ନଭେମ୍ବର ୩୦ ତାରିଖ ଯାଏ ବୃଦ୍ଧିକରାଯାଇଛି। ସେହିପରି ଶେଷ ସଂଖ୍ୟା ୫ ଓ ୬ ଥିବା ଗାଡ଼ି ପାଇଁ ଏହି ପ୍ଲେଟ୍ ଲଗାଇବାର ସମୟସୀମା ଡିସେମ୍ବର ୩୧ ଏବଂ ଶେଷ ଅଙ୍କ ୭ ଓ ୮ ଥିବା ଗାଡ଼ିଗୁଡ଼ିକରେ ପ୍ଲେଟ୍ ଲଗାଇବା ପାଇଁ ଶେଷ ତାରିଖ ଜାନୁୟାରୀ ୩୧ ରଖାଯାଇଛି। ଯେଉଁ ଗାଡ଼ିଗୁଡ଼ିକର ନମ୍ବରର ଶେଷ ଅଙ୍କ ୯ ଓ '୦' ଥିବ, ସେଗୁଡ଼ିକରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ପାଇଁ ସମୟସୀମାକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପାକିସ୍ତାନ ସେନା ଓ ଗଣତନ୍ତ୍ର**






# ଦିନକୁ ୩୮ ମିନିଟ୍ ରିଲ୍ସ ଦେଖୁଛନ୍ତି ଭାରତୀୟ

**ସୋସିଆଲ ମିଡିଆରେ ଶର୍ଟ ଭିଡିଓ କ୍ରେଜ୍**

ନୂଆଦିଲ୍ଲୀ, ୨୯।୧୦

ଯୁବପିଢ଼ିଙ୍କ ସମେତ ପ୍ରାୟ ସବୁ ବର୍ଗର ଲୋକଙ୍କ ଭିତରେ ୟୁଟ୍ୟୁବ୍ ଶର୍ଟ ଭିଡିଓ ଏବଂ ଇନ୍‌ଷ୍ଟାଗ୍ରାମ୍ ରିଲ୍ସ କ୍ରେଜ୍। ରାତାରାତି ପ୍ରସିଦ୍ଧ ହେବା ଓ ଟଙ୍କା କମାଇବା ପାଇଁ ୟୁଟ୍ୟୁବ୍, ଇନ୍‌ଷ୍ଟା ଏବଂ ଅନୁରୂପ ପ୍ଲାଟଫର୍ମରେ ଦିନକୁ ଲୋକେ କୋଟି କୋଟି କଣ୍ଟେଣ୍ଟ କ୍ରିଏଟ କରୁଛନ୍ତି। ଏହାକୁ ଅନ୍ୟ ଭାଷାରେ କ୍ରିଏଟର ଇକୋନୋମି ମଧ୍ୟ କୁହାଯାଉଛି। ଏହି ନିଶା ଏବେ ସେଲ୍‌ଫିକୁ ଟପିଯାଇଛି। ଲୋକେ ସେମାନଙ୍କ ମୋବାଇଲ ଡାଟାର ବଡ଼ ଅଂଶ ଶର୍ଟ ଭିଡିଓ ଏବଂ ରିଲ୍ସ ଦେଖିବାରେ ଖର୍ଚ୍ଚ କରୁଛନ୍ତି। ଭାରତୀୟଙ୍କୁ ମଧ୍ୟ ଶର୍ଟ୍ସ ନିଶା ଘାରିଛି। ଏକ ଅଧ୍ୟୟନ ଅନୁସାରେ ପ୍ରତ୍ୟେକ ଭାରତୀୟ ଦିନକୁ ପ୍ରାୟ ୩୮ ମିନିଟ୍ ଇନ୍‌ଷ୍ଟା ରିଲ୍ସ ଏବଂ ୟୁଟ୍ୟୁବ ଶର୍ଟ୍ସ ଦେଖୁଛନ୍ତି।

ରିପୋର୍ଟ ଅନୁସାରେ, ଭାରତୀୟମାନେ ସ୍ମାର୍ଟଫୋନ୍‌ରେ ମନୋରଞ୍ଜନ ଭିତ୍ତିକ କଣ୍ଟେଣ୍ଟ ଦେଖିବା ପାଇଁ ଦିନକୁ ପ୍ରାୟ ୧୫୬ ମିନିଟ୍ ବ୍ୟୟ କରିଥାନ୍ତି। ସେଥିରୁ ୩୮ ମିନିଟ୍ କେବଳ ଇନ୍‌ଷ୍ଟା ରିଲ୍ସ, ଶର୍ଟ ଭିଡିଓ ଦେଖିଥାନ୍ତି। ବେଙ୍ଗାଲୁରୁର ରେଡ୍‌ସିର ଷ୍ଟ୍ରାଟେଜି କନ୍‌ସଲ୍ଟାଣ୍ଟର ଏକ ରିପୋର୍ଟ ଅନୁଯାୟୀ, ଏଭଳି ଶର୍ଟ ଭିଡିଓ ଶୁଟିଂ ଏବଂ ଅପ୍‌ଲୋଡ୍ ପାଇଁ ଉଦ୍ଦିଷ୍ଟ ଆପ୍ଲିକେଶନଗୁଡ଼ିକ ଖୁବ୍ କମ୍ ସମୟରେ ବହୁସଂଖ୍ୟାରେ ୟୁଜର୍ସଙ୍କୁ ନିଜ ପ୍ଲାଟ୍‌ଫର୍ମକୁ ଆଣିପାରୁଛନ୍ତି। ୨୦୨୫ ସୁଦ୍ଧା ଇନ୍‌ଷ୍ଟା, ୟୁଟ୍ୟୁବ୍ ସମେତ ଅନ୍ୟ ଆପ୍‌ଗୁଡ଼ିକରେ ମାସିକ ସକ୍ରିୟ ୟୁଜର୍ସଙ୍କ ☞ପୃଷ୍ଠା-୪



## ଅସଦାଚରଣକାରୀଙ୍କୁ ପିଟି ମାରିଦେଲେ

ଫରିଦାବାଦର ଏକ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିଲା। ଗୁରୁବାର ରାତିରେ ୩୨ ବର୍ଷୀୟ ଅଭିଯୁକ୍ତଙ୍କୁ ମହିଳା ପରିବାରର ଲୋକମାନେ ପିଟି ମାରିଦେଇଛନ୍ତି। ଅସଦାଚରଣକାରୀଙ୍କ ଜଣେ ବନ୍ଧୁଙ୍କୁ ମଧ ଠେଙ୍ଗା ଓ ଲୁହା ରଡ୍‌ରେ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ସେ ଦିଲ୍ଲୀର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଭିଯୁକ୍ତ ମୋହିତ ଓ ତାଙ୍କ ସାଙ୍ଗ ନବୀନ ଏକ କାର୍‌ରେ ବସି ମଦ ପିଉଥିବାବେଳେ ମହିଳାଙ୍କ ପରିବାର ଲୋକେ ଆକ୍ରମଣ କରିଥିଲେ।

## ସଂକ୍ଷେପରେ

### ଛଟ୍ ପୂଜା ବେଳେ ସିଲିଣ୍ଡର ବିସ୍ଫୋରଣ: ୫୦ ଆହତ

**ପାଟନା,୨୯।୧୦:** ବିହାରର ଔରଙ୍ଗାବାଦ ଜିଲାରେ ଶୁକ୍ରବାର ରାତି ୨ଟା ୩୦ରେ ଶର୍ଟ ସର୍କିଟ୍‌ରୁ ନିଆଁ ଲାଗି ଏକ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହେବାରୁ ୫୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସେମାନଙ୍କୁ ଔରଙ୍ଗାବାଦ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରିବାର ସଦସ୍ୟମାନେ ଛଟ୍ ପୂଜା ପାଇଁ ଖାଦ୍ୟ ପ୍ରସ୍ତୁତିରେ ଲାଗିଥିବାବେଳେ ବିସ୍ଫୋରଣ ଘଟିଥିଲା। ଗ୍ୟାସ୍ ନିଆଁ ହଠାତ୍ ଚାରିଆଡ଼କୁ ବ୍ୟାପିଯିବାରୁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା।

### ଭାରତୀ, ହର୍ଷଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କଲା ଏନ୍‌ସିବି



**ୱାଶିଂଟନ୍,୨୯।୧୦:** ୨୦୨୦ ଡ୍ରଗ୍ସ ମାମଲାରେ ମୁମ୍ବାଇ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଶନିବାର କମେଡିଆନ୍ ଭାରତୀ ସିଂ ଓ ସ୍ୱାମୀ ହର୍ଷଙ୍କ ବିରୋଧରେ ୨୦୦ ପୃଷ୍ଠା ସମ୍ବଳିତ ଏକ ଚାର୍ଜଶିଟ୍ କୋର୍ଟରେ ଦାଖଲ କରିଛି। ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଶାଦ୍ରବ୍ୟର ବହୁଳ ବ୍ୟବହାର ଅଭିଯୋଗ ପରେ ସେହି ବର୍ଷ ନଭେମ୍ବରରେ ଏନ୍‌ସିବି ଭାରତୀ ସିଂଙ୍କ ଘରେ ଚଢ଼ାଉ କରିଥିଲା। ସେଠାରୁ ୬.୫ ଗ୍ରାମର ଗଞ୍ଜେଇ ମିଳିବା ପରେ ଭାରତୀ ଓ ହର୍ଷଙ୍କୁ ଏନ୍‌ସିବି ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଦୁହେଁ ଗଞ୍ଜେଇ ସେବନ କରୁଥିବା କଥା ସ୍ୱୀକାର କରିଥିଲେ।

### ଟିଆର୍‌ଏସ୍ ବିଧାୟକଙ୍କୁ ଲାଞ୍ଚ ଦେବା ଘଟଣା

### ଶାହାଙ୍କୁ ଗିରଫ କରାଯାଉ: ସିସୋଡିଆ

**ନୂଆଦିଲ୍ଲୀ,୨୯।୧୦:** ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଦଳର ୪ ଜଣ ବିଧାୟକଙ୍କୁ କିଣିବା ଉଦ୍ୟମ ଅଭିଯୋଗକୁ ନେଇ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଭାଜପା ନେତାଙ୍କୁ ସମାଲୋଚନା କରିଛନ୍ତି। ଦିଲ୍ଲୀ ଓ ତେଲଙ୍ଗାନାରେ ବିଧାୟକ କିଣିବା ଲାଗି ଅପରେଶନ ଲୋଟସ୍ ଚାଲିଥିବାର ପ୍ରମାଣ ମିଳିଛି ବୋଲି ସିସୋଡିଆ କହିଛନ୍ତି। ଏହି ଘଟଣାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସମ୍ପୃକ୍ତ ଥିଲେ, ତାଙ୍କୁ ଗିରଫ କରାଯିବାକୁ ସେ ଦାବି କରିଛନ୍ତି। ପୂର୍ବରୁ ଭାଜପା ଦିଲ୍ଲୀ, ପଞ୍ଜାବ ଏବଂ ଅନ୍ୟ ୮ ରାଜ୍ୟରେ ବିଧାୟକଙ୍କୁ କିଣିବା ଲାଗି ଯୋଜନା ଚଳାଇଥିଲା। ଗୈରିକ ଦଳ ପକ୍ଷରୁ ଚାଲିଥିବା ଏହି କଳୁଷିତ ରାଜନୀତି ଏବେ ତେଲଙ୍ଗାନାରେ ଦେଖାଦେଇଛି। ଟିଆର୍‌ଏସ୍ ବିଧାୟକମାନଙ୍କୁ ଭାଜପାରେ ଯୋଗଦେବା ଲାଗି ୩ ଅଭିଯୁକ୍ତ ସେମାନଙ୍କୁ ଲାଞ୍ଚ ଦେବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରେ କଥାବାର୍ତ୍ତାର ଅଡିଓ କ୍ଲିପ୍ ପ୍ରଘଟ ହେବା ପରେ ଘଟଣା ପଦାକୁ ଆସିଛି। ଉକ୍ତ ଅଡିଓ କ୍ଲିପ୍‌ରେ ଶାହାଜୀଙ୍କ ନାଁ ନିଆଯାଇଛି। ଯଦି ଶାହାଜୀ ସ୍ୱରାଷ୍ଟ୍ର ମନ୍ତ୍ରୀ ହୋଇଥାନ୍ତି, ତେବେ ତାଙ୍କୁ ଗିରଫ କରାଯାଇ ଜେରା କରାଯିବା ଆବଶ୍ୟକ। ଏଭଳି କାର୍ଯ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ସମ୍ପୃକ୍ତ ହେବା ସାରା ଦେଶ ପାଇଁ ବିପଦ ବୋଲି ସିସୋଡିଆ କହିଛନ୍ତି।

# ପିଏମ୍‌ଏୱାଇରେ ନିର୍ମିତ ୮ ଘର ଗାଏବ



ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ମଧ୍ୟପ୍ରଦେଶର ସତ୍‌ନା ଜିଲାରେ ନିର୍ମାଣ ହୋଇଥିବା ୮ ଘର ଉଭାନ ହୋଇଯାଇଛି। ବଡ଼ କଥା ହେଉଛି, ସପ୍ତାହେ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଭର୍ଚୁଆଲରେ ଏଠାରୁ 'ଗୃହ ପ୍ରବେଶ' କାର୍ଯ୍ୟକ୍ରମରେ ଗରିବ ପରିବାରକୁ ଘର ହସ୍ତାନ୍ତର କରିଥିଲେ। ନିଖୋଜ ଘରଗୁଡ଼ିକ ୨୦୧୭-୧୮ର ବୋଲି ଜଣାପଡ଼ିଛି। ସତ୍‌ନା ଜିଲାର ରାହିକ୍ୱାରା ପଞ୍ଚାୟତରେ ଏହିସବୁ ଘର ଆଦୌ ନିର୍ମାଣ ନ ହୋଇ କାଗଜପତ୍ରରେ ସମ୍ପୂର୍ଣ୍ଣ ହୋଇଥିଲା ବୋଲି ଏକ ସୂତ୍ରରୁ କୁହାଯାଇଛି। ତତ୍କାଳୀନ ସରପଞ୍ଚ, ପଞ୍ଚାୟତ କୋର୍ଡିନେଟର ଏବଂ ଗ୍ରାମ ରୋଜଗାର ସେବକଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଜିଲାପାଳ ଅନୁରାଗ ବର୍ମା ପଞ୍ଚାୟତ କୋର୍ଡିନେଟର ଓ ଗ୍ରାମ ରୋଜଗାର ସେବକଙ୍କୁ ନିଲମ୍ବନ କରିଛନ୍ତି।

# ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଚତୁର୍ଥ ଦୁର୍ଘଟଣା

ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଶନିବାର ସକାଳେ ଗୁଜରାଟର ଭାଲ୍‌ସାଡ୍ ନିକଟରେ ପୁଣିଥରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ମୁମ୍ବାଇ ସେଣ୍ଟ୍ରାଲରୁ ଗାନ୍ଧୀନଗର ଯାଉଥିବା ଟ୍ରେନ୍‌ଟି ଭାଲ୍‌ସାଡ୍‌ର ଅତୁଲ ନିକଟରେ ଏକ ଗୋରୁ ପଲଙ୍କୁ ଧକ୍କା ଦେଇଥିଲା। ଫଳରେ ଏହାର କପ୍‌ଲର, ୱାଟର ପମ୍ପ୍ ପାଇପ୍ ଏବଂ ବିସିୟୁ କଭର କ୍ଷତିଗ୍ରସ୍ତ ହୋଇଛି। ମାସକ ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଏହା ଚତୁର୍ଥ ଦୁର୍ଘଟଣା। ଅକ୍ଟୋବର ୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରିଥିଲେ। ୬ ତାରିଖରେ ଏହା ଗୋରୁ ପଲଙ୍କୁ ଧକ୍କା ଦେବା ସହ ୮ ତାରିଖରେ ପୁଣିଥରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା।




# ବାଇଡେନ୍‌ଙ୍କ ପାଇଁ ବଡ଼ ପରୀକ୍ଷା

## ଆମେରିକାରେ ମଧ୍ୟବର୍ତ୍ତୀ ନିର୍ବାଚନ

**ଦରଦାମ, ବେରୋଜଗାର ବୃଦ୍ଧି ଆଦି ଜୋ ବାଇଡେନ୍‌ଙ୍କ ଡେମୋକ୍ରାଟିକ୍ ପାର୍ଟି ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ସେହିପରି ନିକଟରେ ଆମେରିକା ସୁପ୍ରିମକୋର୍ଟ ମହିଳାଙ୍କ ଗର୍ଭପାତ ଅଧିକାର ବିରୋଧୀ ରାୟ ଦେବା ପରେ ମଧ୍ୟ ଆମେରିକୀୟମାନେ ଏହାକୁ ନେଇ କ୍ଷୁବ୍ଧ ଅଛନ୍ତି। ହେଲେ ଏବେ ବି ଅର୍ଦ୍ଧାଧିକ ଆମେରିକୀୟ ବାଇଡେନ୍‌ଙ୍କୁ ହିଁ ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଦେଖିବାକୁ ଚାହୁଁଥିବା ଏକାଧିକ ଜନମତ ସର୍ଭେରୁ ଜଣାପଡ଼ିଛି। ୨୦୨୧ ଜାନୁୟାରୀ ୬ କ୍ୟାପିଟୋଲ ହିଂସା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କୁ ଦାୟୀ କରାଯିବା ଏବଂ ତାଙ୍କ ଘରେ ଆମେରିକୀୟ ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ ଚଢ଼ାଉ କରିବା ପରେ ଏହି ରିପବ୍ଲିକାନ୍ ନେତାଙ୍କ ସମସ୍ୟା ବଢ଼ିଛି।**

**ୱାଶିଂଟନ୍, ୨୯।୧୦**

ଆମେରିକାରେ ମିଡ୍‌ଟର୍ମ ଇଲେକ୍ସନକୁ ଆଉ ମାତ୍ର ୧୧ ଦିନ ଥିବାବେଳେ ଉଚ୍ଚ ମୁଦ୍ରାସ୍ଫୀତି, ଗର୍ଭପାତ ଅଧିକାର ଆଦି ପ୍ରସଙ୍ଗ ଶାସକ ଡେମୋକ୍ରାଟିକ୍ ପାର୍ଟି ପାଇଁ ଚିନ୍ତାର କାରଣ ପାଲଟିଛି। ଫଳରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଉପରେ ଲୋକଙ୍କ ଭରସା ବଢ଼ିପାରିନାହିଁ। ପ୍ରାୟ ସମସ୍ତ ଜନମତ ସର୍ଭେ ଅନୁସାରେ ବାଇଡେନ୍‌ଙ୍କ ଆପ୍ରୁଭାଲ ରେଟିଂରେ ସାମାନ୍ୟ ସୁଧାର ଆସିଛି। ଅନ୍ୟପକ୍ଷରେ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ପ୍ରାର୍ଥୀ ହେବାକୁ ଯାଉଥିବାବେଳେ ତାଙ୍କ ଆପ୍ରୁଭାଲ ରେଟିଂ ଖରାପରୁ ଆହୁରି ଖରାପ ହୋଇଛି।

ଆମେରିକା ରାଷ୍ଟ୍ରପତିଙ୍କ ୪ ବର୍ଷ କାର୍ଯ୍ୟକାଳ ମଧ୍ୟରେ ହେଉଥିବା ନିର୍ବାଚନକୁ ମିଡ୍‌ଟର୍ମ ବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ କୁହାଯାଏ। ଆସନ୍ତା ନଭେମ୍ବର ୮ରେ ଅନୁଷ୍ଠିତ ହେବାକୁ ଥିବା ଏହି ଭୋଟକୁ ଶାସକ ଦଳ ପ୍ରଦର୍ଶନର ମାପକାଠି ବୋଲି ମଧ୍ୟ ବିବେଚନା କରାଯାଏ। ଏଥିରେ ଆମେରିକା କଂଗ୍ରେସର ନିମ୍ନସଦନ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ସମସ୍ତ ୪୩୫ ଆସନ ଏବଂ ଉଚ୍ଚସଦନ ବା ସିନେଟ୍‌ର ୧୦୦ ଆସନରୁ ୩୫ଟିରେ ନିର୍ବାଚନ ହେବ। ଏହାସହ ୩୯ ପ୍ରଦେଶରେ ଗଭର୍ଣ୍ଣର ନିର୍ବାଚନ ସହ ଆଞ୍ଚଳିକ ସ୍ତରରେ ମଧ୍ୟ ଇଲେକ୍ସନ ଅନୁଷ୍ଠିତ ହେବ। ଏହାର ଫଳାଫଳ ପ୍ରକାଶ ପାଇବା ପରେ ୧୧୮ତମ ଆମେରିକା କଂଗ୍ରେସକୁ ନୂଆ ସଦସ୍ୟ ଆସିବେ। ଏବେ ସିନେଟରେ ୫୦-୫୦ ଡେମୋକ୍ରାଟ୍ ଏବଂ ରିପବ୍ଲିକାନ୍ ସଦସ୍ୟ ରହିଛନ୍ତି। ସେହିପରି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ରିପବ୍ଲିକାନ୍‌ଙ୍କ ସଂଖ୍ୟା ୨୧୨ ଥିବାବେଳେ ଡେମୋକ୍ରାଟ୍‌ଙ୍କ ସଂଖ୍ୟା ୨୨୦ ରହିଛି। ୩ଟି ଆସନ ଖାଲି ପଡ଼ିଛି। ମିଡ୍‌ଟର୍ମ ଇଲେକ୍ସନ୍‌ରେ ଉଭୟ ଡେମୋକ୍ରାଟିକ୍ ଏବଂ ରିପବ୍ଲିକାନ୍ ପାର୍ଟି ନିଜ ପ୍ରାର୍ଥୀଙ୍କୁ ବିଜୟୀ କରି ଉଭୟ ଗୃହରେ ସଂଖ୍ୟାଗରିଷ୍ଠତା ହାସଲ ପାଇଁ ଉଦ୍ୟମ ଚଳାଇଛନ୍ତି। ତେବେ ବାଇଡେନ୍‌ଙ୍କ ଉପରେ ଭରସା କମିବା ରିପବ୍ଲିକାନ୍ ପାର୍ଟିକୁ ଲାଭ ଦେଇପାରେ। କୁକ୍ ପଲିଟିକାଲ ରିପୋର୍ଟ, ଆମେରିକାନ ଏନ୍‌ସାଇକ୍ଲୋପିଡିଆ ଅଫ୍ ପଲିଟିକ୍ସ, ବାଲୋଟପେଡିଆ ଆଦି ଏଜେନ୍ସିର ରେସ୍ ରେଟିଂ ଅନୁସାରେ ଫ୍ଲୋରିଡା, ଇଓୱା, ନର୍ଥ କାରୋଲିନା, ଓହିଓ, ଟେକ୍ସାସ୍, ଆରିଜୋନା, ଜିଓର୍ଜିଆ, ମିଶିଗାନ୍, ମିନେସୋଟା, ନେଭେଡା, ନ୍ୟୁ ହାମ୍ପଶାୟାର, ପେନ୍‌ସିଲଭାନିଆ ଏବଂ ୱିସ୍‌କନ୍‌ସିନ୍‌ରେ ଲଢ଼େଇ ଜୋରଦାର୍ ହେବ। ଏହି ରାଜ୍ୟଗୁଡ଼ିକରେ ୨୦୨୦ ନିର୍ବାଚନ ଭଳି ଅନୁରୂପ ଫଳାଫଳ ଆସିପାରେ। ପୂର୍ବରୁ ଫ୍ଲୋରିଡା, ଇଓୱା, ନର୍ଥ କାରୋଲିନା, ଓହିଓ, ଟେକ୍ସାସରେ ଟ୍ରମ୍ପଙ୍କ ବିଜୟ ହୋଇଥିବାବେଳେ ଆରିଜୋନା, ଜିଓର୍ଜିଆ, ମିଶିଗାନ୍, ମିନେସୋଟା, ନେଭାଡା, ନ୍ୟୁ ହାମ୍ପଶାୟାର, ପେନ୍‌ସିଲଭାନିଆ ଏବଂ ୱିସ୍‌କନ୍‌ସିନ୍‌ରେ ବାଇଡେନ୍‌ଙ୍କୁ ବିପୁଳ ସମର୍ଥନ ମିଳିଥିଲା।


ଜୋ ବାଇଡେନ୍


ଡୋନାଲ୍ଡ ଟ୍ରମ୍ପ

### ଟ୍ରମ୍ପଙ୍କ ଆପ୍ରୁଭାଲ ରେଟିଂ ଅଧିକ ଖରାପ

# ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ ବିଶ୍ୱରେ ସର୍ବବୃହତ୍ ନିଯୁକ୍ତିଦାତା

**ନୂଆଦିଲ୍ଲୀ,୨୯।୧୦**

ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ ବିଶ୍ୱରେ ସର୍ବବୃହତ୍ ନିଯୁକ୍ତିଦାତା। ଏହା ୨୯.୨ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେଇଛି। ସେଥିରେ ସେନା ଯବାନ, ରିଜର୍ଭ ଫୋର୍ସ ଓ ବେସାମରିକ କର୍ମଚାରୀ ଅଛନ୍ତି। ୨୦୨୨ରେ ସାରା ବିଶ୍ୱରେ ସର୍ବବୃହତ୍ ନିଯୁକ୍ତିଦାତା ସମ୍ପର୍କିତ ଷ୍ଟାଟିଷ୍ଟା ରିପୋର୍ଟ ଅନୁଯାୟୀ ଭାରତ ପଛକୁ ଦ୍ୱିତୀୟ ସ୍ଥାନରେ ଆମେରିକା ପ୍ରତିରକ୍ଷା ବିଭାଗ ଓ ତୃତୀୟରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ରହିଛି। ଆମେରିକା ପ୍ରତିରକ୍ଷା ବିଭାଗରେ ନିୟୋଜିତ କର୍ମଚାରୀ ସଂଖ୍ୟା ୨୯.୧ ଲକ୍ଷ ହୋଇଥିବାବେଳେ ପିପୁଲ୍ସ ଲିବରେଶନ ଆର୍ମିରେ ୨୫ ଲକ୍ଷ ଯବାନ ଅଛନ୍ତି। ତେବେ ଏଥିରେ ମନ୍ତ୍ରଣାଳୟର ବେସାମରିକ କର୍ମଚାରୀଙ୍କୁ ସାମିଲ କରାଯାଇ ନ ଥିବା ଜର୍ମାନୀର ଷ୍ଟାଟିଷ୍ଟା ସଂସ୍ଥା ରିପୋର୍ଟରେ କୁହାଯାଇଛି। ତେବେ ଚାଇନାର ସେଣ୍ଟ୍ରାଲ ମିଲିଟାରି କମିଶନରେ ନିଯୁକ୍ତ ମୋଟ କର୍ମଚାରୀ ସଂଖ୍ୟା ୬୮ ଲକ୍ଷ ହୋଇପାରେ। ତେବେ ଏହା ଉପରେ କୌଣସି ନିର୍ଭରଯୋଗ୍ୟ ତଥ୍ୟ ମିଳି ନାହିଁ।


ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ପେଟିସ୍ ଫ୍ରେରେସ୍ ଡେସ୍ ପଉଭର୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ 'ଆନାଦର ଲୁକ୍ ଆଟ୍ ଓଲ୍ଡ ଏଜ୍'ରେ ଜଣେ ବୃଦ୍ଧା ମଡେଲିଂ କଳା ଦେଖାଇ ରାମ୍ପ ୱାକ୍ କରୁଛନ୍ତି।

# ଗୁଜରାଟରେ ଲାଗୁ ହେବ ସମାନ ନାଗରିକ ସଂହିତା

**ଅହମଦାବାଦ,୨୯।୧୦**

ବିଧାନସଭା ନିର୍ବାଚନ ପୂର୍ବରୁ ଗୁଜରାଟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ରାଜ୍ୟରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବା ଲାଗି ଶନିବାର ଏକ କମିଟି ଗଠନ କରିଛନ୍ତି। ରାଜ୍ୟ କ୍ୟାବିନେଟ ବୈଠକରେ କମିଟି ଗଠନ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିବା ରାଜ୍ୟ ଗୃହମନ୍ତ୍ରୀ ହର୍ଷ ସାଙ୍ଘଭି କହିଛନ୍ତି। ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ୩ରୁ ୪ ଜଣ ସଦସ୍ୟ ରହିବେ ବୋଲି କେନ୍ଦ୍ରମନ୍ତ୍ରୀ ପରଷୋତ୍ତମ ରୁପାଲା ସୂଚନା ଦେଇଛନ୍ତି। ପୂର୍ବରୁ ଉତ୍ତରାଖଣ୍ଡ ଏବଂ ହିମାଚଳପ୍ରଦେଶ ସରକାର ୟୁସିସି ଲାଗୁ କରିବା ନିମନ୍ତେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ଏକମାତ୍ର ରାଜ୍ୟ ଗୋଆରେ ସମାନ ନାଗରିକ ସଂହିତା ଲାଗୁ ହୋଇଛି। ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତ ନାଗରିକଙ୍କ ପାଇଁ ସମାନ ଆଇନ କାର୍ଯ୍ୟକାରୀ କରିବା ନିମନ୍ତେ ସମାନ ନାଗରିକ ସଂହିତା ଏକ ପ୍ରସ୍ତାବ।

# ଦୁଇ ସ୍କୁଲ ଛାତ୍ରୀଙ୍କ ଆତ୍ମହତ୍ୟା

### ପ୍ରେମିକ ନ ଆସିବାରୁ ବିଷ ପିଇଦେଲେ

**ଇନ୍ଦୋର,୨୯।୧୦**

ମଧ୍ୟପ୍ରଦେଶ ଇନ୍ଦୋରରେ ଦୁଇଜଣ ନାବାଳିକା ଆତ୍ମହତ୍ୟା କରିଥିବା ବେଳେ ସେମାନଙ୍କ ଜଣେ ସାଙ୍ଗ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତିନି ଜଣ ଦ୍ୱାଦଶ ଶ୍ରେଣୀ ଛାତ୍ରୀ । ଶୁକ୍ରବାର ସକାଳେ ତିନି ଛାତ୍ରୀ ଘର ଲୋକଙ୍କୁ ନ ଜଣାଇ ଆଷ୍ଟାରୁ ଇନ୍ଦୋର ଚାଲିଆସିଥିଲେ। ଚିକିତ୍ସାଧୀନ ଥିବା ଛାତ୍ରୀଙ୍କ ବୟାନରୁ ଜଣାପଡିଛି, ସମ୍ପୃକ୍ତ ଛାତ୍ରୀମାନଙ୍କ ମଧ୍ୟରୁ ଜଣେ ତାଙ୍କ ବଏଫ୍ରେଣ୍ଡଙ୍କୁ ଭେଟିବା ପାଇଁ ଇନ୍ଦୋର ଆସିଥିଲେ। ଛାତ୍ରୀ ଜଣଙ୍କ ପୁରୁଷ ବନ୍ଧୁ ଇନ୍ଦୋରରେ ରହୁଥିବାବେଳେ କିଛିଦିନ ହେବ ସେ ତାଙ୍କ ଫୋନ୍ କଲ୍‌ର ଉତ୍ତର ଦେଉ ନ ଥିଲେ। ଏହାକୁ କେନ୍ଦ୍ର କରି ସେ ତାଙ୍କ ଅନ୍ୟ ଦୁଇ ସାଙ୍ଗଙ୍କୁ ନେଇ ଇନ୍ଦୋର ଚାଲିଯାଇଥିଲେ। ଏକ ପାର୍କରେ ବସି ଛାତ୍ରୀ ଜଣକ ତାଙ୍କ ବଏଫ୍ରେଣ୍ଡଙ୍କୁ କଲ୍ କରିଥିଲେ ହେଁ ସେ ତା'ର ଜବାବ୍ ଦେଇ ନ ଥିଲେ। ଏହାପରେ ଛାତ୍ରୀ ଜଣକ ବିଷ ପିଇଦେଇଥିଲେ। ତାଙ୍କୁ ଦେଖି ଆଉ ଜଣେ ତାଙ୍କ ଘନିଷ୍ଠ ବାନ୍ଧବୀ ଘରେ ଅସୁବିଧା କଥା କହି ବିଷ ପିଇଦେଇଥିଲେ। ଦୁହିଁଙ୍କୁ ବିଷ ପିଇବାର ଦେଖି ଅନ୍ୟ ଜଣକ ମଧ୍ୟ ବିଷ ପିଇଥିବା ପୋଲିସ କହିଛି। ଚିକିତ୍ସାଧୀନ ଅବସ୍ଥାରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି।

# ଶିଶୁଙ୍କ ଯତ୍ନ ଲାଗି ପରିବାରରେ ମହିଳା ରହିବା ଜରୁରୀ: ହାଇକୋର୍ଟ

**କୋଚି, ୨୯।୧୦:**

ଭାରତୀୟ ପରିବାର ପରିପ୍ରେକ୍ଷୀରେ ଶିଶୁଙ୍କ ଯତ୍ନ ଲାଗି ଜଣେ ମହିଳା ରହିବା ଜରୁରୀ ବୋଲି କେରଳ ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। କାରଣ ଆମେ ସ୍କାଣ୍ଡିନାଭିଆନ୍ ଦେଶ ଭଳି ସ୍ତରରେ ପହଞ୍ଚିନାହୁଁ, ଯେଉଁଠି ସମଲିଙ୍ଗୀ ବିବାହ କରି ଯେ କେହି ବି ପିଲାର ଲାଳନପାଳନ ପାଇଁ ପ୍ରସ୍ତୁତ। ଗୁଜରାଟରେ ରହୁଥିବା ଜଣେ ୩୮ ବର୍ଷୀୟ ବ୍ୟକ୍ତି ତାଙ୍କ ୪ ବର୍ଷୀୟା ଝିଅଙ୍କୁ ଶ୍ୱଶୁର ଘରୁ ଆଣିବାକୁ ହାଇକୋର୍ଟରେ ଆବେଦନ କରିଥିଲେ। ତାଙ୍କ ଶ୍ୱଶୁର ଘର ଲୋକେ ଝିଅକୁ ବେଆଇନ ଭାବେ ଘରେ ରଖିଥିବା ସେ ଏଥିରେ ଦର୍ଶାଇଥିଲେ। ହେଲେ ଶିଶୁଙ୍କ ଯତ୍ନ ନେବା ଭଳି କୌଣସି ମହିଳା ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ କିମ୍ବା ସେ ରହୁଥିବା ସ୍ଥାନରେ ନ ଥିବା କୋର୍ଟ ଜାଣିବାକୁ ପାଇଥିଲେ। ପରେ ଜଷ୍ଟିସ୍ ଆଲେକ୍‌ଜାଣ୍ଡର ଏବଂ ସୋଫି ଥୋମାସ୍‌ଙ୍କ ଖଣ୍ଡପୀଠ ଶିଶୁକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହସ୍ତାନ୍ତର ପାଇଁ ମନା କରିଥିଲେ।

ଖଣ୍ଡପୀଠ କହିଥିଲେ, ଶିଶୁଙ୍କ ଦେଖାରଖା କରିବା ପାଇଁ ପରିବାରରେ ଜଣେ ମହିଳା ରହିବା ନିହାତି ଜରୁରୀ। ସେ ମା' ହୁଅନ୍ତୁ ଅବା ଭଉଣୀ, ଶାଶୁ, ଜେଜେ ମା', ଆଈ କିମ୍ବା ଅନ୍ୟ କେହି ମହିଳା। ସ୍କାଣ୍ଡିନାଭିଆନ୍ ଦେଶଗୁଡ଼ିକରେ ମହିଳା, ପୁରୁଷ ଶିଶୁଙ୍କ ପାଇଁ ସମାନ ଭାବେ ସେମାନଙ୍କ ସମୟ ଦେଇଥାନ୍ତି। ଏଥିରେ ଉଭୟେ ପିଲାଙ୍କ ଯତ୍ନ ନେବା ପାଇଁ ପ୍ରସ୍ତୁତଥା'ନ୍ତି। କିନ୍ତୁ ଭାରତ ପରିପ୍ରେକ୍ଷୀରେ ତାହା ହୋଇ ନ ଥାଏ। ଏଠାରେ ମୁଖ୍ୟତଃ ମହିଳାମାନେ ହିଁ ଶିଶୁଙ୍କ ଯତ୍ନ ଠିକ୍ ଭାବେ ନେଇପାରନ୍ତି। ୧୦ ବର୍ଷରୁ କମ୍ ବୟସର ପିଲାଙ୍କ ଦେଖାଶୁଣା କରିବା ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ କଷ୍ଟକର ହେବ ବୋଲି ହାଇକୋର୍ଟ ଆବେଦନକାରୀଙ୍କୁ କହିଥିଲେ। ସେ କାମକୁ ଯାଇଥିବାବେଳେ ତାଙ୍କ ପିଲା ବିପଦରେ ପଡ଼ିବା ଆଶଙ୍କା ରହିଛି। ସମ୍ପ୍ରତି ବହୁଶିଶୁ ଯୌନହିଂସାର ଶିକାର ହେଉଛନ୍ତି। ଏପରିସ୍ଥିତିରେ ପିଲାର ସୁରକ୍ଷା ସୁନିଶ୍ଚିତ କରିବା ଜରୁରୀ। ଏହା ଅତି ସମ୍ବେଦନଶୀଳ। ଶିଶୁକନ୍ୟାଟି ତାଙ୍କ ଆଈଅଜାଙ୍କ ପାଖରେ ରହିଛନ୍ତି, ଯାହା କି କୌଣସି ଦୃଷ୍ଟିରୁ ବେଆଇନ ନୁହେଁ। ପିଲାଙ୍କ ଯତ୍ନ ନେବାର ଯୋଗ୍ୟତାକୁ ଦେଖି ୪ ବର୍ଷୀୟା ଝିଅର ଦାୟିତ୍ୱ ଆବେଦନକାରୀଙ୍କୁ ଦେଇପାରିବେ ନାହିଁ ବୋଲି ହାଇକୋର୍ଟ କହିଥିଲେ। ତେବେ ଏହାକୁ ସମ୍ପୃକ୍ତ ବ୍ୟକ୍ତି ଚ୍ୟାଲେଞ୍ଜ କରିପାରିବେ ବୋଲି ଖଣ୍ଡପୀଠ କହିଥିଲେ। ମାମଲାର ପରବର୍ତ୍ତୀ ଆସନ୍ତା ସପ୍ତାହରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

# ୨ ନାବାଳକଙ୍କୁ ଟ୍ରକ୍‌ରେ ବାନ୍ଧି ଘୋଷାଡ଼ିଲେ

### ମୋବାଇଲ ଚୋରି ସନ୍ଦେହ

**ଭୋପାଳ,୨୯।୧୦(ଆଇଏଏନ୍‌ଏସ୍)**

ମଧ୍ୟପ୍ରଦେଶର ଇନ୍ଦୋରରେ ମୋବାଇଲ ଫୋନ୍ ଚୋରି ସନ୍ଦେହରେ ୨ ଜଣ ନାବାଳକଙ୍କୁ ଟ୍ରକ୍‌ରେ ବାନ୍ଧି ରାସ୍ତାରେ ଘୋଷାଡ଼ିବା ଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ଶୁକ୍ରବାର ଇନ୍ଦୋର ସହରର ରାଜେନ୍ଦ୍ରନଗର ଅଞ୍ଚଳରେ ଥିବା ଏକ ପରିବା ବଜାରରେ କେତେଜଣ ଲୋକ ୨ ନାବାଳକଙ୍କୁ ଏଭଳି ନିଷ୍ଠୁର ଦଣ୍ଡ ଦେଉଥିବାବେଳେ ଅନ୍ୟମାନେ ତାହା ଉପଭୋଗ କରୁଥିଲେ। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ପିଲା ଦୁଇଜଣଙ୍କ ହାତଗୋଡ଼ ଦଉଡ଼ିରେ ବନ୍ଧାଯାଇ ସେମାନଙ୍କୁ ନିର୍ଦ୍ଦୟ ଭାବେ ଟ୍ରକ୍ ଦ୍ୱାରା ଘୋଷାଡ଼ି ନିଆଯାଉଛି। ଏହାଠାରୁ ଆହୁରି ପରିତାପର ବିଷୟ ଏହା ଯେ, ସେଠାରେ ଉପସ୍ଥିତ ଲୋକେ ଏହି ଦୃଶ୍ୟକୁ ମୋବାଇଲ ଫୋନ୍‌ରେ ଉତ୍ତୋଳନ କରିବା ସହ ଟ୍ରକ୍ ପଛରେ ଧାଉଁଥିବା ଦେଖାଯାଇଛି। ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ଲାଗି ତନାଘନା ଚାଲିଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୪ ତାରିଖରେ କ୍ଷେତରୁ କପା ଚୋରି କରିବା ଅଭିଯୋଗରେ ଜଣେ ଲୋକଙ୍କୁ ଖୁଣ୍ଟରେ ବାନ୍ଧି ନିର୍ଘାତ ମାଡ଼ ମରାଯାଉଥିବାର ଭିଡିଓ ଭାଇରାଲ ହୋଇଥିଲା। ଗତ ଅଗଷ୍ଟରେ କାଠ ଚୋରି ଅଭିଯୋଗରେ ବିଦିଶା ଜିଲା ବନ କର୍ମଚାରୀ ଗୁଳି ଚଳାଇବାରୁ ଜଣେ ଆଦିବାସୀଙ୍କର ମୃତ୍ୟୁ ହେବା ସହ ଅନ୍ୟ ୩ ଜଣ ଆହତ ହୋଇଥିଲେ।



# ଆତଙ୍କବାଦୀ ପ୍ରଯୁକ୍ତି ବ୍ୟବହାର କରିବା ଚିନ୍ତାଜନକ

### ମିଳିତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ: ଜାତିସଂଘ ମୁଖ୍ୟ

### ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ ହେଉ: ବ୍ରିଟେନ୍

**ନୂଆଦିଲ୍ଲୀ,୨୯।୧୦(ପି.ଟି.)**

ଯୁବପିଢ଼ିଙ୍କୁ କଟ୍ଟରପନ୍ଥୀ କରିବା ସହ ସମାଜରେ ଉତ୍ତେଜନା ସୃଷ୍ଟି ଲାଗି ବିଭିନ୍ନ ଆତଙ୍କବାଦୀ ସଂଗଠନ ନୂଆ ପ୍ରଯୁକ୍ତିର ଉପଯୋଗ କରୁଛନ୍ତି। ଏହାର ମୁକାବିଲା ପାଇଁ ବୈଶ୍ୱିକ ସ୍ତରରେ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଶନିବାର କହିଛନ୍ତି। ଦିଲ୍ଲୀରେ ଜାତିସଂଘ ସୁରକ୍ଷା ପରିଷଦ ଆତଙ୍କବାଦ ନିରୋଧୀ କମିଟି ବୈଠକରେ ବାର୍ତ୍ତା ଦେଇ ଗୁଟେରେସ୍ କହିଛନ୍ତି, ମାନବ ସମାଜର ବିକାଶରେ ନୂଆ ପ୍ରଯୁକ୍ତିର ଅତୁଳନୀୟ ଶକ୍ତି ରହିଛି। ଅଥଚ ଦୁଃଖର ବିଷୟ ତାହା ଆତଙ୍କବାଦୀମାନଙ୍କ ହାତରେ ପଡ଼ିଛି। ସେମାନେ ଏହାକୁ ବ୍ୟବହାର କରିବା ଚିନ୍ତାଜନକ। ଏହି ପ୍ରଯୁକ୍ତି ବଳରେ ସେମାନେ ଭୁଲ୍ ସୂଚନା ପ୍ରସାରଣ କରିବା ସହ ଯୁବକମାନଙ୍କୁ ଉଗ୍ର କରାଉଛନ୍ତି ବୋଲି ଜାତିସଂଘ ମୁଖ୍ୟ କହିଛନ୍ତି। ଦିଲ୍ଲୀରେ ଅନୁଷ୍ଠିତ ଏହି ବୈଠକରେ ଜାତିସଂଘ ସୁରକ୍ଷା ପରିଷଦର ସମସ୍ତ ୧୫ ସଦସ୍ୟ ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇଛନ୍ତି। ଗୁଟେରେସ୍ ପଠାଇଥିବା ବାର୍ତ୍ତାକୁ ଜାତିସଂଘର ଜଣେ କାର୍ଯ୍ୟକର୍ତ୍ତା ପାଠ କରିଥିଲେ।

ଆତଙ୍କବାଦୀଙ୍କ ଦ୍ୱାରା ଏନ୍‌କ୍ରିପ୍ଟେଡ୍ ମେସେଜିଂ ଏବଂ କ୍ରିପ୍ଟୋ କରେନ୍ସି ବ୍ୟବହାରକୁ ଯଥାସମ୍ଭବ ବନ୍ଦ କରିବା ଲାଗି ବିଶ୍ୱସ୍ତରରେ ବଳିଷ୍ଠ ଉଦ୍ୟମ ହେବା ଆବଶ୍ୟକ ବୋଲି ଶନିବାର ଭାରତ କହିଛି। ଆତଙ୍କବାଦୀ ସଂଗଠନଗୁଡ଼ିକର ଟୁଲ୍‌କିଟ୍‌ରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଶକ୍ତିଶାଳୀ ଉପକରଣରେ ପରିଣତ ହେବା ନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସତର୍କ କରାଇଛନ୍ତି। ଜାତିସଂଘ ସୁରକ୍ଷା ପରିଷଦ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିବା ଶୁକ୍ରବାର ଜୟଶଙ୍କର କହିଥିଲେ।

ସେହିପରି ୟୁଏନ୍‌ଏସ୍‌ସି ଆତଙ୍କବାଦୀ ନିରୋଧୀ କମିଟିରେ ଉଦ୍‌ବୋଧନ ଦେଇ ବ୍ରିଟିଶ ବହିର୍ବ୍ୟାପାର ସଚିବ ଜେମ୍ସ କ୍ଲେଭର୍ଲି କହିଛନ୍ତି, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଏବଂ ଉନ୍ନ ପ୍ରଯୁକ୍ତି ବ୍ୟବହାର ବନ୍ଦ କରିବା ଦିଗରେ ଅନ୍ତର୍ଜାତୀୟ ସମୁଦାୟ ଏକାଠି କାର୍ଯ୍ୟ କରିବା ଜରୁରୀ। ଅନ୍ତର୍ଜାତୀୟ ସ୍ତରରେ ଆତଙ୍କବାଦୀ ନିଯୁକ୍ତି ଲାଗି ଅନ୍‌ଲାଇନରେ ପ୍ରଚାର କରାଯାଉଛି। ଏହାକୁ ପ୍ରତିହତ କରିବା ଲାଗି କ୍ଲେଭର୍ଲି ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।


ଆଣ୍ଟୋନିଓ ଗୁଟେରେସ୍

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୫୨,୦୭,୬୧୬ | ୬୫,୯୩,୦୯୯ | ୬୧,୪୧,୬୩,୧୧୯ |
| ଭାରତ | ୪,୪୬,୫୦,୭୧୪ | ୫,୨୯,୦୦୮ | ୪,୪୧,୦୨,୮୫୨ |
| ଓଡ଼ିଶା | ୧୩,୩୬,୦୮୬ | ୯୨୦୩(+୫୩) | ୧୩,୨୬,୫୨୪ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ପାଠ୍ୟ ଖସଡ଼ାରେ ରହିବ ବିପର୍ଯ୍ୟୟ, ମହାମାରୀ ବିଷୟ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ଆଗୁଆ ପାଣିପାଗ ସମ୍ପର୍କରେ ସୂଚନା ପାଇଁ ରାଜ୍ୟ ସରକାର ସବୁ ଗ୍ରାମ ପଞ୍ଚାୟତରେ ଟେଲିମେଟ୍ରିକ୍ ରେନ୍ ଗଜ, ପ୍ରତି ବ୍ଲକରେ ସ୍ୱୟଂକ୍ରିୟ ପାଣିପାଗ ଷ୍ଟେଶନ ବ୍ୟବସ୍ଥା କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଗୋଷ୍ଠୀଭିତ୍ତିକ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ପାଇଁ ଗ୍ରାମ ଏବଂ ଆଶ୍ରୟସ୍ଥଳୀ ସ୍ତରରେ ଥିବା ୪୦ ହଜାର ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ପଞ୍ଚାୟତିରାଜ ପ୍ରତିନିଧି, ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ପ୍ରତିନିଧି, ମିଶନ ଶକ୍ତି ସଦସ୍ୟା, ଅଙ୍ଗନୱାଡି କର୍ମୀ, ବନ ସୁରକ୍ଷା ସମିତିର ସଦସ୍ୟମାନେ ବିପର୍ଯ୍ୟୟ ମୁକାବିଲାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି। ଆଗାମୀ ଦିନରେ ପ୍ରତି ଘରେ ଓ ଗାଁରେ ଜଣେ ଜଣେ ବିପର୍ଯ୍ୟୟ ପରିଚାଳନା ଯୋଦ୍ଧା ହେବା ନିମନ୍ତେ ୪ର୍ଥଶ୍ରେଣୀରୁ ସ୍ନାତକ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କର ପାଠ୍ୟ ଖସଡାରେ ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା ସମ୍ପର୍କିତ ପାଠ୍ୟକ୍ରମ ରଖାଯିବ। ରାଜ୍ୟସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଅବସରରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍‌ଡମା)ଙ୍କ ଆନୁକୂଲ୍ୟରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଭିଡିଓ କନ୍‌ଫରେନ୍ସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଦିବସ ୧୯୯୯ ମସିହାରେ ସଂଘଟିତ ପ୍ରଳୟଙ୍କରୀ ମହାବାତ୍ୟାର ଭୟାବହତା ଏବଂ ଧ୍ୱଂସଲୀଳାକୁ ମନେପକାଇବା ସହିତ ଭବିଷ୍ୟତରେ ଯେକୌଣସି ପ୍ରକାରର ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ସମ୍ପର୍କରେ ଦୃଢ ସଂକଳ୍ପବଦ୍ଧ କରାଇଥାଏ। ମହାବାତ୍ୟାର ୨୩ ବର୍ଷ ପରେ ଆମେ ଆମ ରାଜ୍ୟକୁ ବିପର୍ଯ୍ୟୟ ସମୟରେ ଯେପରି ନିରାପଦରେ ରଖିପାରିବୁ, ସେଥିପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛୁ। ବିପର୍ଯ୍ୟୟ ପରିଚାଳନା ପାଇଁ ଓଡ଼ିଶାରେ ଭିତ୍ତିଭୂମି ସୁଦୃଢ଼ କରାଯାଇଛି। ବିଗତ କିଛି ବର୍ଷ ହେଲା ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଉଦ୍ୟମକୁ ବିଶ୍ୱବାସୀ ପ୍ରଶଂସା କରିଆସୁଛନ୍ତି। ଏହି ଭିତରେ ୮୧୫ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିବା ବେଳେ ୫୫ଟି ନିର୍ମାଣାଧୀନ ରହିଛି। ଏହି ଦିବସରେ ମହାବାତ୍ୟା ଏବଂ ନିକଟ ଅତୀତରେ ଘଟିଥିବା ବିଭିନ୍ନ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ସ୍ମୃତିରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

**ରାଜ୍ୟସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ**



- ପ୍ରତି ଘରେ ସୃଷ୍ଟି ହେବେ ବିପର୍ଯ୍ୟୟ ପରିଚାଳନା ଯୋଦ୍ଧା
- ସାପ କାମୁଡ଼ା ହ୍ରାସ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ
- ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ ହୋଇଛି: ମୁଖ୍ୟମନ୍ତ୍ରୀ

ଏହି ଅବସରରେ ଓସ୍‌ଡମା ପକ୍ଷରୁ ଆୟୋଜିତ ଏକ ବୃହତ୍ ପ୍ରଦର୍ଶନୀକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିବା ସହିତ ପ୍ରଦର୍ଶନୀରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ବ୍ୟବହାର ହେଉଥିବା ସମସ୍ତ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ପଚାରି ବୁଝିଥିଲେ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସବୁବେଳେ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ବୋଲି କହିଛନ୍ତି। ସେ ସବୁବେଳେ ଓଡ଼ିଶାବାସୀଙ୍କ ଉନ୍ନତି ପାଇଁ ଚିନ୍ତିତ। ଚଳିତବର୍ଷର ବିପର୍ଯ୍ୟୟ ପ୍ରସ୍ତୁତି ଦିବସର ପ୍ରସଙ୍ଗ ରହିଛି- 'ବିପର୍ଯ୍ୟୟଜନିତ ସମ୍ଭାବ୍ୟ କ୍ଷୟକ୍ଷତିରେ ସ୍ଥିତିସ୍ଥାପକତାରେ ଗୋଷ୍ଠୀର ଭୂମିକା।' ବିପର୍ଯ୍ୟୟ ପରିଚାଳନାରେ ଗୋଷ୍ଠୀଭିତ୍ତିକ ସମ୍ପୃକ୍ତି ସମସ୍ତଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଓସ୍‌ଡମାର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଜେନା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ୧୯୯୯ ମହାବାତ୍ୟା ପରେ ଆମେ ଅନେକ କଥା ଶିକ୍ଷା କରିଛୁ। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଆମକୁ ଆହୁରି ଶକ୍ତିଶାଳୀ ହେବାକୁ ପଡ଼ିବ। ପ୍ରତିବର୍ଷ ଦେଶରେ ସାପ କାମୁଡ଼ାରେ ପ୍ରାୟ ୫୮ ହଜାର ମୃତ୍ୟୁବରଣ କରୁଥିବା ବେଳେ ଆମ ରାଜ୍ୟରେ ସାପ କାମୁଡା ହ୍ରାସ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯିବ। କଟକ-ଭୁବନେଶ୍ୱରରେ ଗୋଷ୍ଠୀଭିତ୍ତିକ ଅଗ୍ନିଶମ ସେବା ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା କରାଯାଉଛି ବୋଲି ଜେନା କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ରାଧାକ୍ରିଷ୍ଣନ୍ ଶର୍ମା ଯୋଗଦେଇ ଯୁବଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କର ଦକ୍ଷତାର ବିକାଶ କରି ବିପର୍ଯ୍ୟୟ ମୁକାବିଲା ଦିଗରେ ପ୍ରସ୍ତୁତ କରିବା ଏବଂ ସରକାରୀ ଓ ବେସରକାରୀ ଅନୁଷ୍ଠାନର ସହଭାଗିତାରେ ବିପର୍ଯ୍ୟୟ ମୁକାବିଲା ପରିଚାଳନାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ମୁକାବିଲା ଦିଗରେ ଓଡ଼ିଶାର ସଫଳତା ଉପରେ ପର୍ଯ୍ୟବସିତ ପୁସ୍ତକ-ଦି ରେସପନ୍ସ, ବିଲ୍ଡିଂ ରେଜିଲିଏଣ୍ଟ ଫର୍ ସ୍କୁଲ ଇନ୍‌ଫ୍ରାଷ୍ଟ୍ରକ୍ଚର, କୋଭିଡ୍-୧୯ ମ୍ୟାନେଜମେଣ୍ଟ ପ୍ରୋସେସ ଡକ୍ୟୁମେଣ୍ଟ ଆଦି ୩ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ୟୁନିସେଫର୍ ଓଡ଼ିଶା ମୁଖ୍ୟ ମୋନିକା ନେଲସନ ଯୋଗଦେଇଥିଲେ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିବା ରାଜ୍ୟର ପ୍ରମୁଖ ୩ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳର ସଭାପତି ଓ ସମ୍ପାଦକମାନଙ୍କୁ ୧୦ହଜାର ଟଙ୍କା ଲେଖାଏ ପୁରସ୍କୃତ କରାଯାଇଥିଲା। ଭାରତୀୟ ରେଡ୍‌କ୍ରସ ସୋସାଇଟିର ଶ୍ରେଷ୍ଠ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ, ଗୋଷ୍ଠୀ ପରିଚାଳନାଭିତ୍ତିକ ବାତ୍ୟା ଆଶ୍ରୟସ୍ଥଳ, ଶ୍ରେଷ୍ଠ ବିପର୍ଯ୍ୟୟ ପରିଚାଳନା ପ୍ଲାନ୍ ପାଇଁ ଗଜପତି ଜିଲା, କୋମନା ବ୍ଲକ(ନୂଆପଡା), ଦାରିଙ୍ଗବାଡ଼ି(କନ୍ଧମାଳ), ଆଠମଲ୍ଲିକ(ଅନୁଗୋଳ) ବ୍ଲକକୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏନ୍‌ଡିଆରଏଫ୍,ଓଡ୍ରାଫ, ଅଗ୍ନିଶମ ବିଭାଗ ସମେତ ବିଭିନ୍ନ ଅନୁଷ୍ଠାନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜ୍ଞାନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ହସ୍ତତନ୍ତ ନିର୍ଦ୍ଦେଶାଳୟ ଟେକ୍ନିକାଲ ଆସିଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ଓଡ଼ିଶା ଷ୍ଟାଫ ସିଲେକ୍ସନ୍ କମିଶନ ପକ୍ଷରୁ ହସ୍ତତନ୍ତ ନିର୍ଦ୍ଦେଶାଳୟରେ ଟେକ୍ନିକାଲ ଆସିଷ୍ଟାଣ୍ଟ(ବୈଷୟିକ ସହାୟକ) ନିଯୁକ୍ତି ପାଇଁ ଅନୁଷ୍ଠିତ ପରୀକ୍ଷାଫଳ ଶନିବାର ପ୍ରକାଶିତ ହୋଇଛି। ୪୮ଜଣ ପ୍ରାର୍ଥୀଙ୍କୁ ଏହି ପରୀକ୍ଷା ଜରିଆରେ ଚୟନ କରାଯାଇଛି। ଏହି ପରୀକ୍ଷାଫଳ ସଂକ୍ରାନ୍ତ ସବିଶେଷ ତଥ୍ୟ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଭୁବନେଶ୍ୱର ୱେବ୍‌ସାଇଟ୍ www.ossc.gov.inରେ ଉପଲବ୍ଧ ରହିଛି। ପରୀକ୍ଷା ପାଇଁ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀ ଏବଂ ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେଇଥିବା ପ୍ରାର୍ଥୀଙ୍କୁ ଷ୍ଟାଫ୍ ସିଲେକ୍ସନ କମିଶନଙ୍କ ପକ୍ଷରୁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା କାମନା କରାଯାଇଛି।

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**

**ମେଶିନ ଅପରେଟର**

- ପ୍ରାର୍ଥୀ ଅନ୍ୟୂନ +୨ ପାସ୍ କରିଥିବେ। ଆଇଟିଆଇ ଶିକ୍ଷା ହାସଲ କରିଥିବା ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ ଦିଆଯିବ।
- ୱେବ୍ ଅଫ୍‌ସେଟ୍ ମେଶିନ୍ ଚାଳନା ଓ କଲର୍ ପ୍ରିଣ୍ଟିଂରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। ଠିକ୍ ସମୟ ଭିତରେ ଭଲ ପ୍ରିଣ୍ଟ ଉପରେ ପ୍ରାଧାନ୍ୟ ଦିଆଯିବ।
- ପ୍ରାର୍ଥୀଙ୍କର ବୟସ ୪୫ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ।
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ ।

ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ ।

ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

# ପଦ୍ମପୁର ପାଇଁ ୪୮୮ କୋଟିର ପ୍ରକଳ୍ପ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ବରଗଡ଼ ଜିଲାର ପଦ୍ମପୁର ନିର୍ବାଚନମଣ୍ଡଳୀରେ ବିକାଶର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହି ନିର୍ବାଚନମଣ୍ଡଳୀ ପାଇଁ ୪୮୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ କରିଛନ୍ତି। ସମସ୍ତଙ୍କ ସହଯୋଗରେ ପଦ୍ମପୁର ଅଞ୍ଚଳ ବିକାଶର ଏକ ମଡେଲ ହୋଇପାରିବ। ପଦ୍ମପୁରର ବିକାଶକୁ ଆଗେଇ ନେବାରେ ଏସବୁ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିକାଶ ହେଉଛି ଆମ ପରିଚୟ। ଚାଷୀ, ମହିଳା, ଯୁବବର୍ଗଙ୍କୁ ସଶକ୍ତ କରି ସାରା ଓଡ଼ିଶାକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର କାମ କରୁଛନ୍ତି। ପଦ୍ମପୁର ଓଡ଼ିଶାର ଭାତହାଣ୍ଡି। ଓଡ଼ିଶାକୁ ସବୁଠାରୁ ଅଧିକ ଚାଉଳ ପଦ୍ମପୁର ହିଁ ଯୋଗାଇ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପଦ୍ମପୁର ଚାଷୀମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ୧୦ କୋଟି ଟଙ୍କାର ୨୦ଟି ଉଠା ଜଳସେଚନ ପ୍ରକଳ୍ପ ଲୋକାର୍ପିତ କରିଛନ୍ତି। ଏଥିସହିତ କୃଷି ବଜାର ଭିତ୍ତିଭୂମି ବିକାଶ ପାଇଁ ୧୮ କୋଟି ୪୮ ଲକ୍ଷ ଟଙ୍କାର ପ୍ରକଳ୍ପ କାମ ମଧ୍ୟ ଆରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବରଗଡ଼, ପଦ୍ମପୁର ଅଞ୍ଚଳର ଅନେକ ଚାଷୀ ଏ ପର୍ଯ୍ୟନ୍ତ ଶସ୍ୟବୀମା ଟଙ୍କା ପାଇନାହାନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କେନ୍ଦ୍ର ସରକାରଙ୍କ ସ୍କିମ୍। କେନ୍ଦ୍ର ସହ ଏହି ସମସ୍ୟା ବିଷୟରେ ଆଲୋଚନା କରି ସମାଧାନ ପାଇଁ ଚେଷ୍ଟା ଜାରି ରହିଥିବା ସେ କହିଛନ୍ତି। ଏଥିସହିତ ପଦ୍ମପୁରରେ ଯୋଗାଯୋଗର ବିକାଶ ପାଇଁ ୨୬୦ କୋଟି ଟଙ୍କାରେ ୩୮ଟି ସେତୁ ଓ ୧୩୬ କୋଟି ଟଙ୍କାରେ ୨୫ଟି ରାସ୍ତା କାମର ଶୁଭାରମ୍ଭ କରାଯିବା ସହିତ ୯ କୋଟି ଟଙ୍କାରେ ଗ୍ରାମ୍ୟ ଭିତ୍ତିଭୂମି ପ୍ରକଳ୍ପ, ୬୦ ଲକ୍ଷ ଟଙ୍କାରେ ୪ଟି ଗ୍ରାମୀଣ ବଜାର ଓ ୪ କୋଟି ୨୨ ଲକ୍ଷ ଟଙ୍କାରେ ୧୬ଟି ପୌରାଞ୍ଚଳ ଭିତ୍ତିଭୂମି ଯୋଜନା ମଧ୍ୟ ଆରମ୍ଭ କରାଯାଇଛି। ପ୍ରଭୁ ନୃସିଂହନାଥଙ୍କ ଆଶୀର୍ବାଦ ପଦ୍ମପୁର ମାଟିକୁ ପବିତ୍ର କରିଛି। ସ୍ଥାନୀୟ ଲୋକଙ୍କ ରୋଜଗାର ବଢ଼ାଇବା ପାଇଁ ଏ ପୀଠର ବିକାଶ ଲାଗି କାମ ଆରମ୍ଭ ହୋଇଛି। ନୃସିଂହନାଥ ଓ ବେଦବରାହ ପୀଠର ବିକାଶ ପାଇଁ ୨୬ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଶିକ୍ଷାର ବିକାଶରେ ୫-ଟି ସ୍କୁଲ ରୂପାନ୍ତରଣ ବିଶେଷ ଭୂମିକା ନେଇଛି। ଏହି କାର୍ଯ୍ୟକ୍ରମରେ ପଦ୍ମପୁରର ୩୦ଟି ହାଇସ୍କୁଲର ରୂପାନ୍ତରଣ ହୋଇଛି। ଆଉ ୪୪ଟି ପାଇଁ କାମ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ଏଥିସହିତ ପଦ୍ମପୁର ଅଞ୍ଚଳର ୩ଟି ବ୍ଲକ୍ ଓ ସହରାଞ୍ଚଳ ପାଇଁ ୩୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟ ଉଦ୍‌ଘାଟିତ ହୋଇଛି। ଏଥିରେ ୨୦ଟି କଲ୍ୟାଣମଣ୍ଡପ ସହିତ ପଞ୍ଚାୟତ ଭବନ, ଗ୍ରାମୀଣ ବଜାର ଓ କମନ୍ ଫାସିଲିଟି ସେଣ୍ଟର କରାଯାଇଛି। କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ, ଭଟଲୀ ବିଧାୟକ ସୁଶାନ୍ତ ସିଂ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଅତାବିରା ବିଧାୟକ ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ।

**ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

## ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୯।୧୦(ବ୍ୟୁରେ): ରାଜ୍ୟ ସରକାର ଶନିବାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ମାଲକାନଗିରି ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ବରିଷ୍ଠ ଓଏଏସ୍ ବାଲମୁକୁନ୍ଦ ଭୂରାଙ୍କୁ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ବରିଷ୍ଠ ଓଏଏସ୍ ତଥା ସୁନ୍ଦରଗଡ଼ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଭୈରବ ସିଂ ପଟେଲଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ନବରଙ୍ଗପୁର ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ବରିଷ୍ଠ ଓଏଏସ୍ ଅଫିସର ରତ୍ନାକର ସାହୁଙ୍କୁ ମାଲକାନଗିରି ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ବଦଳି କରାଯାଇଛି।

# ୬ ଆଇଏଏସ୍‌ଙ୍କୁ ଅତିରିକ୍ତ ଦାୟିତ୍ୱ

**ଆର୍.କେ. ଶର୍ମାଙ୍କୁ ବୋର୍ଡ ଅଫ୍ ରେଭିନ୍ୟୁ, ପ୍ରଦୀପ ଜେନାଙ୍କୁ କୃଷି ଉତ୍ପାଦନ କମିଶନର, ଦେଓ ରଞ୍ଜନଙ୍କୁ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ**

ଭୁବନେଶ୍ୱର,୨୯।୧୦(ବ୍ୟୁରେ)

ଆସନ୍ତା ୩୧ ତାରିଖରେ ଓଡ଼ିଶା କ୍ୟାଡର ୩ ବରିଷ୍ଠ ଆଇଏଏସ୍ ଅଫିସର ତଥା ବୋର୍ଡ ଅଫ୍ ରେଭିନ୍ୟୁ ମେମ୍ବର ଜିଭିଭି ଶର୍ମା, ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଏବଂ କେନ୍ଦ୍ରୀୟ ଡେପୁଟେଶନରେ ଥିବା ଉପେନ୍ଦ୍ର ପ୍ରସାଦ ସିଂ ଅବସର ଗ୍ରହଣ କରିବେ। ଏଥିସହିତ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା କେନ୍ଦ୍ରୀୟ ଡେପୁଟେଶନକୁ ଯିବେ। ଏହା ପୂର୍ବରୁ ରାଜ୍ୟ ସରକାର ଶନିବାର ୬ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି।

୧୯୮୭ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଗୋପବନ୍ଧୁ ଏକାଡେମୀ ଡିଜି ଥିବା ଆର୍.କେ. ଶର୍ମାଙ୍କୁ କଟକ ବୋର୍ଡ ଅଫ୍ ରେଭିନ୍ୟୁ ସଦସ୍ୟ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ୧୯୮୯ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଉନ୍ନୟନ କମିଶନର ପ୍ରଦୀପ ଜେନାଙ୍କୁ କୃଷି ଉତ୍ପାଦନ କମିଶନର, ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କୁ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଥିବା ଶାଶ୍ୱତ ମିଶ୍ରଙ୍କୁ ଏମ୍‌ଏସ୍‌ଏମ୍‌ଇ ବିଭାଗ, ୨୦୦୬ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ରୂପା ରୋଶନ ସାହୁଙ୍କୁ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।






**ଆଜିର ମନ୍ତବ୍ୟ**

"ଆତଙ୍କବାଦୀ କାର୍ଯ୍ୟକଳାପ ପ୍ରତି ଶୂନ୍ୟ ସହନଶୀଳତା ବିଶ୍ୱ ସମୁଦାୟର ଆଭିମୁଖ୍ୟ ହେବା ଉଚିତ।
-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି




## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ..............................



ଦକ୍ଷିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

## ହାଇ ସିକ୍ୟୁରିଟି ନମ୍ବର ...

ଫେବୃୟାରୀ ୨୮ ପର୍ଯ୍ୟନ୍ତ ବଢ଼ାଯାଇଛି। ରାଜ୍ୟ ସରକାର ତରବରିଆ ଭାବେ ହାଇ ସିକ୍ୟୁରିଟି ନମ୍ବର ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଗତ ସେପ୍ଟେମ୍ବର ୩୦ରୁ ଧରପଗଡ଼ ପାଇଁ କୁହାଯାଇଥିଲା। ଅନ୍‌ଲାଇନ ଆବେଦନ ଲାଗି ଗାଡ଼ିମାଲିକଙ୍କୁ ନାକେଦମ୍ ହେବାକୁ ପଡ଼ିଲା। ସ୍ଲଟ୍ ବୁକିଂ ବେଳେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା। ଶେଷରେ ମାମଲା ଓଡ଼ିଶା ହାଇକୋର୍ଟରେ ପହଞ୍ଚିଥିଲା। ସେପ୍ଟେମ୍ବର ୩୦ରେ ହାଇକୋର୍ଟ ଏହାର ଶୁଣାଣି କରିବା ପରେ ରାଜ୍ୟ ସରକାର ଏଚ୍ଏସ୍ଆର୍‌ପି ଲଗାଇବା ଅବଧିକୁ ଆଉ ମାସେ ବୃଦ୍ଧି କରିଥିଲେ। କିନ୍ତୁ ସ୍ଲଟ୍ ବୁକିଂ ସମସ୍ୟାର ସମାଧାନ ହୋଇ ନ ଥିବାରୁ ପୁଣି ୧ ମାସ ବଢ଼ାଯାଇଛି।

## ଯେତେ ଜବତ, ...

ପ୍ୟାକିଂ ଭିତରେ ନକଲି ସାମଗ୍ରୀକୁ ଠଉରେଇବା ସାଧାରଣ ଲୋକଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ନକଲି କାରବାର ରୋକିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିଲେ ବି ଅସାଧୁ ବ୍ୟବସାୟୀ ଅଧିକ ଅର୍ଥ ଲୋଭରେ କାରବାର ଛାଡ଼ିପାରୁ ନ ଥିବାରୁ ସୁଫଳ ମିଳୁନାହିଁ । ନିଷିଦ୍ଧ ରାସାୟନିକ ପଦାର୍ଥ ଓ ବିଷାକ୍ତ ରଙ୍ଗ ମିଶ୍ରିତ ଖାଦ୍ୟ ଜନସ୍ୱାସ୍ଥ୍ୟ ଉପରେ ନାକାରାତ୍ମକ ପ୍ରଭାବ ପକାଉଛି। ଏଭଳି ଖାଦ୍ୟ ଖାଇ ଲୋକେ କ୍ୟାନ୍‌ସର, ଲିଭର ଓ କିଡ୍‌ନୀଜନିତ ରୋଗର ଶିକାର ହେଉଛନ୍ତି। ତେଣୁ ଏହାକୁ ରୋକିବା ଦିଗରେ ରାଜ୍ୟ ସରକାର ସ୍ୱତନ୍ତ୍ର ଅଭିଯାନ ଓ ସତର୍କତା କାର୍ଯ୍ୟକ୍ରମ ଚଳାଇବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ସଦ୍ୟ ଚର୍ଚ୍ଚାରେ ରହିଥିବା ନକଲି ମେଡିସିନ କାରବାର ମାମଲାରେ ଦିନକୁ ଦିନ ନୂଆ ନୂଆ କେଲେଙ୍କାରୀ ପଦାକୁ ଆସିବାରେ ଲାଗିଛି। ବିହାରରୁ ଆରମ୍ଭକରି ଓଡ଼ିଶାର କୋଣ ଅନୁକୋଣକୁ ଲମ୍ବିଛି ଟେଲ୍‌ମା ୪୦ ଏବଂ ଟେଲ୍‌ମା ଏଏମ୍ ବଟିକା କାରବାରର ଚେର, ଯାହାକୁ ନେଇ ପ୍ରାୟ ଦେଢ଼ ମାସ ଧରି ପୋଲିସ ଓ ଡ୍ରଗ୍ କଣ୍ଟ୍ରୋଲ ବିଭାଗ ନାକେଦମ ହେଲାଣି। ଉଚ୍ଚ ରକ୍ତଚାପ ନିଦାନର ଏହି ନକଲି ମେଡିସିନ କାରବାର ମାମଲାରେ ୬ ଜଣ ଗିରଫ ହେଲେଣି। ତଥାପି ଏହାର ପ୍ରସ୍ତୁତକର୍ତ୍ତା ନିକଟରେ ଏଯାଏ ପହଞ୍ଚିପାରୁନାହିଁ ପୋଲିସ। ଖାଦ୍ୟ ସାମଗ୍ରୀ ବ୍ୟବସାୟର ପେଣ୍ଠସ୍ଥଳ କୁହାଯାଉଥିବା କଟକର ମାଲଗୋଦାମରେ ନକଲି କାରବାର ବିଭିନ୍ନ ସମୟରେ ପୋଲିସ ଓ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ହାତରେ ଧରାପଡୁଛି। ଅକ୍ଟୋବର ୨୨ରେ ମାଲଗୋଦାମ ଥାନା ପୋଲିସ ସ୍ଥାନୀୟ ଏକ ସସ୍ ଗୋଦାମରେ ଚଢ଼ାଉ କରି ବିପୁଳ ପରିମାଣର ନକଲି ସସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ଗୋଦାମ ମାଲିକଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ତଦନ୍ତ ପରେ ଏହି ନକଲି ସସ୍ ଭୁବନେଶ୍ୱର ପାତ୍ରପଡ଼ାରେ ତିଆରି କରାଯାଉଥିବା ଜଣାପଡ଼ିଥିଲା। ପୋଲିସ ପାତ୍ରପଡ଼ାସ୍ଥିତ ନକଲି ସସ୍ କାରଖାନା ଉପରେ ଚଢ଼ାଉ କରି ତାହାକୁ ସିଲ୍ କରିଥିଲା ।

ସେହିପରି ପୂଜା ସମୟରେ ଲୋକେ ମିଠା କିଣିବା ପାଇଁ ଗହଳି ଲଗାଇଥାନ୍ତି। ଅସାଧୁ ବ୍ୟବସାୟୀମାନେ ଏହାର ସୁଯୋଗ ନେଇ ନିମ୍ନମାନର ତଥା ଅପମିଶ୍ରିତ ଖାଦ୍ୟ ଓ ମିଠା ବିକ୍ରି କରିଥାନ୍ତି। ଗତ ଦଶହରାରେ କଟକ ସହରର ୨୦ଟି ବଡ଼ ମିଠା ଦୋକାନରେ କଟକ ମହାନଗର ନିଗମ (ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଲିଙ୍କ୍‌ରୋଡ୍‌ସ୍ଥିତ ୨ଟି ଦୋକାନ ସିଲ୍ କରାଯାଇଥିଲା। ୨ଟି ଦୋକାନରୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ ସହ ୫୦ କେ.ଜି. ମିଠା ନଷ୍ଟ କରାଯାଇଥିଲା। ଅନ୍ୟମାନଙ୍କୁ ତାଗିଦ କରାଯାଇଥିଲା। ପାର୍ବଣ ସମୟରେ ସିଏମ୍‌ସି ପକ୍ଷରୁ ଗଠିତ ୩ଟି ଟିମ୍ ଖାଦ୍ୟର ମାନ ଯାଞ୍ଚ କରିବେ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଥିଲେ। ଏହିଭଳି ଭାବରେ ବର୍ଷ ତମାମ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଜରିମାନା ଆଦାୟ ହେଉଛି, ଅସାଧୁ ବ୍ୟବସାୟୀମାନଙ୍କ ନାମରେ ମାମଲା ମଧ୍ୟ ରୁଜୁ ହେଉଛି। ସିଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାଶ ମହାପାତ୍ରଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ ନକଲି ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ୧୨ଟି ମାମଲା ରୁଜୁ ହୋଇଥିବାବେଳେ ସବୁ ମାମଲା ଫଇସଲା ହୋଇଛି । ୨୦୧୮-୧୯ରେ ରୁଜୁ ହୋଇଥିବା ୧୬ଟି ମାମଲାରୁ ୯ଟି ଫଇସଲା ହୋଇଛି । ୨୦୧୯-୨୦ରେ ୨୩ଟି ମାମଲା ରୁଜୁ ହୋଇଥିବା ବେଳେ ୧୯ଟି ମାମଲା ଫଇସଲା ହୋଇଛି। ୨୦୨୦-୨୧ରେ ୨୭ଟି ମାମଲା ରୁଜୁ ହୋଇଥିବାବେଳେ ୧୨ଟି ମାମଲା ଫଇସଲା ହୋଇଛି। ଏଥିସହ ଜରିମାନା ଆକାରରେ ୨୦୧୭-୧୮ରେ ୨୦ ହଜାର ଟଙ୍କା, ୨୦୧୮-୧୯ରେ ୨୫ ହଜାର ଟଙ୍କା, ୨୦୧୯-୨୦ରେ ୭୨ ହଜାର ଟଙ୍କା ଓ ୨୦୨୧-୨୨ରେ ୧ ଲକ୍ଷ ୫୦୦ ଟଙ୍କା ଆଦାୟ କରାଯାଇଛି ।

ମାଲଗୋଦାମ ବଣିକ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ କୁହନ୍ତି, ମାଲଗୋଦାମରେ ସାଧାରଣତଃ ବାହାର ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ନକଲି ଖାଦ୍ୟ ସାମଗ୍ରୀଗୁଡ଼ିକ ବାହାର ଲୋକଙ୍କ ଦ୍ୱାରା ବିକ୍ରି ହେଉଥିବାର ନଜିର ରହିଛି । ବଣିକ ସଂଘ ପକ୍ଷରୁ ନକଲି ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି ରୋକିବାକୁ କେତେକ ପଦକ୍ଷେପ ନିଆଯାଉଛି। କେହି ଏଭଳି ବ୍ୟବସାୟ କରୁଥିବାର ଧରାପଡ଼ିଲେ ସେମାନଙ୍କୁ ଅଣ୍ଡରଟେକିଂ ଲେଖି ଆଉ ଏଭଳି ବ୍ୟବସାୟ ନ କରିବାକୁ ଚେତାବନୀ ଦିଆଯାଉଛି। ସଂଘର ତାଗିଦକୁ ଖାତିର ନ କରି ବ୍ୟବସାୟ କଲେ ସେମାନଙ୍କ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇ ମାଲଗୋଦାମରେ ନକଲି କାରବାର ବନ୍ଦ କରାଇବାର ପ୍ରଚେଷ୍ଟା ଜାରି ରଖିଛୁ। ଏତେ ପରେ ବି ଆଇନ ବ୍ୟବସ୍ଥାରେ କିଛି ଫାଙ୍କ ରହୁଛି, ଯେଉଁଥିପାଇଁ ଏଭଳି କାରବାର ସମ୍ପୂର୍ଣ୍ଣ ବନ୍ଦ ହେଉନାହିଁ । ହେଲେ ବଣିକ ସଂଘ କେବେହେଲେ ଏଭଳି କାରବାରକୁ ପ୍ରଶ୍ରୟ ଦେବ ନାହିଁ । ମଙ୍ଗଳାବାଗର ସୁବାସ ଦାସ କୁହନ୍ତି, ନକଲି କାରବାର ନେଇ ରୁଜୁ ମାମଲାଗୁଡ଼ିକରେ ଦଣ୍ଡବିଧାନର ମାତ୍ରା କମ୍ ହେଉଛି । ଏଥିଯୋଗୁ ଅସାଧୁ ବ୍ୟବସାୟୀ ଏପରି ବେପାର କରିବାକୁ ସାହସ ପାଉଛନ୍ତି। ପ୍ରଶାସନିକ ବ୍ୟବସ୍ଥା ଏ ଦିଗରେ ଅଧିକ ସକ୍ରିୟ କରାଯିବାର ଆବଶ୍ୟକତା ରହିଛି। ସେହିପରି ଡଗରପଡ଼ାର ବିଭୁପ୍ରସାଦ ନାୟକ କୁହନ୍ତି, ବଜାରରୁ କୌଣସି ସାମଗ୍ରୀ ଆଣିବା ବେଳେ ଭରସା ପାଉନାହିଁ। ଔଷଧଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ ଯାଏ ସବୁଠି ନକଲି ଡର ରହିଛି। କେବଳ ଭଲ ବ୍ୟବସାୟୀଙ୍କୁ ଅସଲ ସାମଗ୍ରୀ ମିଳିବ ବୋଲି ଆଶା ରଖି କିଣିବାକୁ ପଡୁଛି। ଏ ଦିଗରେ ସରକାର କଡ଼ା ପଦକ୍ଷେପ ନେବା ଜରୁରୀ। କଟକ ଡିସିପି ପିନାକ ମିଶ୍ର କୁହନ୍ତି, ନକଲି କାରବାର ରୋକିବା ପାଇଁ ଆଇନର ପରିସର ମଧ୍ୟରେ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ଚେଷ୍ଟା କରାଯାଉଛି ।

## ପାର୍ବଣ ପରେ ଚଢ଼ାଉରେ ପୂର୍ଣ୍ଣଚ୍ଛେଦ

ଢେଙ୍କାନାଳ ଅଫିସ, ୨୯।୧୦

ପାର୍ବଣ, ପର୍ଯ୍ୟଟନ ଓ ବିବାହ ଋତୁରେ ଖାଦ୍ୟ ସାମଗ୍ରୀରେ ଭେଜାଲ ଆଶଙ୍କା ବେଶି। ସାଧାରଣତଃ ଏହି ସମୟରେ ସକ୍ରିୟ ହୋଇଉଠେ ସ୍ୱାସ୍ଥ୍ୟ ବିଭାଗ। ଫ୍ଲାଇଂ ସ୍କ୍ୱାଡ୍ ଜରିଆରେ ଘନଘନ ଚଢ଼ାଉ ହୁଏ। ଜରିମାନା ଆଦାୟ ହୁଏ। ଦୋକାନୀଙ୍କୁ କରାଯାଏ ତାଗିଦ୍। ହେଲେ ଏହା ପରେ ସବୁକିଛି ପଡ଼ିଯାଏ ଶିଥିଳ। ପୁଣିଥରେ କାୟା ମେଲାନ୍ତି ଲାଭଖୋର୍ ହୋଟେଲ ମାଲିକ, ଫାଷ୍ଟଫୁଡ୍ ଦୋକାନୀ ଏବଂ ରାସ୍ତାପାର୍ଶ୍ୱ ବ୍ୟବସାୟୀ। ଅଧିକ ଲାଭ ଆଶାରେ ସେମାନେ ଖାଦ୍ୟର ଗୁଣାତ୍ମକ ମାନ ଉପରେ ସାଲିସ୍ କରନ୍ତି, ଯାହାର ସଦ୍ୟତମ ଚିତ୍ର ଦେଖିବାକୁ ମିଳିଛି ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜାରେ। ପୂଜା ସମୟରେ ଜିଲାପାଳ ସରୋଜ ସେଠୀଙ୍କ ନିର୍ଦ୍ଦେଶରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖାଦ୍ୟ ନିରୀକ୍ଷକଙ୍କ ଜରିଆରେ ସହରରେ ଘନଘନ ଚଢ଼ାଉ କରାଯାଇଥିଲା। ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨୧ ମଧ୍ୟରେ ପ୍ରାୟ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ନିମ୍ନମାନର ଖାଦ୍ୟ ନଷ୍ଟ କରାଯାଇଛି। ୨୦ ହଜାର ଟଙ୍କା ଜରିମାନା ମଧ୍ୟ ଆଦାୟ ହୋଇଛି। ଯାଞ୍ଚ ବେଳେ ଖାଦ୍ୟରେ ନିମ୍ନମାନର ସସ୍ ମିଶାଯାଉଥିବା ସ୍ପଷ୍ଟ ହୋଇଥିବାବେଳେ ହୋଟେଲ ପାକଶାଳା ପରିବେଶକୁ ଦେଖି ପ୍ରଶ୍ନ ଉଠାଇଥିଲେ ଅଧିକାରୀ। ହେଲେ ପାର୍ବଣ ସରିବା ସହ ଚଢ଼ାଉରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି, ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସଚେତନ ନାଗରିକ। ନିୟମିତ ଚଢ଼ାଉ ନ ହେଲେ ଏହାର ଉଦ୍ଦେଶ୍ୟ ସଫଳ ହେବ ନାହିଁ ବୋଲି ଗଣେଶ ବଜାର ପୂଜା କମିଟି ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି। ନିକଟରେ ଗଣେଶ ବଜାର ନିକଟ ଏକ ଚା' ଦୋକାନରେ ବିକ୍ରି କରାଯାଇଥିବା ପନିରରୁ ଶଁବାଳୁଆ ବାହାରିଥିବା ଅଭିଯୋଗ ହୋଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଗୋଟିଏପଟେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉତ୍ତମ ଓ ତଟକା ଖାଦ୍ୟଖାଇ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖନ୍ତୁ ବୋଲି ସଚେତନ କରାଯାଉଥିବା ବେଳେ ସହରର ବିଷାକ୍ତ ଖାଦ୍ୟର ପସରା କାୟା ମେଲାଇବା ବିଭାଗୀୟ ବିଫଳତା ବୋଲି ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଜିଲା ଖାଦ୍ୟ ନିରୀକ୍ଷକ ଲୋପାମୁଦ୍ରା ନାୟକ କୁହନ୍ତି, ସହରରେ ନିୟମିତ ଚଢ଼ାଉ କରାଯିବ। ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର କୁହନ୍ତି ଯେ, ବାସିଖାଦ୍ୟ ଜବତ ପାଇଁ ପାର୍ବଣ ଋତୁରେ ଚଢାଉ ହୋଇଥିଲା। ଏହାକୁ ନିୟମିତ କରାଯିବ।

## ଦିନକୁ ୩୮ ମିନିଟ୍ ରିଲ୍ସ ...

ସଂଖ୍ୟା ଦୁଇଗୁଣ ବଢ଼ି ୬୦ କୋଟିକୁ ବୃଦ୍ଧିପାଇବ ବୋଲି ଆକଳନ କରାଯାଇଛି, ଯାହା କି ମୋଟ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ୬୭%। ଏଥିସହ ୨୦୩୦ ସୁଦ୍ଧା ୧୯ ବିଲିୟନ ଡଲାର ( ପ୍ରାୟ ୧୫,୬୩,୪୬,୬୩,୦୦,୦୦୦ ଟଙ୍କା)ର ମନିଟାଇଜେଶନ ସୁଯୋଗ ମିଳିବ। ଏବେ ବଜାରରେ ମୋଜ୍, ଜୋଶ୍, ରୋପୋସୋ, ଏମ୍ଏକ୍ସ ଟକାଟକ୍, ଚିଙ୍ଗାରି ଆଦି ଶର୍ଟ ଭିଡିଓ ଆପ୍‌ର ମଧ୍ୟ ବହୁଳ ବ୍ୟବହାର ହେଉଛି। ବିଶେଷକରି ଭାରତରେ ଏହି ଆପ୍‌ଗୁଡ଼ିକରେ ୟୁଜର୍ସଙ୍କ ସଂଖ୍ୟା ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି କ୍ରିଏଟରମାନେ ଅଧିକରୁ ଅଧିକ ଭିଡିଓ କରି ସେଥିରୁ ଅର୍ଥ ଉପାର୍ଜନ କରିପାରୁଛନ୍ତି। ରିପୋର୍ଟ ଅନୁସାରେ ଭାରତରେ ଅନ୍ୟୁନ ୮ କୋଟି କ୍ରିଏଟର ସେମାନଙ୍କ କଣ୍ଟେଣ୍ଟ ପୋଷ୍ଟ କରୁଛନ୍ତି। ହେଲେ କେବଳ ଦେଢ଼ ଲକ୍ଷ ବୃତ୍ତିଗତ ୟୁଜର୍ସ ହିଁ ସେମାନଙ୍କ ଚ୍ୟାନେଲକୁ ମନିଟାଇଜ୍ କରିପାରିଛନ୍ତି। ଅଭିନବ ଭିଡିଓ ଓ ଫଲୋଅର୍ସଙ୍କ ସଂଖ୍ୟା ଆଧାରରେ କ୍ରିଏଟରମାନେ ମାସକୁ ୧୬ ହଜାରରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି। ଯେଉଁମାନଙ୍କ ଫଲୋଅର୍ସଙ୍କ ସଂଖ୍ୟା ୧୦ ଲକ୍ଷରୁ ଅଧିକ ସେମାନେ ମାସକୁ ୨ ଲକ୍ଷରୁ ୫୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି। ହେଲେ ଏହି ସଂଖ୍ୟା ମୋଟ କ୍ରିଏଟରଙ୍କ ୧%ରୁ ବି କମ୍। ତେବେ ଏହା କ୍ରିଏଟରଙ୍କ ପାଇଁ ଯେତିକି ଲାଭଦାୟକ ହେଉଛି ଲୋକଙ୍କ ପାଇଁ ସେତିକି ସମସ୍ୟା ମଧ୍ୟ ସୃଷ୍ଟି କରିଛି। ଅଭିନବ ତଥା ନୂଆ ଧରଣର ଶର୍ଟ ଭିଡିଓ କ୍ଲିପ୍ ଶୁଟିଂ ପାଇଁ ଲୋକେ ସର୍ବସାଧାରଣ ସ୍ଥାନ ଯେପରି ମଲ୍, ମେଟ୍ରୋ କୋଚ୍, ଟ୍ରାଫିକ୍ ଛକ, ରାସ୍ତା, ମନ୍ଦିର, ରେଳଷ୍ଟେଶନ ଆଦିରେ ଶୁଟିଂ କରୁଛନ୍ତି। ଏହାକୁ ନିୟନ୍ତ୍ରଣ କରିବା ଏବେ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ସପ୍ତମ ଭାବସ୍ଥ ଏକାଧିକ ଗ୍ରହ କାର୍ଯ୍ୟହାନି, ମନସ୍ତାପ ଓ ବିବାଦରେ ପରାଜୟକୁ ବରଣ କରିପାରେ। ହଠାତ୍ ସକାଳୁ ସକାଳୁ ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କୀୟ ଚିନ୍ତା କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। କାମ ହାସଲ କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିପାରନ୍ତି।

**ବୃଷ**

ଦ୍ୱିତୀୟସ୍ଥ ମଙ୍ଗଳ ହେତୁ କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି । ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ**

ବକ୍ରୀ ବୃହସ୍ପତିଜନିତ କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଭ୍ରମଣ ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ପାଇଁ ଦିନଟି ବହୁତ ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ସମସ୍ୟାରେ ଚିନ୍ତିତ ରହିବାର ସୂଚନା ରହିଛି ।

**କର୍କଟ**

ଚତୁର୍ଥ ସ୍ଥାନ ପାପଯୁକ୍ତ ଯୋଗୁ ପରିବାରରେ ସାଧାରଣ କଥାରୁ କଳହ ଘଟିପାରେ। ଅଯଥା ଆଲୋଚନା ଓ ଯୁକ୍ତିତର୍କ ପାରିବାରିକ ସମସ୍ୟାକୁ ବଢ଼ାଇ ଦେଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇବାର ଆଶା ରହିଛି।

**ସିଂହ**

ଶୁକ୍ରଙ୍କ ଦୁର୍ବଳତା ଜନିତ ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି । ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଦି ପାଇବେ।

**କନ୍ୟା**

ବୃହସ୍ପତିଙ୍କ ଶୁଭଦୃ କାରଣରୁ ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ । ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ। ସାହିତ୍ୟ, ସଂସ୍କୃତି ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗ ନେଇପାରନ୍ତି।

**ତୁଳା**

ଶନିଙ୍କ କୁପ୍ରଭାବ କାରଣରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମଜନିତ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କାର୍ଯ୍ୟହାସଲ ନିମିତ୍ତ ବିଶେଷ ଅର୍ଥ ବ୍ୟୟ କରି ଦୁଃଖିତ ହେବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହେବେ।

**ବିଛା**

ପାପଗ୍ରହ ବର୍ଜିତ ଦୁର୍ବଳ ଚନ୍ଦ୍ର ମାନସିକ ଅସ୍ଥିରତା ବ୍ୟତୀତ ଆଉ କିଛି କ୍ଷତି ଘଟାଇବେ ନାହିଁ। କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।

**ଧନୁ**

ଆଜି ଏକ ଭିନ୍ନ ପରିବେଶରେ ବନ୍ଧୁମିଳନ ସାଙ୍ଗକୁ ମୂଲ୍ୟବାନ୍ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି। ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କୁ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ଅତିରିକ୍ତ କ୍ଲାନ୍ତି ଅନୁଭବ କରିବା ଦ୍ୱାରା ସ୍ୱାସ୍ଥ୍ୟହାନି ଘଟିପାରେ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି।

**ମକର**

ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ ଓ ବନ୍ଧୁ ମିଳନରୁ ଖୁସି ହେବେ। ସନ୍ତାନହେତୁକ ଚିନ୍ତା ଦୂର ହେବା ସମ୍ଭବନା।

**କୁମ୍ଭ**

ତୃତୀୟସ୍ଥ ରାହୁଙ୍କ କୁପ୍ରଭାବରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପରିବାରରେ ଅଭାବ ଅସୁବିଧା ଲାଗି ରହିପାରେ। ଧାର୍ମିକ କାର୍ଯ୍ୟ, ବନ୍ଧୁ, ସହକର୍ମୀ, ପଡ଼ୋଶୀଙ୍କ ପାଇଁ ତ୍ୟାଗ କରିବାକୁ ବାଧ ହେବେ। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂତନ ପ୍ରକଳ୍ପ, ସମ୍ପର୍କୀୟ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ।

**ମୀନ**

ଭାଗ୍ୟାଧିପ କେନ୍ଦ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ସହଜ ଓ ସୁବିଧାରେ କାମ ହାସଲ କରିବେ। ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ ସନ୍ତୋଷଜନକ ରହିବ।

ଆଜି ଅକ୍ଟୋବର ୩୦ ତାରିଖ, କାର୍ତ୍ତିକ ଶୁକ୍ଳ ଷଷ୍ଠୀ ରବିବାର, ବିଶ୍ୱ ମିତବ୍ୟୟିତା ଦିବସ, ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ତିରୋଧାନ ଦିବସ, ରାଶ ନକ୍ଷତ୍ର: ସକାଳ, ଘ.୦୭।୨୫ମି. ଗତେ, ପୂର୍ବାଷାଢ଼ା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ.ଘ.୦୬।୩୫ ଗତେ ଘ.୦୮।୫୧ ମଧ୍ୟେ, ଘ.୧୨।୫୫ ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୫ ଗତେ ଘ.୦୫।୦୯ ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302




**BRIDE WANTED**

Brahmin groom 55 yrs, 5ft. 3 inch, Govt. Service, Caste No Bar, widow and divorced allowed. Mob: 9556803340. D-1850

Wanted bride working/ Non working/ any caste for divorced handsome Karan boy, only child, B.Tech, 35years, 5'10", Senior Manager Nationalised Bank, settled at Bhubaneswar. Parents contact: 7978789110, 9853014477. D-71044

**GROOM WANTED**

ବିଧବା 49 ବୟସ୍କା ଏକାକୀ ରହୁଥିବା ସରକାରୀ ଚାକିରି କରୁଥିବା କରଣ ଜାତିର ଝିଅଙ୍କୁ ଯୋଗ୍ୟ ଘରଜ୍ୱାଇଁ ଆବଶ୍ୟକ। 8093860535. D-1878

42 ବର୍ଷର ମହିଳା EPFO Officeରେ Clerk ଭାବରେ କାର୍ଯ୍ୟରତ ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7656973285. D-1874

Govt. ଚାକିରିଆ 30 ବୟସ୍କା, କରଣ Divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 9124023134. D-1882




**SALE**

**CAR SALE: 2015 Excellent condition Audi Q3 top model for sale Rs.- 12,80,000/- contact Owner- 9040026465 (BABU BHAI).** D-1809




**SALE**

Luxurious 4BHK Duplex near Balianta Bazar. Land-1400 Construction- 2200- 85Lakh. 9938219397, 9861022055. D-1867

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

**2/3 BHK residential flats available for sale within gated community and facilities like children's play area, Community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1805

4000sqft. Own gharabari, boundary plot for sale at Andilo Mouza, Bhubaneswar. Contact: 9658609631. D-73889

Ready to move studio flat for sale at Narendra Kona, Puri, Occupancy Certificate Obtained. Contact: 9861929740. D-73888

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1866

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73655

**Residential gharabari plot at Brahmanjharilo Cuttack with boundarywall, Electripole, inside Temple on Bank Loan facilities near English Medium High school 6k.m. from Phulnakhara, 11k.m. from Bhubaneswar. 7809525452.** D-73990

SC Plot for Sale between Cuttack & Bhubaneswar Trisulia Baranga, (Per sqft. Price Only 900/-). Immediately Starting for Construction Work. 9937450545. D-1864

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ କିଣନ୍ତୁ। **8249422604.** D-74141

Agricultural land converted to homestead land which is very nearer to N.H. 55 at Biribati in Cuttack Sadar Block is for sale on plotting basis. Interested buyers may contact for purchase of the land. Mobile No.- 9861033990. D-1836

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127

**Plot sale: 5000sqft. (50ft.x100ft.) Premium Semi commercial gharabari, yellowzone, Sthitiban single patta owner plot for sale, just 3RD plot from Dhauli-Uttara NH at Bhargavi Bihar. Price-2400/- per sqft.. Contact direct Owner- 9853926464. (BABU BABU).** D-1808

**PURCHASE**

ଆପଣ ଓଡ଼ିଶାର ଯେକୌଣସି ସ୍ଥାନରେ ଘର, ଜାଗାବାଡ଼ି ସୁଲଭ ମୂଲ୍ୟରେ କିଣିବାକୁ ଚାହୁଁଛନ୍ତି କି ଆମକୁ ଯୋଗାଯୋଗ କରନ୍ତୁ। 7978714882. D-1873




**Construct your Dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1823

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3 BHK for rent in Kalpana Square area with 4 Car Parking for Family of Office use. Contact 9078123112. D-1877

**A Clinical establishment with 5Bed, Minor and Major OT on rent near Care Hospital, Bhubaneswar. 9937000624, 9438080874.** D-73987




Newly open health benefits SPA Diwali Offer @999/- Jaidevbihar, 9439676695. D-73656

Newly open full body massage ladies and gents. 8327740003, 8093860513. D-73992

**Full body massage by smart/expert therapist @999 only. 9078484455.** D-73652

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73991

**Relax, Refresh your body, Mind at Saikrupa Spa with best therapies. 8984068077.** D-1863




(TIME TO TRADES)
ଏହା ଏକ ପଞ୍ଜିକୃତ କମ୍ପାନୀ ଆପଣ ଏହା ସହିତ ଯୋଡ଼ି ହୁଅନ୍ତୁ ଏବଂ ଲାଭ ଉଠାନ୍ତୁ। ପ୍ରତ୍ୟେକ ଦିନ ୧୦୦ରୁ ୧୦୦୦୦୦ ପର୍ଯ୍ୟନ୍ତ ଏବଂ ତାଠାରୁ ଅଧିକ ରୋଜଗାର କରନ୍ତୁ। ବିନା ମାର୍କେଟ ରିସ୍କରେ। 7606990374. D-1870

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


Come, get onto the field of Mutual Funds!
Crores of people have already stepped onto the field of Mutual Funds. It's time for you to join in too!
MUTUAL FUNDS Sahi Hai
To know more about Mutual Funds, contact your Mutual Fund Distributor or Investment Advisor today!
Visit mutualfundssahihai.com
Follow us on:
Mutual Fund investments are subject to market risks, read all scheme related documents carefully.

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୩୦ ଅକ୍ଟୋବର, ୨୦୨୨

"ମଧ୍ୟଯୁଗରେ ସନ୍ୟାସୀମାନେ ନାରୀକୁ ଘୃଣାର ପାତ୍ରୀ ବୋଲି ଭାବୁ ଥିଲେ। ସେମାନେ ଭାବୁଥିଲେ- ଭଗବାନ ସନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନଙ୍କ ସୟନ୍ଧେ ଓ ନାରୀ ସୟନ୍ଧେ ଆଉ କିଛିଏ ଉକ୍ତ ଧାରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। – ଶ୍ରୀଅରବିନ୍ଦ



# ପାକିସ୍ତାନ ସେନା ଓ ଗଣତନ୍ତ୍ର



ଆକାର ପଟେଲ

ପାକିସ୍ତାନର ୪ର୍ଥ ଏକଚ୍ଛତ୍ରବାଦୀ ଶାସକ ପର୍‌ଭେଜ ମୁଶରଫ ରାଷ୍ଟ୍ରପତି ପଦ ଛାଡ଼ିବାର ୧୪ ବର୍ଷ ହୋଇଗଲାଣି। ଆସନ୍ତା ବର୍ଷ ପାକିସ୍ତାନରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। କିନ୍ତୁ ଶାସନକୁ ନେଇ ପୁଣି ଥରେ ସେନା କଥା ଉଠୁଛି। ସେଥିପାଇଁ ଜଣାପଡୁଛି ଯେ, ପାକିସ୍ତାନ ନିୟମିତ ସେନା ଶାସନରୁ ଏବେସୁଦ୍ଧା ମୁକ୍ତ ହୋଇନାହିଁ। ଏହା କାହିଁକି ହେଉଛି ତାହା ଜାଣିବାକୁ ପାକିସ୍ତାନର ପୂର୍ବ ଦଶନ୍ଧିଗୁଡ଼ିକର ଇତିହାସ ପୃଥକ୍ ପୃଥକ୍ ଭାବେ ଜାଣିବାକୁ ପଡ଼ିବ। ପ୍ରଥମ ଦଶନ୍ଧିରେ ପାକିସ୍ତାନ ଦ୍ୱନ୍ଦ୍ୱରେ ରହିଥିଲା। ଜିନ୍ନାଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀଙ୍କ ପାଇଁ ସମ୍ବିଧାନ ଡ୍ରାଫ୍ଟିଂ କରିବା କଠିନ ଥିଲା। ମୁସ୍‌ଲିମ ଲିଗ୍ ବିଭିନ୍ନ ସମୁଦାୟରୁ ପ୍ରଧାନମନ୍ତ୍ରୀ କରି ସେମାନଙ୍କ ମଧ୍ୟରେ ବିଭେଦକୁ ଲୁଚାଇବାକୁ ଚେଷ୍ଟା କରିଥିଲା। ବାସ୍ତବରେ ଏହି ସମୟରେ କ୍ଷମତା ରହିଥିଲା ପାସ୍ତୁନ ମଲିକ ଗୁଲାମ ମହମ୍ମଦଙ୍କ ହାତରେ। 'ଫ୍ରେଣ୍ଡ୍‌ସ ଆଣ୍ଡ ମାଷ୍ଟର୍ସ' ଆତ୍ମଜୀବନୀରେ ଆୟୁବ ଖାନ୍ ଉଲ୍ଲେଖ କରିଛନ୍ତି ଯେ, ଦାୟିତ୍ୱ ନେବା ଲାଗି ମହମ୍ମଦ ତାଙ୍କୁ ଉତ୍ସାହିତ କରିବା ସହ ରାଜନେତାଙ୍କ କବଳରୁ ଦେଶକୁ ରକ୍ଷା କରିବା ଲାଗି କହିଥିଲେ। ଆୟୁବ ଯଥାସମ୍ଭବ ତାହା କରିଥିଲେ। ପାକିସ୍ତାନର ଦ୍ୱିତୀୟ ଦଶନ୍ଧି ଥିଲା ବିକାଶର ଦଶନ୍ଧି। ଏହି ସମୟରେ ପାକିସ୍ତାନର ଅଭିବୃଦ୍ଧି ହାର ଭାରତଠାରୁ ବହୁ ଆଗକୁ ଯାଇପାରିଥିଲା ଏବଂ ନେହେରୁ ଓ ଆୟୁବ ସିନ୍ଧୁ ନଦୀ ଜଳ ବଣ୍ଟନ ଉପରେ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ, ଯାହା ଶାନ୍ତି ଆଣିବାରେ ସାହାଯ୍ୟ କରିଥିଲା। ଏହି ସମୟରେ ପାକିସ୍ତାନ ତଥାକଥିତ ମୌଳିକ ଗଣତନ୍ତ୍ର ସହ ସେବା ଓ ବାଣିଜ୍ୟ ସମ୍ପର୍କିତ ମୁକ୍ତ ଅର୍ଥନୀତିର ଏକ ମଡେଲ ପ୍ରସ୍ତୁତ କରିଥିଲା। ଅବଶ୍ୟ ଆୟୁବଙ୍କ ଶାସନରେ ତ୍ରୁଟି ରହିଥିଲା। ସେ ପାଗଳାମି ପ୍ରକାଶ କରିଥିଲେ। କଶ୍ମୀରକୁ ମୁକ୍ତ କରିବା ଲାଗି ସିଭିଲ୍ ଡ୍ରେସ୍‌ରେ ସୈନ୍ୟମାନଙ୍କୁ ଲାଇନ୍ ଅଫ୍ କଣ୍ଟ୍ରୋଲ(ଏଲ୍‌ଓସି) ନିକଟକୁ ପଠାଇବା ଲାଗି ବୈଦେଶିକ ମନ୍ତ୍ରୀ ଜେଏ. ଭୁଟ୍ଟୋଙ୍କ ଯୋଜନାକୁ ଗ୍ରହଣ କରିନେଇଥିଲେ। ଶାସ୍ତ୍ରୀ ଲାହୋର ନିକଟସ୍ଥ ଅନ୍ତର୍ଜାତୀୟ ସୀମା ନିକଟକୁ ସେନା ପଠାଇ ଏହାର ମୁକାବିଲା କଲେ। ସୋଭିଏଟ ସଂଘ ଯୁଦ୍ଧବିରତି ଲାଗି ହସ୍ତକ୍ଷେପ କଲା। ଚତୁର ଭୁଟ୍ଟୋ ଇସ୍ତଫା ଦେଲେ ଏବଂ ସାଧାରଣରେ ତାଙ୍କ ପ୍ରତି ବିଶ୍ୱାସଘାତକତା କରାଯାଇଥିବା କହିଲେ। ୧୯୬୫ ଯୁଦ୍ଧ ଆୟୁବଙ୍କୁ ଦୁର୍ବଳ କରିଦେଲା ଏବଂ ତାଙ୍କ ସାଥୀ ଜେନେରାଲମାନଙ୍କ ଦ୍ୱାରା ସେ ତଡ଼ା ଖାଇଲେ ଓ ସେମାନଙ୍କ ମଧ୍ୟରୁ ୟାହ୍ୟା ଖାନ୍ ଦାୟିତ୍ୱ ନେଲେ। ଫଳରେ 'ଶତାବ୍ଦୀର ବିକାଶ'ରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ତୃତୀୟ ଦଶନ୍ଧି ଆରମ୍ଭ ହେଲା ଭୁଟ୍ଟୋଙ୍କ ନେତୃତ୍ୱରେ ଓ ସେ ଫାଶୀ ପାଇଲା ପରେ ତାହା ଶେଷ ହେଲା। ଏହି ସମୟରେ ପାକିସ୍ତାନରେ ପ୍ରକୃତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୁଜିବୁର ରହମାନଙ୍କ ଅଧୀନରେ ରହିଥିବା ବେଙ୍ଗଲୀମାନେ ନିର୍ବାଚନରେ ବିଜୟୀ ହୋଇଥିଲେ। ପୂର୍ବ ପାକିସ୍ତାନରେ ସବୁ ଆସନ ପୋଛି ନେଇଥିଲେ। ପଶ୍ଚିମ ପାକିସ୍ତାନୀମାନେ ବେଙ୍ଗଲୀଙ୍କ ଶାସନକୁ ଗ୍ରହଣ କଲେ ନାହିଁ। ଆଉ ଏକ ଯୁଦ୍ଧର ସୂତ୍ରପାତ ହୋଇ ପାକିସ୍ତାନ ଦୁଇଭାଗ ହୋଇଗଲା ଓ ପରେ ଭୁଟ୍ଟୋଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି ପଶ୍ଚିମରେ ଖୁବ୍ କମ୍ ବ୍ୟବଧାନରେ ଜିତିଲା। ଭୁଟ୍ଟୋ ଏକ ବିପର୍ଯ୍ୟୟ ଭାବେ ଉଭାହେଲେ। ସେ ଏକ ସମାଜବାଦ ଆରମ୍ଭ କରିଦେଲେ ଯାହା ଫ୍ଲାୱାର ମିଲ୍ ଭଳି ଛୋଟ ବ୍ୟବସାୟକୁ ଜାତୀୟକରଣ କରିବା ସହ ବହୁ ଗୁଜରାଟୀ ପ୍ରତିଭାଙ୍କୁ କରାଚୀ ବାହାରକୁ ତଡ଼ିଦେଇ ପାକିସ୍ତାନ ଅର୍ଥ ବ୍ୟବସ୍ଥାର କ୍ଷତି ଘଟାଇଲା। ସେ ସମୟରେ ଭୁଟ୍ଟୋ ସମସ୍ତ ଜେନେରାଲଙ୍କୁ ଅଣଦେଖା କରି ଜିଆ ଉଲ୍ ହକ୍‌ଙ୍କୁ ସେନା ମୁଖ୍ୟ ଭାବେ ନିଯୁକ୍ତି ଦେଲେ। ଜିଆ ଧୂର୍ତ୍ତ ଥିଲେ ଓ ଭୁଟ୍ଟୋଙ୍କ ସହ ମିଶି କାମ କଲେ ମଧ୍ୟ ତାଙ୍କୁ ସମସ୍ୟାରେ ପକାଇଲେ। ପରବର୍ତ୍ତୀ ନିର୍ବାଚନରେ ଭୁଟ୍ଟୋ ଅସାଧୁ ଉପାୟ ଅବଲମ୍ବନ କଲେ। ଏହାକୁ ନେଇ ବିରୋଧୀ ହିଂସା ଖେଳାଇଲେ ଯାହା ପାକିସ୍ତାନ ସେନାକୁ ପୁନର୍ବାର ହସ୍ତକ୍ଷେପ କରିବାକୁ ଜିଆଙ୍କୁ ବାଧ୍ୟ କରିଥିଲା।

ଚତୁର୍ଥ ଦଶନ୍ଧିରେ ଜିଆଙ୍କ ନେତୃତ୍ୱ ଥିଲା ସବୁଠୁ ଖରାପ। ଭୁଟ୍ଟୋ ଫାଶୀ ପାଇଥିବା ବର୍ଷ ୧୯୭୯ ଥିଲା ସବୁଠୁ ମହତ୍ତ୍ୱପୂର୍ଣ୍ଣ। ସୋଭିଏଟ୍‌ସଂଘ ଆଫଗାନିସ୍ତାନ ଆକ୍ରମଣ କଲା। ଶିୟା ଧର୍ମୀୟ ନେତାମାନେ ଖୋମିନଙ୍କ ନେତୃତ୍ୱରେ ଇରାନ ଦଖଲ କଲେ ଓ ସାଉଦିଙ୍କୁ ଭୟଭୀତ କରି ଉଗ୍ରପନ୍ଥୀମାନେ ମକ୍କାକୁ ଘେରାବନ୍ଦୀ କଲେ। ମୁସଲିମ ବିଶ୍ୱରେ ସନ୍ତ୍ରାସବାଦ ସମ୍ପ୍ରସାରିତ ହେଲା ଓ ପାକିସ୍ତାନ ଅତ୍ୟଧିକ ପ୍ରଭାବିତ ହୋଇଥିଲେ ମଧ୍ୟ ପାକିସ୍ତାନ ସେନା ଏଥିରୁ ଲାଭ ଉଠାଇଲା। ଜିଆଙ୍କ ସେନା ମକ୍କାକୁ ମୁକ୍ତ କରିବାରେ ସାଉଦିକୁ ସାହାଯ୍ୟ କରିଥିଲେ। ଅବଶ୍ୟ ପାକିସ୍ତାନୀ ଆଇଏସ୍‌ଆଇ ପାସ୍ତୁନ, ତାଜିକ, ଉଜବେକ୍ ସନ୍ତ୍ରାସବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ସହ ପ୍ରଶିକ୍ଷଣ ମଧ୍ୟ ଦେଇଥିଲା, ଯାହା ସୋଭିଏଟ ସଂଘକୁ ଆଫଗାନିସ୍ତାନରେ ଲୋପ କରିଦେଇଥିଲା। ୧୯୮୮ରେ ଏକ ରହସ୍ୟମୟ ବିମାନ ଦୁର୍ଘଟଣାରେ ଜିଆ ପ୍ରାଣ ହରାଇବା ପରେ ଭୁଟ୍ଟୋଙ୍କ ଝିଅ ନିର୍ବାଚନ ଲାଗି ପାକିସ୍ତାନ ଫେରିଲେ। ଏକ ସ୍ଥାୟୀ ତଥା ବାସ୍ତବ ଗଣତନ୍ତ୍ର ଫେରିବ ବୋଲି ଜଣାପଡୁଥିଲା। କିନ୍ତୁ ତାହା ହେଲା ନାହିଁ। ଆଇଏସ୍‌ଆଇ କଥାରେ ସେ କାମ କଲେ ମଧ୍ୟ ସେନା ତାଙ୍କୁ ଦୁଇଥର ଦାୟିତ୍ୱରୁ ହଟାଇଦେଇଥିଲା ଏବଂ ସେନାର ପସନ୍ଦ ନୱାଜ ସରିଫଙ୍କୁ ଥରକୁ ଥର ନେତୃତ୍ୱ ପ୍ରଦାନ କରିଥିଲା।

ପଞ୍ଚମ ଦଶନ୍ଧିରେ ନାମକୁ ମାତ୍ର ଗଣତନ୍ତ୍ର ପ୍ରତିଷ୍ଠା ହୋଇଥିଲେ ବି ଏହାର ଡୋରି ରହିଥିଲା ସେନା ଓ ଆଇଏସ୍‌ଆଇ ମୁଖ୍ୟଙ୍କ ହାତରେ। ଏହି ସମୟରେ ଭାରତ ସବୁବେଳେ ପାକିସ୍ତାନକୁ ଆଲୋଚନା ପାଇଁ କହିଥିଲା ଓ ପାକିସ୍ତାନ ଅସ୍ୱୀକାର କରିଥିଲା। ଷଷ୍ଠ ଦଶନ୍ଧି ଥିଲା ଚତୁର୍ଥ ଏକଚ୍ଛତ୍ରବାଦୀ ଶାସକ ମୁଶରଫଙ୍କର, ଯିଏ କି ସନ୍ତ୍ରାସବାଦ ବିରୋଧୀ ଯୁଦ୍ଧରୁ ବହୁ ଲାଭ ଉଠାଇଥିଲେ। ଆୟୁବଙ୍କ ମଡେଲରେ ମୁକ୍ତ ଅର୍ଥନୀତି ଏବଂ ପଥପ୍ରଦର୍ଶକ ଗଣତନ୍ତ୍ର ଫେରିଥିଲା ଓ ପାକିସ୍ତାନର ଅଭିବୃଦ୍ଧି ହାର ପାଖାପାଖି ୫%କୁ ବୃଦ୍ଧି ପାଇଲା ; ଯାହା ସବୁପ୍ରକାର ସମସ୍ୟା ସତ୍ତ୍ୱେ ବି ଏବେ ରହିଛି। ମୁଶରଫ ବିତାଡ଼ିତ ହେବା ପରେ ସପ୍ତମ ଦଶନ୍ଧିରେ ସେନାର ବିନା ହସ୍ତକ୍ଷେପରେ ପ୍ରଥମରୁ ଲଗାତର ତିନୋଟି ସାଧାରଣ ନିର୍ବାଚନ ଶେଷ ହେଲା। ସେନା ଏବେ ବି ଗଣତନ୍ତ୍ରର କ୍ଷତି କରିବାକୁ ଚାହୁଁଛି, କିନ୍ତୁ ସାହସ ଜୁଟାଇ ପାରୁନାହିଁ। ଏଥିରୁ ବୁଝାପଡୁଛି ଯେ, ପାକିସ୍ତାନ ଏହାର ଅଷ୍ଟମ ଦଶନ୍ଧିରେ ବାଂଲାଦେଶ ଭଳି ଏକ ପାର୍ଲାମେଣ୍ଟାରି ଗଣତନ୍ତ୍ର ଏବଂ ଆମ ଗଣତନ୍ତ୍ର ସ୍ଥିତିରେ ରହିବାକୁ ସ୍ଥିର କରିଛି।

Email:aakar.patel@gmail.com

# ଶ୍ରୀକୃଷ୍ଣ କ'ଣ ଏମିତି କହିଥିବେ



ସହଦେବ ସାହୁ

ଆମେ କଥା କଥାକେ ସ୍ତ୍ରୀମାନଙ୍କୁ ମାତୃଜାତୀୟା ବୋଲି କହୁ ସିନା, କିନ୍ତୁ ସ୍ତ୍ରୀମାନଙ୍କୁ ଗୋଟିଏ ଜାତି ବା ବର୍ଣ୍ଣ ହିସାବରେ ଦେଖୁନା, କାରଣ ସବୁ ବର୍ଣ୍ଣରେ ପୁରୁଷ ଯେମିତି ଅଛନ୍ତି ସ୍ତ୍ରୀ ସେମିତି ଅଛନ୍ତି, ଉଭୟଙ୍କ ମିଶାମିଶି ବିନା ମଣିଷ ଜନ୍ମ ଅସମ୍ଭବ। ଶ୍ରୀମଦ୍ ଭଗବତ୍ ଗୀତାର ୯ମ ଅଧ୍ୟାୟ ୩୨ ଶ୍ଳୋକରେ ସ୍ତ୍ରୀମାନଙ୍କୁ ବୈଶ୍ୟ, ଶୁଦ୍ର ଭଳି ନିମ୍ନବର୍ଗର ଜାତି ସହିତ ସମାନ କରାଯାଇଛି। ଶ୍ରୀମଦ୍ ଭଗବତ୍ ଗୀତାରେ ଯେଉଁଠି ଯେଉଁଠି 'ଶ୍ରୀକୃଷ୍ଣ କହିଛନ୍ତି' ତାହାକୁ 'ଶ୍ରୀ ଭଗବାନୁବାଚ' ବୋଲି ଲେଖାଯାଇଛି। ଆମେ ହିନ୍ଦୁମାନେ ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ଗ୍ରହଣ କରିନେଇଛୁ। ସେ କିପରି କହିଲେ ଯେ, ''ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ୟେଽପି ସ୍ୟୁଃ ପାପଯୋନୟଃ/ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୁଦ୍ରାସ୍ତେଽପି ଯାନ୍ତି ପରାଂ ଗତିମ୍'' ? ଏହାର ଅନ୍ୱୟ କରି ପ୍ରତି ଶବ୍ଦର ଅର୍ଥ କରି ଶେଷରେ ବାକ୍ୟ ତିଆରି କରିବା ଅପେକ୍ଷା ସିଧାସଳଖ ସାଧାରଣ ଲୋକ ଭାଷାରେ କହିଲେ ଏପରି ହେବ: ହେ ଅର୍ଜୁନ! ସ୍ତ୍ରୀ, ବୈଶ୍ୟ ଓ ଶୁଦ୍ରମାନଙ୍କ ଭଳି ଯେଉଁମାନେ ପାପ ଯୋନିରୁ ଜାତ ସେମାନେ ବି 'ବିଶେଷ ଭାବରେ ମୋର ଆଶ୍ରୟ ପ୍ରାର୍ଥନା କଲେ' (ବ୍ୟାପାଶ୍ରିତ୍ୟ) ପରମ ଗତି ପାଇବେ। 'ସେମାନେ ବି' କହିଲା ବେଳେ ଆମେ ଆଉ କାହା ସହିତ ତୁଳନା କରୁଛୁ, ବିଶେଷ ଭାବରେ କହିଲା ବେଳେ ସହଜ ଭାବରେ ମିଳୁଥିବା କଥା ହେଜାଇଦେଉଛୁ। ଯେଉଁମାନେ ଧର୍ମ-ଯୋନୟ ଅର୍ଥାତ୍ ଉଚ୍ଚ ବର୍ଗର ସେମାନେ ମୋର ଆଶ୍ରୟ ପ୍ରାର୍ଥନା କଲା କ୍ଷଣି ପରମ ଗତି ପାଇଯାଉଛନ୍ତି ବୋଲି ଶ୍ରୀକୃଷ୍ଣ ପରବର୍ତ୍ତୀ ଶ୍ଳୋକରେ (ଅଧ୍ୟାୟ ୯ ଶ୍ଳୋକ ୩୩) କହିଛନ୍ତି: ''କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟସ୍ତଥା/ ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍''। ପୁଣି ପୁଣ୍ୟ(ଯୋନି)ସମ୍ଭୂତ ବ୍ରାହ୍ମଣ ତଥା ଭକ୍ତ କ୍ଷତ୍ରିୟ(ରାଜର୍ଷୀ)ଙ୍କ କଥା କ'ଣ କହିବା! ଏହି ଅନିତ୍ୟ ଅସୁଖୀ ଦୁନିଆରେ ତିଷ୍ଠି ଥିବାବେଳେ ମୋତେ ହିଁ ଭଜନ କରି ପରମ ଗତି ପାଇଥାନ୍ତି। ଏଠାରେ ଦୁଇଟି କଥା କୁହାଯାଇଛି – (୧) ବ୍ରାହ୍ମଣ ଓ କ୍ଷତ୍ରିୟ ପାପଯୋନିରୁ ଜନ୍ମ ନୁହନ୍ତି, (୨) ସ୍ତ୍ରୀମାନେ ଗୋଟିଏ ସ୍ୱତନ୍ତ୍ର ଜାତି: ସେମାନେ ଶୁଦ୍ର ଓ ବୈଶ୍ୟଙ୍କ ଭଳି ନୀଚଜନ୍ମା। କୌଣସି ଅନୁଚ୍ଛେଦର ଯଥାର୍ଥ ବିଶ୍ଳେଷଣ କରିବା ଲାଗି ଆମେ ପୂର୍ବାପର ସମ୍ପର୍କ ଦେଖିଥାଉ, ଶ୍ଳୋକ ୩୨ରେ ଏପରି କହିବା ପୂର୍ବରୁ ଓ ପରେ କୁହାଯାଇଛି ତାକୁ ନିରେଖି ଦେଖିବାକୁ ପଡ଼ିବ। 'ସ୍ତ୍ରୀ' ଏବଂ 'ଶୁଦ୍ର ଓ ବୈଶ୍ୟ' ତିନୋଟି ପଦ ଏକ ସ୍ତରରେ ବ୍ୟବହାର କଲାବେଳେ ଆମେ ମନେରଖିବା କଥା ଯେ ଶୁଦ୍ର ଓ ବୈଶ୍ୟ ଦୁଇଟି ପଦ ବର୍ଣ୍ଣ ବା ଜାତି ଅର୍ଥରେ ବ୍ୟବହାର ହୁଏ, ତେଣୁ ସ୍ତ୍ରୀ ପଦଟି ସେହି ଅର୍ଥରେ ବ୍ୟବହାର ହୋଇଛି। ଏ ପ୍ରକାର ବ୍ୟାଖ୍ୟାକୁ ସ୍ପଷ୍ଟ କରୁଛି ପରବର୍ତ୍ତୀ ଶ୍ଳୋକ ୩୩, ଯେଉଁଠି ବ୍ରାହ୍ମଣ ଓ ରାଜର୍ଷୀ ଦୁଇଟି ବର୍ଣ୍ଣକୁ ଉଚ୍ଚତର ବର୍ଣ୍ଣ ରୂପେ ବର୍ଣ୍ଣନା କରାଯାଇଛି। ସ୍ତ୍ରୀମାନେ କ'ଣ ଏକ ସ୍ୱତନ୍ତ୍ର ଜାତି, ଅର୍ଥାତ୍ ୫ମ ବର୍ଣ୍ଣ? ବ୍ରାହ୍ମଣର ସ୍ତ୍ରୀ ଆଉ କ୍ଷତ୍ରିୟର ସ୍ତ୍ରୀ କ'ଣ ବ୍ରାହ୍ମଣ ଆଉ କ୍ଷତ୍ରିୟ କୁଳରେ ଜନ୍ମ ହୋଇନାହାନ୍ତି? ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଣେତା ବି ଜଣେ ସ୍ତ୍ରୀଲୋକର ଗର୍ଭରୁ ଜାତ, ତେଣୁ ସେ ପାପଯୋନୟର ସନ୍ତାନ! ଦେବକୀ ଏବଂ ଯଶୋଦା ଯଦି ଶୁଦ୍ର ଓ ବୈଶ୍ୟ ଭଳି ନୀଚ ଯୋନିରୁ ଜନ୍ମ ବୋଲି ଭାବିବା, ସେହି ଦୁଇ ସ୍ତ୍ରୀଙ୍କ ଦ୍ୱାରା ଜନ୍ମିତ ଓ ପରିପାଳିତ ଶ୍ରୀକୃଷ୍ଣ ତ ଆହୁରି ନୀଚ ହୋଇଯିବେ! ଏହା ଅସମ୍ଭବ, ତେଣୁ ଅଧ୍ୟାୟ ୯ର ଶ୍ଳୋକ ୩୨ ଓ ୩୩ ଦୁଇଟି ପରବର୍ତ୍ତୀକାଳରେ ଗୀତାରେ ଭର୍ତ୍ତି କରାଯାଇଛି ଏବଂ ତାକୁ ଅଧ୍ୟାୟର ମଝିରେ ଥିବା ଧାରଣା ଦେବା ଲାଗି, ମୂଳ ଗ୍ରନ୍ଥରେ ଥିବାର ଧାରଣା ଦେବା ପାଇଁ ଶ୍ଳୋକ ୩୪କୁ ଯୋଡ଼ାଯାଇଛି, ଏହାର ଅର୍ଥ ଶ୍ଳୋକ ୩୧ ସହ ସମାନ ହୋଇଥିବା ଏହା ପ୍ରମାଣ କରେ। ଶ୍ଳୋକ ୩୧ଟି ୯ମ ଅଧ୍ୟାୟର ଶେଷ ଭଳି ଲାଗୁ ନାହିଁକି? ସେଠି ଶ୍ରୀକୃଷ୍ଣ କହିନାହାନ୍ତି କି ଧର୍ମାତ୍ମାମାନେ ମୋର ଭକ୍ତ ହେଲେ ବିନାଶ ହୁଅନ୍ତି ନାହିଁ? ପୁଣି ଶ୍ଳୋକ ୩୦ରେ କୁହାଯାଇଛି ଦୁରାଚାରୀମାନେ ମୋତେ ଅନନ୍ୟ ଭକ୍ତି ସହିତ ଭଜନ କଲେ ତାକୁ ସାଧୁ ଭଳି ଗ୍ରହଣ କରିନିଆଯାଏ। 'ବ୍ୟାପାଶ୍ରିତ୍ୟ' ଆଉ 'ଅନନ୍ୟ ଭକ୍ତି' ଏକ ପ୍ରକାରର ଅର୍ଥ ବହନ କରେ। ଶ୍ଳୋକ ୩୦ରେ 'ଦୁରାଚାରୀ'ମାନଙ୍କ କଥା କହିବା ପରେ ପୁଣି 'ସ୍ତ୍ରୀ, ବୈଶ୍ୟ ଓ ଶୁଦ୍ର'ମାନଙ୍କ କଥା କହିବା ଦରକାର ଥିଲା କି? ବେଦ ଓ ଗୀତା ଆଦି ପ୍ରଥମେ ଶ୍ରୁତି ଥିଲା, ଗୁରୁଠାରୁ ଶିଷ୍ୟ ବାର୍ତ୍ତା ଶିଖୁଥିଲା, ଶିଷ୍ୟର ସ୍ମୃତି ପାଠ୍ୟର ଶୁଦ୍ଧତା ପ୍ରମାଣ କରୁଥିଲା। କାଳକ୍ରମେ 'ଶ୍ରୁତି'ରୁ 'ଲିଖନ' ହେଲା – ଉତ୍ତର ଭାରତରେ ଭୂର୍ଜପତ୍ର ବା ବଲ୍କଲରେ ଓ ଉପକୂଳ ଭାରତରେ ତାଳପତ୍ରରେ ଲିଖନ ଆରମ୍ଭ ହେଲା। ଭୂର୍ଜ ବା ତାଳପତ୍ର ଅଳ୍ପକାଳସ୍ଥାୟୀ। ଯେଉଁ ମୁନି ବା ଋଷି ପୁରୁଣା ଭୂର୍ଜ ବା ତାଳପତ୍ରରୁ ନୂତନ ଭୂର୍ଜ ବା ତାଳପତ୍ରରେ ପୁନଃଲିଖନ କଲେ ସେମାନେ ଏଭଳି ନାରୀବିରୋଧୀ ମନ୍ତବ୍ୟକୁ ସ୍ଥାନ ଦେଇଛନ୍ତି। ସେମାନେ କେବେ ଭାବିନାହାନ୍ତି ଯେ ସ୍ତ୍ରୀମାନଙ୍କ ସଙ୍ଗ ବିନା ମଣିଷ ଜନ୍ମ ଅସମ୍ଭବ ଏବଂ ସବୁ ପୁରୁଷ ବନବାସୀ ସନ୍ଥ ହେଲେ ମଣିଷ ପ୍ରଜାତି ପୃଥିବୀପୃଷ୍ଠରୁ ଲୋପ ପାଇଯିବ, ଆଉ ଧର୍ମ ବା ଭଗବାନ ଭଳି ଧାରଣା ଆଣିବାର ପ୍ରାଣୀ ବ୍ରହ୍ମାଣ୍ଡରେ ନଥିବେ! ଗୀତା ଭଳି ଧର୍ମଗ୍ରନ୍ଥ ଲେଖିବ କିଏ ନା ପଢ଼ିବ କିଏ?




ସବୁ ଧର୍ମରେ ନାରୀମାନଙ୍କୁ ନୀଚ ସ୍ତରରେ ଦେଖାଯାଇଛି, ସେମାନେ ହିଁ ପୁରୁଷମାନଙ୍କୁ ବିପଥଗାମୀ କରନ୍ତି, ସତେଯେପରି ପୁରୁଷମାନେ ଆଦୌ ନାରୀମାନଙ୍କୁ ଦରାଣ୍ଡନ୍ତି ନାହିଁ! ସତେଯେପରି ପ୍ରତ୍ୟେକ ପୁରୁଷ ନୈତିକତାର ଗୋଟିଏ ଗୋଟିଏ ଗନ୍ତାଘର! ଯେଉଁ ପୁରୁଷମାନେ, ସେ ସନ୍ଥ ହୁଅନ୍ତୁ କି ଋଷି, ଏପରି କୁହନ୍ତି ସେମାନେ କେବେ ଭାବୁନାହାନ୍ତି ଯେ ବାପାଙ୍କ ସ୍ତ୍ରୀ-ସମ୍ପର୍କ ବିନା ସେମାନେ ଜନ୍ମ ହୋଇଥାନ୍ତେ କି? ଥରେ ପ୍ରବଚକ ହୋଇଗଲ ବୋଲି ମାଆକୁ ପାପଯୋନୟ କହିବ? ତାହା ପୁଣି ଭଗବାନ ରୂପେ ପରିଚିତ ଶ୍ରୀକୃଷ୍ଣ କହିବେ? ଶ୍ରୁତିରୁ ଯେତେବେଳେ ଲିଖିତ (ସମସ୍ତଙ୍କ ପାଇଁ ପାଠ୍ୟ) ହୋଇଗଲା ଯେଉଁ ମହାଶୟ ଭୂର୍ଜପତ୍ରରେ ପ୍ରଥମେ ଶ୍ରୀମଦ୍ ଭଗବଦ୍‌ଗୀତାକୁ ଉତାରିଲେ ସେ ତାଙ୍କର ସ୍ତ୍ରୀ-ବିରୋଧୀ ମାନସିକତାର ପ୍ରଦର୍ଶନ କରିଛନ୍ତି ଶ୍ଳୋକ ୩୨ ଓ ୩୩ ଜରିଆରେ ଏବଂ ତାହା ମୂଳ ପାଠରେ ଥିଲା ବୋଲି (ଯୋଡ଼ା ହୋଇଥିବା ଘଟଣାକୁ ଘୋଡ଼ାଇବାକୁ) ଶ୍ଳୋକ ୩୪କୁ ଭର୍ତ୍ତି କରିଦେଇଛନ୍ତି; କେବଳ ଶବ୍ଦ ସଂଯୋଜନା ଭିନ୍ନ କିନ୍ତୁ ଅର୍ଥ ଏକପ୍ରକାରର, ଶ୍ଳୋକ ୩୧ ଥିଲାବେଳେ ଶ୍ଳୋକ ୩୪ ଦ୍ୱିରୁକ୍ତି ଭଳି ଲାଗୁନାହିଁ କି?

୯ମ ଅଧ୍ୟାୟର ନାମ ରଖାଯାଇଛି 'ରାଜବିଦ୍ୟା ରାଜଗୁହ୍ୟଯୋଗଃ'! ବିଦ୍ୟାମାନଙ୍କର ରାଜା, ସମସ୍ତ ଗୋପନୀୟ ତଥ୍ୟର ରାଜା! ଭଗବାନ କହିଲେ, ମୁଁ ଏ ଅଧ୍ୟାୟରେ ଏମିତିକା ଗୂଢ଼ କଥା କହିବି, ଯାହା ଜାଣି ତୁମେ ଅର୍ଜୁନ ସଂସାର ବନ୍ଧନରୁ ମୁକ୍ତ ହୋଇଯିବ। ଆମେ ଲେଖକ ଓ ପାଠକମାନେ ତଥା ଦୁନିଆର ସବୁ ମଣିଷ ସଂସାର ବନ୍ଧନରୁ ମୁକ୍ତ ହୋଇଯିବା: ବହୁତ ଗୂଢ଼ ତଥ୍ୟ ଭିତରୁ ଗୋଟିଏ ତଥ୍ୟ ହେଉଛି ଯେ ସ୍ତ୍ରୀ, ବୈଶ୍ୟ ଓ ଶୁଦ୍ର ତିନିହେଁ ପାପଯୋନୟ, ନୀଚ ଜାତିର। ସେମାନେ ମୋତେ ପାଇବା ପାଇଁ ଅତି ସନ୍ତର୍ପଣରେ ଭଜନ କରିବାକୁ ପଡ଼ିବ। ଯାହାର ଜନନୀ ପାପଯୋନୟ ଅର୍ଥାତ୍ ନୀଚ ଜାତିର ସେ ବି ତ ନୀଚ ଜାତିର ବୋଲି ଗଣାହେବେ। ସମସ୍ତେ ସ୍ତ୍ରୀ ସଙ୍ଗ ବର୍ଜନ କରିବା ତ ସଂସାରରେ ମଣିଷ ବଂଶ ଆଉ ନଥିବେ, ଆମେ ସମସ୍ତେ ତ ଯୋନିସମ୍ଭୂତ, ଦଶରଥଙ୍କ ରାଣୀମାନେ ଫଳ ଖାଇ ଚାରି ପୁତ୍ର ପ୍ରସବ କରିଥିଲେ, ତାହା ଅଣସଙ୍ଗମ ଜନିତ ଧରାଗଲେ ବି ସ୍ତ୍ରୀର ଗର୍ଭ ତ ଦରକାର! ସ୍ତ୍ରୀ ବିନା ନୂଆ ନୂଆ ପିଢ଼ିର ମଣିଷ ଜନ୍ମ ନେବେ ନାହିଁ, 'ଭଗବାନ' ଧାରଣା କ'ଣ ମଣିଷେତର ପ୍ରାଣୀମାନଙ୍କ ଭିତରେ ଆସିବ? 'ମଣିଷର ଭାବିବାର ଶକ୍ତି ଅଛି' ବୋଲି 'ଦୁନିଆଟା ଅନିତ୍ୟ ଓ ଅସୁଖୀ' ବୋଲି ଭାବୁଛି ଏବଂ ତହିଁରୁ ଉଦ୍ଧାର ପାଇବା ଉଦ୍ଦେଶ୍ୟରେ 'ଭଗବାନ' ଧାରଣା ଆଣିଛି!

sahadevas@yahoo.com

# ଭାରତୀୟ ବଂଶୋଦ୍ଭବ ପ୍ରଧାନମନ୍ତ୍ରୀ

ଇଚ୍ଛାଶକ୍ତି ଦୃଢ଼ ଥିଲେ ସଫଳତା ସୁନିଶ୍ଚିତ। ୨୫ ଅକ୍ଟୋବର ୨୦୨୨ରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ହୋଇଥିବା ଋଷି ସୁନକଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ୨୦୧୬ରେ ବ୍ରେକ୍‌ଜିଟ୍ (ୟୁରୋପୀୟ ସଂଘରୁ ବ୍ରିଟେନ୍ ଅଲଗା ହେବା) ପରଠାରୁ ଡେଭିଡ୍ କାମେରୁନ୍, ଥେରେସା ମେ, ବୋରିସ୍ ଜନ୍‌ସନ୍ ଓ ନିକଟରେ ଲିଜ୍ ଟ୍ରସ୍ ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇବାକୁ ଅକ୍ଷମ ହେବା ପରେ ଋଷି ୧୦, ଡାଉନିଂ ଷ୍ଟ୍ରିଟ୍‌ରେ ଅବସ୍ଥାପିତ ହୋଇଛନ୍ତି। କଞ୍ଜରଭେଟିଭ୍ ପାର୍ଟି ନେତା ତଥା ଭାରତୀୟ ବଂଶୋଦ୍ଭବ ଋଷିଙ୍କ ଦାୟିତ୍ୱ ଗ୍ରହଣ ପରେ ଲେବର ପାର୍ଟିର ଡେପୁଟି ଲିଡର ଏଞ୍ଜେଲା ରେନର ତାଙ୍କୁ ଉପଲକ୍ଷ୍ୟ କରି ଟୁଇଟ୍ କରିଥିଲେ, 'ଏହା ଏକ ରାଜାଭିଷେକ, ନିର୍ବାଚନ ବିଜୟ ନୁହେଁ। ବ୍ରିଟିଶ ଲୋକଙ୍କ ଜନାଦେଶ ତାଙ୍କ ପ୍ରତି ନ ଥିଲା।' ତେବେ ଏଞ୍ଜେଲାଙ୍କ ଏଭଳି ମନ୍ତବ୍ୟ ମଧ୍ୟ ଡେଭିଡ୍ କାମେରୁନ୍‌ଙ୍କ ପରେ ଅନ୍ତରୀଣ ଦାୟିତ୍ୱ ନେଇଥିବା ପ୍ରଧାନମନ୍ତ୍ରୀଙ୍କ ପାଇଁ ପ୍ରଯୁଜ୍ୟ। କିନ୍ତୁ ଅଣଶ୍ୱେତାଙ୍ଗ ଭାବେ ଋଷି ବ୍ରିଟେନ୍‌ର ନେତୃତ୍ୱ ନେଇଥିବାରୁ ସମ୍ଭବତଃ ଶ୍ୱେତାଙ୍ଗଙ୍କ ପାଇଁ ସହଜରେ ଏହା ଗ୍ରହଣୀୟ ହୋଇପାରି ନାହିଁ। ଇଂଲିଶ୍‌ମାନଙ୍କ ସକାଶେ ପୂର୍ବତନ ଅର୍ଥମନ୍ତ୍ରୀ ରହିଥିବା ପ୍ରଧାନମନ୍ତ୍ରୀ ଋଷିଙ୍କ ନେତୃତ୍ୱକୁ ସମୟ ଦେଇ ଅପେକ୍ଷା କରିବା ଦରକାର ପଡ଼ିଲାଣି। କାରଣ ମୁଦ୍ରାସ୍ଫୀତି ୧୦ ପ୍ରତିଶତରେ ରହିଥିବାବେଳେ ବଜେଟ ନିଅଣ୍ଟ ୪୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚି ବ୍ରିଟେନ୍ ଅର୍ଥନୀତି ମାନ୍ଦାବସ୍ଥା ଆଡ଼କୁ ମୁହାଁଇଲାଣି। ଋଷି ତତ୍‌କ୍ଷଣାତ୍ କିଛି ମ୍ୟାଜିକ୍ ଦେଖାଇବେ ବୋଲି ଆଶା ନ ଥିଲେ ମଧ୍ୟ ଅନ୍ୟ ନେତାମାନେ ଦେଶର ଏଭଳି ସଙ୍କଟ ସମୟରେ ସହଯୋଗ କରିବାର ଆବଶ୍ୟକତା ରହିଛି। ଲିଜ୍ ଟ୍ରସ୍ ପ୍ରଧାନମନ୍ତ୍ରୀ ହେବା ପରେ ଋଷି ଧୈର୍ଯ୍ୟହରା ହୋଇ ନ ଥିଲେ। ସରକାରକୁ ସମସ୍ତ ପ୍ରକାର ସହଯୋଗ ଦେବେ ବୋଲି କହିଥିଲେ। ଏଭଳି ସକାରାତ୍ମକ ଆଭିମୁଖ୍ୟ ରଖି କାର୍ଯ୍ୟ କରିଥିବାରୁ ଋଷି ଏବେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଆସୀନ ହୋଇପାରିଛନ୍ତି। ଇତିହାସ ଦେଖିଲେ ୧୮୯୨ରେ ଦାଦାଭାଇ ନାରୋଜି ହାଉସ୍ ଅଫ୍ କମନ୍ସକୁ ପ୍ରଥମ ବ୍ରିଟିଶ ଇଣ୍ଡିଆନ୍ ଭାବେ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ଋଷି ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ହୋଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଶ୍ୱବ୍ୟାପୀ ଚର୍ଚ୍ଚାର ବିନ୍ଦୁ ପାଲଟିଛି। କହିବା ଆରମ୍ଭ ହୋଇଯାଇଛି, ୨୦୦ ବର୍ଷ ଧରି ଯେଉଁ ଦେଶ ଉପରେ ବ୍ରିଟିଶ ରାଜ୍ କରୁଥିଲା, ତା' ଉପରେ ଭାରତୀୟ ମୂଳ ବାସିନ୍ଦାଙ୍କ ବଂଶଧରର ଜଣେ ଶାସନ କରିବା ଏକ ଐତିହାସିକ ପରିଣତି ଆଣିଦେଇଛି। ତେବେ ଖ୍ରୀଷ୍ଟିଆନ୍ ଶ୍ୱେତାଙ୍ଗମାନେ ଶେଷରେ ଜଣେ ଶ୍ୟାମଳ ହିନ୍ଦୁଙ୍କ ନେତୃତ୍ୱକୁ ସ୍ୱୀକାର କରିବା ଦର୍ଶାଉଛି ଯେ, ପରିବର୍ତ୍ତନ ପାଇଁ ଇଂଲିଶମାନଙ୍କ ଗ୍ରହଣଶୀଳତା ସର୍ବଦା ଉନ୍ମୁଖ।



ବ୍ୟକ୍ତିତ୍ୱ

ଋଷି ସୁନକ

ଇଂଲଣ୍ଡର ହାମ୍ପସାୟାରର ସାଉଥ୍‌ହାମ୍ପଟନ୍ ଜେନେରାଲ ହସ୍ପିଟାଲରେ ୧୨ ମେ ୧୯୮୦ରେ ଋଷି ଭାରତୀୟ ବଂଶୋଦ୍ଭବ ଆଫ୍ରିକୀୟ ଜନ୍ମିତ ହିନ୍ଦୁ ମାତାପିତାଙ୍କଠାରୁ ଭୂମିଷ୍ଠ ହୋଇଥିଲେ। ପିତା ଯଶବୀର ଜଣେ ଡାକ୍ତର ଓ ମାତା ଉଷା ଫାର୍ମାସିଷ୍ଟ। ଋଷିଙ୍କ ଜେଜେବାପା ବ୍ରିଟିଶ ଇଣ୍ଡିଆର ପଞ୍ଜାବ ପ୍ରଦେଶରେ ଜନ୍ମଗ୍ରହଣ କରିଥିଲେ। ଅର୍ଥ ଉପାର୍ଜନ ପାଇଁ ପୂର୍ବ ଆଫ୍ରିକାକୁ ଚାଲିଯାଇଥିବା ତାଙ୍କ ପରିବାର ୧୯୬୦ରେ ବ୍ରିଟେନ୍‌କୁ ପଳାଇ ଆସିଥିଲେ। ଯଶବୀର କେନିଆରେ ଜନ୍ମ ହୋଇଥିବାବେଳେ ମାତା ଉଷା ତାଞ୍ଜାନିଆର ଭାରତୀୟ ମୂଳବାସିନ୍ଦା। ଉଭୟେ ୧୯୭୭ରେ ଇଂଲଣ୍ଡର ଲିସେଷ୍ଟରରେ ବିବାହ କରିଥିଲେ। ସେମାନଙ୍କ ୩ ସନ୍ତାନ ମଧ୍ୟରୁ ଋଷି ବଡ଼। ଦମ୍ପତିଙ୍କ ଅନ୍ୟ ଦୁଇ ସନ୍ତାନ ମଧ୍ୟରେ ସାନ ପୁଅ ସଞ୍ଜୟ ମନସ୍ତତ୍ତ୍ୱବିତ୍ ହୋଇଥିବା ବେଳେ ଝିଅ ରାଖୀ ୱିଲିୟମ୍ସ ୟୁନାଇଟେଡ୍ ନେସନ୍ସ ଗ୍ଲୋବାଲ ଫଣ୍ଡ୍ ଫର୍ ଏଜୁକେଶନ ଇନ୍ ଏମର୍ଜେନ୍ସିର ଷ୍ଟ୍ରାଟେଜି ମୁଖ୍ୟ ଭାବେ ନ୍ୟୁୟର୍କରେ କାର୍ଯ୍ୟରତ। ଏପଟେ ଋଷିଙ୍କ ସଂସାର କହିଲେ ସେ ଭାରତୀୟ ବିଲିୟନେୟାର ବ୍ୟବସାୟୀ ତଥା ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ଏନ୍. ଆର୍. ନାରାୟଣ ମୂର୍ତ୍ତି ଓ ଲେଖିକା ସୁଧା ମୂର୍ତ୍ତିଙ୍କ ଝିଅ ଅକ୍ଷତାଙ୍କୁ ବିବାହ କରିଛନ୍ତି। ଋଷି-ଅକ୍ଷତାଙ୍କ ଦୁଇ ଝିଅ ହେଉଛନ୍ତି କ୍ରିଷ୍ଣା ଓ ଅନୁଷ୍କା।

ଋଷିଙ୍କ ଶିକ୍ଷା ଦିଗକୁ ଦେଖିଲେ ସେ ରୋମ୍‌ସେସ୍ଥିତ ଷ୍ଟ୍ରଏଡ୍ ସ୍କୁଲ ଓ ପରେ ୱିଞ୍ଚେଷ୍ଟର କଲେଜରେ ପଢ଼ିଥିଲେ। ଗ୍ରୀଷ୍ମ ଅବକାଶବେଳେ ସେ ସାଉଥ୍‌ହାମ୍ପଟନ୍‌ସ୍ଥିତ ଏକ ହୋଟେଲରେ ପରିଚାରକ ଭାବେ କିଛିଦିନ କାମ କରିଥିଲେ। ପରେ ଅକ୍ସଫୋର୍ଡର ଲିଙ୍କନ କଲେଜରୁ ଦର୍ଶନଶାସ୍ତ୍ର, ରାଜନୀତି ବିଜ୍ଞାନ ଓ ଅର୍ଥନୀତିରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ବିଶ୍ୱବିଦ୍ୟାଳୟରେ ପଢ଼ିବାବେଳେ କଞ୍ଜରଭେଟିଭ୍ କ୍ୟାମ୍ପେନ୍ ହେଡ୍‌କ୍ୱାର୍ଟର୍ସରେ ସେ ଇଣ୍ଟର୍ନଶିପ୍ କରିଥିଲେ। ୨୦୦୬ରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଡିଗ୍ରୀ ଅର୍ଜନ କରିଥିଲେ। ସେ ସେଠାରେ ଫୁଲ୍‌ବ୍ରାଇଟ୍ ସ୍କଲାର ମଧ୍ୟ ଥିଲେ। ବୋର୍ଡିଂ ସ୍କୁଲରେ ପଢୁଥିବାବେଳେ ସେ ହେଡ୍ ବୟ ଥିଲେ। ମେଧା ସହ ନେତୃତ୍ୱ ନେବାର କଳା ତାଙ୍କ ପିଲାବେଳୁ ଫୁଟି ବାହାରିଥିଲା। ତେବେ କ୍ୟାରିୟରର ପ୍ରଥମ ପାହାଚରେ ସେ ୨୦୦୧ରୁ ୨୦୦୪ ଯାଏ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ ଗୋଲ୍ଡମ୍ୟାନ୍ ସାକ୍‌ସରେ ଆନାଲିଷ୍ଟ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ହେଜ୍ ଫଣ୍ଡ ମ୍ୟାନେଜମେଣ୍ଟ ଓ ୨୦୧୩ରୁ ୨୦୧୫ ଯାଏ ଶ୍ୱଶୁରଙ୍କ ଇନ୍‌ଭେଷ୍ଟମେଣ୍ଟ ଫାର୍ମ କାଟାମେରେନ୍ ଭେଞ୍ଚର୍ସର ନିର୍ଦ୍ଦେଶକ ହୋଇଥିଲେ। ସ୍କୁଲ ବେଳେ ଷ୍ଟୁଡେଣ୍ଟ ଲିଡର, ପ୍ରୟୋଗାତ୍ମକ ଜୀବନର ଉପଲବ୍ଧି ଲାଗି ହୋଟେଲରେ ୱେଟର ସାଜିବା ଓ ରାଜନୈତିକ ଦଳରେ ଇଣ୍ଟର୍ନଶିପ୍ ଆଦି ତାଙ୍କ ଜୀବନର ପ୍ରତି ପର୍ଯ୍ୟାୟକୁ ଦେଖିଲେ ନୂଆ କିଛି କରିବା ଓ ଶିଖିବାରେ ସେ ନିମଜ୍ଜିତ ରହୁଥିବାରୁ ଏବେ ତାହାର ସୁଫଳ ପାଇଛନ୍ତି। ୨୦୧୪ରେ କଞ୍ଜରଭେଟିଭ୍ ପାର୍ଟିର ପ୍ରାର୍ଥୀ ଭାବେ ରିଚ୍‌ମଣ୍ଡ (ୟର୍କସ)ରୁ ଏମ୍‌ପି ଭାବେ ବ୍ରିଟିଶ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ପରେ ଅର୍ଥମନ୍ତ୍ରୀ ଓ ମାତ୍ର ୪୨ ବର୍ଷ ବୟସରେ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଭାବେ ଋଷି ଯେଉଁ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛନ୍ତି, ତାହା ଆଗାମୀ କେତେ ସମୟ ଯାଏ ସେହି ରେକର୍ଡ ବଜାୟ ରହିବ, ତାହା ସମୟ କହିବ। ଅନ୍ୟପକ୍ଷରେ ସବୁ ସଫଳତା ଭିତରେ ଅର୍ଥନୈତିକ ସଙ୍କଟକୁ ସେ କିଭଳି ମୁକାବିଲା କରୁଛନ୍ତି, ତାହା ତାଙ୍କ ପାଇଁ ସର୍ବବୃହତ୍ ଆହ୍ୱାନ ଆଣିଦେଇଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବର୍ଜ୍ୟ ପରିଚାଳନା ଆରମ୍ଭ ହେବ ଘରୁ, ଏ ବାଟ ବତାଇଛନ୍ତି ଇଣ୍ଡଷ୍ଟ୍ରିଆଲ ଡିଜାଇନର ତଥା ସୋସିଆଲ ଏଣ୍ଟରପ୍ରିନ୍ୟୁୟର୍ ପୁନମ୍ ବୀର କସ୍ତୁରୀ। ସେ ଏକ ନୂଆ କମ୍ପୋଷ୍ଟର୍ ନିର୍ମାଣ କରିଛନ୍ତି। ଏଥିରେ ଘରର ସବୁ ବର୍ଜ୍ୟକୁ ଖତ କରାଯାଇପାରୁଛି ବିନା ଦୁର୍ଗନ୍ଧରେ। କମ୍ ଓଜନ ବିଶିଷ୍ଟ ଏହି କମ୍ପୋଷ୍ଟର୍‌କୁ ରଖାଯାଉଥିବା ସ୍ଥାନ ମଧ୍ୟ ଅପରିଷ୍କାର ହେଉନାହିଁ। ଏହା ରିସାଇକ୍ଲିଂଯୋଗ୍ୟ ୟୁଭି ପ୍ଲାଷ୍ଟିକରେ ନିର୍ମିତ। ଏହାର ନାମ ରଖିଛନ୍ତି ଟେରାବାଇଟ୍ ହୋମ୍ କମ୍ପୋଷ୍ଟର। ଏହାକୁ ବାଲ୍‌କୋନି କିମ୍ବା ଝରକା ପାଖରେ ରଖାଯାଇପାରିବ। ଏଥିରେ ୩୦ ଦିନ ମଧ୍ୟରେ ଖତ ପ୍ରସ୍ତୁତ ହୋଇପାରୁଛି। ଦିନକୁ ଏଥିରେ ୨ କେଜି ବର୍ଜ୍ୟ ଧାରଣ କରିବାର କ୍ଷମତା ରହିଛି। ଏହାର ଦାମ୍ ରଖିଛନ୍ତି ୧୯,୯୯୯ ଟଙ୍କା। ପୁନମ୍ ପରିବେଶ ଉପଯୋଗୀ 'ଡେଲି ଡମ୍ପ୍' ଅନ୍‌ଲାଇନ ଷ୍ଟୋର୍ ପ୍ରତିଷ୍ଠା କରି କମ୍ପୋଷ୍ଟର ନିର୍ମାଣ କରିବା ସହ ଲୋକଙ୍କୁ ଯୋଗାଉଛନ୍ତି। ସେ ନିଜକୁ କମ୍ପୋଷ୍ଟୱାଲି ବୋଲି ପରିଚୟ ଦିଅନ୍ତି। ୨୦୦୬ରୁ ବିଭିନ୍ନ ପ୍ରକାର କମ୍ପୋଷ୍ଟିଂ ଉତ୍ପାଦ ଉପରେ ପରୀକ୍ଷା କରିଆସୁଛନ୍ତି। ଏବେ ତାଙ୍କ ପାଖରେ ଗୋବଲ କମ୍ପୋଷ୍ଟ କିଟ୍, ରଙ୍ଗୋଲି ଫ୍ଲାୱାର କମ୍ପୋଷ୍ଟର, ଲିଫ୍ କମ୍ପୋଷ୍ଟ ଆଦି ଉପଲବ୍ଧ।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଅକ୍ଟୋବର ୧୯୯୭

- ବିବାଦୀୟ ଭାରତୀୟ ବଂଶୋଦ୍ଭବ ବ୍ରିଟିଶ ଲେଖକ ସଲ୍‌ମାନ ରଶଡିଙ୍କ ପୁରସ୍କାରପ୍ରାପ୍ତ ପୁସ୍ତକ 'ମିଡ୍‌ନାଇଟ୍ସ ଚିଲ୍ଡ୍ରେନ' ଉପରେ ଚଳଚ୍ଚିତ୍ର ନିର୍ମାଣ ପ୍ରସ୍ତାବକୁ ଶ୍ରୀଲଙ୍କାର ମୁସଲମାନ ନେତା ଓ ସଂଗଠନ ପକ୍ଷରୁ ତୀବ୍ର ବିରୋଧ।
- ଗୋଖାଦ୍ୟ ଦୁର୍ନୀତିର ଦୁଇଟି ଷଡ଼ଯନ୍ତ୍ର ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ଜାମିନ ପ୍ରଦାନ।

## ଚିରନ୍ତନୀ

ଆକାଶ ବିହଗ, ମାଟିର ପଶୁ
କହଇ କଥା
କରେ ପରକାଶ ଆପଣା ସୁଖ
ପରାଣ ବ୍ୟଥା।

(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | 9 | | | | | |
| | 1 | | | | 4 | 5 | | |
| | | | 6 | 1 | 5 | | | |
| | 3 | | 7 | 5 | | 8 | 2 | |
| | | | | 3 | 6 | | | 4 |
| | | 6 | | | | | | 7 |
| | | | | 7 | | | | |
| | | 4 | 1 | 6 | | | | |
| 9 | | 3 | 5 | | 2 | 1 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 2 | 5 | 3 | 8 | 6 | 7 | 4 |
| 4 | 3 | 7 | 9 | 6 | 1 | 2 | 5 | 8 |
| 8 | 6 | 5 | 2 | 7 | 4 | 9 | 3 | 1 |
| 7 | 8 | 6 | 1 | 4 | 9 | 5 | 2 | 3 |
| 2 | 1 | 9 | 3 | 5 | 7 | 8 | 4 | 6 |
| 3 | 5 | 4 | 6 | 8 | 2 | 1 | 9 | 7 |
| 5 | 4 | 1 | 7 | 9 | 6 | 3 | 8 | 2 |
| 9 | 2 | 8 | 4 | 1 | 3 | 7 | 6 | 5 |
| 6 | 7 | 3 | 8 | 2 | 5 | 4 | 1 | 9 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବହୁ ପ୍ରତୀକ୍ଷିତ ଗଣତନ୍ତ୍ର ଆଜି ଦିଗହରା

ମହାଶୟ,

କହିବାକୁ ଗଲେ ସାରା ବିଶ୍ୱରେ ଭାରତ ବୃହତ୍ ଗଣତନ୍ତ୍ର ଦେଶରେ ପରିଚିତ ଥିଲା। ଆଜି କିନ୍ତୁ ତାହାର ସଂଜ୍ଞା ବଦଳି ଗଲାଣି। ଗଣତନ୍ତ୍ର ଅର୍ଥ ଲୋକଶାସନ ଆଜି ସମ୍ପୂର୍ଣ୍ଣ ଦିଗହରା। ସାଂସଦ ହୁଅନ୍ତୁ ବା ବିଧାୟକ, ସମସ୍ତଙ୍କର ନିଃସ୍ୱାର୍ଥପରତା ମନୋଭାବ, ତାଙ୍କ ପାରିଶ୍ରମିକ ଥିଲା କିଛି ଭତ୍ତା, ଯାହାକି ଆଜି ଚାକିରିଆଙ୍କ ଭଳି ଦରମା ଓ ପେନ୍‌ସନରେ ପରିଣତ ହୋଇଛି ପୁଣି ଚଢ଼ାଦରରେ। ସାଂସଦ ବା ବିଧାୟକଙ୍କ ମଧ୍ୟରୁ ପ୍ରାୟ ୪୦%ଙ୍କ ବିରୋଧରେ ଅପରାଧିକ ଅଭିଯୋଗ ରହିଛି। ଗଣତନ୍ତ୍ର ଆଜି ଗୁଣ୍ଡାତନ୍ତ୍ରରେ ପରିଣତ ହୋଇଛି। ଧର୍ମ ନାହିଁ, ନ୍ୟାୟ ନାହିଁ ଓ ସେବା ବି ନାହିଁ। କେବଳ ଶୋଷଣ ମନବୃତ୍ତିରେ ଚାଲିଛି ଦେଶ ଶାସନ। ଖାଲି ଭାଷଣବାଜି। ଟଙ୍କା ଦେଇ ଭୋଟ କିଣାଯାଉଛି ଓ ଗୁଣ୍ଡାମି ଶାସନରେ ସବୁ କିଛି ଶୋଷଣ କରାଯାଉଛି।

– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଭୂସ୍ଖଳନରେ ଇଞ୍ଜିନିୟରଙ୍କ ସମେତ ୩ ମୃତ

କିସ୍ତୱାର,୨୯।୧୦: ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ଶନିବାର ସନ୍ଧ୍ୟାରେ ୨ଟି ଭୂସ୍ଖଳନ ଘଟି ଏକ ବିଦ୍ୟୁତ୍ ପ୍ରକଳ୍ପରେ ନିର୍ମାଣାଧୀନ ରାସ୍ତା କ୍ଷତିଗ୍ରସ୍ତ ହେବା ସହ ୩ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୧୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଇଞ୍ଜିନିୟର, ଜଣେ ଜେସିବି ଡ୍ରାଇଭର ଏବଂ ଜଣେ ପୋଲିସ କର୍ମଚାରୀ ଅଛନ୍ତି। ମାଟି ଅତଡ଼ା ତଳୁ ଜେସିବି ଡ୍ରାଇଭର ମନୋଜ କୁମାର, ଇଞ୍ଜିନିୟର ସଚିନ ଓ ପୋଲିସ କର୍ମଚାରୀ ୟାକୁବ୍‌ଙ୍କ ମୃତଦେହ ମିଳିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା କିସ୍ତୱାର ଏସ୍ଏସ୍‌ପି ଶଫ୍‌କତ୍ ଭଟ୍ଟ କହିଛନ୍ତି। ରାଟଲ୍ ବିଦ୍ୟୁତ୍ ପ୍ରକଳ୍ପ ନିକଟରେ ପ୍ରଥମ ଭୂସ୍ଖଳନରେ ଜେସିବି ଡ୍ରାଇଭରଙ୍କ ସମେତ ୪ ଜଣ ମାଟି ଅତଡ଼ା ତଳେ ପୋତି ହୋଇପଡ଼ିଥିବାବେଳେ ସେମାନଙ୍କୁ ଉଦ୍ଧାର କରିବାକୁ ଯାଉଥିବା ଟିମ୍ ଅନ୍ୟ ଏକ ଭୂସ୍ଖଳନରେ ଫସିଯାଇଥିଲା। ଉକ୍ତ ଟିମ୍‌ରେ ୬ ଜଣ ଥିଲେ।

# ୩୧ରୁ ନଭେମ୍ବର ୨ ଯାଏ ମେଘୁଆ ପାଗ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ରାଜ୍ୟରେ ପାରଦ ତଳମୁହାଁ ହୋଇଛି। ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲ୍‌ସିୟସକୁ ଖସି ଆସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୧.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୨, ଫୁଲବାଣୀ ୧୩.୫, ସୋନପୁର ୧୪, ଭବାନୀପାଟଣା ୧୪.୪, ଝାରସୁଗୁଡ଼ା ୧୪.୬, ହୀରାକୁଦ ୧୫.୨, ଦେବଗଡ଼ ୧୬, କେନ୍ଦୁଝର ୧୬.୨, ଅନୁଗୋଳ ୧୭, ସମ୍ବଲପୁର ୧୭.୬, ଟିଟିଲାଗଡ଼ ୧୮, ବାରିପଦା ୧୮, ସୁନ୍ଦରଗଡ଼ରେ ୧୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୩୧ରୁ ପାରଦ ପୁଣି ଉପରମୁହାଁ ହେବ। ବଙ୍ଗୋପସାଗରରୁ ଜଳୀୟ ବାଷ୍ପ ରାଜ୍ୟକୁ ପ୍ରବେଶ କରିବ। ଏଥିଯୋଗୁ ଆକାଶ ମେଘାଚ୍ଛନ୍ନ ରହିବା ସହ ରାଜ୍ୟର କେତେକ ସ୍ଥାନରେ ହାଲୁକା ବର୍ଷା କିମ୍ବା କୁହୁଡ଼ି ହେବାର ସମ୍ଭାବନା ରହିଛି।


ଶକ୍ତି ଦକ୍ଷତା ବ୍ୟୁରୋ

(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାଶ)
୪ର୍ଥ ମହଲା, ସେବା ଭବନ, ଆର୍.କେ.ପୁରମ୍, ନୂଆଦିଲ୍ଲୀ-୧୧୦୦୬୬ (ଭାରତ)
ୱେବ୍‌ସାଇଟ୍: www.beeindia.gov.in, ଫୋନ୍: ୦୧୧-୨୬୭୬୬୭୦୦

## ସର୍ବସାଧାରଣ ବିଜ୍ଞପ୍ତି

କେତେକ ବିନିର୍ମାତା ବିଇଇ ଷ୍ଟାର୍ ଲେବୁଲ ବିନା ଏଲ୍ଇଡି ବଲ୍‌ବ ବିକ୍ରି କରୁଛନ୍ତି, ଯାହା ଶକ୍ତି ସଂରକ୍ଷଣ ଅଧିନିୟମର ଧାରା ୧୪ର ଉଲ୍ଲଙ୍ଘନ ଅଟେ । ତେଣୁ କିଣିବା ପୂର୍ବରୁ ସର୍ବଦା ଉତ୍ପାଦର ଷ୍ଟାର୍ ଲେବୁଲ୍ ଯାଞ୍ଚ କରିନିଅନ୍ତୁ ।

ଉତ୍ପାଦରେ ପ୍ରଦର୍ଶିତ ଷ୍ଟାର୍ ଲେବୁଲ୍‌ର ପ୍ରାମାଣିକତା ଯାଞ୍ଚ କରିବା ପାଇଁ ଦୟାକରି ବିଇଇର ପୋର୍ଟାଲ୍ ପରିଦର୍ଶନ କରନ୍ତୁ:
www.beestarlabel.com/SearchCompare


ଅଧିକୃତ ଲେବୁଲ


ଅନଧିକୃତ ଲେବୁଲ

CBC 34106/12/0008/2223

ଶକ୍ତି ଦକ୍ଷତା ପାଇଁ ସର୍ବଦା ବିଇଇ ଷ୍ଟାର୍ ରେଟେଡ୍ ଉପକରଣ ବ୍ୟବହାର କରନ୍ତୁ


# ଝିଅ ଭୟରେ ବାହାର କଲେ, ପୁଅ ହେବାରୁ ଘରକୁ ନେଲେ

ପାରାଦୀପ, ୨୯।୧୦(ସ୍ୱ.ପ୍ର.)

ଝିଅ ପୁଅ ଜନ୍ମ ହେବା ପାଇଁ ଏବେବି ମହିଳାଙ୍କୁ ଦୋଷ ଦିଆଯାଉଛି। ଜଣେ ମହିଳାଙ୍କ ପୂର୍ବରୁ ୨ଟି ଝିଅ ଥିଲା। ପୁନର୍ବାର ସେ ଗର୍ଭବତୀ ହୋଇଥିଲା। ମାତ୍ର ପ୍ରସବର ଗୋଟିଏ ଦିନ ପୂର୍ବରୁ ପୁନର୍ବାର ଝିଅ ଜନ୍ମ ହେବା ଭୟରେ ସ୍ୱାମୀ ତାଙ୍କୁ ଘରୁ ରାତିରେ ବାହାର କରିଦେଇଥିଲେ। ପୋଲିସ ତାଙ୍କୁ ନେଇ ଜରାଶ୍ରମରେ ରଖିବା ପରେ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଖବରପାଇ ସ୍ୱାମୀ ଆସି ମା’ ଓ ଶିଶୁ ପୁତ୍ରକୁ ଘରକୁ ନେଇଛନ୍ତି। ଏଭଳି ଘଟଣା ଘଟିଛି ଜଗତ୍‌ସିଂହପୁର ଜିଲା ପାରାଦୀପସ୍ଥିତ ଲକ୍ ଥାନା ଅଞ୍ଚଳରେ।

ସମ୍ପୃକ୍ତ ଦମ୍ପତି ହେଲେ ସୁନ୍ଦରଗଡ ଜିଲା ଯଶୀପୁର ଥାନା ଅନ୍ତର୍ଗତ ଜଙ୍ଗେଶ୍ୱର ଗ୍ରାମର ହରିଆ ପର୍ତ୍ତୀ ଓ ତାଙ୍କ ସ୍ତ୍ରୀ ସଙ୍ଗୀତା(୨୭)। ଏହି ଦମ୍ପତି ପ୍ରାୟ ଦୁଇବର୍ଷ ହେବ ଲକ୍‌ଥାନା ଅନ୍ତର୍ଗତ ମୁଣ୍ଡାସାହିରେ ରହୁଛନ୍ତି। ସଙ୍ଗୀତା ଗର୍ଭବତୀ ଥିବାବେଳେ ଶୁକ୍ରବାର ରାତିରେ ଦମ୍ପତିଙ୍କ ମଧ୍ୟରେ ଝଗଡା ହୋଇଥିଲା। ସେତେବେଳକୁ ସଙ୍ଗୀତାଙ୍କ ପ୍ରସବଜନିତ ଯନ୍ତ୍ରଣା ଆରମ୍ଭ ହୋଇଯାଇଥିଲା। କୌଣସି ସୂତ୍ରରୁ ପୁନର୍ବାର ଝିଅ ହେବ ବୋଲି ଆଶଙ୍କା କରି ହରିଆ ତାଙ୍କୁ ଘରୁ ବାହାର କରିଦେଇଥିଲେ। ସଙ୍ଗୀତା ବହୁ କଷ୍ଟରେ ପାରାଦୀପ ଲକ୍ ଥାନାରେ ପହଞ୍ଚି ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପୋଲିସ ତୁରନ୍ତ ତାଙ୍କୁ ନେଇ ଥାନା ଅନ୍ତର୍ଗତ ଗଡ ଗ୍ରାମସ୍ଥିତ ରତ୍ନମାଳି ଜେମା ଜରାଶ୍ରମରେ ରଖିଥିଲା। ଶନିବାର ସକାଳୁ ସଙ୍ଗୀତାଙ୍କ ଏକ ପୁତ୍ର ସନ୍ତାନ ଜନ୍ମହୋଇଛି। ଏହି ଖବର ଜରାଶ୍ରମର ସଭାପତି ସନ୍ତୋଷ ବେହେରା ଲକ୍ ଥାନାଧିକାରୀ ସବ୍ୟସାଚୀ ରାଉତଙ୍କୁ ସୂଚନା ଦେଇଥିଲେ। ପୋଲିସ ସ୍ୱାମୀ ହରିଆଙ୍କୁ ଥାନାକୁ ଆଣି ସବୁକଥା କହିଥିଲା। ଏହାପରେ ହରିଆ ପୋଲିସ ଓ ଜରାଶ୍ରମର କର୍ମକର୍ତ୍ତାଙ୍କୁ ଅନୁରୋଧ କରି ସ୍ତ୍ରୀ ଓ ଶିଶୁପୁତ୍ରକୁ ନେଇ ଘରକୁ ଫେରିଛନ୍ତି। ଏହି ଘଟଣାରେ ପୋଲିସ ପକ୍ଷରୁ ଷ୍ଟେଶନଡାଏରି (ଜି ଡି/୧୪) କରାଯାଇଛି।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 41-KUR-TRD-OT-2022-23

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳର ଜଖପୁରା (JKPR) ଷ୍ଟେସନଠାରୁ ପ୍ରାରମ୍ଭ ହେବାକୁ ଥିବା (Taking off) ମେସର୍ସ ଟାଟା ଷ୍ଟିଲ୍ ଲିମିଟେଡ୍‌ର ସାଇଡ଼ିଙ୍ଗ୍ ଭିତରେ ପ୍ରସ୍ତାବିତ ସ୍ୱିଚିଙ୍ଗ୍ ପୋଷ୍ଟ (SSP) ଏବଂ ଜଖପୁରା (JKPR) (ବର୍ତ୍ତମାନର ଜଖପୁରା/ଟ୍ରାକ୍ସନ ସବ୍‌ଷ୍ଟେସନ ନିକଟରେ) ଠାରେ ପ୍ରସ୍ତାବିତ ଟ୍ରାକ୍ସନ ସବ୍‌ଷ୍ଟେସନ (TSS)ରେ SCADA ବ୍ୟବସ୍ଥା ।

**ବିଜ୍ଞାପିତ ମୂଲ୍ୟ :** ₹ 29,73,837.49, EMD: ₹ 59,500/-, ଶେଷ ହେବା ଅବଧି : 90 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.04.11.2022ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.11.2022 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-649/N/22-23


# ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ

## ବୋର୍ଡ ସଭାପତିଙ୍କୁ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ନବମ ଶ୍ରେଣୀ ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ନେଇ ଗୁରୁତର ଅଭିଯୋଗ ଉଠିଛି। ପରୀକ୍ଷାର କିଛିଘଣ୍ଟା ପୂର୍ବରୁ ପ୍ରଶ୍ନ ଓ ଉତ୍ତରର ଏକ ଭିଡିଓ ୟୁଟ୍ୟୁବ୍ ମାଧ୍ୟମରେ ଅପଲୋଡ୍ କରାଯାଇଥିବା ଦେଖିବାକୁ ମିଳିଛି। ଗତ ତିନିଦିନ ହେବ ନବମ ଶ୍ରେଣୀ ସମ୍ମେଟିଭ-୧ ଆରମ୍ଭ ହୋଇଛି। ଇଂଲିଶ, ସାହିତ୍ୟ ବିଷୟରେ ପରୀକ୍ଷା ଶେଷ ହୋଇଥିବାବେଳେ ଶନିବାର ସଂସ୍କୃତ ଓ ହିନ୍ଦୀ ପରୀକ୍ଷା ଥିଲା। ତେବେ ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପୂର୍ବରୁ ୟୁଟ୍ୟୁବ୍‌ରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଏପରିକି ଉକ୍ତ ପ୍ରଶ୍ନର ଉତ୍ତର କ’ଣ ରହିବ ତାହା ମଧ୍ୟ ଉକ୍ତ ଭିଡିଓରେ ଦର୍ଶାଯାଇଥିଲା। ଏହା ଜଣାପଡିବା ପରେ ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶ୍ନପତ୍ର କିପରି ବାହାରକୁ ଆସିଲା ତାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଏ ବିଷୟରେ ଆମେ ଅବଗତ ଅଛୁ। ୟୁଟ୍ୟୁବ୍ ମାଧ୍ୟମରେ ଏହା ତାଙ୍କ ନଜରକୁ ଆସିଛି। ତେବେ କେଉଁଠୁ ଏହି ପ୍ରଶ୍ନପତ୍ର ଭାଇରାଲ ହେଉଛି, ସେ ନେଇ ତଦନ୍ତ କରିବାକୁ ବୋର୍ଡ ସଭାପତି ରାମାଶିଷ ହାଜରାଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ପରୀକ୍ଷା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପ୍ରଶ୍ନପତ୍ର ପ୍ରସ୍ତୁତ କରେ। ତାହାକୁ ସିଲ୍ କରାଯାଇ ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲଗୁଡ଼ିକୁ ପଠାଯାଇଥାଏ। ପରୀକ୍ଷାର କିଛି ସମୟ ପୂର୍ବରୁ ସ୍କୁଲ କର୍ତ୍ତୃପକ୍ଷ ପ୍ରଶ୍ନପତ୍ର ସିଲ୍ ଖୋଲିଥାନ୍ତି। ଏ କ୍ଷେତ୍ରରେ ଗୋପନୀୟତା ଅବଲମ୍ବନ କରାଯାଇଥାଏ। ଏଭଳି ସ୍ଥିତିରେ ପ୍ରଶ୍ନପତ୍ର କିଭଳି ବାହାରକୁ ଗଲା ଏବଂ କିଏ ଭାଇରାଲ କଲେ, ତାକୁ ନେଇ ବୋର୍ଡ ଅଡୁଆରେ ପଡ଼ିଛି। ସବୁଠାରୁ ବଡ଼ କଥା ହେଲା, କେବଳ ସଂସ୍କୃତ ଓ ହିନ୍ଦୀ ନୁହେଁ, ଏହା ପୂର୍ବରୁ ଯେଉଁ ଦୁଇଟି ବିଷୟରେ ପରୀକ୍ଷା ହୋଇଥିଲା, ତା’ର ପ୍ରଶ୍ନପତ୍ର ମଧ୍ୟ ପରୀକ୍ଷା ପୂର୍ବରୁ ଭାଇରାଲ ହୋଇଥିଲା।


DSPL-247

# ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ବାର୍ତ୍ତା



### ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଓଡ଼ିଶା ସମେତ ଆମ ଦେଶର ସମସ୍ତ ରାଜ୍ୟରେ ଅକ୍ଟୋବର ୩୦ ତାରିଖକୁ ‘ବିଶ୍ୱ ମିତବ୍ୟୟିତା ଦିବସ’ ରୂପେ ଆମେ ପାଳନ କରି ଆସୁଛୁ । ଏହି ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଯୁଗରୁ ଆରମ୍ଭ କରି ସାମ୍ପ୍ରତିକ ସମୟରେ ବି ମନୁଷ୍ୟ ଜୀବନରେ ସଞ୍ଚୟର ଆବଶ୍ୟକତା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସୁଚିନ୍ତିତ, ଯୋଜନାବଦ୍ଧ ଓ ନିୟମିତ ସଞ୍ଚୟ, ଏକ ଆର୍ଥିକ ପାଣ୍ଠି ଗଠନ କରିବାରେ ବିଶେଷ ସହାୟକ ହୋଇଥାଏ । ପରବର୍ତ୍ତୀ ସମୟରେ ଏହି ସଞ୍ଚୟ ବ୍ୟକ୍ତିକୁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗୃହନିର୍ମାଣ, କନ୍ୟାବିବାହ ଭଳି ପ୍ରମୁଖ ଅତ୍ୟାବଶ୍ୟକ କାର୍ଯ୍ୟ ସମାପନ ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇ ଦେଇଥାଏ ।

ସମାଜର ପ୍ରତ୍ୟେକ ବର୍ଗଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡିକ ପ୍ରଣୟନ କରାଯାଇଅଛି । ଏହି ଯୋଜନାଗୁଡ଼ିକ ମାଧ୍ୟମରେ ନିଜର କଷ୍ଟୋପାର୍ଜିତ ଅର୍ଥ ରାଶିର କିଛି ଅଂଶ ବିନିଯୋଗ କରି ଜନସାଧାରଣ ନିଜର ଭବିଷ୍ୟତର ଆର୍ଥିକ ସ୍ଥିତିକୁ ସୁରକ୍ଷିତ କରିବେ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

ଆର୍ଥିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଅପବ୍ୟୟ ପରିହାର ମିତବ୍ୟୟିତା ଅବଲମ୍ବନ ଓ ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା ଆଜିର ଦିବସରେ ଆମ ସମସ୍ତଙ୍କର ସଙ୍କଳ୍ପ ହେଉ ।

‘ବିଶ୍ୱ ମିତବ୍ୟୟିତା ଦିବସ’ ପାଳନର ଉଦ୍ଦେଶ୍ୟ ସାଧନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ ଆଶା କରିବା ସହିତ ମୁଁ ସମସ୍ତ ରାଜ୍ୟବାସୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ଗଣେଶୀ ଲାଲ)



### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆଜି ‘ବିଶ୍ୱ ମିତବ୍ୟୟିତା ଦିବସ’ ସମଗ୍ର ବିଶ୍ୱରେ ପାଳିତ ହେଉଛି । ଆମ ପାଇଁ ଉପଲବ୍ଧ ଅର୍ଥର ମିତବ୍ୟୟୀ ବିନିଯୋଗ ଉପରେ ଗୁରୁତ୍ୱାରୋପ କରିବା ହେଉଛି ଏହି ଦିବସର ମହତ୍ତ୍ୱ ।

ମିତବ୍ୟୟିତା ଆର୍ଥିକ ପ୍ରଗତି ପାଇଁ ଅପରିହାର୍ଯ୍ୟ । ନିଜସ୍ୱ ସମ୍ବଳର ମିତବ୍ୟୟୀ ବିନିଯୋଗ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ସହିତ ସଞ୍ଚୟ ପାଇଁ ବାଟ ଫିଟାଇଥାଏ । ସଞ୍ଚୟ ବ୍ୟକ୍ତିର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହିତ ରାଜ୍ୟର ସାମଗ୍ରିକ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥାଏ । ଅର୍ଥ ଅପଚୟ ରୋକିବା ସହିତ ସଞ୍ଚୟ ଭବିଷ୍ୟତର ବିଭିନ୍ନ ଆବଶ୍ୟକତା ପୂରଣ କରିଥାଏ ଏବଂ ଯେ କୌଣସି ଜରୁରୀକାଳୀନ ଆବଶ୍ୟକତା ସମୟରେ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ଯୋଗାଇ ଦେଇଥାଏ ।

ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ଆମକୁ ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷା ଯୋଗାଇଥାନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଡାକଘର ଓ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସଞ୍ଚୟ ଯୋଜନାରେ ସଞ୍ଚୟ କରି ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହେବା ମିତବ୍ୟୟୀ ଅର୍ଥ ପରିଚାଳନାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନିଦର୍ଶନ ।

ରାଜ୍ୟ ସରକାରଙ୍କ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାରେ ଅଂଶ ଗ୍ରହଣ କରିବା ସହିତ ବିଭିନ୍ନ ସଞ୍ଚୟ ଯୋଜନା ମାଧ୍ୟମରେ ଅର୍ଥ ବିନିଯୋଗ କରି ନିଜର ତଥା ରାଜ୍ୟର ଆର୍ଥିକ ବିକାଶରେ ଭାଗୀଦାର ହେବା ପାଇଁ ମୁଁ ଏ ଅବସରରେ ସମସ୍ତଙ୍କୁ ଆହ୍ୱାନ କରୁଛି ଏବଂ ମିତବ୍ୟୟିତାକୁ ଏକ ଅଭ୍ୟାସରେ ପରିଣତ କରିବା ପାଇଁ ନିବେଦନ କରୁଛି ।

‘ବିଶ୍ୱ ମିତବ୍ୟୟିତା ଦିବସ’ ଅବସରରେ ରାଜ୍ୟବାସୀଙ୍କ ଆର୍ଥିକ ସମୃଦ୍ଧି କାମନା କରିବା ସହିତ ସମସ୍ତଙ୍କ ସହଯୋଗରେ ଏହି ଦିବସ ପାଳନର ମହତ୍ ଉଦ୍ଦେଶ୍ୟ ସାଧିତ ହେବ ବୋଲି ମୁଁ ଆଶା ପ୍ରକାଶ କରୁଛି ।

(ନବୀନ ପଟ୍ଟନାୟକ)



### ମାନ୍ୟବର ଅର୍ଥମନ୍ତ୍ରୀଙ୍କ ବାର୍ତ୍ତା

ଅକ୍ଟୋବର ୩୦ ତାରିଖ ‘ବିଶ୍ୱ ମିତବ୍ୟୟିତା ଦିବସ’ ପାଳନ ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ଯୋଜନାବଦ୍ଧ ଜୀବନଯାପନ କରିବା ଓ ଆଜିର ଆୟରୁ କାଲିର ଆବଶ୍ୟକତା ମେଣ୍ଟାଇବା ପାଇଁ, କିଛି ସଞ୍ଚୟ କରିବା ଆମ ସମସ୍ତଙ୍କ ପାଇଁ ଏକାନ୍ତ ଆବଶ୍ୟକ । ଦୈନନ୍ଦିନ ଜୀବନଶୈଳୀର ପ୍ରତ୍ୟେକ କ୍ଷେତ୍ରରେ ମିତବ୍ୟୟିତା ଅବଲମ୍ବନ କଲେ ଆମେ ନିଜ ତଥା ନିଜ ପରିବାରର ଭବିଷ୍ୟତ ପାଇଁ କିଛି ଅର୍ଥ ସଞ୍ଚୟ କରିପାରିବା ।

ବ୍ୟକ୍ତିର ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନା ଏକ ସରଳ ଏବଂ ପ୍ରକୃଷ୍ଟ ମାଧ୍ୟମ । ଏହାର ଆକର୍ଷଣୀୟ ସୁଧହାର ଏବଂ ବିଭିନ୍ନ ସୁରକ୍ଷିତ ଜମା ଯୋଜନାଗୁଡ଼ିକ ରାଜ୍ୟର ସମସ୍ତ ଡାକଘର ଓ ରାଷ୍ଟ୍ରାୟତ ବ୍ୟାଙ୍କ ଶାଖାମାନଙ୍କରେ ଉପଲବ୍ଧ । ସମସ୍ତ ରାଜ୍ୟବାସୀ ଏହି ଯୋଜନା ଗୁଡିକର ସଦୁପଯୋଗ କରି ବିଶେଷ ଭାବେ ଉପକୃତ ହେବେ ବୋଲି ମୁଁ ଆଶା କରୁଛି । ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧ୍ୟମରେ ରାଜ୍ୟର ସମସ୍ତ ଜନସାଧାରଣମାନଙ୍କ ପାଖରେ ଡାକଘର ଓ ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରଦତ୍ତ ଆର୍ଥିକ ସେବାଗୁଡ଼ିକୁ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କର ନିରନ୍ତର ପ୍ରୟାସ ଜାରି ରହିଛି ।

ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମିତବ୍ୟୟୀ ହେବା, ସଞ୍ଚୟ ମନୋଭାବ ପୋଷଣ କରିବା ସହିତ ଅଧିକ ସୁଧ ଆଶାରେ କୌଣସି ଅଣସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ଅର୍ଥ ବିନିଯୋଗ ନ କରିବା ପାଇଁ ମୋର ବିନମ୍ର ଅନୁରୋଧ ।

‘ବିଶ୍ୱ ମିତବ୍ୟୟିତା ଦିବସ’ ପାଳନ ଅବସରରେ ମୁଁ ଏହାର ସଫଳତା ଓ ସମସ୍ତ ରାଜ୍ୟବାସୀଙ୍କର ଆର୍ଥିକ ଅଭିବୃଦ୍ଧି କାମନା କରୁଅଛି ।

(ନିରଞ୍ଜନ ପୂଜାରୀ)

OIPR-05001/13/0017/2223


# ପ୍ରସ୍ତୁତ ହେବ ଚିଠା ଯୋଜନା

## ଅଣସଂଗଠିତ କ୍ଷେତ୍ର ମୋଟର କର୍ମଚାରୀଙ୍କ କଲ୍ୟାଣ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ମୋଟର ଚାଳକ ଏବଂ ମୋଟର କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ବିଭିନ୍ନ ଘରୋଇ ଓ ଅଣସଂଗଠିତ ପରିବହନ ସଂସ୍ଥା ପ୍ରଭୃତିରେ କାମ କରୁଥିବା ଚାଳକ ଓ କର୍ମଚାରୀମାନଙ୍କର ସଂଖ୍ୟା ଆକଳନ କରାଯିବ। ମୋଟର କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ପ୍ରଚଳିତ ପୁରୁଣା ନିୟାମକରେ ଆବଶ୍ୟକ ସଂଶୋଧନ ଆଣିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଆଇନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ ମିଳିତ ଭାବେ ପ୍ରସ୍ତାବ ସହ ସମ୍ପୃକ୍ତ ଆଇନଗତ, ପ୍ରଶାସନିକ ଏବଂ ଆର୍ଥିକ ଦିଗକୁ ଅନୁଧ୍ୟାନ କରି ଆସନ୍ତା ଏକ ସପ୍ତାହ ମଧ୍ୟରେ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଶନିବାର ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ଲୋକସେବା ଭବନ ସଭାଗୃହରେ ଆୟୋଜିତ ଏହି ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏ ସମ୍ବନ୍ଧିତ ଆର୍ଥିକ ଓ ଆଇନଗତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ବୈଠକରେ ଉପସ୍ଥିତ ପ୍ରସ୍ତାବଗୁଡ଼ିକୁ ବିଚାରକରି ମୋଟର କର୍ମଚାରୀ କଲ୍ୟାଣ ସାମଗ୍ରିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପରିବହନ ଆୟୁକ୍ତ ଅରୁଣ ବୋଥ୍ରାଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ଶ୍ରମ ଓ କର୍ମଚାରୀ ରାଜ୍ୟ-ବୀମା ବିଭାଗ ଶାସନ ସଚିବ ଚିତ୍ରା ଅରୁମୁଗମ୍, ଶ୍ରମ ଆୟୁକ୍ତ ଡାକ୍ତର ଥିରୁମାଲା ନାୟକ ମଧ୍ୟ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


WE MAKE IT HAPPEN

HCG PANDA CANCER HOSPITAL
adding life to years

YOUR BEST PROTECTION IS IN EARLY DETECTION.
Guide for Monthly Self Breast Examination.




Connect With The Specialist Today.

HCG PANDA CANCER HOSPITAL, CUTTACK
63588 88824 / 0671-7116 999

Comprehensive Oncology Services
Medical Oncology | Surgical Oncology
Radiation Oncology | PET-CT | Daycare with Chemotherapy | Multi-Disciplinary Approach

NH-16, Telengapentha
Cuttack, Odisha - 754001
www.hcgoncology.com

ODISHA ADARSHA VIDYALAYA, GONDHIPALLY, MALKANGIRI
DIST.: MALKANGIRI, ODISHA, PIN CODE- 764045
Email: oavgondhipally@gmail.com, Contact No.: 7077270403, 9090216331
Advertisement No.1/2022, Dt.29.10.2022

WALK-IN-INTERVIEW

A Walk-in-interview will be conducted in the vidyalaya premises on Dt.05.11.2022, at 11.00 A.M. to fill up the vacant posts of PGT-CHEMISTRY, PGT-ENGLISH & TGT-ENGLISH (01 post for each) purely on part time contractual basis for the rest period of the Academic Session 2022-23 or till the joining of regular teacher whichever is earlier. The interested candidates below 65 years of age can attend the interview with their complete biodata and all original certificates along with the photocopies of the same. For further details (Qualification, Age, Remuneration etc.), please visit: www.malkangiri.nic.in

Sd./- PRINCIPAL, OAV, Gondhipally, Malkangiri



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ, ଜଣେ ଗୁରୁତର

ପିପିଲି,୨୯।୧୦(ସ୍ୱ.ପ୍ର.): ପିପିଲି ଥାନା ଅନ୍ତର୍ଗତ ସିରିଆପୁର ଗ୍ରାମ ନିକଟସ୍ଥ ଏକ ପୋଖରୀରେ ବୁଡ଼ି ଶନିବାର ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସିରିଆପୁରର ସିଲୁ ବେହେରାଙ୍କ ପୁଅ ଚିକୁନ୍ (୩)। ସୂଚନା ଅନୁଯାୟୀ, ଚିକୁନ୍ ଏବଂ ତାଙ୍କ ବଡ ବାପାଙ୍କ ପୁଅ ଲିକୁନ୍(୫) ଅପରାହ୍ନରେ ଖେଳୁଥିବା ସମୟରେ ଘର ବାରିପଟେ ଥିବା ପୋଖରୀରେ ଖସି ପଡ଼ିଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ଦୁହିଁଙ୍କୁ ପୋଖରୀରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ପିପିଲି ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଚିକୁନ୍‌ଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଲିକୁନ୍ ଚିକିତ୍ସାଧୀନ ଥିବା ଡାକ୍ତର କହିଛନ୍ତି। ଚିକୁନଙ୍କ ମୃତ୍ୟୁ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ମାଛ ଧରିବାବେଳେ ହାତ କଟି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ଗୋପ/କୋଣାର୍କ, ୨୯।୧୦(ଡି.ଏନ୍.ଏ.): କୋଣାର୍କ ଚନ୍ଦ୍ରଭାଗା କୂଳ ନିକଟ ବଙ୍ଗୋପସାଗରରେ ଟ୍ରଲରରେ ମାଛ ଧରୁଥିବା ସମୟରେ ଟ୍ରଲର ଫ୍ୟାନ୍‌ରେ ହାତ କଟି ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ଅନ୍ତର୍ଗତ ପୋଢୁଆଁ ଗାଁର ନରେନ୍ଦ୍ର ମଲ୍ଲିକ। ଏନେଇ ଚନ୍ଦ୍ରଭାଗା ମେରାଇନ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସୂଚନା ମୁତାବକ, ଉକ୍ତ ଟ୍ରଲରଟି ପାରାଦୀପରୁ ଆସି କୋଣାର୍କ ଚନ୍ଦ୍ରଭାଗା କୂଳ ନିକଟରେ ମାଛ ଧରୁଥିଲା। ସେଥିରେ ୯ଜଣ ମାଛ ଧରାଳି ଉପସ୍ଥିତ ଥିଲେ। ନରେନ୍ଦ୍ର ମାଛ ଧରୁଥିବାବେଳେ ଅସାବଧାନତା କାରଣରୁ ଟ୍ରଲରର ଫ୍ୟାନରେ ତାଙ୍କ ବାମ ହାତ ପଶି କଟିଯାଇଥିଲା। ଅନ୍ୟ ସାଥୀମାନେ ତାଙ୍କୁ ଉଦ୍ଧାର କରି କୋଣାର୍କ ତେଲୁଗୁ ବସ୍ତି ଲୋକଙ୍କ ସାହାଯ୍ୟରେ କୋଣାର୍କ ପରେ ଗୋପ ମେଡିକାଲକୁ ନେଇଥିଲେ। ସେଠାରେ ଡା. ଶିବ ପ୍ରସାଦ ମଙ୍ଗରାଜ ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରେ ନରେନ୍ଦ୍ରଙ୍କ ପରିବାର ଓ ଟ୍ରଲର ମାଲିକ ପହଞ୍ଚିବାରେ ସେମାନଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ମେରାଇନ ଥାନା ଅଧିକାରୀ ରବୀନ୍ଦ୍ର ସେଠୀ କହିଛନ୍ତି। ଏଠାରେ ପ୍ରକାଶ ଯେ, ବର୍ଷ ବର୍ଷ ଧରି ବେଆଇନ ଭାବରେ ଚନ୍ଦ୍ରଭାଗା ସମୁଦ୍ର କୂଳରେ ଶହ ଶହ ଟ୍ରଲର ମାଛ ଧରୁଥିବା ଭଳି ଅଭିଯୋଗ ହୋଇଆସୁଛି। ହେଲେ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏପରି ବେଆଇନ ଟ୍ରଲର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ପଞ୍ଚାମୁଣ୍ଡାଇ କେନାଲରେ ୧୦୦ ଫୁଟ୍‌ର ଘାଇ

ମାହାଙ୍ଗା, ୨୯।୧୦(ସ୍ୱ.ପ୍ର): ମାହାଙ୍ଗା ବ୍ଲକ ପଞ୍ଚାମୁଣ୍ଡାଇ କେନାଲ ବନ୍ଧ କୁଆଁପାଳ-ଗୋପୀନାଥପୁର ପୂର୍ତ୍ତ ରାସ୍ତାର ତ୍ରିବେଣୀଶ୍ୱର ବଜାରଠାରେ ଶହେ ଫୁଟ୍‌ରୁ ଊର୍ଦ୍ଧ୍ୱ ଲମ୍ବର ଘାଇ ସୃଷ୍ଟି ହୋଇଛି। ପାଣିର ପ୍ରଖର ସ୍ରୋତରେ ବନ୍ଧ ପାର୍ଶ୍ୱରେ ଥିବା ଦୁଇ ମହଲା କୋଠା ଭାଙ୍ଗିରୁଜି ଯାଇଥିବା ବେଳେ ସେଠାରେ ଥିବା ୬ଟି ଦୋକାନ ଭାସିଯାଇ ବିରୂପା ନଦୀରେ ଲୀନ ହୋଇଯାଇଛି। ଘାଇ ହେବା ଦ୍ୱାରା ତ୍ରିବେଣୀଶ୍ୱରଠାରୁ ପଞ୍ଚାମୁଣ୍ଡାଇ ପର୍ଯ୍ୟନ୍ତ ଗମନାଗମନ ଠପ୍ ହୋଇଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ବନ୍ଧ ମରାମତି ଆରମ୍ଭ ହୋଇଛି।

# ଏଏସ୍‌ଆଇ କାର୍ଯ୍ୟ ନେଇ ସେବାୟତ ଖପ୍ପା

**ପୁରୀ ଅଫିସ,୨୯।୧୦**

ଗତ କିଛିଦିନ ତଳେ ଶ୍ରୀମନ୍ଦିର ଭିତରୁ ପଥର ଖସିଥିଲା। ଏହି ଘଟଣା ବିଷୟରେ ସେବାୟତମାନେ ଏଏସ୍‌ଆଇକୁ ଜଣାଇଥିଲେ। ହେଲେ ଏଏସ୍‌ଆଇ ପକ୍ଷରୁ କୌଣସି ଅନୁଧ୍ୟାନ କରା ନ ଯିବାରୁ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରୁଥିଲା। କିନ୍ତୁ କଥା ପ୍ରଚାର ହେବା ସହ ଲୋକଲୋଚନକୁ ଆସିବା ପରେ ଏବେ ଶ୍ରୀମନ୍ଦିରରୁ ପଥର ଖସିଥିବା କଥା ଶ୍ରୀମନ୍ଦିର ପ୍ରଶାସନ ସ୍ୱୀକାର କରିଥିଲା। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ଜଗମୋହନ ଦକ୍ଷିଣ ପୂର୍ବ ଦିଗରୁ ଗତ ରବିବାର ପଥର ଖସିଥିଲା। ବେହେରଣ ଦ୍ୱାର ଓ ମୁଦିଲି ଦ୍ୱାର ମଝିରେ ଥିବା ଚର୍ଚ୍ଚା ନିକଟରେ ଏକ ବଡ଼ ପଥର ଖଣ୍ଡ ଖସିଥିଲା। ତେବେ ଉକ୍ତ ସ୍ଥାନରେ ଚଳପ୍ରଚଳ କମ ଥିବାରୁ କାହାରି କ୍ଷତି ହୋଇନାହିଁ। ଖସିପଡିଥିବା ପଥରଟି ପ୍ରାୟ ୧ରୁ ଦେଢ଼ଫୁଟ ଭଳି ହେବ ବୋଲି ଅନୁମାନ କରାଯାଉଛି।

ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଗତ ୨୩ ତାରିଖରେ ଶ୍ରୀମନ୍ଦିର ମାଜଣାମଣ୍ଡପ ନିକଟରେ ଥିବା ଚର୍ଚ୍ଚା ଘର ପାଖରେ ଏକ ପଥର ଖସିଥିଲା। ଖସିଥିବା ପଥରଟିକୁ ଶ୍ରୀମନ୍ଦିର ସୁପରଭାଇଜରଙ୍କ ଜରିଆରେ ଏଏସ୍‌ଆଇ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଛି। ଜଗମୋହନର ବାହାରପଟୁ ପଥରଟା ଖସିଛି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପ୍ରଶାସକ ଏଏସ୍‌ଆଇକୁ ଅବଗତ କରିବା ସହ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଏସ୍‌ଆଇ ଅନୁଧ୍ୟାନ କରି ପଥର କାହିଁକି ଖସୁଛି ତାହାର ତର୍ଜମା କରି କାର୍ଯ୍ୟ କରିବ। ଏଏସ୍‌ଆଇ ସହ ଶ୍ରୀମନ୍ଦିର ପରିଚାଳନା ବୈଠକରେ ଆଲୋଚନା କରାଯାଉଛି। ସେହିପରି ଶ୍ରୀମନ୍ଦିରର ଯେଉଁ ସ୍ଥାନରେ

**ଶ୍ରୀମନ୍ଦିରର ପଥର ଖସିବା ପ୍ରସଙ୍ଗ**



**ଆବଶ୍ୟକ ମରାମତି ପାଇଁ ୫ ବର୍ଷୀଆ ପ୍ଲାନ ପ୍ରସ୍ତୁତ**

ପାଣି ଗଳୁଥିଲା ତାହାର ମରାମତି କରାଯାଇଛି ଓ ଆଉ କେଉଁ ସ୍ଥାନରେ ପାଣି ଗଳୁଛି, ତାହାର ମଧ୍ୟ ଅନୁଧ୍ୟାନ କରାଯାଇ ମରାମତି କରାଯିବ ବୋଲି ଜେନା କହିଛନ୍ତି। ଅନ୍ୟପଟେ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଓ ମରାମତି ଦାୟିତ୍ୱରେ ଥିବା ଏଏସ୍‌ଆଇ ଚରମ ଅବହେଳା କରୁଛି। କିଛିଦିନ ତଳେ ଶ୍ରୀମନ୍ଦିର ରତ୍ନସିଂହାସନ ଶ୍ରୀବଳଭଦ୍ରଙ୍କ ପଛପାର୍ଶ୍ୱରୁ ଚୂନ ପ୍ଲାଷ୍ଟର ଖସିଥିଲା। ଏବେ ପୁଣି ଶ୍ରୀମନ୍ଦିର ଚର୍ଚ୍ଚା ଘର ବାହାରପଟେ ପଥର ଖସିଛି। ଘଟଣାକୁ ଅନେକ ଦିନ ବିତିଯାଇଥିଲେ ମଧ୍ୟ ଏଏସ୍‌ଆଇ ଏଯାଏ ଅନୁଧ୍ୟାନ କରିନାହିଁ। ଯେଉଁଠି ପଥର ଖସୁଛି ସେଇଠି କାରୁକାର୍ଯ୍ୟ ପଥର ଲଗାଇବା ପରିବର୍ତ୍ତେ ଧଳାପଥର ଲଗାଇଦେଇଛି। ରାଜ୍ୟରେ ବହୁତ କୁଶଳି କାରିଗର ଅଛନ୍ତି। ତେଣୁ ଏଏସ୍‌ଆଇ ଯଦି କାର୍ଯ୍ୟରେ ଅବହେଳା କରୁଛି, ତେବେ ତା'କୁ ସରକାର ତୁରନ୍ତ ବାହାର କରିଦେବା ଆବଶ୍ୟକ। ଶ୍ରୀମନ୍ଦିର ଘଟୁଆ ସେବକ ତଥା ପୂର୍ବତନ ନଗରପାଳ ଗୌରହରି ପ୍ରଧାନ କହିଛନ୍ତି, ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ କ୍ଷେତ୍ରରେ ଛତିଶା ନିଯୋଗ, ପରିଚାଳନା କମିଟି ଆଦି ବୈଠକରେ ବାରମ୍ବାର ଏନେଇ ଉଦ୍‌ବେଗ ପ୍ରକାଶ କରାଯାଇ ଏଏସ୍‌ଆଇକୁ ଜଣାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଏପରି କାର୍ଯ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଏସ୍‌ଆଇକୁ ତୁରନ୍ତ ଶ୍ରୀମନ୍ଦିର ଦାୟିତ୍ୱରୁ ନିବୃତ୍ତ କରନ୍ତୁ। ଅନ୍ୟପଟେ ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ସଦସ୍ୟ ଡ. ଏନ୍.ସି.ପାଲ୍ କହିଛନ୍ତି, ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ବାରମ୍ବାର ଅନୁଧ୍ୟାନ କରି ଆବଶ୍ୟକ ମରାମତି ଓ ପଦକ୍ଷେପ ନେବାକୁ ଏଏସ୍‌ଆଇକୁ କହିଛି। ଶ୍ରୀମନ୍ଦିର ପରିଚାଳନା କମିଟି ମଧ୍ୟ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସରିବାକୁ କହିଛି। ଏଏସ୍‌ଆଇକୁ ଖସିଥିବା ପଥର ହସ୍ତାନ୍ତର କରାଯାଇଥିବାରୁ ତାହାକୁ ସେମାନେ ଅନୁଧ୍ୟାନ କରୁଛନ୍ତି। ଅପରପକ୍ଷେ ଶ୍ରୀମନ୍ଦିର ନାଟମଣ୍ଡପ ଓ ପାର୍ଶ୍ୱ ଦେବଦେବୀ ମନ୍ଦିରରେ ଆବଶ୍ୟକ ମରାମତି ପାଇଁ ୫ ବର୍ଷୀୟା ପ୍ଲାନ୍ ପ୍ରସ୍ତୁତ କରାଯାଇଛି ବୋଲି ଡ. ପାଲ ସୂଚନା ଦେଇଛନ୍ତି।

## ହେତୁବାଦୀ ସଙ୍ଗଠନ ବିରୋଧରେ ଏତଲା

**ସୂର୍ଯ୍ୟୋପରାଗରେ ଚିକେନ ବିରିୟାନୀ ଖାଇବା ଘଟଣା**

**କଟକ ଅଫିସ, ୨୯।୧୦**

ସୂର୍ଯ୍ୟପରାଗ ଦିନ ହେତୁବାଦୀ ସଙ୍ଗଠନ କାର୍ଯ୍ୟକର୍ତ୍ତାମାନେ ଚିକେନ ବିରିୟାନୀ ଖାଇବାକୁ ନେଇ ବିଭିନ୍ନ ମହଲାରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ରାଜ୍ୟର ବିଭିନ୍ନ ଥାନାରେ ଏତଲା ଦିଆଯାଇଛି। ଉକ୍ତ ଘଟଣାକୁ ନେଇ ଦୈବଜ୍ଞ ବ୍ରାହ୍ମଣ ସଂଘ କଟକ ପକ୍ଷରୁ ହେତୁବାଦୀ ସଙ୍ଗଠନ ବିରୋଧରେ କଟକ ଡିସିପିଙ୍କ ନିକଟରେ ଶନିବାର ଏତଲା ଦିଆଯାଇଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି। ଏତଲାରେ ଦର୍ଶାଯାଇଛି, ଗତ ୨୫ ତାରିଖ ସୂର୍ଯ୍ୟପରାଗ ଦିନ ସାରା ରାଜ୍ୟରେ ଲୋକମାନେ ହିନ୍ଦୁ ଶାସ୍ତ୍ର ଏବଂ ଜ୍ୟୋତିର୍ବିଦ ପଣ୍ଡିତଙ୍କ ଦ୍ୱାରା ସ୍ଥିରୀକୃତ ନୀତିନିର୍ଘଣ୍ଟ ସମୟାନୁସାରେ ଦେବନୀତି ଏବଂ ପାକ ନୀତି ପାଳନ କରିଥିଲେ। ହେଲେ ହେତୁବାଦୀ ସଙ୍ଗଠନର କାର୍ଯ୍ୟକର୍ତ୍ତା ପ୍ରତାପ ରଥ, ଦେବେନ୍ଦ୍ର ସୂତାର ଏବଂ ଅନ୍ୟ ସଦସ୍ୟମାନେ ଜ୍ୟୋତିଷ ଶାସ୍ତ୍ର ବିଷୟରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଉକ୍ତ ଦିନ ସର୍ବସାଧାରଣ ସ୍ଥାନରେ ଚିକେନ ବିରିୟାନୀ ଖାଇଥିଲେ। ଏପରି କି ହିନ୍ଦୁ ଧର୍ମ ବିରୋଧରେ ଅପପ୍ରଚାର କରିଥିଲେ। ଆଗାମୀ ଚନ୍ଦ୍ରଗ୍ରହଣ ଦିନ ସେମାନେ ଏହାର ପୁନରାବୃତ୍ତି କରିବେ ବୋଲି ପ୍ରଚାର କରୁଛନ୍ତି। ଉକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା କରାଯାଉଥିବା ଅଶୋଭନୀୟ କାର୍ଯ୍ୟକ୍ରମ ହିନ୍ଦୁ ସମାଜ, ଜ୍ୟୋତିଷ ଶାସ୍ତ୍ର ପ୍ରତି ଘୋର ଅପମାନ। ତେଣୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରାଯାଇ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଏତଲାରେ ଉଲ୍ଲେଖ ରହିଛି। ସଂଘ ସଭାପତି ମନୋରଞ୍ଜନ ନାୟକ ଓ ସାଧାରଣ ସମ୍ପାଦକ ବିନୋଦ କୁମାର ପ୍ରମୁଖ ଉକ୍ତ ଏତଲା ପ୍ରଦାନ କରିଥିଲେ।



ତ୍ରିଧାରା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ପ୍ରକୃତ ତଥ୍ୟ ନଜାଣି ବିଭ୍ରାନ୍ତି କରାଯାଉଛି

**ମୁଖ୍ୟ ବିଚାରପତି, ୫-ଟି ସଚିବଙ୍କ ଫଟୋ ଚର୍ଚ୍ଚା ପ୍ରସଙ୍ଗ**

**କଟକ ଅଫିସ,୨୯।୧୦**

ହାଇକୋର୍ଟର ମୁଖ୍ୟ ବିଚାରପତି ଓ ରାଜ୍ୟ ସରକାରଙ୍କ ୫ଟି ସଚିବଙ୍କ ଏକ ଫଟୋକୁ ନେଇ ସୋସିଆଲ ମିଡିଆରେ ଚାଲିଥିବା ଚର୍ଚ୍ଚାକୁ ହାଇକୋର୍ଟ ରେଜିଷ୍ଟ୍ରାର ପକ୍ଷରୁ ଖଣ୍ଡନ କରାଯାଇଛି। ଏହାକୁ ଏକ ଭିତ୍ତିହୀନ ତଥା ଅପଚର୍ଚ୍ଚା ପ୍ରସଙ୍ଗ ଭାବେ ଅଭିହିତ କରାଯାଇଛି। ଏକ ପୁରୁଣା ଫଟୋକୁ ନେଇ ଅଯଥା ରଞ୍ଜିତ କରାଯାଇ ହାଇକୋର୍ଟ ଭଳି ବିଚାରବ୍ୟବସ୍ଥାର ଏକ ପବିତ୍ର ଅନୁଷ୍ଠାନକୁ ନିନ୍ଦିତ କରିବାର ପ୍ରୟାସ କରାଯାଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ବୋଲି ରେଜିଷ୍ଟ୍ରାର ପକ୍ଷରୁ କୁହାଯାଇଛି। ହାଇକୋର୍ଟରେ ଓକିଲାତି କରୁଥିବା ଜଣେ ଆଇନଜୀବୀ ପ୍ରକୃତ ତଥ୍ୟ ନ ଜାଣି ବିଭ୍ରାନ୍ତି କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଏକ ଫଟୋ ପ୍ରକାଶ କରି ସେଥିରେ ମିଥ୍ୟା କଥା ସବୁ ଉଲ୍ଲେଖ କରିଛନ୍ତି। ଉକ୍ତ ଫଟୋଗ୍ରାଫରେ ହାଇକୋର୍ଟର ମୁଖ୍ୟ ବିଚାରପତି ଏକ ଟେବୁଲରେ ଅର୍ଦ୍ଧବୃତ୍ତାକାର ଭାବେ ୪ଜଣ ବ୍ୟକ୍ତିଙ୍କ ସହ ବସିଛନ୍ତି। ସେଥିରେ ତନ୍ମଧ୍ୟରୁ ମୁଖ୍ୟ ବ୍ୟକ୍ତିଙ୍କ ସହ କଥା ହେଉଛନ୍ତି। ମୁଖ୍ୟ ବ୍ୟକ୍ତି ଜଣକ ହେଲେ ଶ୍ରୀ ସତ୍ୟସାଇ ହାର୍ଟ ହସ୍‌ପିଟାଲର ମ୍ୟାନେଜିଂ ଟ୍ରଷ୍ଟି ମନୋଜ ଭିମାନି। ଅନ୍ୟ ତିନି ଜଣ ହେଉଛନ୍ତି ଉକ୍ତ ହସ୍‌ପିଟାଲର ଡାକ୍ତର। ଏମାନଙ୍କ ବ୍ୟତୀତ ରାଜ୍ୟ ସରକାରଙ୍କ ୫ଟି ସଚିବ ଭି. କେ. ପାଣ୍ଡିଆନ ମଧ୍ୟ କିଛି ଦୂରରେ ଅଛନ୍ତି। ଏହି ଫଟୋଟି ୨୦୨୨ ମାର୍ଚ୍ଚ ୧୨ ତାରିଖ ଭୁବନେଶ୍ୱର ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଭିମାନିଙ୍କ ନେତୃତ୍ୱରେ ହେବାକୁ ଥିବା ୩ ଦିନିଆ ନିଃଶୁଳ୍କ ହୃଦ୍‌ରୋଗ ଚିକିତ୍ସା ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟର ବିଚାରପତି ଏମ. ଆର. ଶାହ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍ ମୁରଲିଧର ଯୋଗଦେଇଥିଲେ। ଏଥିସହ ଉକ୍ତ ମେଗା ଶିବିର ରାଜ୍ୟ ସରକାରଙ୍କ ସହଯୋଗରେ ହେଉଥିବାରୁ ୫ଟି ସଚିବ ଭି. କେ. ପାଣ୍ଡିଆନ ମଧ୍ୟ ସେଠାକୁ ନିମନ୍ତ୍ରିତ ହୋଇ ଯାଇଥିଲେ। ବିଚାରପତି ଶାହ ପୁରୀରୁ ଆସୁଥିବାରୁ ତାଙ୍କୁ ଅପେକ୍ଷା କରି ଅନ୍ୟ ଅତିଥିମାନେ ସେଠାରେ ଉପସ୍ଥିତ ଥିବା ସମୟରେ ଫଟୋଟି ଉଠାଯାଇଥିଲା। ତେଣୁ ମୁଖ୍ୟ ବିଚାରପତି ଓ ପାଣ୍ଡିଆନଙ୍କ ମଧ୍ୟରେ ତାହା କୌଣସି ରୁଦ୍ଧଦ୍ୱାର ବୈଠକ କିମ୍ବା ବ୍ୟକ୍ତିଗତ ବୈଠକ ନ ଥିଲା ବୋଲି ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ କୁହାଯାଇଛି।

## ଡ୍ରିମ୍ସରେ ଅଭିମୁଖୀକରଣ କାର୍ଯ୍ୟକ୍ରମ 'ଅଭ୍ୟୁଦୟ'

**କଟକ ଅଫିସ,୨୯।୧୦**

ଡ୍ରିମ୍ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟରେ ନବାଗତ ବିଦ୍ୟାର୍ଥୀଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ 'ଅଭ୍ୟୁଦୟ' ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିଏସ୍‌ଏମ୍ ଟେକ୍ନୋଲୋଜିର ଅପରେସନାଲ ମୁଖ୍ୟ ଇଂ. ସୁବ୍ରତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ପ୍ରତିବଦ୍ଧତା, ସକରାତ୍ମକ ଭାବନା ଓ ନୂତନ ଦୃଷ୍ଟିଭଙ୍ଗୀ ସହ ଆଗକୁ ବଢ଼ିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର କହିଥିଲେ ଦେଶ ପାଇଁ ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରେଜିଷ୍ଟ୍ରାର ଡ. କଲ୍ୟାଣ ସାହୁ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ବିଦ୍ୟାର୍ଥୀମାନେ ସ୍ୱପ୍ନ ସାକାର ଲାଗି ପ୍ରଚେଷ୍ଟା ଜାରି ରଖିବାକୁ ମତ ଦେଇଥିଲେ। ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ ସ୍ୱାଗତ ଭାଷଣ, ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧ୍ୟାପିକା ରୋଜାଲିନ୍ ଦାସ ଧନ୍ୟବାଦ ଦେଇଥିଲେ। ଛାତ୍ରୀ ଶୁଭାଙ୍ଗୀ କର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ବାନ୍ଧିରଖିଲା ଓଡ଼ିଶୀ, କୁଚିପୁଡ଼ି

**ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)**

ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ୧୬ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କୁଚିପୁଡ଼ି ନୃତ୍ୟାଙ୍ଗନା ଦୀପିକା ରେଡ୍ଡି, ପାରାଦୀପ ଫସ୍‌ଫେଟ୍ ଲିମିଟେଡ଼ର ଅଧିକାରୀ ସୁଧିରଞ୍ଜନ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ଗୁରୁ ଦେବପ୍ରସାଦ ଦାସଙ୍କ ପୁତ୍ର ଶୁଭେନ୍ଦୁ ଦାସ ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ। ଓଡ଼ିଶୀ ଦଳଗତ, ଦ୍ୱୈତ୍ୟ ଓ ଏକକ ନୃତ୍ୟ ସହିତ କୁଚିପୁଡ଼ି ନୃତ୍ୟର ଏକ ସୁନ୍ଦର ମିଶ୍ରଣ ଦର୍ଶାକଙ୍କୁ ବାନ୍ଧି ରଖିଥିଲା। ପ୍ରଥମ ଉପସ୍ଥାପନାରେ ଜାପାନରୁ ଆସିଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ ଆୟାକ ସକିନା ଓ ମଞ୍ଜୁଙ୍କ ଦ୍ୱାରା ଦ୍ୱୈତ୍ୟ ଓଡ଼ିଶୀ ନୃତ୍ୟ 'ବସନ୍ତ ପଲ୍ଲବୀ' ପରିବେଷିତ ହୋଇଥିଲା। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ କେଲୁଚରଣ ମହାପାତ୍ର। ପରେ ଜାପାନର ହାନାମୋମିୟା ୟୁମିକୋ ଚଟନୀ ଗୀତଗୋବିନ୍ଦରୁ ଉଦ୍ଧୃତ ଅଷ୍ଟପଦୀ 'କୁରୁ ଯଦୁ ନନ୍ଦନ'କୁ ଏକକ ଓଡ଼ିଶୀ ନୃତ୍ୟର ତାଳେ ତାଳେ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ, ଯାହାର ସଙ୍ଗୀତ ସଂଯୋଜନା ପଣ୍ଡିତ ଭୁବନେଶ୍ୱର ମିଶ୍ର ଏବଂ ନୃତ୍ୟ ସଂରଚନା ଗୁରୁ କେଲୁଚରଣ ମହାପାତ୍ର କରିଥିଲେ। ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ଆକର୍ଷଣ ସାଜିଥିଲା ଦୀପିକା ରେଡ୍ଡୀଙ୍କ ଦଳଗତ କୁଚିପୁଡ଼ି ନୃତ୍ୟ। ସେମାନଙ୍କର ପ୍ରଥମ ଉପସ୍ଥାପନ ଥିଲା କୁଚିପୁଡ଼ି ବନ୍ଦନା ଯାହା ରାଗ ରାଗମାଳିକା ଓ ତାଳ ତାଳମାଳିକା ଉପରେ ନିବଦ୍ଧ ଥିଲା। ଏହା ଏକ ପାରମ୍ପରିକ କୁଚିପୁଡ଼ି ନୃତ୍ୟ ଶୈଳୀ ଯାହା ଏକ ଫୁଲର ମାଳ ସଦୃଶ ଏକତ୍ରିତ ହୋଇଥାଏ । ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା ଭଗବାନ ଗଣେଶଙ୍କ ଆହ୍ୱାନ ଯାହାର ସ୍ମରଣ ଦ୍ୱାରା ସମସ୍ତଙ୍କର ବାଧାବିଘ୍ନ ଦୂର ହୋଇଥାଏ। ପରବର୍ତ୍ତୀ ପ୍ରସ୍ତୁତିରେ ଜ୍ୟୋତିଶରମ ଏବଂ ତାଙ୍କ ଶେଷ ଉପସ୍ଥାପନରେ ଗୋଟିଏ ପିତଳ ଥାଳି ଉପରେ କୁଚିପୁଡ଼ି ନୃତ୍ୟ ପରିବେଷଣକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଏହିସବୁ ନୃତ୍ୟର ସଂରଚନା ଦୀପିକା ରେଡ୍ଡୀ ଏବଂ ସଙ୍ଗୀତ ସଂଯୋଜନା ଡି.ଏସ.ଭି ଶାସ୍ତ୍ରୀ କରିଥିଲେ। ଏହା ପରେ ଗୁରୁ ଦେବପ୍ରସାଦ ଦାସଙ୍କ ନାତୁଣୀ ବାଗ୍ମିଶ୍ରୀ ଦାସଙ୍କ ଦ୍ୱାରା ଓଡ଼ିଶୀ ଏକକ ନୃତ୍ୟ ଉପସ୍ଥାପିତ ହୋଇଥିଲା। ତାଙ୍କ ପ୍ରସ୍ତୁତିରେ ଥିଲା କବି ଭାଗୀରଥୀଙ୍କ ରଚନା 'ମୀନ ନୟନା କ୍ଷୀଣ ହେବନି ମୋ ବିନା।' ଏହି ନୃତ୍ୟ ସଂରଚନାରେ ଗୁରୁ ଗଜେନ୍ଦ୍ର ପଣ୍ଡା ରହିଥିଲେ। ପରେ ଲିଟି ମନୀଷାଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ। ଶେଷରେ କଟକ କଳା ବିକାଶ କେନ୍ଦ୍ରର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ଦ୍ୱାରା ଲିଖିତ ଅଭିନୟ ବିଘ୍ନ ବିନାଶନ ପଦ୍ମଶ୍ରୀ ଡ. ପ୍ରଫୁଲ୍ଲ କରଙ୍କ ସଙ୍ଗୀତ, ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ସଂଗୀତ ସଂଯୋଜନା ଏବଂ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡାଙ୍କ ନୃତ୍ୟ ସଂରଚନାରେ ଉପସ୍ଥାପିତ ହୋଇଥିଲା। ମାତା ପାର୍ବତୀଙ୍କ ବଚନ ରକ୍ଷା ପୂର୍ବକ ଗଣେଶ ନିଜ ପିତାଙ୍କ ସହିତ ଯୁଦ୍ଧକରି ପ୍ରାଣ ହରାଇବା ଓ ପରେ ହାତୀ ଛୁଆର ଶିର ଲଗାଇ ଶିବଙ୍କ ଦ୍ୱାରା ପୁନର୍ଜନ୍ମ ପାଇବାକୁ ନୃତ୍ୟନାଟିକା ମାଧ୍ୟମରେ କଳା ବିକାଶ କେନ୍ଦ୍ରର ଶିଳ୍ପୀମାନେ ସୁନ୍ଦର ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଡ଼. ଶ୍ରୀନିବାସ ଘଟୁଆରୀ ସଂଚାଳନା କରିଥିଲେ।





ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ପକ୍ଷରୁ ବିଦ୍ୟାଭବନ ପରିସରରେ ଶନିବାର ଅନୁଷ୍ଠିତ 'ନିର୍ଭୀକ ଓ ନିରପେକ୍ଷ ଆଲୋଚନାଚକ୍ର'ରେ ଉପସ୍ଥିତ ଅତିଥିମାନେ।

## ଧଉଳିରେ ଲାଇଟ୍ ଆଣ୍ଡ ଶୋ' ପାଇଁ ଟ୍ରାଏଲ

**ପୁରୁଣା ଭୁବନେଶ୍ୱର,୨୯।୧୦(ଡି.ଏନ୍.ଏ.)**

ବାତ୍ୟା 'ଫନୀ'ରେ ଶାନ୍ତସ୍ତୂପ ଧଉଳିରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ କାର୍ଯ୍ୟକ୍ରମ ପାଇଁ ଥିବା ଉପକରଣ ଭାଙ୍ଗିରୁଜି ଯାଇଥିଲା। ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓଟିଡିସି) ପକ୍ଷରୁ ଉପକରଣ ମରାମତି ପାଇଁ ଦୁଇ ବର୍ଷ ବିତିଯାଇଥିଲା। ୬ମାସ ପୂର୍ବେ ଏହାର କାର୍ଯ୍ୟ ଶେଷ ହୋଇଛି। ତେବେ ଶନିବାର ସନ୍ଧ୍ୟାରେ ଏହାକୁ କାର୍ଯ୍ୟକ୍ଷମ ତଥା ପୁନଃ ଚାଲୁ କରିବା ପାଇଁ ଟ୍ରାଏଲ କରାଯାଇଥିଲା। ଏଥିରେ କେତେଜଣ ପର୍ଯ୍ୟଟକ ଉପସ୍ଥିତ ଥିଲେ। ସୋମବାର ବନ୍ଦ ରହୁଥିବାରୁ ମଙ୍ଗଳବାରରୁ ଜନସାଧାରଣଙ୍କ ପାଇଁ ଟିକେଟ କରାଯାଇ ଚାଲୁ ହେବ।

## 'ସମକାଳୀନ ଭାରତୀୟ ଭାଷାର କବିତା' ଶୀର୍ଷକ ଜାତୀୟ ସମ୍ମାନ



**ଭୁବନେଶ୍ୱର, ୨୯।୧୦ (ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଜବାହାରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ଆଦିକବି ସାରଳା ଦାସ ଚେୟାର ଅଫ୍ ଷ୍ଟଡିଜ୍‌ର ମିଳିତ ଆନୁକୂଲ୍ୟରେ 'ସମକାଳୀନ ଭାରତୀୟ ଭାଷାର କବିତା' ଶୀର୍ଷକ ଜାତୀୟ ସମ୍ମାନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ମାନର ପ୍ରଥମ ଅଧିବେଶନରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଦିକବି ସାରଳା ଦାସ ଚେୟାର ଅଫ୍ ଷ୍ଟଡିଜ୍‌ର ଚେୟାର ପ୍ରଫେସର ଉଦୟନାଥ ସାହୁ, ଭାରତୀୟ ଭାଷା ଅଧ୍ୟୟନ କେନ୍ଦ୍ରର ଅଧ୍ୟକ୍ଷ ଓମ୍ ପ୍ରକାଶ ସିଂହ, ଜେ.ଏନ୍.ୟୁ ହିନ୍ଦୀ ବିଭାଗର ଡ. ମାଲଖାନ୍ ସିଂହ, ଓଡ଼ିଆ ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଭାରତୀୟ ସାହିତ୍ୟ ଓ କବିତା ଉପରେ କହିଥିଲେ। ଦ୍ୱିତୀୟ ଅଧିବେଶନରେ ଡ. ଦିଲୀପ କୁମାର ସ୍ୱାଇଁ, ଡ. ନାରାୟଣ ପଣ୍ଡା ଏବଂ ଡ. ସଂଘମିତ୍ର ଭଞ୍ଜ ବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର କୁମୁଦଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ତୃତୀୟ ଅଧିବେଶନରେ ଡ. ରୁଦ୍ରନାରାୟଣ ମହାପାତ୍ର ସଭାପତିତ୍ୱ କରିଥିବାବେଳେ, ମୁଖ୍ୟବକ୍ତା ଭାବେ ଡ. ସୁରେଶ ଚନ୍ଦ୍ର ରାଜହଂସ, ଡ. ମମତାରାଣୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନ୍‌ପା ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟବସାୟୀଙ୍କ ଘରୁ ୧୮.୫ ଲକ୍ଷ ଲୁଟ୍ ଘଟଣା, ୫ ଗିରଫ

**କଟକ ଅଫିସ,୨୯।୧୦**

କଟକ ମହାନଦୀ ବିହାରରେ ଘଟିଥିବା ଡକାୟତି ଘଟଣାରେ ଚାଉଳିଆଗଞ୍ଜ ପୋଲିସ ୫ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ପୂର୍ବ ସିଂହଭୂମ ଜିଲାର ଗଣେଶ ପ୍ରସାଦ ସୋନି, ବିଜୟ ପଟେଲ, ଦୀପକ ଝା, ଯାଜପୁର ଜିଲା ସଦାନନ୍ଦପୁରର ଚିତ୍ତରଞ୍ଜନ ମହାପାତ୍ର ଓ ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ସେଣ୍ଡତିରାର ତାପସ କୁମାର ଜେନା। ସେମାନଙ୍କଠାରୁ ୧ ଲକ୍ଷ ୭୮ ହଜାର ୫୦୦ ଟଙ୍କା, ୭ଟି ମୋବାଇଲ ଫୋନ୍, ଏକ କାର୍ ଓ ବାଇକ୍ ଜବତ କରାଯାଇଛି। ପୋଲିସ ତତ୍କାଳ ପଦକ୍ଷେପ ଯୋଗୁ ଏକ ଆନ୍ତରାଜ୍ୟ ଲୁଟେରା ଦଳକୁ ଧରାଯାଇ ପାରିଥିବା ଡିସିପି ପିନାକ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ମହାନଦୀ

**୧ ଲକ୍ଷ ୭୮ ହଜାର ୫୦୦ ଟଙ୍କା, ୭ ମୋବାଇଲ ଫୋନ୍, ଗାଡ଼ି ଜବତ**



ବିହାରର ବ୍ୟବସାୟୀ ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ ଘରୁ ଗତ ୨୧ ତାରିଖରେ ଡକାୟତି ହୋଇଥିଲା। ଉକ୍ତ ଦିନ ସକାଳ ୬ଟାରେ ସେ ଘରେ ଶୋଇଥିଲେ। ଏକ ଶବ୍ଦ ହେବାରୁ ସେ ଉଠିପଡ଼ିଥିଲେ। ଶୋଇବା ଘର ବାହାରକୁ ଆସି ଦେଖନ୍ତି ତ ୫ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ସ୍ତ୍ରୀଙ୍କ ହାତକୁ ବାନ୍ଧି ପକାଇଛନ୍ତି। ସେମାନେ ଦୀପ୍ତିରଞ୍ଜନଙ୍କୁ ଦେଖିବା କ୍ଷଣି ଏକ ପ୍ଲାଷ୍ଟିକ ପାଇପରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ଘରର ଅନ୍ୟ ଏକ କୋଠରିରେ ତାଙ୍କ ପୁଅ ସାଇକୁ ଟିଉସନ୍ ମିସ୍ ଜଲି ପଢ଼ାଉଥିଲେ। ସେମାନେ ଉକ୍ତ କୋଠରୀକୁ ଯାଇ ତାଙ୍କ ପୁଅ ଓ ମିସ୍‌ଙ୍କ ହାତକୁ ବାନ୍ଧି ପକାଇଥିଲେ। ଦୁର୍ବୃତ୍ତମାନେ ନିଜ ମୁହଁକୁ ବ୍ୟାଗ ଦ୍ୱାରା ଘୋଡ଼ାଇ ରଖିବା ସହ ହାତରେ ପିସ୍ତଲ ଓ ମାରଣାସ୍ତ୍ର ଧରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଦୀପ୍ତିରଞ୍ଜନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଓ ସୁନା ଦେବାକୁ କହିଥିଲେ। ଫଳରେ ତାଙ୍କ ସ୍ତ୍ରୀ ଭୟରେ ଆଲମିରା ଚାବି ତାଙ୍କୁ ଦେଇଥିଲେ। ପରେ ସେମାନେ ଆଲମିରା ଖୋଲି ସାଢ଼େ ୧୮ ଲକ୍ଷ ଟଙ୍କା ସମେତ ବହୁ ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିଲେ। ଦୁର୍ବୃତ୍ତମାନେ ଓଡ଼ିଆ ଓ ହିନ୍ଦି ଭାଷାରେ କଥା ହେଉଥିଲେ। ଏ ନେଇ ଦୀପ୍ତିରଞ୍ଜନ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ବିଭିନ୍ନ ତଥ୍ୟ ପ୍ରମାଣ, ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲା। ଦୀପ୍ତିରଞ୍ଜନଙ୍କ ପାଖରେ ଚିତ୍ତରଞ୍ଜନ ଚାକିରି କରିଥିଲେ। କୌଣସି କାରଣରୁ ସେ ତାଙ୍କୁ ଚାକିରିରୁ ବାହାର କରିଦେଇଥିଲେ। ଫଳରେ ସେ ପ୍ରତିଶୋଧ ପରାୟଣ ହୋଇ ଏଭଳି ଡକାୟତି ପାଇଁ ଯୋଜନା କରିଥିଲେ। ଏଥିପାଇଁ ସେ ରାଜ୍ୟ ବାହାରର ପେଶାଦାର ଅପରାଧୀଙ୍କ ସହ ଯୋଗଯୋଗ କରିଥିଲେ। ବାଦାମବାଡିରେ ଚିତ୍ତରଞ୍ଜନ ଘରଭଡା ନେଇ ରହୁଥିବାବେଳେ ଯୋଜନା ମୁତାବକ ଅଭିଯୁକ୍ତମାନଙ୍କୁ ଡକାଇଥିଲେ। ଲୁଟ୍ ପୂର୍ବରୁ ସେମାନେ ଦୀପ୍ତିରଞ୍ଜନଙ୍କ ଘର ନିକଟକୁ ଯାଇ ଡକାୟତି ପାଇଁ ବ୍ଲୁପ୍ରିଣ୍ଟ କରିଥିଲେ। ସକାଳ ସମୟରେ ଲୋକଙ୍କ ଗହଳି ନ ଥିବାରୁ ଲୁଟ୍ କରିବାକୁ ସହଜ ହେବ ବୋଲି ସେମାନେ ଚିନ୍ତା କରି ଯୋଜନାକୁ ସଫଳ ରୂପ ଦେଇଥିଲେ।

# ଅଧାରେ ବସ୍ତିବାସିନ୍ଦାଙ୍କ ଥଇଥାନ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)





ବସ୍ତି ପାଇଁ ସ୍ମାର୍ଟସିଟି ଭୁବନେଶ୍ୱରର ସୌନ୍ଦର୍ଯ୍ୟ ଓ ସ୍ୱଚ୍ଛତା ନଷ୍ଟ ହେଉଛି। ସହରର ସାମାଜିକ ସ୍ଥିତି ମଧ୍ୟ ବିଗୁଡୁଛି। ବସ୍ତିଗୁଡ଼ିକର ଉନ୍ନତୀକରଣ ସହ ସୁନ୍ଦର ତଥା ସ୍ମାର୍ଟ ଜୀବନଯାପନ ପାଇଁ ବସ୍ତିବାସିନ୍ଦାଙ୍କ ଥଇଥାନକୁ ଗୁରୁତ୍ୱ ଦେଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)।

ବ୍ୟବସ୍ଥିତ ଢଙ୍ଗରେ ବସ୍ତିବାସିନ୍ଦାଙ୍କୁ ବାସସ୍ଥାନ ଯୋଗାଇଦେବା ପ୍ରକ୍ରିୟା ଜାରି ରହିଛି। ଏଥିପାଇଁ ସହରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ), ରାଜୀବ ଆବାସ ଯୋଜନା(ରେ) ଏବଂ ଆଫୋର୍ଡେବଲ୍ ହାଉସିଂ ପ୍ରୋଜେକ୍ଟ (ଏଏଚ୍‌ପି)କୁ କାର୍ଯ୍ୟକାରୀ କରାଯାଇଛି। ହେଲେ ବସ୍ତିବାସିନ୍ଦାଙ୍କ ତୁଳନାରେ ବହୁ କମ୍ ପରିବାର ଏହି ଯୋଜନାରେ ସାମିଲ ହୋଇଥିବାବେଳେ ଅଧିକାଂଶ ପ୍ରକଳ୍ପ କାମ ଏଯାଏ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏପରି କି ଆଉ କେତେକ ପ୍ରକଳ୍ପ ନିର୍ମାଣ ସରିଥିଲେ ମଧ୍ୟ ବିଭିନ୍ନ କାରଣରୁ ବସ୍ତିବାସିନ୍ଦାଙ୍କୁ ଆବଣ୍ଟନ କରାଯାଇପାରୁନାହିଁ। ଫଳରେ ବସ୍ତିବାସିନ୍ଦାଙ୍କ ଥଇଥାନ ଯୋଜନା ଅଧାବାଟରେ ଅଟକି ରହିଛି।

ଭୁବନେଶ୍ୱରରେ ମୋଟ୍ ୪୫୮ଟି ବସ୍ତିରେ ୮୩ ହଜାର ୭୦୨ ପରିବାର ବାସ କରୁଛନ୍ତି। ତେବେ ଏଥିମଧ୍ୟରୁ ୧୧୬ଟି ସ୍ୱୀକୃତିପ୍ରାପ୍ତ ବସ୍ତିରେ ମୋଟ ୧୩ ହଜାର ୯୬୩ ପରିବାର ରହୁଥିବାବେଳେ ୩୨୦ଟି ଅଣସ୍ୱୀକୃତିପ୍ରାପ୍ତ ବସ୍ତିରେ ୬୬ ହଜାର ୭୦୨ ପରିବାର ବସବାସ କରୁଛନ୍ତି। ତେବେ ୨୦୧୯-୨୦ ବର୍ଷରେ ହୋଇଥିବା ସର୍ଭେ ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ) ଅନ୍ତର୍ଗତ ୨୨ଟି ନୂଆ ବସ୍ତି ଚିହ୍ନଟ କରାଯାଇଛି। ପୁଣି ଦିନକୁ ଦିନ ବେଆଇନ ବସ୍ତି ଗଢ଼ିଉଠୁଛି। ମହାନଗର ନିଗମାଞ୍ଚଳର ଉତ୍ତର ଜୋନ୍‌ରେ ସର୍ବାଧିକ ୧୬୨ ବସ୍ତି ରହିଥିବାବେଳେ ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ୧୬୧ ଓ ଦକ୍ଷିଣ-ପୂର୍ବ ଜୋନରେ ୧୩୫ଟି ବସ୍ତି ରହିଛି। ହେଲେ ବିଭିନ୍ନ ହାଉସିଂ ପ୍ରୋଜେକ୍ଟ ଅଧୀନରେ ମାତ୍ର ୫୪ଟି ବସ୍ତିର ୧୧ ହଜାର ୪୩୩ ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। ସେଥିମଧ୍ୟରୁ ୪୪ଟି ବସ୍ତିର ୯ହଜାର ୫୦୨ଜଣ ଆଫୋର୍ଡେବଲ୍ ହାଉସିଂ ପ୍ରୋଜେକ୍ଟ ଏବଂ ୧୦ଟି ବସ୍ତିର ୧ ହଜାର ୯୩୧ଜଣ ରାଜୀବ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ଅଛନ୍ତି। ରାଜୀବ ଆବାସ ଯୋଜନା (ଇନ୍-ସିଟୁ ସ୍ଲମ୍ ରିଡେଭଲପ୍‌ମେଣ୍ଟ) ଅଧୀନରେ ମଣ୍ଡପ ବସ୍ତି, ରଙ୍ଗମାଟିଆ, ମହିଷାଖାଲ ଓ ପଥରବନ୍ଧ ଆଦି ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ବନ୍ଦୋବସ୍ତ କରାଯାଉଥିବାବେଳେ

- ୪୫୮ ବସ୍ତିରେ ରହୁଛନ୍ତି ୮୩ ହଜାର ପରିବାର
- ଥଇଥାନ ଯୋଜନାରେ ମାତ୍ର ୧୧ ହଜାର ହିତାଧିକାରୀ ସାମିଲ

ପଞ୍ଜୀକୃତ ହୋଇ ନ ଥିବା ବସ୍ତିବାସିନ୍ଦା ଥଇଥାନ ଅପେକ୍ଷାରେ ରହୁଛନ୍ତି। ସେମାନେ ଆଫୋର୍ଡେବ୍‌ଲ ହାଉସିଂ ପ୍ରୋଜେକ୍ଟରେ ପଞ୍ଜୀକରଣ ପାଇଁ ଦାବି କରୁଥିବାବେଳେ ରାଜୀବ ଆବାସରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ବାସସ୍ଥାନ ଆବଣ୍ଟନରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ବିଭିନ୍ନ ୱାର୍ଡର ସୀମା ନିର୍ଦ୍ଧାରଣରେ ସମସ୍ୟା କାରଣରୁ ସଂପୃକ୍ତ ୱାର୍ଡରେ ଥିବା ବସ୍ତିବାସିନ୍ଦାଙ୍କ ଥଇଥାନରେ ସମସ୍ୟା ଉପୁଜୁଥିବା ଜଣାପଡ଼ିଛି।

ମଣ୍ଡପ ବସ୍ତିରେ ୨୯ କୋଟି ବ୍ୟୟରେ ୪୦୦ ୟୁନିଟ୍ ଘର ବିଶିଷ୍ଟ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ମୋଟ୍ ୫ଟି ବ୍ଲକ୍ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ବ୍ଲକ୍-୪ ଓ ବ୍ଲକ୍-୫ର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ବ୍ଲକ୍-୧, ବ୍ଲକ୍-୨ ଓ ବ୍ଲକ-୩ କାର୍ଯ୍ୟ ଅଟକି ରହିଛି। ବକେୟା ଅର୍ଥ ପାଇ ନ ଥିବାରୁ ନିର୍ମାଣ ଦାୟିତ୍ୱରେ ଥିବା ଏଜେନ୍ସି କାମ ବନ୍ଦ କରିଦେଇଥିବା ଜଣାପଡ଼ିଛି। ତେବେ ବର୍ତ୍ତମାନ ସୁଦ୍ଧା ୧୬୦ ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୧୧୮ଜଣ ହିତାଧିକାରୀ ଦେୟ ପୈଠ କରିଥିବାବେଳେ ମାତ୍ର ୯୩ଜଣଙ୍କୁ ଘର ଆବଣ୍ଟନ କରାଯାଇଛି। ତେବେ ସଂପୃକ୍ତ ବସ୍ତିର ୩୪୩ ଜଣ ରାଜୀବ ଆବାସ ଯୋଜନା ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ବିଡିଏ ନିକଟରେ ୩୦୬ଜଣଙ୍କ ତାଲିକା ପହଞ୍ଚିଛି। ୧୫୩ ଜଣଙ୍କୁ ପ୍ରୋଭିଜନାଲ ଆଲଟ୍‌ମେଣ୍ଟ ପ୍ରଦାନ କରାଯାଇଥିବାବେଳେ ମାତ୍ର ୮୧ଜଣ ପଜେଶନ ଲେଟର ପାଇଛନ୍ତି। ଅନ୍ୟପଟେ ୬୬.୨୦ କୋଟି ଟଙ୍କା ବ୍ୟୟରେ ରଙ୍ଗମାଟିଆରେ ନିର୍ମିତ ପ୍ରକଳ୍ପରେ ୬୦୦ ୟୁନିଟ୍ ରହିଛି। ୬୧୬ଜଣ ହିତାଧିକାରୀଙ୍କ ତାଲିକା ବିଡିଏର ହସ୍ତଗତ ହୋଇଥିବାବେଳେ ଦେୟ ପୈଠ କରିଥିବା ୫୩୬ଜଣ ହିତାଧିକାରୀଙ୍କୁ ଚୂଡ଼ାନ୍ତ ଆବଣ୍ଟନ କରାଯାଇଛି। ତେବେ ମହିଷାଖାଲଠାରେ ୫.୨୨ ଏକର ଜମିରେ ନିର୍ମାଣାଧୀନ ସର୍ବାଧିକ ୭୬୦ ୟୁନିଟ୍ ବିଶିଷ୍ଟ ପ୍ରକଳ୍ପ ଅଧାପନ୍ତରିଆ ରହିଛି। ୫୨.୩୬ କୋଟି ଟଙ୍କା ବ୍ୟୟରେ ୧୯ ବ୍ଲକ୍‌ର ଏହି ବିଲ୍ଡିଂର ନିର୍ମାଣ ହେବାକୁଥିବାବେଳେ ୧୪ଟି ବ୍ଲକ୍ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି। ଅନ୍ୟ ଏକ ବ୍ଲକର ନିର୍ମାଣ କାର୍ଯ୍ୟ ପ୍ଲିନ୍ଥରେ ଅଟକିଛି। ତେବେ ଜମିଜମା ବିବାଦ କାରଣରୁ ଅବଶିଷ୍ଟ ୪ଟି ବ୍ଲକର ନିର୍ମାଣ ଆଗେଇ ପାରୁନାହିଁ। ଅନ୍ୟପଟେ ପଥରବନ୍ଧ ହାଉସିଂ ପ୍ରୋଜେକ୍ଟରେ ମୋଟ୍ ୨୪୦ ୟୁନିଟ୍ ନିର୍ମାଣ କରାଯାଇଛି। ଏଥିରେ ମୋଟ୍ ୬ଟି ବ୍ଲକ୍ ରହିଥିବାବେଳେ ଗୋଟିଏ ବ୍ଲକରେ ୪୦ ପରବାର ରହିବାର ବ୍ୟବସ୍ଥା ରହିଛି। ସମ୍ପୂର୍ଣ୍ଣ ଦେୟ ପୈଠ କରିଥିବା ୧୧୫ ଜଣଙ୍କୁ ଚୂଡ଼ାନ୍ତ ଆବଣ୍ଟନ ପ୍ରଦାନ କରାଯାଇଛି। ସେହିଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଆଫୋର୍ଡେବଲ୍ ହାଉସିଂ ପ୍ରୋଜେକ୍ଟରେ ମଧ୍ୟ ବହୁ ପ୍ରକଳ୍ପ କାମ ଆଗେଇପାରୁ ନ ଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ସେପ୍ଟେମ୍ବରରେ ୧୦୬ ମଦ ବେପାରୀ ଗିରଫ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ): ରାଜଧାନୀରେ ବେଆଇନ୍ ମଦ ବିକ୍ରି ଉପରେ ରୋକ୍ ଲଗାଇବା ପାଇଁ ପୋଲିସ ତରଫରୁ ଚଢ଼ାଉ ଜୋର୍‌ଦାର କରାଯାଉଛି। ଏହି ଅଭିଯାନରେ ସେପ୍ଟେମ୍ବର ମାସରେ ଚଢ଼ାଉ କରାଯାଇ ୯୬ଟି ମାମଲାରେ ମୋଟ ୧୦୬ଜଣଙ୍କୁ ଗିରଫ କରାଯାଇଛି। ଏନେଇ ଶନିବାର କମିଶନରେଟ ପୋଲିସ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି। ସେମାନଙ୍କ ନିକଟରୁ ୩୦୦୧ଲି. ନକଲି ଦେଶୀ ମଦ, ୧୦୮ଲି. ବିଦେଶୀ ମଦ ଏବଂ ୨୫୬୦ଟଙ୍କା ଜବତ କରାଯାଇଛି। ସେହିଭଳି ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ମୋଟ ୭୫୫ ଜଣ ଅଭିଯୁକ୍ତ ବେଆଇନ ମଦ ବିକ୍ରି ମାମଲାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ବେଳେ ମୋଟ ୧୧,୪୦୮ଲି. ୫୭୪ ମିଲି. ଦେଶୀ ମଦ, ୨,୩୨୫ ଲି. ୪୮୦ମିଲି. ବିଦେଶୀ ମଦ ଏବଂ ୬୭,୦୪୦ ଟଙ୍କା ଜବତ କରାଯାଇଛି। ବେଆଇନ ମଦ ବିକ୍ରି, ନିଶା ବେପାର କିମ୍ବା ଘଟୁଥିବା ଅନ୍ୟାନ୍ୟ ଅପରାଧ ସମ୍ପର୍କରେ ସୂଚନା ଦେବା ନିମନ୍ତେ କମିଶନରେଟ ପୋଲିସ ତରଫରୁ ହ୍ୱାଟ୍ସଆପ୍ ନମ୍ବର-୭୦୭୭୭୯୮୧୧୧ ଜାରି କରାଯାଇଛି।

### ଡକାୟତି ଯୋଜନା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ): ଡକାୟତି ଯୋଜନା କରୁଥିବାବେଳେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଚଢ଼ାଉ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତକୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସାମନ୍ତରାପୁରର ଜଗା ଓରଫ୍ ଜଗନ୍ନାଥ ପ୍ରଧାନ। ସୂଚନାନୁସାରେ ୧୮ତାରିଖରେ ୫ଜଣିଆ ସଶସ୍ତ୍ର ଡକାୟତ ଦଳ ବଶିଷ୍ଠନଗର କେନାଲ ବନ୍ଧଠାରେ ଏକାଠି ହୋଇ ଡକାୟତି ଯୋଜନା କରୁଥିଲେ। ପୋଲିସ ପାଟ୍ରୋଲିଂ ଟିମ୍ ସୂଚନା ପାଇ ସେଠାରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଅଭିଯୁକ୍ତଙ୍କ ନାମରେ ଶ୍ରୀଲିଙ୍ଗରାଜ ଥାନାରେ ୯ଟି ଆପରାଧିକ ମାମଲା ରହିଥିବା ବେଳେ ଶହୀଦନଗର, ଖଣ୍ଡଗିରି, ବଡ଼ଗଡ଼ ଓ କ୍ୟାପିଟାଲ ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି।

### ଚିତ୍ରଶିଳ୍ପୀ ଦୁର୍ଗାପ୍ରସାଦ ଦାସଙ୍କ ପରଲୋକ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ): ଚିତ୍ରଶିଳ୍ପୀ ତଥା ଖଲ୍ଲିକୋଟ କଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଦୁର୍ଗାପ୍ରସାଦ ଦାସଙ୍କର ଶୁକ୍ରବାର ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ



ଓଡ଼ିଶା ଲଳିତ କଳା ଏକାଡେମୀର ପୂର୍ବତନ ଅଧକ୍ଷ ଥିଲେ। ସେ ଧର୍ମପଦ ପୁରସ୍କାର ପାଇଥିଲେ। ତାଙ୍କ ବିୟୋଗରେ ଧଉଳିସ୍ଥିତ ବି.କେ. ଚାରୁକଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଶୋକସଭା ପାଳିତ ହୋଇଯାଇଛି। ଏହି ଅବସରରେ ବି. କେ. କଲେଜର ପୂର୍ବତନ ଅଧକ୍ଷ ଡ. ଅଲେଖ ଚରଣ ସାହୁ, ଅଧକ୍ଷ ଗଜେନ୍ଦ୍ର କୁମାର ପାଢ଼ୀଙ୍କ ସହ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପରିମଳ ନିୟମ ଖିଲାପ କରି ୫ହଜାର ଗଣିଲେ ଦୋକାନୀ

ଭୁବନେଶ୍ୱର, ୨୯।୧୦ (ବ୍ୟୁରୋ)

ବିଏମ୍‌ସିର ପରିମଳ ନିୟମ ଖିଲାପ କରିବା ଜଣେ ବ୍ୟବସାୟୀଙ୍କୁ ମହଙ୍ଗା ପଡିଛି। ଏଥିପାଇଁ ତାଙ୍କୁ ୫ହଜାର ଟଙ୍କା ଜୋରିମାନା ଗଣିବାକୁ ପଡିଛି। ୱାର୍ଡ ନଂ. ୪୬ ଅନ୍ତର୍ଗତ ଏଲ୍‌ଆଇସି ଛକସ୍ଥିତ ଓମ୍‌ଫେଡ୍ ଦୋକାନୀଙ୍କଠାରୁ ଶନିବାର ବିଏମ୍‌ସିର ସାନିଟେଶନ ଟିମ୍ ଏହି ଜରିମାନା ଆଦାୟ କରିଛି। ଦୋକାନ ଆଖପାଖ ୫ ମିଟର ପରିମିତ ଅଞ୍ଚଳକୁ ପରିଷ୍କାର ରଖିବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ରହିଥିବାବେଳେ ସମ୍ପୃକ୍ତ ବ୍ୟବସାୟୀ ଏହାର ଖିଲାପ କରିଥିଲେ। ଏହା ନଜରକୁ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ, ରାଜଧାନୀ ଭୁବନେଶ୍ୱରରେ ପରିମଳ ବ୍ୟବସ୍ଥା ଏବଂ ସ୍ୱଚ୍ଛତା ଉପରେ ବିଏମ୍‌ସି ଗୁରୁତ୍ୱାରୋପ କରିଆସୁଛି। ସହରରେ ବିଶେଷକରି ରାସ୍ତାକଡ଼ରେ ଥିବା ଦୋକାନୀମାନେ ନିଜ ଆଖପାଖ ଅଞ୍ଚଳ ପରିଷ୍କାର ରଖିବା, ଦୋକାନ ଆଗରେ ୨ଟି ଲେଖାଏ ଡଷ୍ଟବିନ୍ ରଖିବା ପାଇଁ ବାରମ୍ବାର ସଚେତନ କରାଯିବା ସହ ତାଗିଦ୍ କରାଯାଉଛି। ପୂରା ସହରକୁ ଡଷ୍ଟବିନ୍‌ମୁକ୍ତ ଘୋଷଣା କରାଯାଇଛି। ଏହାସତ୍ତ୍ୱେ କେତେଜଣ ଅମାନିଆ ବ୍ୟବସାୟୀ ବାରମ୍ବାର ନିୟମ ଖିଲାପ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଉଛି।




ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲଠାରେ ଶନିବାର ବିଶିଷ୍ଟ ନୃତତ୍ତ୍ୱବିତ୍ ସ୍ୱର୍ଗତ ପ୍ରଫେସର ଲକ୍ଷ୍ମଣ ମହାପାତ୍ରଙ୍କ ଜନ୍ମବାର୍ଷିକୀ ତଥା ଦ୍ୱିତୀୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଓ ଅନ୍ୟ ଅତିଥିମାନେ।

## ନୃତତ୍ତ୍ୱ ବିଜ୍ଞାନକୁ ଲକ୍ଷ୍ମଣ ମହାପାତ୍ରଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ତଥା ବିଶିଷ୍ଟ ନୃତତ୍ତ୍ୱବିତ୍ ସ୍ୱର୍ଗତ ପ୍ରଫେସର ଲକ୍ଷ୍ମଣ ମହାପାତ୍ରଙ୍କ ଦ୍ୱିତୀୟ ସ୍ମାରକୀ ବକ୍ତୃତା ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ମହାପାତ୍ରଙ୍କ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ଲକ୍ଷ୍ମଣ କୁମାର ମହାପାତ୍ର ମେମୋରିଆଲ୍ ଟ୍ରଷ୍ଟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ସ୍ନାତକୋତ୍ତର ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରି କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଜ୍ଞାନ ବିଭାଗର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ସହ ଉତ୍କର୍ଷ କେନ୍ଦ୍ର ହେବାର ଶ୍ରେୟ ପ୍ରଫେସର ଲକ୍ଷ୍ମଣ କୁମାର ମହାପାତ୍ର ପାଇବେ। ପିଢ଼ି ପରେ ପଢ଼ି ସଫଳ ନୃତତ୍ତ୍ୱବିତ୍ ସୃଷ୍ଟି କରିବାରେ ତାଙ୍କ ଅବଦାନ ଉଲ୍ଲେଖନୀୟ ବୋଲି କୁଳପତି କହିଥିଲେ। ଏହି ଅବସରରେ ଶିଲଂସ୍ଥିତ ଉତ୍ତର ପୂର୍ବାଞ୍ଚଳ ପାର୍ବତ୍ୟ ବିଶ୍ୱବିଦ୍ୟାଳୟ(ନେହୁ)ର ପ୍ରଫେସର ଗୀତିକା ରଞ୍ଜନ 'ଐତିହାସିକ ତ୍ରୁଟି ଓ ପରିଣାମ: ଗୋଟିଏ ଜନଜାତିର କଥା' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି ଉତ୍ତର ପ୍ରଦେଶର ଅସୁରକ୍ଷିତ ଆଦିବାସୀ ଗୋଷ୍ଠୀ 'ଭୋକାସା'ଙ୍କ ଜୀବନଶୈଳୀ, ସଂସ୍କୃତି, ପରମ୍ପରା ଓ ଆର୍ଥିକ ଅବସ୍ଥିତି ସମ୍ପର୍କରେ କହିଥିଲେ। ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଯୋଜନା ପ୍ରଣୟନ କରାଯାଉଥିବା ସତ୍ତ୍ୱେ 'ଭୋକାସା' ଜନଜାତି କିଭଳି ଦୁର୍ବଳ ତଥା ଅସୁରକ୍ଷିତ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ଡ. କାହ୍ନୁ ଚରଣ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଲକ୍ଷ୍ମଣ କୁମାର ମହାପାତ୍ରଙ୍କ ବୌଦ୍ଧିକ ଉତ୍ତରାଧିକାର ସମ୍ବନ୍ଧରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ନିର୍ମଳଚନ୍ଦ୍ର ଦାଶ ଆଲୋଚନା କରିଥିଲେ। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରଫେସର କୃଷ୍ଣଚନ୍ଦ୍ର ତ୍ରିପାଠୀ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସୁଧାଂଶୁ କୁମାର ଷଡ଼ଙ୍ଗୀ, ପିଜି କାଉନ୍‌ସିଲ ଅଧକ୍ଷ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶୀଲା ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ ଓ ସୁଜିତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଶୁଣାଣି ଶେଷ, ରାୟ ସଂରକ୍ଷିତ

**ପ୍ଲଟ୍ ପାଇଁ ଟ୍ରିପଲ ମର୍ଡର ଘଟଣା**

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ପ୍ଲଟ ପାଇଁ ରାଜଧାନୀରେ ୭ ବର୍ଷ ତଳେ ଘଟିଥିବା ଟ୍ରିପଲ ମର୍ଡର ଘଟଣାର ଶନିବାର ଶୁଣାଣି ଶେଷ ହୋଇଛି। ଭୁବନେଶ୍ୱର ଅତିରିକ୍ତ ଦୌରାଜଜ ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ସୋମବାର ରାୟ ପ୍ରକାଶ ପାଇବ ବୋଲି ସୂଚନା ମିଳିଛି ।

ସୂଚନାନୁସାରେ, ଭରତପୁର ଆଖଣ୍ଡଳମଣି ବସ୍ତିରେ ରହୁଥିବା ଅଭିଯୁକ୍ତ ପ୍ରଦୀପ ପଣ୍ଡା ୨୦୧୫ରେ ପ୍ଲଟ ହାତେଇବା ପାଇଁ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟାଇଥିଲା। ପ୍ରଦୀପ ନିଜର ଶାଶୁ ସୁକାନ୍ତି ସାହୁ, ଶ୍ୱଶୁର ଚକ୍ରଧର ସାହୁ ଓ ଆଈଶାଶୁ ଶାନ୍ତିଲତା ପତିଙ୍କୁ ହତ୍ୟା କରିଥିଲା। ଦୁଇଟି ପ୍ଲଟ ନିଜ ନାମରେ ନ କରିବାରୁ ଏହି ହତ୍ୟାକାଣ୍ଡ ଘଟାଇଥିଲା ପ୍ରଦୀପ। ଖଣ୍ଡଗିରି ଥାନା ଅଧିକାରୀ, ତଦନ୍ତକାରୀ ଅଫିସର ସବୁ ତଥ୍ୟ ପ୍ରମାଣ କୋର୍ଟରେ ଦାଖଲ କରିବା ପରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅତିରିକ୍ତ ଦୌରାଜଜ୍ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ସରକାରୀ ଓକିଲ ପ୍ରଦୀପ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

## ଦାରୁଠେଙ୍ଗ ବାୟୋ ମାଇନିଂ ପ୍ରକଳ୍ପ କାମ ଆରମ୍ଭ

ଭୁବନେଶ୍ୱର, ୨୯।୧୦ (ବ୍ୟୁରୋ)

**୩ ମାସରେ ମେଶିନ୍ ସ୍ଥାପନ ସରିବ**

ବହୁ ବାଦବିବାଦ ପରେ ବହୁ ପ୍ରତୀକ୍ଷିତ ଦାରୁଠେଙ୍ଗ ବାୟୋମାଇନିଂ ପ୍ରକଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗ୍ରାମବାସୀଙ୍କ ସହମତି ପରେ ବିଏମ୍‌ସି ପକ୍ଷରୁ ପୂର୍ବରୁ କ୍ଷେତ୍ର ପରିଦର୍ଶନ କରାଯାଇଥିଲା। ଶନିବାର ବାୟୋ ମାଇନିଂ ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ସ୍ଥାନରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ସମ୍ପୃକ୍ତ ସ୍ଥାନରେ ଖାଲଖମା ହେବା ସହିତ ଅନାବନା ଗଛ ଉଠି ଯାଇଛି। ଏପରିକି ମେଶିନ ସ୍ଥାପନ ହେବା ସ୍ଥାନରୁ ଦୁର୍ବୃତ୍ତମାନେ ମୋର ଖୋଲି ନେଇ ଯାଇଛନ୍ତି। ତେଣୁ ପ୍ରଥମେ ପାଚେରୀ ନିର୍ମାଣ ସହ ସମତୁଲ କାର୍ଯ୍ୟ କରାଯିବ। ଏହାପରେ ମେଶିନ ସ୍ଥାପନ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୩ମାସ ସମୟ ଲାଗିବ। ଆସନ୍ତା ଜାନୁୟାରୀ କିମ୍ବା ଫେବୃୟାରୀ ସୁଦ୍ଧା ମେଶନ ସ୍ଥାପନ କାମ ସରିବା ପରେ ବାୟୋ ମାଇନିଂ କାମ ଆରମ୍ଭ ହେବ। ସେହିପରି ଦାରୁଠେଙ୍ଗରେ ଗଦା ହୋଇଥିବା ଆବର୍ଜନାରୁ ବାହାରିଥିବା ପ୍ଲାଷ୍ଟିକ୍‌କୁ ବିକ୍ରି କରାଯିବା ସହ ସେଠାକାର ମୃତ୍ତିକାକୁ ରିଫିଲ୍ କରାଯିବ। ବାକି ଆବର୍ଜନାକୁ ସିମେଣ୍ଟ ଫ୍ୟାକ୍ଟ୍ରିକୁ ପଠାଯିବ। ବାୟୋ ମାଇନିଂ ପ୍ରକଳ୍ପ ନିର୍ମାଣରେ ଆବର୍ଜନାକୁ ନେଇ କୌଣସି ସମସ୍ୟା ରହିବ ନାହିଁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପୂର୍ବ ଚୁକ୍ତି ଅନୁଯାୟୀ ଦାରୁଠେଙ୍ଗ ଗ୍ରାମର କିଛି ଉନ୍ନୟନମୂଳକ କାର୍ଯ୍ୟ ବିଏମ୍‌ସି କରିବ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ଦାରୁଠେଙ୍ଗ ସରପଞ୍ଚ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।



ବାୟୋ ମାଇନିଂ ପ୍ରକଳ୍ପ ପାଇଁ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି।

## ଭୁବନେଶ୍ୱର ବାଲିଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ମେୟର

ଭୁବନେଶ୍ୱର, ୨୯।୧୦ (ବ୍ୟୁରୋ)

ନଭେମ୍ବର ୮ରୁ କୁଆଖାଇ ନଦୀପଠାରେ ଆରମ୍ଭ ହେବାକୁ ଯାଉଛି ଭୁବନେଶ୍ୱର ବାଲିଯାତ୍ରା। ସମୟ କମ୍ ଥିବାରୁ ଏଥିପାଇଁ ପ୍ରସ୍ତୁତିକୁ ଜୋର୍‌ଦାର କରାଯାଇଛି। ଶନିବାର ମେୟର ସୁଲୋଚନା ଦାସ ସେଠାରେ ପହଞ୍ଚି ବାଲିଯାତ୍ରା ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ। ଏବେ ନଦୀବନ୍ଧରେ ଲୋକମାନେ ଯାତାୟାତ କରୁଛନ୍ତି। ତେବେ ଯାତ୍ରା ସମୟରେ ଏହି ଅଞ୍ଚଳରେ ପ୍ରବଳ ଗହଳି ହେବାର ସମ୍ଭାବନା ରହିଛି। ତେଣୁ ସାଧାରଣ ଲୋକ ଯେପରି ଯାତାୟାତରେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ନଦୀବନ୍ଧ ବାଟରେ ଲାଇଟ୍ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଯାତ୍ରା ପଡିଆ ଭିତରେ ଅସ୍ଥାୟୀ ରାସ୍ତା ନିର୍ମାଣ, ଅନାବନା ଗଛ କାଟିବା ଏବଂ ଅନ୍ୟାନ୍ୟ ଦିଗ ଉପରେ ଦୃଷ୍ଟି ଦେଇଥିଲେ। ରବିବାର ଛଟ୍ ପୂଜା ଥିବାରୁ ଶ୍ରଦ୍ଧାଳୁମାନେ ନଦୀପଠାରେ ପୂଜା କରିବେ। ପୂଜା ପରେ ସେଠାରେ ପଡିଥିବା ଆବର୍ଜନାକୁ କିପରି ତୁରନ୍ତ ସଫା କରାଯିବ ସେ ନେଇ ନିର୍ଦ୍ଦେଶ ଦେଇଥିଲେ। ମେୟରଙ୍କ ସହ ୱାର୍ଡ ନଂ.୫ର କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ପୂର୍ବରୁ ୩ ବର୍ଷ ଧରି ଏଠାରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ କରୋନା ପାଇଁ ଗତ ୨ ବର୍ଷ ହେବ ଯାତ୍ରା ବନ୍ଦ ରହିଥିଲା। ଏଥର ଯାତ୍ରାରେ ପ୍ରାୟ ୭ଶହ ଦୋକାନ ଖୋଲିବ, ଏଥିପାଇଁ ପ୍ଲଟ୍ ବୁକିଂ ମଧ୍ୟ ସରିଯାଇଛି।



ଭୁବନେଶ୍ୱର ବାଲିଯାତ୍ରା ପ୍ରସ୍ତୁତି ସମୀକ୍ଷା କରୁଛନ୍ତି ବିଏମ୍‌ସି ମେୟର ସୁଲୋଚନା ଦାସ ଓ ଅନ୍ୟ ଅଧିକାରୀ ।

## କେବଳ ପଞ୍ଜୀକୃତ ସଂସ୍ଥାଙ୍କୁ ମିଳିବ ବିଜ୍ଞାପନ ସୁବିଧା

ଭୁବନେଶ୍ୱର, ୨୯।୧୦ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହରର ସ୍ୱଚ୍ଛତା ଏବଂ ସୌନ୍ଦର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ବିଜ୍ଞାପନକୁ ବ୍ୟବସ୍ଥିତ କରିବାକୁ ଅଣ୍ଟା ଭିଡିଛି। ବିଜ୍ଞାପନ ପାଇଁ ଏକ ସମୀକ୍ଷା ଆଧାରିତ ପଦକ୍ଷେପ ନେଇଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ଏଣିକି ଯେକୌଣସି ବିଜ୍ଞାପନ ସଂସ୍ଥା ବିଏମ୍‌ସି ଅଞ୍ଚଳରେ ନିଜର ବିଜ୍ଞାପନ ମାରି ପାରିବେ ନାହିଁ। ଟ୍ୟାକ୍ସ ଅନ୍ ଆଡ୍‌ଭାଟାଇଜ୍‌ମେଣ୍ଟ ରେଗୁଲେଶନ୍-୨୦୦୬ ଅନୁଯାୟୀ, କେବଳ ପଞ୍ଜୀକୃତ ସଂସ୍ଥାଗୁଡ଼ିକ ବିଜ୍ଞାପନ ପ୍ରସାର ପାଇଁ ଯୋଗ୍ୟ ହେବେ। ଏଥିପାଇଁ ସଂସ୍ଥା ପକ୍ଷରୁ ଆବଶ୍ୟକ ନଥି, ସୂଚନା ଓ ସିକ୍ୟୁରିଟି ଦେୟ ସହ ଆବେଦନ କରାଯିବ। ବିଏମ୍‌ସି ଆବେଦନଗୁଡ଼ିକୁ ତର୍ଜମା କରିବା ପରେ ଯୋଗ୍ୟ ସଂସ୍ଥାଙ୍କୁ ଅନୁମତି ପ୍ରଦାନ କରିବ। ଆଇନ ଅନୁଯାୟୀ ଯେଉଁଗୁଡ଼ିକ ପଞ୍ଜୀକୃତ ସଂସ୍ଥା ଭାବେ କାର୍ଯ୍ୟ କରୁଥିବେ ଏବଂ ଯେକୌଣସି ପ୍ରକାର ବିଜ୍ଞାପନ ଯଥା ମୁଦ୍ରିତ, ବୈଦ୍ୟୁତିକ, ପ୍ରାମାଣିକ ଚିତ୍ର ଇତ୍ୟାଦିରେ ବିଜ୍ଞାପନ କରୁଥିବେ, କୌଣସି ପ୍ରକାରେ କଳା ତାଲିକାଭୁକ୍ତ ହୋଇ ନ ଥିବେ, ବିଏମ୍‌ସି ଇଲାକାରେ ନିଜର ବ୍ୟବସାୟ ପାଇଁ ଟ୍ରେଡ୍ ଲାଇସେନ୍ସ କରିଥିବେ, ସେମାନଙ୍କୁ ବିଜ୍ଞାପନ ପାଇଁ ଅନୁମତି ଦିଆଯିବ। କେଉଁ ସଂସ୍ଥା କେଉଁ ପ୍ରକାର ବିଜ୍ଞାପନ ପାଇଁ ଆଗ୍ରହୀ

**ଆବଶ୍ୟକ ସୂଚନା ଓ ସିକ୍ୟୁରିଟି ଦେୟ ସହ ଆବେଦନ କରିବେ ସଂସ୍ଥା**

ସେମାନେ ସଂପୃକ୍ତ ବର୍ଗରେ ଆବେଦନ କରିବେ। ନିୟମ ଅନୁସାରେ ଚୟନ ହେବା ପରେ ଅନ୍ୟୁନ ୩ ବର୍ଷ ଯାଏ ନିଜର ବ୍ୟବସାୟ କରିବେ। ଏଥିସହ ସେମାନଙ୍କ ବ୍ୟବସାୟ କାଳ ବୃଦ୍ଧି କରାଯିବାର ସୁବିଧା ରହିଛି। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶରେ ଏଭଳି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ଶନିବାର ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି।

ଏ ସମ୍ପର୍କରେ ବିଏମ୍‌ସିର ଅତିରିକ୍ତ କମିଶନର ବିନୟ କୁମାର ଦାଶ କହିଛନ୍ତି, ପୂର୍ବରୁ କେବଳ ଲାଇସେନ୍ସ ଦିଆଯାଇ ବିଜ୍ଞାପନ ଦିଆଯାଉଥିବାବେଳେ ଏବେ ଏହାକୁ ଆହୁରି ବ୍ୟବସ୍ଥିତ କରାଯାଇଛି। ମହାନଗର ନିଗମ ଅଞ୍ଚଳରେ କେଉଁ ସଂସ୍ଥାଗୁଡ଼ିକ କି ପ୍ରକାର ଓ କେତେ ପରିମାଣର ବିଜ୍ଞାପନ ଦେଇଛନ୍ତି, ତାହାର ଚିକିନିଖି ସୂଚନା ବିଏମ୍‌ସିକୁ ଦେବେ। ଏହାଦ୍ୱାରା ଏହାର ଜୋନ୍ ଭିତ୍ତିକ ଅନୁଧ୍ୟାନ ସମ୍ପୃକ୍ତ ଅଧିକାରୀଙ୍କ ତଦାରଖରେ କରାଯାଇ ସଂସ୍ଥାଗୁଡ଼ିକ ଦେଇଥିବା ସୂଚନାକୁ ସମୀକ୍ଷା କରାଯିବ। ସଂସ୍ଥାଗୁଡ଼ିକ କେତେ ପରିମାଣର ହିସାବ ଦେଇଛନ୍ତି ଏବଂ କ୍ଷେତ୍ର ବିଶେଷରେ ସ୍ଥିତି କ'ଣ, ତାହା ବିଏମ୍‌ସି ଯାଞ୍ଚ କରିବ। ଏଭଳି କରିବା ଦ୍ୱାରା ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଆଧାରରେ ବିଏମ୍‌ସି ଇଲାକାରେ କେତେଜଣ ବିଜ୍ଞାପନଦାତା ବିଏମ୍‌ସିଠାରୁ ଅନୁମତି ପାଇଛନ୍ତି ତାହା ସମସ୍ତ ନାଗରିକ ଜାଣିପାରିବେ। ସମସ୍ତ ସଂସ୍ଥାର ହିସାବ ପରେ ଅଧିକ ସଂଖ୍ୟକ ବିଜ୍ଞାପନ ପୋଷ୍ଟକୁ ବିଏମ୍‌ସି ଦ୍ୱାରା ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୯।୧୦।୨୦୨୨

| | |
|---|---|
| ୬,୧୮, ୬୧୪ ଟଙ୍କା | |
| ସୁନା | ୫.୭୦୦ ଗ୍ରାମ୍ |
| ରୁପା | ୨୨ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ତାଇକୋଣ୍ଡୋ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ୩ୟ ଭୁବନେଶ୍ୱର ତାଇକୋଣ୍ଡୋ ଚମ୍ପିୟାନସିପ୍-୨୦୨୨, କଲ୍ୟାଣ ମଣ୍ଡପ, ଭିଏସ୍ଏସ୍ ନଗର, ସକାଳ ୮ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ 'ଭାରତ କୋ ଜାନୋ' କୁଇଜ୍ ପ୍ରତିଯୋଗିତା, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦ ବୈଠକ, ରାଜ୍ୟ ଦପ୍ତର ଭଗବତୀ ଭବନ, ପୂର୍ବାହ୍ନ ୧୧ଟା ୩୦।
- ଡ. ହରିହର ମହାପାତ୍ରଙ୍କ ପ୍ରଥମ କବିତା ସଂକଳନ 'ଇନ୍ଦ୍ରଧନୁର ଅଷ୍ଟମ ରଙ୍ଗ'ର ପାଠକାର୍ପଣ, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ବିନ୍ଦୁସାଗର, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ଷ୍ଟେଟ୍ କର୍ପୋରେଟିଭ୍ ହାଣ୍ଡିକ୍ରାଫ୍ଟ କର୍ପୋରେଶନ ଲିମିଟେଡ୍ ପକ୍ଷରୁ ଗାନ୍ଧୀ ଶିଳ୍ପ ବଜାରର ଉଦ୍‌ଘାଟନୀ ଉତ୍ସବ, ଏକାମ୍ର ହାଟ, ସନ୍ଧ୍ୟା ୬ଟା।
- ସିପିଆଇର ନବନିର୍ବାଚିତ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡାଙ୍କ ସମ୍ବର୍ଦ୍ଧନା ସଭା, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ପରିଚୟ- ଜାତୀୟ ଜନଜାତି ଉତ୍ସବ, ସ୍ୱାବଲମ୍ବନ ଆଦିବାସୀ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- ତ୍ରିଧାରା ପକ୍ଷରୁ ୧୬ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ-୨୦୨୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ସ୍ମାଇଲ ୱାର୍ଲ୍ଡର ୧୩ତମ ବାର୍ଷିକ ଉତ୍ସବ, ରୋଟାରୀ କ୍ଲବ, ସନ୍ଧ୍ୟା ୬ଟା ୩୦।

ନିମାପଡ଼ା

- ମାତୃଶକ୍ତି ଫାଉଣ୍ଡେଶନ ଟ୍ରଷ୍ଟବୋର୍ଡର ପ୍ରଥମ ବାର୍ଷିକ ଉତ୍ସବ ଓ ଆଲୋଚନା ଚକ୍ର, ଶ୍ରୀରାମ କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ୱିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ୨୧ତମ ଶିଶୁ ପ୍ରତିଭା ସମାରୋହ ଓ ବନ୍ଧୁମିଳନ ଉତ୍ସବ, ବାବା ଲୋକନାଥ ପୀଠ, ପାଟପୁର, ପୂର୍ବାହ୍ନ ୧୧ଟା।

ବାଲିଅନ୍ତା

- ଗ୍ରାମ ଦେବତୀ ମା' ଥାନପତିଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଯଜ୍ଞର ଶୁଭାରମ୍ଭ, ଭିଙ୍ଗାରପୁର, ସକାଳ ୮ଟା।
- ଆସ୍ଥା ଅଭିଷେକ-୨୦୨୨, ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମ, ନିକୁଞ୍ଜବିହାରୀ ମନ୍ଦିର ପରିସର, ରାତି ୯ଟା।

କଟକ

- ଜାତିର ସ୍ୱର ଓ ମିରର୍ ଅଫ୍ ଦି ସୋସାଇଟି ଖବରକାଗଜର ବାର୍ଷିକୋତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଟାଉନ ହଲ୍ ରୋଡ୍, ପୂର୍ବାହ୍ନ ୯ଟା।
- ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ, କଟକ ସର୍କିଟ ହାଉସ, ଅପରାହ୍ନ ୧ଟା ୩୦।
- କଟକ ମହାନଗର ଛଠ୍ ପୂଜା ସମିତି ପକ୍ଷରୁ ଛଠ୍ ପୂଜା, ଦେବୀଗଡ଼ା, ପୁରୀଘାଟ, ସନ୍ଧ୍ୟା ୬ଟା।
- ପଣ୍ଡିତ ଗୋବିନ୍ଦ ରଥଙ୍କ ୧୭୪ତମ ସ୍ମୃତି ସମାରୋହ, ଗାନ୍ଧୀଭବନ, ବାଖରାବାଦ, ସନ୍ଧ୍ୟା ୬ଟା।

# ଜେଲ ଗଲେ ଆର୍‌ଡବ୍ଲ୍ୟୁଏସ୍ଏସ୍ ଅତିରିକ୍ତ ମୁଖ୍ୟଯନ୍ତ୍ରୀ

**ଆୟଠାରୁ ୨୭୫ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ**

- କ୍ରିପ୍ଟୋ କରେନ୍ସିରେ ୧.୭୫କୋଟି ନିବେଶ
- ମିଳିଲା ୩.୯୬ କୋଟିର ଆୟବହିର୍ଭୂତ ସମ୍ପତ୍ତି

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍ଏସ୍) ଭୁବନେଶ୍ୱର ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନୀହାର ରଞ୍ଜନ ଦାସଙ୍କୁ ଶନିବାର ଭିଜିଲାନ୍ସ ଗିରଫ କରିଛି। ଏନେଇ ଭିଜିଲାନ୍ସ ଏକ ମାମଲା (ନଂ.୩୫/୨୨) ରୁଜୁ କରି ନିହାରଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହୋଇଯିବାରୁ ନୀହାରଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ନିହାରରଞ୍ଜନ ଗିରଫ ହେବା ପରେ ତାଙ୍କର ୩.୯୬ କୋଟି ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଯାହାକି ତାଙ୍କ ଆୟଠାରୁ ୨୭୫ ପ୍ରତିଶତ ଅଧିକ। ସବୁଠୁ ମୁଖ୍ୟ କଥା ହେଲା ନିହାରରଞ୍ଜନ ୧.୭୫କୋଟି ଟଙ୍କା କ୍ରିପ୍ଟୋ କରେନ୍ସିରେ ନିବେଶ କରିଛନ୍ତି, ଯାହାକି ସମସ୍ତଙ୍କୁ ଚକିତ କରି ଦେଇଛି। ବ୍ରିଟେନ୍‌ସ୍ଥିତ ୩୮ ଟି ପିଏଲ୍‌ସି ୱାଲେଟରୁ ୧.୭୫ କୋଟି ଟଙ୍କାର କାରବାରର ସନ୍ଧାନ ମିଳିଛି । ନୀହାରରଞ୍ଜନ ତାଙ୍କ ନିଜ ନାମ ଏବଂ ପରିବାର ଲୋକଙ୍କ ନାମରେ ଜାଲ୍ କାଗଜାଦି ଦେଇ



ନୀହାର ରଞ୍ଜନ ଦାସ

ଆୟ ବହିର୍ଭୂତ ସମ୍ପତ୍ତି ଉପରୁ ନଜର ହଟାଇବା ପାଇଁ ଏଭଳି କରିଥିବା ଜଣାପଡ଼ିଛି। ଯେତିକି କ୍ରିପ୍ଟୋ କରେନ୍ସି ତଥ୍ୟ ହସ୍ତଗତ ହୋଇଛି ସେଗୁଡ଼ିକୁ ଅଚଳ କରିବା ସହ ଆଉ କେତେ ଟଙ୍କା କାରବାର ହୋଇଛି ସେନେଇ ତଥ୍ୟ ପ୍ରଦାନ କରିବାକୁ ବ୍ରିଟେନ୍‌ସ୍ଥିତ ୱାଲେଟ ସେବା ପ୍ରଦାନକାରୀ ପିଏଲ୍‌ସିକୁ ଭିଜିଲାନ୍ସ ପକ୍ଷରୁ ଚିଠି ଲେଖାଯାଇଛି। କେଉଁମାନଙ୍କ ପାଖକୁ କେତେ ଲକ୍ଷ ଟଙ୍କା ପଠାଇଛନ୍ତି, ତାଙ୍କ ଆକାଉଣ୍ଟକୁ କେଉଁମାନେ ଟଙ୍କା ପଠାଇଛନ୍ତି ସବୁ ଦିଗକୁ ନେଇ ତଦନ୍ତ କରିବ ଭିଜିଲାନ୍ସ ଟିମ୍। ଅନ୍ୟପଟେ ନିହାର ରଞ୍ଜନଙ୍କୁ ଜେରା କରିବାପରେ ବହୁ ଗୁମର ଖୋଲିବ ବୋଲି ଏସ୍‌ପି ଅନୁପମା ଜେମ୍ସ ଆଶା ରଖିଛନ୍ତି।

ନୀହାରରଞ୍ଜନଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ୩ ଜିଲାର ୬ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଭୁବନେଶ୍ୱର ଖାରବେଳନଗରସ୍ଥିତ ଶ୍ରୀରାମ ମାନ୍‌ଶନ୍ ଆପାର୍ଟମେଣ୍ଟର ଫ୍ଲାଟ୍‌ରେ ଚଢ଼ାଉ ସମୟରେ ନିହାର କ୍ରିପ୍ଟୋ କରେନ୍ସି ସମ୍ବନ୍ଧିତ ୩୮ଟି ଦସ୍ତାବିଜ୍ ଓ ମୋବାଇଲକୁ ଝରକା ବାଟେ ଫୋପାଡ଼ି ଦେଇଥିଲେ। ଉକ୍ତ ଦସ୍ତାବିଜ ଅନୁସାରେ ସେ କ୍ରିପ୍ଟୋ କରେନ୍ସିରେ ୧.୭୫ କୋଟି ବିନିଯୋଗ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଶ୍ରୀରାମ୍ ମାନ୍‌ଶନ୍ ଆପାର୍ଟମେଣ୍ଟରେ ୩୨.୫ ଲକ୍ଷ ଟଙ୍କାର ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍ ଓ ସମ୍ବଲପୁର ମୋଦିପଡ଼ାଠାରେ ଥିବା ୩ମହଲା କୋଠା ସହ ସମ୍ବଲପୁର ଜିଲାର ମୁଖ୍ୟ ଅଞ୍ଚଳରେ ୧.୨୭ କୋଟି ଟଙ୍କା ମୂଲ୍ୟର ୮ ପ୍ଲଟ୍ ଠାବ ହୋଇଛି। କବଲା ସମୟରେ ଏହାର ପ୍ରକୃତ ମୂଲ୍ୟ ଲୁଚାଯାଇଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେହିପରି ତାଙ୍କ ଘରୁ ନଗଦ ୧ ଲକ୍ଷ ୭ ହଜାର ୭୮୫ ଟଙ୍କା, ୩୯ ଲକ୍ଷ ଟଙ୍କାର ୨ଟି ଚାରିଚକିଆ ଯାନ, ୩ ଲକ୍ଷ ଟଙ୍କାର ୨ଟି ବାଇକ, ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ୧୫.୫୫ ଲକ୍ଷ ଟଙ୍କାର ଘରୋଇ ଉପକରଣ ଓ ୬୨.୪୨ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା ରହିଛି। ତେବେ ନିହାରରଞ୍ଜନଙ୍କୁ ପଚରାଉଚରା ସହ ଚଢ଼ାଉ ଓ ଯାଞ୍ଚ ଜାରି ରହିଥିବାରୁ ତାଙ୍କ ସମ୍ପତ୍ତି ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ଏହି ଚଢ଼ାଉରେ ଭିଜିଲାନ୍ସର ୫ଜଣ ଡିଏସ୍‌ପି, ୧୨ ଜଣ ଇନ୍ସପେକ୍ଟର, ଜଣେ ଏସ୍ଆଇ, ୧୧ ଏଏସ୍ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି।

# ଚିଲିକାରେ ଅଟକିଲା ଡଙ୍ଗା



ଚିଲିକାରେ ଫସି ରହିଥିବା ଡଙ୍ଗା।

କୃଷ୍ଣପ୍ରସାଦ,୨୯।୧୦(ଡି.ଏନ୍.ଏ.)

ପୁରୀ ଜିଲା ଜହ୍ନିକୁଦାରୁ ସାତପଡ଼ାକୁ ଚିଲିକାରେ ଯାଉଥିବା ଏକ ଯାତ୍ରୀବାହୀ ଡଙ୍ଗା କୁଦରେ ଲାଗିଯିବାରୁ ୨୦ମିନିଟ୍ ଅଟକି ରହିଥିଲା। ଫଳରେ ଏଥିରେ ଥିବା ଯାତ୍ରୀ ଭୟଭୀତ ହୋଇପଡ଼ିଥିଲେ। ଡଙ୍ଗାଚାଳକ କୌଶଳକ୍ରମେ ଡଙ୍ଗାକୁ କୁଦରୁ ଖସାଇବା ପରେ ଯାତ୍ରା ସ୍ୱାଭାବିକ ହୋଇଥିଲା। ସୂଚନା ମୁତାବକ, ଶନିବାର ପୂର୍ବାହ୍ନ ୧୧ଟାରେ କୃଷ୍ଣପ୍ରସାଦର ଜହ୍ନିକୁଦା ଘାଟରୁ ଏକ ଡଙ୍ଗା ସାତପଡ଼ା ଅଭିମୁଖେ ଯାତ୍ରା କରିଥିଲା। ଏଥିରେ ୩୦ଜଣ ଯାତ୍ରୀଙ୍କ ସହ ୨୬ଟି ବାଇକ୍ ରହିଥିଲା। ଚିଲିକାରେ କିଛିବାଟ ଯିବା ପରେ ହଠାତ୍ ଡଙ୍ଗାଟି ଏକ କୁଦରେ ଲାଖିଯାଇଥିଲା। ଏ ନେଇ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଡଙ୍ଗାଚାଳକ କୌଶଳକ୍ରମେ ଡଙ୍ଗାକୁ କୁଦରୁ ଖସାଇବା ପରେ ଯାତ୍ରା ସ୍ୱାଭାବିକ ହୋଇଥିଲା। ଅନ୍ୟପଟେ ଜହ୍ନିକୁଦାରୁ ସାତପଡ଼ାକୁ ବହୁ ଯାତ୍ରୀବାହୀ ଡଙ୍ଗା, ଦୁଇଟି ଭେସେଲ ଚଳାଚଳ କରୁଥିବା ଚ୍ୟାନେଲଟି ପୋତିହେବାରେ ଲାଗଛି, ଯାହାଦ୍ୱାରା ଏଭଳି ଦୁର୍ଘଟଣା ଦେଖିବାକୁ ମିଳୁଛି। ଜହ୍ନିକୁଦାରୁ ସାତପଡ଼ା ପର୍ଯ୍ୟନ୍ତ ଚିଲିକାରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଆସୁଅଛି।

## କନ୍ଦରପୁର କଲେଜ ନାଁରେ ନକଲି ଫେସ୍‌ବୁକ୍ ଆକାଉଣ୍ଟ

କଟକ ସଦର, ୨୯।୧୦(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜ ନାମରେ କେହି ଦୁର୍ବୃତ୍ତ ନକଲି ଫେସ୍‌ବୁକ୍‌ଆକାଉଣ୍ଟ ଖୋଲି ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ କରିଛନ୍ତି। ଏନେଇ କଲେଜ ଅଧ୍ୟକ୍ଷ ଶାରଦା ପ୍ରସନ୍ନ ମହାପାତ୍ର ଶନିବାର କଟକ ସାଇବର ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଫେସ୍‌ବୁକ୍ ଆକାଉଣ୍ଟରେ କଲେଜ କୋଠାକୁ ଲୋଗୋ ଭାବେ ବ୍ୟବହାର କରାଯାଇଛି। ଏହାଛଡା ଅଶ୍ରାବ୍ୟ ଭାଷାରେ ଲେଖାଯାଇ ସାଧାରଣରେ କଲେଜକୁ ନିନ୍ଦିତ କରିବାକୁ ଚେଷ୍ଟା କରାଯାଉଛି ବୋଲି ଏତଲାରେ ଉଲ୍ଲେଖ କରାଯାଇଛି। ଅଧ୍ୟକ୍ଷଙ୍କ ସମେତ ଅଧ୍ୟାପକଙ୍କ ବିରୋଧରେ ମିଥ୍ୟା ମନ୍ତବ୍ୟ ମଧ୍ୟ ସବୁଦିନ ଲେଖା ଚାଲିଛି। ଏଭଳି କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମହାପାତ୍ର ଥାନାଧିକାରୀଙ୍କୁ ନିବେଦନ କରିଛନ୍ତି।

# ରାସ୍ତାରେ ଯୁବକଙ୍କୁ ଆଣ୍ଠେଇ ମାଡ଼

**ବର୍ବରତାର ସୀମା ଟପିଲା**

ଫୁଲନଖରା, ୨୯।୧୦(ଡି.ଏନ୍.ଏ.)

କଟକରେ ପୁଣି ତାଲିବାନୀ ଶାସନର ପୁନରାବୃତ୍ତି ଦେଖିବାକୁ ମିଳିଛି। ଗତ କିଛି ଦିନ ପୂର୍ବରୁ ଜଣେ ଯୁବକଙ୍କୁ ଏକ ସ୍କୁଟି ପଛରେ ରଶି ବାନ୍ଧି ଘୋଷାଡ଼ି ନେବାର ଦୃଶ୍ୟ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ପୁଣି ୧୬ ନମ୍ବର ଜାତୀୟ ରାଜପଥ ପ୍ରତାପନଗରୀ ସ୍ଥିତ ଏକ ଗାଡ଼ି ଶୋ'ରୁମ୍ ସମ୍ମୁଖରେ ରାସ୍ତା ମଝିରେ ଜଣେ ଯୁବକଙ୍କୁ ଆଣ୍ଠେଇ ମାଡ଼ ମାରୁଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। କଟକ ସଦର ଥାନା ପୋଲିସ ଏହି ଘଟଣାରେ ଶନିବାର ରାତିରେ କଟକ ଚାନ୍ଦିନୀଚୌକରୁ ଅମରେନ୍ଦ୍ର ପ୍ରତାପ ସ୍ୱାଇଁ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଅମରେନ୍ଦ୍ର ରାଜ୍ୟର ଜଣେ ମନ୍ତ୍ରୀଙ୍କ ପୁତୁରା ବୋଲି ସୂଚନା ମିଳିଛି।

ଘଟଣାରୁ ପ୍ରକାଶ, ଗୁରୁବାର



ଭୁବନେଶ୍ୱରରୁ ପ୍ରାୟ ୧୦ଜଣ ଯୁବକ କାର୍ ମରାମତି ପାଇଁ ଏକ ଶୋ' ରୁମ୍‌କୁ ଆସିଥିଲେ। ସେମାନଙ୍କ କାର୍ (ଓଡ଼ି ୦୫ଏଏଫ-୧୪୧୪)କୁ ଭୁବନେଶ୍ୱରରେ ଅନ୍ୟ ଏକ ଗାଡ଼ି ଧକ୍କା ଦେଇଥିବାରୁ ଉକ୍ତ ଗାଡ଼ି ମାଲିକଙ୍କୁ ଧରି ମରାମତି ପାଇଁ ଆସିଥିଲେ। ତେବେ ମରାମତି ପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେବା ଜାଣି ସମ୍ପୃକ୍ତ ଗାଡ଼ି ମାଲିକ ଅକ୍ଷମତା ପ୍ରକାଶ କରିଥିଲେ। ଫଳରେ ଯୁବକମାନେ ଉତ୍‌କ୍ଷିପ୍ତ ହୋଇ ସମ୍ପୃକ୍ତ ଗାଡ଼ି ମାଲିକଙ୍କୁ ଶୋ'ରୁମ୍ ନିକଟସ୍ଥ ଜାତୀୟ ରାଜପଥର

**ଅଭିଯୁକ୍ତ ଗିରଫ**

ସର୍ଭିସ ରୋଡ୍‌ରେ ଆଣ୍ଠେଇ ଦେଇ ନିର୍ଦ୍ଦୟ ମାଡ଼ ମାରିଥିଲେ। ଏହି ସମୟରେ ସ୍ଥାନୀୟ ତେଲେଙ୍ଗାପେଣ୍ଠ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିବା ପାଇଁ ଆସିବାରୁ ତାଙ୍କୁ ମାଡ଼ ମାରିଥିଲେ। ପରେ ପ୍ରତାପନଗରୀ ଗ୍ରାମର ନିର୍ମଳ ସ୍ୱାଇଁ ସଂପୃକ୍ତ ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଯିବାରୁ ଯୁବକମାନେ ତାଙ୍କୁ ମଧ୍ୟ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ଯୁବକମାନେ କାର୍‌କୁ ଶୋ'ରୁମ୍‌ରେ ଛାଡ଼ି ଅନ୍ୟ ଦୁଇଟି ଗାଡ଼ିରେ ପଳାଇଯାଇଥିଲେ। ଏନେଇ ନିର୍ମଳ କଟକ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଖୁବଶୀଘ୍ର କରାଯିବ ବୋଲି ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଶାନ୍ତ



@ ଚନ୍ଦନ



@ ଆଶିଷ



@ ରଜନୀକାନ୍ତ



@ ଆକାଶ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୨୫ତମ କଳିଙ୍ଗ ପୁସ୍ତକ ମେଳାରେ ଦକ୍ଷିଣ ଭାରତ ହିନ୍ଦୀ ପ୍ରଚାର ସଭା ପକ୍ଷରୁ ଧରିତ୍ରୀର ଫଟୋ ଖବରଦାତା ମନୋରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ଓସ୍‌ଡମା ପକ୍ଷରୁ ଶନିବାର ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ଆୟୋଜିତ ପ୍ରଦର୍ଶନରେ ଅତିଥିମାନେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ବ୍ୟବହୃତ ଆଧୁନିକ ଯନ୍ତ୍ରପାତି ସମ୍ପର୍କରେ ପଚାରି ବୁଝୁଛନ୍ତି।



ଅର୍ଗାନିକ୍ ମଞ୍ଜିର ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ରାଜ୍ୟ ଭ୍ରମଣ କରୁଥିବା ତାମିଲନାଡୁର ଯୁବକ ସଲାଇ ଅରୁଣ ଶନିବାର ଭୁବନେଶ୍ୱରଠାରେ ଲୋକଙ୍କୁ ବୁଝାଉଛନ୍ତି।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିଲା ଛାତ୍ର କଂଗ୍ରେସ




ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ ସମୟରେ ପୋଲିସ ଅଟକାଉଛି (ବାମ)। କର୍ମୀମାନେ ଲୋୟର ପିଏମ୍‌ଜିସ୍ଥିତ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ବାସଭବନକୁ ଧସେଇ ପଶୁଛନ୍ତି।

## ଧର୍ମେନ୍ଦ୍ର ସାହୁ ମୃତ୍ୟୁ ଘଟଣା

- ଗଣଶିକ୍ଷା ମନ୍ତ୍ରୀଙ୍କ ବହିଷ୍କାର ଦାବି ଜୋର ଧରିଲା
- ଫରେଷ୍ଟ ପାର୍କ ରାସ୍ତା ରଣକ୍ଷେତ୍ର ପାଲଟିଲା
- ପୋଲିସ ଉପରକୁ ଅଣ୍ଡା-ଟମାଟୋ ମାଡ଼

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ପୁରୀ ଜିଲା ଗୋପ ବ୍ଲକ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ପାଇଁ ଗଣଶିକ୍ଷା ମନ୍ତ୍ରୀ ଦାୟୀ। ହେଲେ ତାଙ୍କୁ ମନ୍ତ୍ରିପଦରୁ ଏଯାବତ୍ ବହିଷ୍କାର କରାଯାଉନି କି ଗିରଫ କରାଯାଉନି। ତେଣୁ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏସଆଇଟି ଏହି ଘଟଣାର ତଦନ୍ତ ଦାବିରେ ଶନିବାର ରାଜଧାନୀରେ ପୁଣି ଥରେ ଛାତ୍ର କଂଗ୍ରେସ ଗର୍ଜିଛି। ଏଥିସହ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ବହିଷ୍କାର କରା ନ ଯିବା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ଆନ୍ଦୋଳନରୁ ଓହରିବ ନାହିଁ ବୋଲି ସଭାପତି ୟାସିର ନୱାଜ କହିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ଦାଶଙ୍କ ଗିରଫ ଦାବିରେ ନବୀନ ନିବାସ ଘେରାଉ କରିବା ପାଇଁ ୟାସିରଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସର ଶତାଧିକ କର୍ମୀ ରାସ୍ତାକୁ ଓହ୍ଲାଇ ବିଭିନ୍ନ ସ୍ଲୋଗାନ ଦେବା ସହ ନାରାବାଜି ଦେଇଥିଲେ। ପ୍ରଥମେ ଛାତ୍ର କଂଗ୍ରେସ କର୍ମୀମାନେ ଶିଶୁଭବନ ଛକଠାରୁ ଏକ ରାଲିରେ ଫରେଷ୍ଟପାର୍କ ବାଟ ଦେଇ ନବୀନ ନିବାସମୁହାଁ ହେଉଥିବାବେଳେ ଫରେଷ୍ଟ ପାର୍କ ନିକଟରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଫଳରେ ଉଭୟ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ କିଛି କଂଗ୍ରେସ କର୍ମୀ ବ୍ୟାରିକେଡ୍ ଡେଇଁ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ଟେକି ନେଇ ଯାଇଥିଲା। ଫଳରେ ପୋଲିସ ଓ ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାରୁ ଉକ୍ତ ସ୍ଥାନ କିଛି ସମୟ ପାଇଁ ରଣକ୍ଷେତ୍ର ପାଲଟି ଯାଇଥିଲା। ଉତକ୍ଷିପ୍ତ ହୋଇ କଂଗ୍ରେସ କର୍ମୀମାନେ ପୋଲିସ ଉପରକୁ ଅଣ୍ଡା ଓ ଟମାଟୋ ମାଡ଼ କରିଥିଲେ। ଏନେଇ ଛାତ୍ର କଂଗ୍ରେସ ସଭାପତି ନୱାଜ କହିଛନ୍ତି, ମୁଖ୍ୟମନ୍ତ୍ରୀ ଗଣଶିକ୍ଷା ମନ୍ତ୍ରୀଙ୍କୁ ସୁରକ୍ଷା ଦେଉଛନ୍ତି। ଏହା ରାଜ୍ୟରେ ଘୋର ଅନ୍ୟାୟ। ଅନ୍ୟପଟେ ପୋଲିସ ଅଧାବାଟରୁ ଅଟକାଇବାରୁ ଛାତ୍ର କଂଗ୍ରେସ କର୍ମୀ ହଠାତ୍ ମୋଡ଼ ବଦଳାଇ ସ୍ଥାନୀୟ ଗାନ୍ଧୀମାର୍ଗସ୍ଥିତ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ କ୍ୱାର୍ଟର୍ସକୁ ଯିବାକୁ ବାହାରିଥିଲେ। ମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ରାଲିରେ ଯାଉଥିବାବେଳେ ଛାତ୍ର କଂଗ୍ରେସ କର୍ମୀଙ୍କୁ ପୁଣି ପୋଲିସ ରୋକିବାକୁ ଚେଷ୍ଟା କରିଥିଲା। ସେଠାରେ ମଧ୍ୟ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ କିଛି କଂଗ୍ରେସ କର୍ମୀ ଆହତ ହୋଇଥିବା ଜଣାପଡ଼ିଛି। କର୍ମୀମାନେ ମନ୍ତ୍ରୀଙ୍କ କ୍ୱାର୍ଟର୍ସ ଉପରେ ଅଣ୍ଡାମାଡ଼ କରିଥିଲେ। ସ୍ଥିତି ନିୟନ୍ତ୍ରଣ ନିମନ୍ତେ ଘଟଣାସ୍ଥଳରେ ଖୋଦ୍ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ୨ଜଣ ଏସିପି, ଜଣେ ଆଇଆଇସି ଏବଂ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ମଧ୍ୟ କିଛି କର୍ମୀ ମନ୍ତ୍ରୀଙ୍କ ବାସଭବନ ପରିସରକୁ ପଶିଯାଇଥିଲେ। ଅଧିକ ସଂଖ୍ୟାକ ପୋଲିସ ଫୋର୍ସ ମୁତୟନ ହେବାରୁ ୨୦ରୁ ଅଧିକ ଛାତ୍ର କର୍ମୀଙ୍କୁ ଉଠାଇ ନେଇ ଅଟକ ରଖିବା ପରେ ଛାଡି ଦେଇଥିବା ଜଣାପଡ଼ିଛି। ବିକ୍ଷୋଭକାରୀଙ୍କ ଆକ୍ରମଣରେ ପୋଲିସ ଭ୍ୟାନ୍ କାଚ ଭାଙ୍ଗିଥିଲେ ସୁଦ୍ଧା ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା କୁହାଯାଉଛି। ଏହି ଆନ୍ଦୋଳନରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ରଜତ ଚୌଧୁରୀ, ଶିବାନନ୍ଦ ରାୟ, ମାନସ ଚୌଧୁରୀ, ବିଶ୍ୱଜିତ ଦାଶ, ପ୍ରକାଶ ମିଶ୍ର, ମନୋଜ ଜେନା, ମନୋଜ ବିଶ୍ୱାଳ, କିରଣ ସାହୁ, ନୀହାର ବେହେରା, ରଣଜିତ ପାତ୍ର, ଅଜୟ ସାହୁ, ଆଲୋକ ଲେଙ୍କା, ସୁଶ୍ରୀ ଶାନ୍ତିଲତା, ଅଖିଳେଶ ଯାଦବ, ରାଜଲକ୍ଷ୍ମୀ ସାହୁ, ଜଗଦୀଶ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାନୁସାରେ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ମୃତ୍ୟୁ ପୂର୍ବରୁ ଟେଲିଫୋନ ଯୋଗେ ତାଙ୍କ ମୃତ୍ୟୁ ପାଇଁ ୭ଜଣଙ୍କ ନାମ କହିଥିବାବେଳେ ଏଥିରେ ଗଣଶିକ୍ଷା ମନ୍ତ୍ରୀଙ୍କ ନାମ ମଧ୍ୟ ଉଲ୍ଲେଖ କରିଥିଲେ। ଏହାସହ ତାଙ୍କ ୨ଟି ମୋବାଇଲ ଫୋନ୍‌ରେ ସବୁ ପ୍ରମାଣ ରହିଛି। ତେଣୁ ଏହାକୁ ଲୋକଲୋଚନକୁ ଆଣିବାକୁ ସେ ତାଙ୍କ ସାଙ୍ଗଙ୍କୁ ଫୋନରେ କହିଥିଲେ। ହେଲେ ପୋଲିସ ହାତରେ ମୋବାଇଲ ଥିବାରୁ ପ୍ରମାଣ ନଷ୍ଟ ପାଇଁ ଚକ୍ରାନ୍ତ ଚାଲିଛି। ତେଣୁ ଏହାର ନିରପେକ୍ଷ ତଦନ୍ତ ପାଇଁ ପୂର୍ବରୁ ଛାତ୍ର କଂଗ୍ରେସ ଦାବି କରିବା ସହ ଆନ୍ଦୋଳନ ଦେବା ଚେତାବନୀ ଦେଇଥିଲା। ହେଲେ ଘଟଣାକୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ମନ୍ତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଶନିବାର ଛାତ୍ର କଂଗ୍ରେସ ପକ୍ଷରୁ ଏହାକୁ ପ୍ରବଳ ମାତ୍ରାରେ ବିରୋଧ କରାଯାଇଥିଲା। ଯଦି ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦାବି ନ ମାନିବେ, ତେବେ ଆଗକୁ ସମସ୍ତ ମନ୍ତ୍ରୀଙ୍କ ବାସଭବନ ଆଗରେ ବିକ୍ଷୋଭ କରାଯିବ ବୋଲି ଛାତ୍ର କଂଗ୍ରେସ ଚେତାବନୀ ଦେଇଛି।

# ଧାମନଗର-ଯାଜପୁର ସୀମା ସିଲ୍ କରାଯାଉ

## ଜିଲାପାଳଙ୍କ ନିକଟରେ ଦାବିକଲା ଭାଜପା



ଭଦ୍ରକ ଅଫିସ/ଧାମନଗର,୨୯।୧୦(ବି.ଏନ.ଏ.)

ଧାମନଗର ଉପନିର୍ବାଚନରେ ବିଜେଡି ଗୁଣ୍ଡା ରିଗିଂ କରିବା ଆଶଙ୍କା ନେଇ ଏହି ନିର୍ବାଚନମଣ୍ଡଳୀ ସଂଲଗ୍ନ ଯାଜପୁର ସୀମାକୁ ସିଲ୍ କରାଯିବାକୁ ଭାଜପା ଶନିବାର ନିର୍ବାଚନ କମିଶନ ଏବଂ ଜିଲାପାଳଙ୍କ ନିକଟରେ ଦାବି କରିଛି। ଭାଜପା ରାଜ୍ୟ ମୁଖପାତ୍ର ମନୋଜ କୁମାର ମହାପାତ୍ର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଭଦ୍ରକ ଜିଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ ପ୍ରମୁଖ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଧାମନଗର ଏବଂ ଯାଜପୁର ସୀମାରେ ଥିବା ପଧାନୀ, ସୋହଡ଼ା, ଅର୍ଜୁନପୁର, ହସନାବାଦ, ପାଳସାହି ଆଦି ପଞ୍ଚାୟତରେ ଅବାଧ ଓ ନିରପେକ୍ଷ ନିର୍ବାଚନରେ ବାଧା ସୃଷ୍ଟି ହେବା ଆଶଙ୍କା ରହିଛି। ଏଣୁ ନିର୍ବାଚନର ୩ ଦିନ ପୂର୍ବରୁ ଯାଜପୁର ସୀମାକୁ ସିଲ୍ କରିବା ପାଇଁ ଭାଜପା ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଇଲେକ୍ଟୋରାଲ ବଣ୍ଡର ୯୫% ଚାନ୍ଦା ଭାଜପାକୁ ଯାଉଛି: ଗେହଲଟ୍

ସୁରଟ,୨୯।୧୦: ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ସଂଗୃହୀତ ଚାନ୍ଦାର ୯୫ ପ୍ରତିଶତ ଭାଜପାକୁ ଯାଉଥିବା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଶନିବାର ଅଭିଯୋଗ କରିଛନ୍ତି। ଦାତାମାନେ ଭୟରେ ଅନ୍ୟ ଦଳକୁ ଚାନ୍ଦା ଦେଉ ନ ଥିବା ସେ କହିଛନ୍ତି। ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସର ପ୍ରଚାର ସମ୍ପର୍କିତ ଏକ ଖବରଦାତା ସମ୍ମିଳନୀରେ ଗେହଲଟ୍ କହିଥିଲେ, କଂଗ୍ରେସ କିମ୍ବା ଅନ୍ୟ ରାଜନୈତିକ ଦଳଙ୍କୁ ଚାନ୍ଦା ଦେବାକୁ ଚାହୁଁଥିବା କର୍ପୋରେଟ୍‌ଗୁଡ଼ିକୁ ଭାଜପା ଧମକ ଦେଉଛି।

# ୭ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

## ଧାମନଗର ଉପନିର୍ବାଚନ

ଭଦ୍ରକ ଅଫିସ, ୨୯।୧୦: ଧାମନଗର ଉପନିର୍ବାଚନ କାର୍ଯ୍ୟ ପରିଚାଳନାରେ ଅବହେଳା ପାଇଁ ୬ଜଣ ଓ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଅଭିଯୋଗରେ ଜଣେ କର୍ମଚାରୀଙ୍କ ବିରୋଧରେ ଭଦ୍ରକ ଜିଲା ନିର୍ବାଚନ ଅଧିକାରୀ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶନିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜିଲା କାର୍ଯ୍ୟାଳୟରେ ଖୋଲାଯାଇଥିବା ନିର୍ବାଚନୀ ନିୟନ୍ତ୍ରଣ କକ୍ଷରେ ନିଜର କାର୍ଯ୍ୟ ସମୟ ମଧ୍ୟରେ ଅନୁପସ୍ଥିତ ଥିବା ଯୋଗୁ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ଜୁନିଅର ଆସିଷ୍ଟାଣ୍ଟ ଖଗେଶ୍ୱର ଦାସ ଏବଂ ରାଜନୈତିକ ଦଳ ସହ ସମ୍ପୃକ୍ତି କାରଣରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଆଧାରରେ କୋଠାର ମା' ଶାରଦା ଦେବୀ ମହାବିଦ୍ୟାଳୟ କିରାଣି ନୃସିଂହ ଚରଣ ନନ୍ଦୀଙ୍କୁ ନିଲମ୍ବନ କରାଯାଇଛି। ସେହିପରି ନିର୍ବାଚନୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଯୋଗୁ ବାରିକପୁର ନୋଡାଲ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ପ୍ରତିଭା ସେନାପତି, ନଳାଙ୍ଗ ୟୁଜିଏମ୍‌ଇ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି ଏବଂ ନିର୍ବାଚନୀ ନିୟନ୍ତ୍ରଣ କକ୍ଷ ପରିଚାଳନା କାର୍ଯ୍ୟରେ ଦେଢ଼ଘଣ୍ଟା ବିଳମ୍ବରେ ଆସିଥିବାରୁ ଜିଲା ପରିଷଦ କାର୍ଯ୍ୟାଳୟର ତୁଡାର ସେକ୍ସନ ଟିମ୍ ଲିଡର ଈଶ୍ୱର ପଣ୍ଡା, ଭଦ୍ରକ ତହସିଲର ସିନିଅର ଆସିଷ୍ଟାଣ୍ଟ ଜ୍ୟୋତି ବିକାଶ ସାହୁ, ଉପନିବନ୍ଧକ କାର୍ଯ୍ୟାଳୟର ସିନିୟର ଆସିଷ୍ଟାଣ୍ଟ ବିଭୁଦତ୍ତ ବାରିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।


### ODISHA PUBLIC SERVICE COMMISSION, CUTTACK
**NOTICE**
**No.9858/PSC, Dt.29.10.22**
**PF-1E-11-2021/22 (DR-III)**

**No.D-205:** It is for information of all concerned that, pursuant to Advt. No.24 of 2021-22,16 (Sixteen) candidates bearing following PPSAN have been allowed to appear in the interview to determine their eligibility for recruitment to the post of Post Graduate Teachers in Geography. The Interview in respect of the following candidates will be held in the office of the Commission, 19 Dr. P.K. Parija Road, Cuttack-753001 on 11.11.2022, as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 11.11.2022 | 10.30 A.M. | 00120983,00089163,00056200,00122676, 00110957, 00126114, 00079860,00117626 & 00097690 **= 09 candidates** |
| | | 3.00 P.M. | 00030502,00117584,00047320,00121223,00081231, 00095840 & 00040724 **=07 candidates** |

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date and time as mentioned above.

**NOTE :-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0189/2223 **Sd./- Secretary**

### Government of Odisha
**Higher Education Department**
No. N-55:-

**Dateline for P.G. Vacant seat admission under SAMS for the Academic Session 2022-23 in State Public Universities and Colleges**

Dateline for P.G. vacant seat admission for the Academic Session 2022-23 for State Public Universities and Colleges with P.G. Courses under project 'Student Academic Management System (SAMS)' is given below. Any change in the dateline will be published in the newspapers as well as in the website www.samsodisha.gov.in.

| Sl# | Activities | Timeline |
|---|---|---|
| 1 | Opening of Correction Window: Availability of online Common Application Form (CAF) in the student login for updation of mark & Reservation for PG Vacant Seat Admission through www.samsodisha.gov.in | 01-Nov-2022 (12:00 PM) to 03-Nov-2022 (5:00 PM) |
| 2 | Publication of candidates' total mark (CPET Entrance Mark + Career mark) | 04-Nov-2022 (2.00 PM) |
| 3 | Detailed Advertisement to be published by the Higher Education Institutions regarding the dateline for submission of CAF, reporting of applicants, date of admission etc. | In between 01-Nov-2022 and 04-Nov-2022 |
| 4 | All the admission related activities (validation of CAF/ selection/ admission & collection of admission fees to be completed by the HEIs | 05-Nov-2022 to 21-Nov-2022 |
| 5 | Display of Selection List by the respective Institutions, Admission and Data updation in the e-space | 23-Nov-2022 to 25-Nov-2022 |

**For more details please contact: e-Admission Helpline (Toll Free) Number 155335 / 1800-345-6770**

**N.B.:** Please go through the detailed P.G. Vacant Seat Admission Guidelines available in P.G. SAMS website ( https://pg.samsodisha.gov.in)

OIPR-11001/11/0040/2223

### The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2338: OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.4588/RE/OSIC Dt.28.10.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Construction of 66 beded working women hostel over Plot No. 252 & 2756, Cuttack Town, Unit No.-16 (Bhagat Hostel), Buxibazar, Cuttack"**. Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/modifications will appear in OSIC Ltd. website www.osicltd.in only.

Sd/-
OIPR-14073/11/0112/2223 GENERAL MANAGER(O)

### BHUBANESWAR DEVELOPMENT AUTHORITY BHUBANESWAR
AKASH SHOVA BUILDING,
SACHIVALAYA MARG, BHUBANESWAR - 751001
Visit us at: http://www.bda.gov.in

RFP No. Engg-IV-Vehicle-01/22/1298 Date:29.10.2022

**No.CAD-2324:** Bhubaneswar Development Authority invites **"REQUEST FOR PROPOSAL FOR SELECTION OF AN AGENCY FOR SUPPLY OF VEHICLE WITH DRIVER ON HIRE BASIS FOR BHUBANESWAR DEVELOPMENT AUTHORITY (BDA)"**. The RFP documents will be available in the BDA website @ www.bda.gov.in from 02.11.22 to 15.11.22 upto 5.00 PM. The RFP documents can be downloaded from the BDA website (www.bda.gov.in). The last date of receipt of proposals by speed post/ registered post is up to 5.00 PM on 18.11.22 and the RFP will be opened at 11.30 AM on 19.11.22 in the office chamber of the Executive Engineer, Division No-IV, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the BDA website www.bda.gov.in for further details. Any addendum / corrigendum / cancellation of RFP can be seen in this website only.

Sd./- Executive Engineer
OIPR-13033/11/0310/2223 Division No.IV, BDA

### idco | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS,JANPATH,BHUBANESWAR-751022**
IDCO/H.O./P&C/EST/E-1816/01/2022 27199 Dated 21.10.2022

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

**No.CAD-2319:** 1.Name of the Work: Construction of Utility corridor (60 m width over an appex length of 3 km) between Gopalpur port and TATA Steel SEZ.
2. Estimated Cost: Rs.126.32 Cr. (Approx.)
3. Period of Completion : 18 (Eighteen) Calendar Months.
4. Other details :

| Procurement Officer | Bid ID/Tender reference No. | Availability of Tender online for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C) IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-73/ 2022-23 | 03.11.2022 at 17.00 Hrs. | 30.11.2022 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
OIPR-14003/11/0182/2223 IDCO, Bhubaneswar

### WORKS DEPARTMENT
**OFFICE OF THE SUPERINTENDING ENGINEER ROURKELA (R&B) DIVISION, UDITNAGAR, ROURKELA**
No.B-754: E-Mail Id - eepwdrkl@gmail.com

**Government of Orissa "e" Procurement Notice**
**Bid Identification No.: 44/ 2022-2023 Dated:28.10.2022**

1. Number of works : 02(Two) numbers of Works
2. Estimated cost : Rs. 44.13 Lakhs to Rs. 44.50 Lakhs
3. Period of completion : 1 (One) Calendar Month
4. Date & Time of availability of bid document in the portal : Dt 01.11.2022 at 11.00A.M.
5. Last date/ Time for receipt of bids in the portal : Dt 07.11.2022 up to 03.00 P.M.
6. Date of opening of Bid : Dt. 07.11.2022 at 4.00 P.M.
7. Name and Address of the Officer Inviting Bid : Superintending Engineer, (R&B) Division,Rourkela,UditNagar

Further details can be seen from the e-procurement portal http// tendersorissa.gov.in.

Sd./-Superintending Engineer
OIPR-34068/11/0029/2223 R&B Division, Rourkela

### idco | ODISHA NEW OPPORTUNITIES
No. CAD-2315
**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**
Tender Call Notice No. IDCO:H.O./P&C/EST/E-3609/03/2016/Vol-V/27468 Date: 27.10.2022

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the work** : Repair and maintenance of Road (such as providing BM and SDBC) at IID Centre, Somnathpur, Balasore, Odisha.
2. **Estimated Cost** : Rs.87.13 lakh
3. **Period of Completion** : 04 (Four) Calendar months.
4. **Other details** :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-86/2022-23 | 02.11.2022 at 17.00 Hrs. | 16.11.2022 up to 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

OIPR-14003/11/0181/2223 Sd./- Chief General Manager (P&C), IDCO, Bhubaneswar

### The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2337: OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.4586/RE/OSIC Dt.28.10.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC **for 3 nos. of works** i.e. **(1).** Supply and installation of 250 KVA 11/0.4 KV Sub-Station for power supply to 120 KW SPP load to M/s. The Principal, ANWESHA Hostel at Kirei, Sundargarh under SED, Sundergarh, TPWODL in the District of Sundargarh. **(2).** Construction of 11 KV line, 11/0.4 KV S/S & LT line for power supply to different project of Kendrapara Municipality. **(3).** Shifting of LT line from the construction site of Mission Shakti Building at Block Office Campus Tentulikhunti under Nabarangpur District. Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.

Sd/-
OIPR-14073/11/0111/2223 GENERAL MANAGER(O)

### ODISHA STATE SEEDS CORPORATION LIMITED
(A GOVERNMENT UNDERTAKING)
SANTARAPUR, BHUBANESWAR - 751002
Tel-MD 0674-2340573, Tel Fax-2340096
E-mail-mdossctd456@gmail.com

**NIT No.OSSC/Mktg-29 /2022**

**Short e-Tender Call Notice for Procurement of Onion Seeds during Rabi 2022-23**

**No.CAD-2321:** OSSC Ltd. invites Short e-Tender only from Producers (and in case of GOI PSUs, their authorized Agencies) on item wise rate contract basis in double cover system through online mode only for the works below.

| | |
|---|---|
| Name of the work | Purchase of Onion Seeds during Rabi 2022-23 |
| Nos. of work | One |
| Availability of bid documents in portal | 15 hours on 31. 10.2022 to 17 hours of 09.11.2022 |
| Last date of receipt of tender in portal | 17 hours of 09.11.2022 |
| Date and time of opening of Bid | 11 hours of 10.11.2022 |

The detailed descriptions of crops, varieties, quantity, parameters, terms and conditions specified in the tender schedule would be available in the e-Tender portal www.tendersodisha.gov.in and on OSSC Ltd website www.ossctd.in. Any addendum/ corrigendum/cancellation can also be seen in the said website.

**Sd./- Managing Director, OSSC Ltd.**
OIPR-01106/11/0005/2223

### ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME
### ST & SC DEVELOPMENT DEPARTMENT
2nd Floor, TDCCOL Building, Rupali Square, Bhubaneswar -751022
Notice No. 3533/Date: 28.10.2022

**SHORT-TERM ENGAGEMENT OF ACCOUNT ASSISTANT (AUDIT) AT PMU, OPELIP**

No.CAD-2316:- Programme Director, OPELIP invites applications from eligible candidates for engagement of one **Account Assistant (Audit)** on short term basis to be positioned at PMU, OPELIP, 2nd Floor, TDCCOL Building, Rupali Square, Bhubaneswar - 751022. Application form along with detailed ToR can be downloaded from our official website i.e. **www.opelip.org**. Last date of receipt of applications **by post/courier only 11th November,2022 at 05.00 PM.** Application beyond the dateline will not be considered.

Only shortlisted candidates will be called for Interview for empanelment. Programme Director, OPELIP reserves the right of accepting or rejecting the applications without assigning any reason thereof.

OIPR-26024/11/0007/2223 **Sd./- Programme Director**

**ସାମ୍‌ସଙ୍ଗ୍‌ର ନୂତନ ଉତ୍ପାଦ ଉନ୍ମୋଚିତ**

**ନୂଆଦିଲ୍ଲୀ:** ସାମ୍‌ସଙ୍ଗ୍‌ର ନୂତନ ଉତ୍ପାଦ ‘ଅଲ-ନିଉ ପିକଲ୍ ମୋଡ୍ ମାଇକ୍ରୋୱେଭ’ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ ଗ୍ରାହକମାନେ ସେମାନଙ୍କ ପସନ୍ଦର ଖଟା ତିଆରି କରିପାରିବେ ଏବଂ ବହୁଦିନରୁ ପ୍ରଚଳିତ ଖରାରେ ଶୁଖାଇ ଖଟା କରିବାର ଝିନ୍‌ଝଟରୁ ମୁକ୍ତି ପାଇବେ। ବିଶେଷକରି ଗୃହିଣୀ, ନୂଆ ପିଢ଼ି ଏବଂ କର୍ମଜୀବୀମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଅଭିନବ ପିକଲ୍ ମୋଡ୍ ଥିବା ଏହି ନୂଆ ମାଇକ୍ରୋୱେଭ୍ ଗ୍ରାହକମାନଙ୍କୁ ନିଜ ଘରେ ଆରାମରେ ରହି ବର୍ଷ ତମାମ ବିଭିନ୍ନ ପ୍ରକାର ସ୍ୱଚ୍ଛ ଖଟା ପ୍ରସ୍ତୁତ କରିବାରେ ସହାୟକ ହେବ।

# ଅସ୍ଥିରତା ମଧ୍ୟରେ ବିଶ୍ୱ ଅର୍ଥବ୍ୟବସ୍ଥା

## ଯନ୍ତ୍ରଣା ବଢ଼ାଉଛି ଦରବୃଦ୍ଧି

ନୂଆଦିଲ୍ଲୀ,୨୯।୧୦



ଗତ କିଛି ମାସ ହେବ ଉଭୟ ଭୌଗୋଳିକ ଓ ରାଜନୈତିକ କାରଣରୁ ସାରା ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଜାରି ରହିଛି। ଏପରିକି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ବ୍ୟାପକ ପ୍ରଭାବ ପକାଇଛି ବୋଲି ଏକ ଅନ୍ତଃରାଷ୍ଟ୍ରୀୟ ସର୍ଭେ ସଂସ୍ଥା ପକ୍ଷରୁ କୁହାଯାଇଛି। ବିଗତ ୨ ବର୍ଷର କୋଭିଡ୍ କଟକଣା ଯୋଗୁ ବିଶ୍ୱ ଅର୍ଥ ବ୍ୟବସ୍ଥା ଏକ ପ୍ରକାର ନିମ୍ନଗାମୀ ହୋଇପଡ଼ିଥିଲା। ସେହିଭଳି ଉକ୍ତ ମାନ୍ଦାବସ୍ଥାରୁ ମୁକୁଳିବା ପାଇଁ ସାରା ବିଶ୍ୱ ନାନାଦି ଉପାୟ ଓ ପଦକ୍ଷେପ ଗ୍ରହଣ କରିଥିଲେ। ବିଶେଷ କରି ଅର୍ଥ ବ୍ୟବସ୍ଥାରେ ସୁଧାର ପାଇଁ କୋଭିଡ୍ କଟକଣାକୁ କୋହଳ କରାଯାଇଥିବା ବେଳେ ବିଶ୍ୱ ଭୌଗୋଳିକ ସମସ୍ୟା ଏକ ପ୍ରକାର ପ୍ରତିବନ୍ଧକ ସାଜିଥିଲା। ସେହିପରି ଅନ୍ତଃରାଷ୍ଟ୍ରୀୟ ବିବାଦଗୁଡିକ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ଓ ଅର୍ଥ ବ୍ୟବସ୍ଥା ଉଭୟ ସରକାର ଓ ଜନସାଧାରଣଙ୍କୁ ଚିନ୍ତାରେ ପକାଇ ଦେଇଛି। ଖାଲି ଭାରତ ଯେ ମାନ୍ଦାବସ୍ଥା ଓ ଦରବୃଦ୍ଧିର ସମ୍ମୁଖୀନ ହେଉଛି ତା’ ନୁହେଁ ସାରା ବିଶ୍ୱରେ ମାନ୍ଦାବସ୍ଥା ଜାରି ରହିଛି। ଆୟଠାରୁ ଆରମ୍ଭକରି ଦରବୃଦ୍ଧିକୁ ନିୟନ୍ତ୍ରଣରେ ରଖିବା ପାଇଁ ସବୁ ଦେଶର ସରକାର ପ୍ରାଣପଣେ ଲାଗିଛନ୍ତି। ହେଲେ ମୁଦ୍ରାସ୍ଫୀତ ଓ ଉଚ୍ଚ ଦର ଏବଂ ବେକାରି ସମସ୍ୟା ଯୋଗୁ ସାରା ବିଶ୍ୱରେ ଅସ୍ଥିରତା ଦେଖାଦେଇଛି ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ମୁଦ୍ରାସ୍ଫୀତିକୁ ଆୟତ୍ତରେ ରଖିବା ପାଇଁ ଭାରତୀୟ ରିର୍ଜଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଦରବୃଦ୍ଧି ଓ ଅର୍ଥ ବ୍ୟବସ୍ଥାରେ ସୁଧାର ପରିଲକ୍ଷିତ ହେଉନାହିଁ। ଏଭଳି ପରିସ୍ଥିତିରେ ଆର୍‌ବିଆଇ ଆସନ୍ତା ମାସରେ ଏକ ଜରୁରିକାଳୀନ ଏମ୍‌ପିସି ବୈଠକ ଡକାଇଛି। ଉକ୍ତ ବୈଠକ ପରେ ଆର୍‌ବିଆଇ ପୁଣି ଥରେ ଋଣ ସୁଧ ହାରକୁ ବଢାଇପାରନ୍ତି ବୋଲି ଆକଳନ କରାଯାଉଛି। ଫଳରେ ସୁଧ ହାର ବୃଦ୍ଧି ହେଲେ ଦରବୃଦ୍ଧି ଓ ଖର୍ଚ୍ଚ ପରିମାଣ ପୂର୍ବାପେକ୍ଷା ବୃଦ୍ଧି ପାଇବ ବୋଲି ଅର୍ଥ ପରାମର୍ଶଦାତା ଏବଂ ବଜାର ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

## ଚିନି ରପ୍ତାନି ସମୟସୀମା ବୃଦ୍ଧି କଲେ ସରକାର

ନୂଆଦିଲ୍ଲୀ,୨୯।୧୦

ବର୍ତ୍ତମାନ ପରିସ୍ଥିତିରେ ମୂଲ୍ୟ ବୃଦ୍ଧି ନିୟନ୍ତ୍ରଣ ଲାଗି କେନ୍ଦ୍ର ସରକାର ନିୟମିତ ଭାବେ ଦୃଢ଼ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କ୍ରମରେ ସରକାର ଚିନି ରପ୍ତାନି ଉପରେ ଥିବା କଟକଣା ଅବଧିକୁ ଆଉ ବର୍ଷକ ପାଇଁ ବଢ଼ାଇ ଦିଆଯାଇଛି। ଏପରିକି ୨୦୨୨ ଅକ୍ଟୋବର ୩୧ରୁ ୨୦୨୩ ଅକ୍ଟୋବର ୩୧ ପର୍ଯ୍ୟନ୍ତ ରପ୍ତାନି କଟକଣାକୁ ସରକାରଙ୍କ ପକ୍ଷରୁ ବଢ଼ାଇ ଦିଆଯାଇଛି। ଏ ନେଇ ଡାଇରେକ୍ଟର ଜେନେରାଲ ଅଫ୍ ଫରେନ ଟ୍ରେଡ୍ (ଡିଜିଏଫ୍‌ଟି) ଙ୍କ ପକ୍ଷରୁ କୁହାଯାଇଛି ଯେ ଆଗାମୀ ଆଦେଶ ପର୍ଯ୍ୟନ୍ତ ବିଦେଶକୁ ଚିନି ରପ୍ତାନି ବନ୍ଦ ରହିବ। ତେବେ ଏହି କଟକଣା ସିଏକ୍ସଏଲ୍ ଓ ଟିଆର୍‌କ୍ୟୁ କୋଟା ୟୁରୋପୀୟ ୟୁନିୟନ ଓ ଆମେରିକାକୁ କରାଯାଉଥିବା ଚିନି ରପ୍ତାନି ଉପରେ ପ୍ରଯୁଜ୍ୟ ନୁହେଁ, ଏହାର ଅର୍ଥ ପୂର୍ବ ପରି ଏବେ ବି ଏହି ଦେଶଗୁଡ଼ିକୁ ଚିନି ରପ୍ତାନି ଜାରି ରହିବ।

## ଏସ୍‌ବିଆଇର ବିଶେଷ ଅଭିଯାନ ୨.୦



ଭୁବନେଶ୍ୱର,୨୯।୧୦

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ବିଶେଷ ଅଭିଯାନ ୨.୦’ ଅଧୀନରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପାଣ୍ଡରାସ୍ଥିତ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମରେ ଏସ୍‌ବିଆଇର ବିଶେଷ ଅଭିଯାନ ୨.୦ର ଆୟୋଜନ ହୋଇଥିଲା। ଏପରିକି ବ୍ୟାଙ୍କର କର୍ମଚାରୀମାନଙ୍କ ଦ୍ୱାରା ଉକ୍ତ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ଭାବ ବିନିମୟ ଏବଂ ସଫେଇ, ବୃକ୍ଷରୋପଣ ଭଳି ସାମାଜିକ କାର୍ଯ୍ୟକ୍ରମ ଆଦି କରାଯାଇଥିଲା। ବ୍ୟାଙ୍କର ଉପ ମହା ପ୍ରବନ୍ଧକ ସୁଶାନ୍ତ କୁମାର ସାହୁ ଏବଂ ମୁନିସ କୁମାରଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ସତ୍ୟବ୍ରତ ମିଶ୍ର, ଅମରେଶ ଦାସ, ଆର୍ତ୍ତବନ୍ଧୁ ବେହେରା, ଅକ୍ଷୟ କୁମାର ସାହୁଙ୍କ ସମେତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟର ଅନ୍ୟ ସହକର୍ମୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ।

# ସିଜିୟୁ ଛାତ୍ରଙ୍କ ବିରଳ ସଫଳତା

ଭୁବନେଶ୍ୱର,୨୯।୧୦



ସୁବ୍ରତ ପଟେଲ

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସି.ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟି (ସିଜିୟୁ)ର ହୋଟେଲ ମ୍ୟାନେଜମେଣ୍ଟ ଛାତ୍ର ସୁବ୍ରତ ପଟେଲ ଏକ ବିରଳ ସଫଳତାର ଅଧିକାରୀ ହୋଇଛନ୍ତି। ବିଶେଷକରି ସୁଇଜରଲାଣ୍ଡର ଲୁଜେନଠାରେ ଅନୁଷ୍ଠିତ ୱାର୍ଲଡ୍ ସ୍କିଲ୍ସ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସୁବ୍ରତ ରେଷ୍ଟୁରାଣ୍ଟ ସର୍ଭିସରେ ଭାରତ ପାଇଁ ମେଡାଲ ଅଫ୍ ଏକ୍ସଲେନ୍ସି ହାସଲ କରିଛନ୍ତି। ଏପରିକି ସିଜିୟୁର ଅଭିଲାଷ ଦାସଙ୍କ ତତ୍ତ୍ୱାବଧାନରେ ସୁବ୍ରତ ରେଷ୍ଟୁରାଣ୍ଟ ସର୍ଭିସ ଟେକ୍ନୋଲୋଜି ଉପରେ ତାଙ୍କ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଅପରପକ୍ଷରେ ସୁବ୍ରତ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିରେ ହୋଟେଲ ମ୍ୟାନେଜମେଣ୍ଟରେ ସ୍ନାତକ କରୁଛନ୍ତି। ସୁବ୍ରତଙ୍କ ଏହି ସଫଳତା ପାଇଁ ତାଙ୍କୁ ସବୁ ସ୍ତରରେ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ମଧ୍ୟ ମିଳିଛି। ସେହିଭଳି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସି.ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟିର ଛାତ୍ରୀଛାତ୍ର ବିଭିନ୍ନ ସମୟରେ ଦେଶ ପାଇଁ ସୁନାମ ଆଣିବାରେ ଲାଗିଛନ୍ତି। ଉଲ୍ଲେଖଯୋଗ୍ୟ, ସୁଇଜରଲାଣ୍ଡର ଲୁଜେନଠାରେ ୱାର୍ଲଡ ସ୍କିଲ୍ସ ପ୍ରତିଯୋଗିତା-୨୦୨୨ ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ଦେଶର ୫୮ ଜଣ ପ୍ରତିଯୋଗୀ ସାମିଲ ହୋଇଥିଲେ।

# ଇଏସ୍‌ଆଇସିର ‘ସ୍ୱତନ୍ତ୍ର ଅଭିଯାନ ୨.୦’

ନୂଆଦିଲ୍ଲୀ,୨୯।୧୦

କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି)ର ଅହମ୍ମଦାବାଦ (ଗୁଜରାଟ) ଶାଖା କାର୍ଯ୍ୟାଳୟ ପକ୍ଷରୁ ଦୀର୍ଘ ୧ ମାସ ହେବ ବ୍ୟାପକ ସାମାଜିକ ଓ ସରକାରୀ କାର୍ଯ୍ୟକ୍ରମ ଜାରି ରହିଛି। ବିଶେଷ କରି ଚଳିତ ବର୍ଷ ଅକ୍ଟୋବର ୨ରୁ ୩୧ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁସାରେ ‘ସ୍ୱତନ୍ତ୍ର ଅଭିଯାନ ୨.୦’ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ନିଗମର ହିତାଧିକାରୀଙ୍କ ଅଭିଯୋଗ, ରାଜ୍ୟ ସରକାରଙ୍କ ରେଫରେନ୍ସ, ରେକର୍ଡ ପରିଚାଳନା ଅଭ୍ୟାସ, ସଂସଦୀୟ ଆଶ୍ୱାସନା ସମ୍ବନ୍ଧୀୟ ବିଚାରାଧୀନ ମାମଲାଗୁଡ଼ିକର ସମାଧାନ ପାଇଁ ମଧ୍ୟ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏପରିକି ଇଏସ୍‌ଆଇସିର ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟ, ହସ୍ପିଟାଲ ଏବଂ ମେଡିକାଲ କଲେଜଗୁଡିକରେ ବ୍ୟାପକ ସ୍ୱଚ୍ଛତା ଡ୍ରାଇଭ୍ ମଧ୍ୟ କରାଯାଉଛି। ଅପରପକ୍ଷରେ ଏହି ଅଭିଯାନ ଗୁଜରାଟର ଆଞ୍ଚଳିକ କାର୍ଯ୍ୟାଳୟ ଅହମ୍ମଦାବାଦ ଇଏସ୍‌ଆଇସି ଅଧୀନରେ ଥିବା ଗୁଜରାଟର ବିଭିନ୍ନ ସ୍ଥାନରେ ଥିବା କାର୍ଯ୍ୟାଳୟରେ ‘ସ୍ୱତନ୍ତ୍ର ଅଭିଯାନ୨.୦’ ପାଳନ କରାଯାଉଛି। ସେହିପରି ଗୁଜରାଟରେ ହିତାଧିକାରୀ, ବୀମାଭୁକ୍ତ ବ୍ୟକ୍ତି ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ଅଭିଯୋଗ ଇଏସ୍‌ଆଇସି ଦ୍ୱାରା ସର୍ବନିମ୍ନ ସ୍ତରକୁ ଅଣାଯାଇଛି। ସମସ୍ତ କର୍ମଚାରୀ କାର୍ଯ୍ୟାଳୟ ଦ୍ୱାରା ଆଭ୍ୟନ୍ତରୀଣ ଗୃହରକ୍ଷୀ କାର୍ଯ୍ୟକଳାପ ଏବଂ ରେକର୍ଡ ପରିଚାଳନା ଅଭ୍ୟାସରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି। ଏପରିକି ଅଭିଯୋଗର ସମାଧାନ, ଆଭ୍ୟନ୍ତରୀଣ ଗୃହରକ୍ଷୀ କାର୍ଯ୍ୟକଳାପ ଜରିଆରେ ଅଭିଯାନ ଗୁଜରାଟର ଇଏସ୍‌ଆଇ ନିଗମର କର୍ମଚାରୀ ଏବଂ ହିତାଧିକାରୀଙ୍କ ମଧ୍ୟରେ ବିଶେଷ ସଚେତନତା ସୃଷ୍ଟି କରିଛି। ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ଇଏସ୍‌ଆଇସି ଆଞ୍ଚଳିକ କାର୍ଯ୍ୟାଳୟ, ଅହମ୍ମଦାବାଦ ଦ୍ୱାରା ବିଭିନ୍ନ କାର୍ଯ୍ୟକଳାପ ସହ ଜନସାଧାରଣଙ୍କ ଅଭିଯୋଗର ମଧ୍ୟ ସମାଧାନ କରାଯାଉଛି।

# ‘ଜୀବନଚର୍ଯ୍ୟାକୁ ଗୁରୁତ୍ୱ ଦେବାକୁ ପରାମର୍ଶ’

ଭୁବନେଶ୍ୱର,୨୯।୧୦




ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ କେୟାର ହସ୍ପିଟାଲ ପକ୍ଷରୁ ବିଶ୍ୱ ବ୍ରେନ୍ ଷ୍ଟ୍ରୋକ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଅଶୋକ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଭାରତରେ ପ୍ରତି ୧ ଲକ୍ଷ ଲୋକରେ ୨୦ଜଣ ପକ୍ଷାଘାତ ରୋଗରେ ଶିକାର ହେଉଛନ୍ତି। କାରଣ ବର୍ତ୍ତମାନର ପରିବେଶ ଓ ପରିସ୍ଥିତି ସାଙ୍ଗକୁ ଜୀବନଚର୍ଯ୍ୟା ସବୁଠାରୁ ଅଧିକ ଦାୟୀ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ସକାଳର ଆରମ୍ଭ ଠାରୁ ରାତ୍ରର ଶେଷ ଜାଗ୍ରତ ସମୟ ପର୍ଯ୍ୟନ୍ତ ଆମେ ଆମର ଜୀବନଶୈଳୀ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ୫ଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ଭୁବନେଶ୍ୱର କେୟାରର ଏଚ୍‌ସିଓଓ କ୍ରିଶଲେୟ ଆନନ୍ଦ, କେୟାରର ସ୍ନାୟୁରୋଗ ବିଶେଷଜ୍ଞ ଡା. ଶୁଭ୍ରାଂଶୁ ଶେଖର ଜେନା, ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା.ସୁଶାନ୍ତ ଦାସଙ୍କ ସମେତ ହସ୍ପିଟାଲର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ପାରାଦୀପଠାରେ ଆୟୋଜିତ ଏକ ପଦଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମରେ ପାରାଦୀପ ରିଫାଇନେରି କର୍ମଚାରୀଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା।

# ଲକ୍ଷ୍ୟ ପୂରଣରେ ବିଓଆଇ ପ୍ରଥମ ଡିବିୟୁ

ଭୁବନେଶ୍ୱର,୨୯।୧୦




ଭାରତର ୭୫ ଜିଲାରେ ୭୫ ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ (ଡିବିୟୁ)ର ଶୁଭାରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଡିବିୟୁ ବ୍ୟାଙ୍କଗୁଡିକୁ ଏକ ଲକ୍ଷ୍ୟ ପୂରଣର ଆହ୍ୱାନ ଦେଇଥିଲେ। ଯେଉଁ ଲକ୍ଷ୍ୟକୁ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ (ଡିବିୟୁ) ପ୍ରଥମ ପୂରଣ କରିଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏପରିକି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ବିଓଆଇର ଡିବିୟୁ ପକ୍ଷରୁ ୧୦୦ଜଣ ନୂତନ ଗ୍ରାହକଙ୍କୁ ଡିଜିଟାଲ ଅନ୍-ବୋର୍ଡିଂ କରାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଓଆଇର ଖୋର୍ଦ୍ଧା ଜିଲା ଡିବିୟୁ ଶାଖା ପକ୍ଷରୁ ଏକ ଗ୍ରାହକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ. କେ. ଦାସଙ୍କ ସମେତ ବ୍ୟାଙ୍କର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଦାସ କହିଥିଲେ, ବ୍ୟାଙ୍କର ଏହି ସଫଳତା ପାଇଁ ଆମେ ବେଶ୍ ଉତ୍ସାହୀ ରହିଛୁ। ବିଶେଷକରି ସମସ୍ତ ବିଭାଗ ଦ୍ୱାରା ଡିଜିଟାଲ ବ୍ୟାଙ୍କିଙ୍ଗକୁ ଗ୍ରହଣ କରିବାର ଆବଶ୍ୟକତା ଉପରେ ସେ ଆଲୋକପାତ କରିବା ସହ ୧୦୦ ଜଣ ନୂଆ ଗ୍ରାହକଙ୍କୁ ସ୍ୱାଗତ କରିବା ସାଙ୍ଗକୁ ସେମାନଙ୍କୁ ଏଟିଏମ୍ କାର୍ଡ,କ୍ୟୁଆର୍ କୋଡ୍ ଏବଂ ବିତ୍ତୀୟ ଉତ୍ପାଦ ଥିବା କିଟ୍ ପ୍ରଦାନ କରିଥିଲେ। ସେହିପରି ଡିବିୟୁ ଡିଜିଟାଲ ଡକ୍ୟୁମେଣ୍ଟେଶନ ମଧ୍ୟ ପ୍ରଦାନ କରିଥାଏ। ଫଳରେ ଶାଖା ପରିଦର୍ଶନ ନ କରି ମଧ୍ୟ ତୁରନ୍ତ ଚୁକ୍ତିନାମା କାର୍ଯ୍ୟକାରୀ କରିବାରେ ଡିବିୟୁ ସାହାଯ୍ୟ କରିଥାଏ। ଅପରପକ୍ଷରେ ଏନ୍‌ବିଜି-ପୂର୍ବର ମହାପ୍ରବନ୍ଧକ ମନୋଜ କୁମାର ସିଂହ ଡିଜିଟାଲ ମୋଡ୍ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ କାରବାରକୁ ସର୍ବାଧିକ କରିବାକୁ ମଧ୍ୟ ବିଓଆଇର ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

## ଫୁର୍‌ସତ୍

# କାହା ପାଣ୍ଠିରେ ‘ଟ୍ରୁଥ୍ ସୋସିଆଲ’






ଡୋନାଲ୍ଡ ଟ୍ରମ୍ପ୍

**ୱାଶିଂଟନ୍:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟରକୁ ଟକ୍କର ଦେବା ପାଇଁ ଏକ ନୂଆ ମିଡିଆ କମ୍ପାନୀ ଖୋଲିବା ପରଠୁ ଗୋଟିଏ ବିଷୟକୁ ନେଇ ପ୍ରଶ୍ନ ଉଠିଆସିଛି। ତାହା ହେଲା ତାଙ୍କ ଟ୍ରୁଥ୍ ସୋସିଆଲ୍‌କୁ ପାଣ୍ଠି ଯୋଗାଇଛି କିଏ ? ଉପରୋକ୍ତ ପ୍ରଶ୍ନର କେତେକ ଉତ୍ତର କିଛି ଦସ୍ତାବିଜ୍‌ରୁ ମିଳିପାରେ। ଟ୍ରୁଥ୍ ସୋସିଆଲ୍ ଏବଂ ଏହାକୁ ଲୋକଙ୍କ ସାମ୍ନାକୁ ଆଣିଥିବା ଡିଜିଟାଲ ୱାର୍ଲ୍ଡ ଆକ୍ୟୁଜିଶନ୍ କର୍ପ ବିରୋଧରେ ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ କମିଶନ୍ (ଏସିସି) ନିକଟରେ ନିଜକୁ ହ୍ୱିସିଲ୍ ବ୍ଲୋୟର୍ ଦାବି କରୁଥିବା ପୂର୍ବତନ ଏକ୍‌ଜିକ୍ୟୁଟିଭ୍ ୱିଲିଅମ୍ ୱାଲ୍‌କର୍ସନ୍‌ଙ୍କ ପକ୍ଷରୁ ଆଇନଜୀବୀମାନେ ଏହି ଦସ୍ତାବିଜ ଦାଖଲ କରିଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ଟ୍ରୁଥ୍ ସୋସିଆଲକୁ ପ୍ରଥମେ ସିଲିକନ୍ ଭ୍ୟାଲି ବାହାରର ୬ ଜଣ ବିଜ୍‌ନେସ୍‌ମ୍ୟାନ୍ ପାଣ୍ଠି ଯୋଗାଇଥିଲେ। ସେମାନଙ୍କ ମଧ୍ୟରେ ୨ ଜଣ ଏକ ତୈଳ କମ୍ପାନୀ ଓ ଏକ ଜିମ୍ ଚେନ୍‌ର ୨ ଜଣ ଏକ୍‌ଜିକ୍ୟୁଟିଭ୍, ଅନେକ ରିପବ୍ଲିକାନ୍ ଡୋନର୍, ପର୍ତ୍ତୁଗାଲରେ ଅବସ୍ଥାପିତ ଜଣେ ପୂର୍ବତନ ଆମେରିକୀୟ ରାଷ୍ଟ୍ରଦୂତ ଏବଂ ଏକ ମେଲ୍ ଅର୍ଡର ଫ୍ରୁଟ୍‌କେକ୍ କମ୍ପାନୀର ମୁଖ୍ୟ ଅଛନ୍ତି। ସୋସିଆଲ ମିଡିଆ ଆପ୍ଲିକେଶନ୍ ଟ୍ରୁଥ୍ ସୋସିଆଲ୍‌ର ପ୍ୟାରେଣ୍ଟ କମ୍ପାନୀ ଟ୍ରମ୍ପ୍ ମିଡିଆ ଆଣ୍ଡ୍ ଟେକ୍‌ନୋଲୋଜି ଗ୍ରୁପ୍ (ଟିଏମ୍‌ଟିଜି)କୁ ଆର୍ଥିକ ସହାୟତା ପ୍ରଦାନ କରିଥିବା କେତେଜଣ ବ୍ୟକ୍ତିଙ୍କ ଅନୁସାରେ ଗତ ରାଷ୍ଟ୍ରପତି ନିର୍ବାଚନରେ ସେ ପରାଜିତ ହେବାପରେ ୨୦୨୧ ଜାନୁୟାରୀ ୬ରେ କ୍ୟାପିଟୋଲ୍ ହିଲ୍‌ରେ କଂଗ୍ରେସ ଉପରେ ଆକ୍ରମଣ ହୋଇଥିଲା। ଏହି ଘଟଣା ପରେ ଟୁଇଟର ଓ ଫେସ୍‌ବୁକ୍ ଟ୍ରମ୍ପ୍‌ଙ୍କ ଉପରେ କଟକଣା ଲଗାଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଟ୍ରମ୍ପ୍ ନିଜ ସମର୍ଥକମାନଙ୍କ ସହଯୋଗରେ ଟ୍ରୁଥ୍ ସୋସିଆଲ ଖୋଲିଥିବା ଜଣାପଡ଼ିଛି। ଡିଜିଟାଲ ୱାର୍ଲ୍ଡ ଚିଫ୍ ଏକ୍‌ଜିକ୍ୟୁଟିଭ୍ ପାଟ୍ରିକ୍ ଓର୍‌ଲାଣ୍ଡୋ ଏବଂ ଟିଏମ୍‌ଟିଜି ସହପ୍ରତିଷ୍ଠାତା ଆଣ୍ଡି ଲିଟିନ୍‌ସ୍କି ଓ ୱେସ୍ ମୋସ୍ ଦସ୍ତାବଜରେ ସେମାନଙ୍କ ନାମ ଉଲ୍ଲେଖ ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ୨୦୨୧ ମେ’ରୁ ୨୦୨୨ ମଧ୍ୟଭାଗର କେତେକ ପ୍ରମିଜରି ନୋଟ୍‌ରୁ ଟିଏମ୍‌ଟିଜିରେ ନିବେଶକଙ୍କ ସମ୍ପୃକ୍ତି ସମ୍ପର୍କିତ କେତେକ ନୂଆ ତଥ୍ୟ ମିଳିଛି। ଉକ୍ତ କମ୍ପାନୀ ବୈଷୟିକ ଜ୍ଞାନସମ୍ପନ୍ନ ବ୍ୟକ୍ତି ଓ କର୍ପୋରେଟ୍ ପାର୍ଟନରମାନଙ୍କୁ ସାମିଲ୍ କରିବାରେ ଟ୍ରମ୍ପ୍‌ଙ୍କ କମ୍ପାନୀ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଛି। ଦସ୍ତାବିଜ ଅନୁଯାୟୀ ଟେକ୍ସାସ୍‌ର ମିଡ୍‌ଲ୍ୟାଣ୍ଡସ୍ଥିତ ତୈଳ ଓ ଶକ୍ତି କମ୍ପାନୀ ଓରିକ୍ସ ମିଡ୍‌ଷ୍ଟ୍ରିମ୍ ସର୍ଭିସେସ୍ ଅଧ୍ୟକ୍ଷ କାର୍ଲ ଫ୍ଲୁଜର୍ ୨୦୨୧ ଡିସେମ୍ବରରେ ୫.୩ ନିୟୁତ ଡଲାର ଓ ଗତମାର୍ଚ୍ଚରେ ୪.୫ ନିୟୁତ ଡଲାର ଏଥିରେ ନିବେଶ କରିଥିଲେ। କାର୍ଲ ଫ୍ଲୁଜର୍ ହେଉଛନ୍ତି ଟେକ୍ସାସ୍‌ର ରିପବ୍ଲିକାନ୍ କଂଗ୍ରେସମ୍ୟାନ୍ ଅଗଷ୍ଟ ଫ୍ଲୁଜରଙ୍କ ଭାଇ, ଯିଏକି ଟ୍ରମ୍ପ୍‌ଙ୍କ ଜଣେ ବଡ଼ ପ୍ରଶଂସକଭାବେ ଜଣାଶୁଣା। ସେହିପରି ପାମ୍ ବିଚ୍ ସ୍ପୋର୍ଟ୍ସ କ୍ଲବ୍, ଟିଏମ୍‌ପିଏଲ୍ ଭଳି ଏଗ୍‌ଜରି ଜିମ୍ ବ୍ରାଣ୍ଡଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ହୋଲ୍ଡିଂ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ପାଟ୍ରିକ୍ ୱାଲ୍‌ଶ୍ ୨୦୨୧ ଡିସେମ୍ବରରୁ ଗତ ଫେବୃୟାରୀ ମଧ୍ୟରେ ୬.୨ ନିୟୁତ ଡଲାର ବିନିଯୋଗ କରିଥିଲେ। ଟେଲିକମ୍ ବିଲିୟନେୟାର ତଥା ଟ୍ରମ୍ପ୍‌ଙ୍କ ଦୃଢ ସମର୍ଥକ କେନି ଟ୍ରଉଟ୍ ମଧ୍ୟ ନିଜ ମ୍ୟାନେଜରଙ୍କ ଜରିଆରେ ୨୦୨୧ ମେ’ରୁ ନଭେମ୍ବର ମଧ୍ୟରେ ୪ ନିୟୁତ ଡଲାର ଲଗାଇଥିଲେ। ସେ ଟ୍ରମ୍ପ୍‌ଙ୍କୁ ନିର୍ବାଚନବେଳେ ବିପୁଳ ଅର୍ଥ ଚାନ୍ଦା ଦେଇଥିଲେ। ଏହି ସମର୍ଥକମାନେ ଟ୍ରୁଥ୍ ସୋସିଆଲକୁ ମୋଟ ୨୨.୮ ନିୟୁତ ଡଲାର ପ୍ରଦାନ କରିଥିବା ହ୍ୱିସିଲ୍ ବ୍ଲୋୟର୍ ନିଜ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଟିଏମ୍‌ଟିଜି ଗତବର୍ଷ ଫେବୃୟାରୀରେ ଆପଲ୍ ଆପ୍ ଷ୍ଟୋର୍ ଏବଂ ଅକ୍ଟୋବରରେ ଗୁଗଲ୍ ପ୍ଲେ ଷ୍ଟୋରରେ ଟ୍ରୁଥ୍ ସୋସିଆଲ ଲଞ୍ଚ କରିଥିଲା। ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିରୁ ପୁନର୍ବାର ପ୍ରାର୍ଥୀ ହେବାପାଇଁ ଅଣ୍ଟା ଭିଡ଼ିଥିବା ଟ୍ରମ୍ପ୍‌ଙ୍କ ବିରୋଧରେ ନ୍ୟାୟ ବିଭାଗ ଏବଂ ଏସ୍‌ଇସି ପକ୍ଷରୁ ତଦନ୍ତ ଜାରି ରହିଥିବାବେଳେ ଏହି ଡିଲ୍ ବିବାଦ ଘେରକୁ ଆସିଯାଇଛି।

**ପୂର୍ବରୁ ଟୁଇଟରରେ ଟ୍ରମ୍ପ୍‌ଙ୍କ ୮୮ ନିୟୁତ ଫଲୋୟର୍ସ ଥିବାବେଳେ ତାଙ୍କ ନିଜ ପ୍ଲାଟ୍‌ଫର୍ମରେ ମାତ୍ର ୪.୩୭ ନିୟୁତ ଅନୁଗାମୀ ରହିଛନ୍ତି। ଅନ୍ୟପକ୍ଷେ ୟୁଜର୍ସ ସଂଖ୍ୟାକୁ ନେଇ ଟିଏମ୍‌ଟିଜି ପକ୍ଷରୁ ଗତ ନଭେମ୍ବରରେ ରଖାଯାଇଥିବା ଲକ୍ଷ୍ୟ ପୂରଣ ହୋଇନାହିଁ। ୨୦୨୪ ସୁଦ୍ଧା ୫୬ ନିୟୁତ ଓ ୨୦୨୬ ବେଳକୁ ୮୧ ନିୟୁତ ୟୁଜର୍ସ ଟ୍ରମ୍ପ୍‌ଙ୍କ ଟ୍ରୁଥ୍ ସୋସିଆଲ୍ ପ୍ରତି ଆକୃଷ୍ଟ ହେବେ ବୋଲି ନିବେଶକମାନଙ୍କୁ କମ୍ପାନୀ କହିଥିଲା। କିନ୍ତୁ ଏହି ଆପ୍‌କୁ ବର୍ତ୍ତମାନ ସୁଦ୍ଧା ୨.୯ ନିୟୁତ ଥର ଡାଉନ୍‌ଲୋଡ୍ କରାଯାଇଛି।**

## ନିର୍ବାଚନ ଲଢ଼ିବାକୁ କଙ୍ଗନା ଆଗ୍ରହୀ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତଙ୍କୁ ନେଇ ଆଉଥରେ ବଲିଉଡ୍ ଇଣ୍ଡଷ୍ଟ୍ରିରେ ଚହଳ ପଡ଼ିଯାଇଛି। ସୁଯୋଗ ଯଦି ମିଳେ କଙ୍ଗନା ରାଜନୀତିରେ ସାମିଲ ହେବେ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି। ଅଭିନୟ ଛଡ଼ା ଅନ୍ୟସବୁ କ୍ଷେତ୍ରରେ କାମ କରିବା ପାଇଁ ଏହି ବଲିଉଡ୍ ନାୟିକା ଆଗ୍ରହୀ। ଆଗାମୀ ଦିନରେ ହିମାଚଳପ୍ରଦେଶରେ ନିର୍ବାଚନ ହେବାକୁ ଥିବାବେଳେ କଙ୍ଗନାଙ୍କୁ ଭାଜପା ଦଳରୁ ଟିକେଟ ମିଳିଲେ ସେ ମଣ୍ଡି ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବେ ବୋଲି ପ୍ରକାଶ କରିଛନ୍ତି। ଯେ କୌଣସି ବ୍ୟକ୍ତି ରାଜନୀତିରେ ସାମିଲ ହୋଇ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ କାମ କରିପାରିବେ। କୌଣସି ରାଜନୈତିକ ଦଳର ମିଛ ପ୍ରତିଶ୍ରୁତିରେ ହିମାଚଳବାସୀ ଆସିବେ ନାହିଁ ବୋଲି କଙ୍ଗନା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ କଙ୍ଗନାଙ୍କ ଅଭିନୀତ ଫିଲ୍ମ ‘ଏମର୍ଜେନ୍ସି’ ମୁକ୍ତିଲାଭ କରିବ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ କଙ୍ଗନା ଦେଖାଯିବେ। ଅନୁପମ ଖେର, ସତୀଶ କୌଶିକ, ଶ୍ରେୟା ତାଲପାଡେଙ୍କ ଭଳି କଳାକାର ଫିଲ୍ମରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ସେହିପରି ଆଉ ଏକ ଫିଲ୍ମ ‘ଟିକୁ ୱେଡ୍ସ ଶେରୁ’ରେ ନୱାଜୁଦ୍ଦିନଙ୍କ ସହ କଙ୍ଗନା ସ୍କ୍ରିନ୍ ଶେୟାର କରିବେ।

# ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଞ୍ଚୟ ଜରୁରୀ

## ବିଶ୍ୱ ମିତବ୍ୟୟିତା ଦିବସ

**ଭ**ବିଷ୍ୟତରେ ବେଳେବେଳେ ମଣିଷକୁ ସଙ୍କଟଜନକ ଆର୍ଥିକ ସ୍ଥିତିର ମୁକାବିଲା କରିବାକୁ ପଡ଼ିଥାଏ। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନଠାରୁ ସଞ୍ଚୟ କରିବା ଜରୁରୀ। ସଞ୍ଚୟ ଅର୍ଥାତ୍ ମିତବ୍ୟୟିତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୩୦ ଅକ୍ଟୋବରରେ ବିଶ୍ୱସ୍ତରରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଇଥାଏ। ୩୧ ଅକ୍ଟୋବର ୧୯୨୪ରେ ଇଟାଲୀର ମିଲାନରେ ଅନ୍ତର୍ଜାତୀୟ ସେଭିଂସ୍ ବ୍ୟାଙ୍କ କଂଗ୍ରେସ (ୱାର୍ଲ୍ଡ ସୋସାଇଟି ଅଫ ସେଭିଂସ୍ ବ୍ୟାଙ୍କ) ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପ୍ରତିଷ୍ଠା କରାଯାଇଥିଲା। ଇଟାଲୀର ପ୍ରଫେସର ଫିଲିପ୍ପୋ ରବିଜା କଂଗ୍ରେସର ଶେଷଦିନ ଅକ୍ଟୋବର ୩୦ରେ ଅନ୍ତର୍ଜାତୀୟ ମିତବ୍ୟୟିତା ଦିବସ ଘୋଷଣା କରିଥିଲେ। ପରେ ୧୯୩୪ ଅକ୍ଟୋବର ୩୦ରେ ପ୍ରଥମ ମିତବ୍ୟୟିତା ଦିବସ ପାଳିତ ହୋଇଥିଲା।

## ଏମ୍‌କେସିଜିରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୯।୧୦: ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ବିଚାରାଧୀନ ବନ୍ଦୀ(ୟୁଟିପି)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ପୁରୁଣା ଭଦ୍ରକପଲିର ବୁଲୁ ପ୍ରଧାନ(୩୫)। ବୈଦ୍ୟନାଥପୁର ଥାନା ପୋଲିସ ବୁଲୁଙ୍କ ମୃତଦେହ ଜବତ କରି ତାଙ୍କ ପରିବାର ସଦସ୍ୟ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରିଛି। ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ସ୍ଥିତି ଅନୁଧ୍ୟାନ କଲା ସ୍ୱତନ୍ତ୍ର ବୈଷୟିକ ଟିମ୍

### ଶ୍ରୀଗୁଣ୍ଡିଚା ମନ୍ଦିର ନାଟମଣ୍ଡପରେ ଫାଟ ପ୍ରସଙ୍ଗ

### ୨ରୁ ୩ ମାସ ମଧ୍ୟରେ ମରାମତି କାର୍ଯ୍ୟ ସରିବ

**ପୁରୀ ଅଫିସ,୨୯।୧୦**

ଦୀର୍ଘଦିନର ବ୍ୟବଧାନ ପରେ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ମରାମତି କାର୍ଯ୍ୟକୁ ନେଇ ବିବାଦ ଉଠିଛି। ଗତ କିଛିମାସ ତଳେ ଶ୍ରୀମନ୍ଦିର ରତ୍ନବେଦିରୁ ଚୂନ ଖସିଥିବା ବେଳେ ଏବେ ପୁଣି ଶ୍ରୀଗୁଣ୍ଡିଚା ମନ୍ଦିରର ଜଗମୋହନରୁ ପଥର ଖସିବା ସହ ନାଟମଣ୍ଡପରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ତେବେ ଏହି ଘଟଣା ବିଷୟରେ ମନ୍ଦିର ପ୍ରଶାସନ ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ)କୁ ଅବଗତ କରାଯାଇଥିଲା। ହେଲେ ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଇ ନ ଥିବାରୁ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ପଥର ଖସିବା ଓ ଫାଟ ହେବା କଥା ମନ୍ଦିର ପ୍ରଶାସନ ମାନିଥିବା ବେଳେ ଏନେଇ ଶନିବାର ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ବୈଷୟିକ ଟିମ୍ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ନାଟମଣ୍ଡପ ଓ ଜଗମୋହନର ସ୍ଥିତି ଅନୁଧ୍ୟାନ କରିଛି। ଜଗମୋହନ ଓ ନାଟମଣ୍ଡପର କଲମ ଓ ବିମ୍‌ରେ ସମସ୍ୟା ଥିବାରୁ ଏହାର ଅନୁଧ୍ୟାନ କରାଯାଇଛି। ଟିମ୍‌ରେ ବିଶିଷ୍ଟ ବିଶେଷଜ୍ଞ ତଥା କମିଟି ଚେୟାରମ୍ୟାନ ଏସ୍.କେ. ଭଟ୍ଟାଚାର୍ଯ୍ୟଙ୍କ ସମେତ ଶ୍ରୀମନ୍ଦିର ବୈଷୟିକ କମିଟି ସଦସ୍ୟ ଏନ୍.ସି. ପାଲ, ବିନ୍ଧେଶ୍ୱର ପାତ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା, ଶ୍ରୀମନ୍ଦିର ପରିଚାଳନା କମିଟି ସେବାୟତ ସଦସ୍ୟଙ୍କ ସମେତ ଅନ୍ୟ ଅଧିକାରୀ ଅନୁଧ୍ୟାନ କାର୍ଯ୍ୟରେ ସାମିଲ ହୋଇଥିଲେ। ତେବେ ସମସ୍ୟା ଥିବା ସ୍ଥାନଗୁଡିକୁ ଭଲଭାବେ ଯାଞ୍ଚ କରାଯାଇଛି। ବଡ଼ଧରଣର କୌଣସି ସମସ୍ୟା ନ ଥିବା ଟିମ୍ ପକ୍ଷରୁ କୁହାଯାଇଛି।


ଶ୍ରୀଗୁଣ୍ଡିଚା ମନ୍ଦିର ଯାଞ୍ଚ କରିବାକୁ ଆସିଥିବା ଶ୍ରୀମନ୍ଦିର ବୈଷୟିକ କମିଟି ବିଶେଷଜ୍ଞ ଓ ସଦସ୍ୟ।

ସୂଚନା ଅନୁଯାୟୀ, ଗୁଣ୍ଡିଚା ମନ୍ଦିର ନାଟମଣ୍ଡପରେ ଥିବା ୪ଟି କଲମ ମଧ୍ୟରୁ ୩ଟିରେ ଫାଟ ହୋଇଛି। ତେବେ ଚଳିତବର୍ଷ ରଥଯାତ୍ରା ପୂର୍ବରୁ ଏହାର ସାମୟିକ ମରାମତି ହୋଇଥିଲା। ରଥଯାତ୍ରା ପରେ ସ୍ୱତନ୍ତ୍ର ବୈଷୟିକ ଟିମ୍ ଯାଞ୍ଚକରି ପୂର୍ଣ୍ଣାଙ୍ଗ ମରାମତି ନେଇ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ନାଟମଣ୍ଡପ କଲମ, ବିମ୍ ସହ ପିଲରର ମଧ୍ୟ ମରାମତି କରାଯିବ। ତେବେ ଏ ନେଇ ବୈଷୟିକ ଟିମ୍‌ର ବରିଷ୍ଠ ବିଶେଷଜ୍ଞ ଏସ୍.କେ. ଭଟ୍ଟାଚାର୍ଯ୍ୟଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ସେପରି କିଛି ସମସ୍ୟା ନାହିଁ। ୪ଟି କଲମ ରହିଛି, ଉକ୍ତ କଲମ ଉପରେ ରୁଫ୍ ରହିଛି। ରୁଫ୍‌କୁ ସପୋର୍ଟ ଦେବା ପାଇଁ ଲୁହା ବିମ୍ ଦିଆଯାଇଛି। ତେବେ ବହୁଦିନ ତଳେ ଏହି କାମ ହୋଇଥିବାରୁ ସେଥିରେ ଏବେ କିଛିଟା ସମସ୍ୟା ଦେଖାଦେଇଛି। ରୁଫ୍ ଓ ବିମ୍ ମଧ୍ୟରେ ଫାଙ୍କ ଦେଖାଦେଇଛି, ଯାହାର ମରାମତି ନିହାତି ଆବଶ୍ୟକ। ମରାମତି ସମୟରେ ଅନ୍ୟ କ'ଣ କ'ଣ ସମସ୍ୟା ରହିଛି ତାହା ଜଣାପଡ଼ିପାରେ। ଯଦି ଅନ୍ୟ କୌଣସି ସମସ୍ୟା ନ ଥିବ ତେବେ ୨ରୁ ୩ ମାସ ଭିତରେ କାର୍ଯ୍ୟ ସରିଯିବ ବୋଲି ବିଶେଷଜ୍ଞ ଭଟ୍ଟାଚାର୍ଯ୍ୟ କହିଛନ୍ତି। ସେହିପରି ଶ୍ରୀମନ୍ଦିର ବୈଷୟିକ କମିଟି ସଦସ୍ୟ ଏନ୍.ସି. ପାଲ କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧୀନରେ ରହିଛି। ପୂର୍ବରୁ ୧୯୯୪ ମସିହାରେ ଗୁଣ୍ଡିଚା ମନ୍ଦିରର ଗର୍ଭଗୃହ ମରାମତି ହୋଇଥିଲା। ଚଳିତବର୍ଷ ରଥଯାତ୍ରା ପୂର୍ବରୁ ଗୁଣ୍ଡିଚା ମନ୍ଦିର ନାଟ ମଣ୍ଡପର ଷ୍ଟୋନ୍ କଲମର ସାମୂହିକ କାର୍ଯ୍ୟ କରାଯାଇଥିଲା। ଶ୍ରୀମନ୍ଦିର ନାଟମଣ୍ଡପ ଓ ଗୁଣ୍ଡିଚା ମନ୍ଦିର ନାଟମଣ୍ଡପ ନିର୍ମାଣଶୈଳୀ ପ୍ରାୟ ସମାନ। ସମସ୍ୟା ଥିବା ଗୋଟିଏ ବିମ୍‌ରେ ସାମୂହିକ ମରାମତି କାର୍ଯ୍ୟ କରିବା ସମୟରେ ଅନ୍ୟ କଲମଗୁଡ଼ିକରେ ସମସ୍ୟା ଥିବା ଆଶଙ୍କା ସୃଷ୍ଟି ହୋଇଥିଲା। ତେଣୁ ରଥଯାତ୍ରା ପରେ ଯାଞ୍ଚ କରାଯିବା ନେଇ ସ୍ଥିର କରାଯାଇଥିଲା। ତେଣୁ ଶନିବାର ଯାଞ୍ଚ କରାଯାଇଥିବାବେଳେ ସେଭଳି କିଛି ଗୁରୁତର ସମସ୍ୟା ନାହିଁ। ପର୍ଯ୍ୟାୟକ୍ରମେ ମରାମତି ହେବ। ତେବେ ଶନିବାର ପ୍ରାଥମିକ ଭାବେ ଅନୁଧ୍ୟାନ କରାଯାଇଛି। ଏ ନେଇ ଏକ ଆଲୋଚନା କରାଯାଇ ୧୦ ଦିନ ଭିତରେ ଫାଇନାଲ ହୋଇ କାର୍ଯ୍ୟ ଆରମ୍ଭ କରାଯିବ। ଅନ୍ୟପଟେ ଗୁଣ୍ଡିଚା ମନ୍ଦିର ନାଟମଣ୍ଡପ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ସମସ୍ୟା ନାହିଁ ବୋଲି ବୈଷୟିକ କମିଟି ସଦସ୍ୟ ପାଲ୍ କହିଛନ୍ତି।

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା ଦୋଷୀଙ୍କୁ ୨୨ ବର୍ଷ ଜେଲ

**ବାଲେଶ୍ୱର ଅଫିସ, ୨୯।୧୦:** ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍ସ) ରଞ୍ଜନ କୁମାର ସୂତାର ଶନିବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୨୨ବର୍ଷ ଜେଲ୍‌ଦଣ୍ଡ ସହ ୧୧ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାରାଶି ଯୋଗାଇ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜଳେଶ୍ୱର ଥାନା ଅଞ୍ଚଳର ଜଣେ ମହିଳା ତାଙ୍କ ନାବାଳିକା ଝିଅକୁ ନେଇ ବାପଘରେ ରହୁଥିଲେ। ପରେ ସେ ଭଦ୍ରକ ଜିଲା ରୁରାଲ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଯୁବକଜଣକ ସ୍ତ୍ରୀ ଓ ନାବାଳିକା ଝିଅ ସହ ଶ୍ୱଶୁର ଘରେ ରହିଆସୁଥିଲେ। ମହିଳା ଜଣକ ଆଖପାଖ ଅଞ୍ଚଳରେ ଦୈନନ୍ଦିନ କାମ କରିବାକୁ ଯାଉଥିବା ବେଳେ ଦ୍ୱିତୀୟ ସ୍ୱାମୀ ନାବାଳିକାଙ୍କୁ ବାରମ୍ବାର ଦୁର୍ବ୍ୟବହାର କରିଆସୁଥିଲେ। ୨୦୨୦ ଜୁଲାଇ ୮ ତାରିଖ ବିଳମ୍ବିତ ରାତିରେ ନାବାଳିକାଙ୍କୁ ଏକୁଟିଆ ପାଇ ଯୁବକଜଣକ ବଳାତ୍କାର କରିଥିଲେ। ଏଥିରେ ନାବାଳିକା ଗୁରୁତର ହୋଇପଡ଼ିଥିଲେ। ତାଙ୍କ ମା' ପରିବାର ଲୋକଙ୍କ ସହାୟତାରେ ଝିଅକୁ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ। ପରେ ମହିଳା ଜଣକ ଏନେଇ ଜଳେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଶନିବାର ଏହାର ରାୟ ବେଳେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

### ଡିସେମ୍ବର ୧୦ରୁ ଭୁବନେଶ୍ୱରରେ ଡଗ୍ ଶୋ'

**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ):** ଦୁଇବର୍ଷ ଧରି ବନ୍ଦ ରହିବା ପରେ ଭୁବନେଶ୍ୱରରେ ପୁଣି ହେବ ଡଗ୍ ଶୋ'। ଓଡ଼ିଶା କେନେଲ୍ କ୍ଲବ ପକ୍ଷରୁ ଡିସେମ୍ବର ୧୦ ଓ ୧୧ରେ ୟୁନିଟ-୬ ବାଳକ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହେବ ଅଲ୍ ବ୍ରିଡ୍ ଡଗ୍ ଶୋ'। ଏଥିରେ ଭାଗ ନେବା ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ଲୋକେ ପଞ୍ଜୀକରଣ କରୁଥିବା ସୂଚନା ମିଳିଛି। ଶେଷଥର ପାଇଁ ୨୦୧୯ରେ ଏହି ଡଗ୍ ଶୋ' ଅନୁଷ୍ଠିତ ହୋଇଥିଲା। କରୋନା କଟକଣା ପାଇଁ ଗତ ଦୁଇବର୍ଷ ଶୋ' ବନ୍ଦ ରହିଥିଲା। ତେବେ ଏଥର ସ୍ୱତନ୍ତ୍ର ଭାବେ ୬୧ ଓ ୬୨ତମ ଅଲ୍ ବ୍ରିଡ୍ ଡଗ୍ ଶୋ' କରାଯିବ। ଏଥର ଅଲ୍ ବ୍ରିଡ ଡଗ୍ ଶୋ ପାଇଁ ଦୁଇଜଣ ବିଚାରପତି ବିଦେଶରୁ ଆସୁଛନ୍ତି। ୬୧ତମ ଶୋ'ରେ ଅଷ୍ଟ୍ରେଲିଆର ମିସେଲ୍ ହାମଣ୍ଡ୍ ଏବଂ ୬୨ତମ ଶୋ'ରେ ସର୍ବିୟାର ପିଟର ଫିରିକ୍ ବିଚାରପତି ରହିବେ। ସେହିପରି ୬୧ତମ ଓବିଡିଏଣ୍ଟ ଟ୍ରାଏଲ୍‌ର ବିଚାରପତି ଭାବରେ ଓଡ଼ିଶାର ସି.ଆର୍. ପଟ୍ଟନାୟକ ଯୋଗଦେବେ। ତେବେ ଏଥର ଷଷ୍ଠ ଜର୍ମାନ ସେଫର୍ଡ ସ୍ପେଶାଲିଟି ଶୋ'ରେ ବିଚାରପତି ଭାବରେ ଅଷ୍ଟ୍ରେଲିଆରୁ ଆସୁଛନ୍ତି ଲୁଇସ୍ ଡୋନାଲ୍ଡ। ଏହି ଅବସରରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଡଗ୍ ଶୋ' ବିଚାରପତି ଲୁଇସ୍ ଭୁବନେଶ୍ୱରରେ ତାଙ୍କ ଲିଖିତ ଏକ ପୁସ୍ତକ ଉନ୍ମୋଚନ କରିବା ସହିତ ଏକ ସେମିନାର ମଧ୍ୟ କରିବେ। ଦୁଇବର୍ଷ ପରେ ଡଗ୍ ଶୋ ହେଉଥିବାରୁ ଏଥର ଅଧିକ ଦର୍ଶକ ଆସିବାର ସମ୍ଭାବନା ରହିଛି।

### ନିର୍ଯ୍ୟାତନା ସହି ନ ପାରି ଗର୍ଭବତୀଙ୍କ ଆତ୍ମହତ୍ୟା

#### ସ୍ୱାମୀ ଗିରଫ, ଶାଶୁ ଫେରାର

**ଗୁଣପୁର,୨୯।୧୦(ଡି.ଏନ.ଏ):** ଅସହ୍ୟ ହେଲା ଯୌତୁକ ନିର୍ଯାତନା। ଶେଷରେ ଜୀବନ ହାରିବାକୁ ବାଧହେଲେ ଗର୍ଭବତୀ। ଏଭଳି ଅଭାବନୀୟ ଘଟଣା ଘଟିଛି ରାୟଗଡ଼ା ଜିଲା ଗୁଣପୁର ଥାନା ଅଧୀନ କୁଜେନ୍ଦ୍ରୀ ଗ୍ରାମରେ। ମୃତ ମହିଳା ହେଲେ ଗାଁର ସନ୍ତୋଷ ଗୌଡ଼ଙ୍କ ସ୍ତ୍ରୀ ମହାଲକ୍ଷ୍ମୀ। ଏ ନେଇ ମହିଳାଙ୍କ ବାପଘର ପକ୍ଷରୁ ଗୁଣପୁର ଥାନାରେ ଶୁକ୍ରବାର ଅଭିଯୋଗ ପରେ ପୋଲିସ ସ୍ୱାମୀ ସନ୍ତୋଷଙ୍କୁ ଗିରଫ କରିଛି। ଶାଶୁ ଫେରାର ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗଜପତି ଜିଲା କାଶୀନଗର ବ୍ଲକ ଉଲାଭଦ୍ରା ଗ୍ରାମର ମହାଲକ୍ଷ୍ମୀଙ୍କ ବିବାହ ଗତ ମେ ୩ ରେ ସନ୍ତୋଷଙ୍କ ସହ ହୋଇଥିଲା। ବିବାହର କିଛିଦିନ ପରଠାରୁ ଶାଶୁ ହେମା ଅଧିକ ଯୌତୁକ ଦାବିକରି ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ୩ ମାସର ଗର୍ଭବତୀ ଥିବା ମହାଲକ୍ଷ୍ମୀ ମାନସିକ ଚାପରେ ଥିଲେ। ଘଟଣା ବିଷୟରେ ସେ ବାପଘର ଲୋକଙ୍କୁ ମଧ୍ୟ ଜଣାଇଥିଲେ। ବୁଧବାର ମା' ଚଞ୍ଚଳା ଗୌଡ଼ କୁଜେନ୍ଦ୍ରୀରେ ପହଞ୍ଚି ଝିଅର ଶାଶୁ ଏବଂ ସ୍ୱାମୀଙ୍କ ସହ ଆଲୋଚନା କରି ଫେରିଥିଲେ। ମା' ଫେରିବା ପରେ ମହାଲକ୍ଷ୍ମୀ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଳଦ ଗୋଡ଼ରେ ବାଗୀ;
ଏ ଯୁବା ବୟସ ଯାଉଛି ଭାଙ୍ଗି,
ଏକା ପାନଖିଆ ଲାଗି।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣା ଦାୟକ ହୋଇଥାଏ। ମନର ମଣିଷକୁ ନିଜର କରିବା ପାଇଁ ବା ଆପଣାର କରିବାକୁ ଦୀର୍ଘ ପ୍ରତିକ୍ଷାରତ ରମଣୀ ନିଜର ବୟସ ଗଡେଇ ଗଡେଇ ଆଶା ନିରାଶାରେ ପରିଣତ ହେଲେ ମନର ସବୁ ସରାଗ ମଉଳିଯାଏ। ମନରେ ଥିବା ସବୁ ଆଶା ପାଣି ଫୋଟକା ପରି ମିଳେଇଯାଏ। ଏପରିସ୍ଥଳେ ସେ ବିରହଜନିତ ଦୁଃଖରେ ଭାଙ୍ଗିପଡିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଡ଼ି ହୋଇକରି ଗବଡାଙ୍ଗ ହେଲେ
ତାକୁ ନ ଛାଡ଼ିବ କ୍ଷଣେ;
ଶତ୍ରୁକୁ ଆଣ୍ଟିବ, ପାଣିକୁ କଣ୍ଟିବ,
ସଙ୍ଗେ ହୋଇଥିବ ଜଣେ।**

ଶତ୍ରୁକୁ ପ୍ରତିରୋଧ କରିବା ବେଳେ ତଥା ପାଣିର ଗଭୀରତା ମାପିବା ବେଳେ ସାମାନ୍ୟ ବାଡ଼ି ମଧ୍ୟ କାମରେ ଲାଗିଥାଏ। ସେହିପରି ବନ୍ଧୁ ଯେତେ ନଗଣ୍ୟ ହୋଇଥିଲେ ମଧ୍ୟ ଯଦି ସେ ଅନୁରକ୍ତ ହୋଇଥାଏ, ତେବେ ତାକୁ ପାଖଛଡ଼ା କରିବା ଅନୁଚିତ। କାରଣ ବେଳ ପଡ଼ିଲେ ସେଭଳି ବନ୍ଧୁ ମଧ୍ୟ ଯଥେଷ୍ଟ ଉପକାରରେ ଆସିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୩ ବେଆଇନ କ୍ଲିନିକ୍ ସିଲ୍ କଲା ପ୍ରଶାସନ



ପ୍ରଶାସନ ପକ୍ଷରୁ ଏକ ଡେଣ୍ଟାଲ କ୍ଲିନିକକୁ ସିଲ୍ କରାଯାଉଛି

**ବୌଦ୍ଧ,୨୯।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ବେଆଇନ ଭାବେ ଚାଲିଥିବା ସହରର ୩ ଗୋଟି କ୍ଲିନିକକୁ ଶନିବାର ସିଲ୍ କରାଯାଇଥିବା ଜଣାପଡିଛି।

ମିଳିଥିବା ସୂଚନା ମୁତାବକ, ସହରର ନଟରାଜ ଡାଇଗ୍ନୋଷ୍ଟିକ, ପ୍ରଧାନ ଡେଣ୍ଟାଲ କ୍ଲିନିକ ଓ ସାଇ ଡେଣ୍ଟାଲ କ୍ଲିନିକକୁ ସିଲ୍ କରାଯାଇଛି। ସରକାରୀ ନିୟମ ଅନୁଯାୟୀ ଉକ୍ତ କ୍ଲିନିକଗୁଡିକ ଚଳାଯାଉ ନ ଥିବାରୁ ସିଲ୍ କରାଯାଇଥିବା ଜଣାପଡିଛି। ଚଢାଉ ସମୟରେ ଉପଜିଲାପାଳ ସତନ କୁମାର ନାଏକ, ଡା. ବିଜୟ କୁମାର ଦାସ ଓ ଜିଲା ଡ୍ରଗ ଇନ୍ସପେକ୍ଟର ସନ୍ତୋଷ କୁମାର ପ୍ରଧାନ ସାମିଲ ଥିଲେ। ଏନେଇ ଜିଲା ଡ୍ରଗ ଇନ୍ସପେକ୍ଟର ପ୍ରଧାନଙ୍କୁ ପଚାରିବାରେ ସରକାରଙ୍କ ନିୟମ ଅନୁସାରେ ସ୍ଥାପନ କରାଯାଇ ନ ଥିବାରୁ ସିଲ୍ କରାଯାଇଥିବା ସୂଚନା ଦେଇଛନ୍ତି। ଉକ୍ତ କ୍ଲିନିକଗୁଡିକ ପ୍ରାୟ ୧ବର୍ଷ ହେବ ସହରରେ ଚାଲିଥିବା ବେଳେ ଆଜି ପର୍ଯ୍ୟନ୍ତ କିପରି ପ୍ରଶାସନ ଜାଣି ପାରିଲା ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ କିଛି ଦିନ ତଳେ ରେଡକ୍ରସ ପାଣ୍ଠି ବୃଦ୍ଧିକୁ ନେଇ ଜିଲା ପ୍ରଶାସନ ଏବଂ ଔଷଧ ଦୋକାନୀଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦକୁ ନେଇ ଏପରି ଚଢାଉ କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି।

# ଅସମ୍ପୂର୍ଣ୍ଣ ଓଭରବ୍ରିଜ୍‌ରୁ ଖସିପଡ଼ିଲା ଟ୍ରକ୍, ଚାଳକ ମୃତ

**ସାରସକଣା,୨୯।୧୦(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ୪୯ ନଂ. ଜାତୀୟ ରାଜପଥର ବମ୍ବେଛକଠାରେ ଶନିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଥିବା ଅସମ୍ପୂର୍ଣ୍ଣ ଓଭରବ୍ରିଜରୁ ଏକ ଟ୍ରକ୍ ଖସିପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ହଜାରିବାଗ୍ ଜିଲାର ବିନୟ ସିଂହ।

ସୂଚନା ଅନୁଯାୟୀ, କୋଲକାତା ପଟୁ ଆସୁଥିବା ଉକ୍ତ ଟ୍ରକ୍ (ଓଡି-୦୯-କେ-୨୩୬୦) ରାସ୍ତା ଜାଣି ନ ପାରି ଅଧାପନ୍ତରିଆ ହୋଇରହିଥିବା ଏହି ଓଭରବ୍ରିଜ୍‌କୁ ଚଢ଼ିଯାଇ ପ୍ରାୟ ୩୦ ଫୁଟ୍ ତଳକୁ ଖସିପଡ଼ିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଝାରପୋଖରିଆ ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ କର୍ମଚାରୀମାନଙ୍କ ସହ ଘଟଣାସ୍ଥଳରେ


ଦୁର୍ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

ପହଞ୍ଚି ଟ୍ରକ୍ ଚାଳକଙ୍କୁ ଉଦ୍ଧାରକରି ନିଜ ବାଇକ୍‌ରେ ବସାଇ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହି ଅସମ୍ପୂର୍ଣ୍ଣ ଓଭରବ୍ରିଜ୍ ଉପରକୁ ଯାଉଥିବା ରାସ୍ତାରେ ପୋଲିସର ଏକ ନାକାଗେଟ୍ ଲଗାଯାଇଥିବା ବେଳେ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ଏହା ସତ୍ତ୍ୱେ ସେମାନେ କିପରି ଟ୍ରକ୍ ଚାଳକଙ୍କୁ ଅଟକାଇଲେ ନାହିଁ ବୋଲି ପ୍ରଶ୍ନ ଉଠୁଛି। ଦୁର୍ଘଟଣାକୁ ନେଇ ରାତି ପ୍ରାୟ ସାଢ଼େ ୮ଟା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି। କୁଡୁମୀ ସେନା ସହ ସ୍ଥାନୀୟ ଲୋକେ ଓଭରବ୍ରିଜ୍ ତଳେ ହୋହଲ୍ଲା କରିବା ସହ ଅର୍ଦ୍ଧନିର୍ମିତ ଓଭରବ୍ରିଜ୍ ତୁରନ୍ତ ସମ୍ପୂର୍ଣ୍ଣ କରାଯିବା ପାଇଁ ଦାବି କରିଛନ୍ତି।

ସୂଚନାଥାଉ କି, ପ୍ରାୟ ବର୍ଷେରୁ ଊର୍ଦ୍ଧ୍ୱ ହେବ ଏହି ଓଭରବ୍ରିଜ୍ କାମ ଅଧାପନ୍ତରିଆ ହୋଇ ରହିଛି। ସ୍ଥାନୀୟ ଲୋକେ ବାରମ୍ବାର ଓଭରବ୍ରିଜ୍ କାମ ସମ୍ପୂର୍ଣ୍ଣ କରାଯିବା ପାଇଁ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ।

# ମନ୍ତ୍ରୀଙ୍କ ଏସ୍କର୍ଟ ଗାଡ଼ି ଧକ୍କାରେ ୨ ଛାତ୍ର ଗୁରୁତର

**ନୂଆପଡ଼ା ଅଫିସ୍,୨୯।୧୦**

ନୂଆପଡ଼ା ଜିଲା ଜୋଙ୍କ୍ ଥାନା ଅଧୀନ ଗୋତମା ନିକଟରେ ୩୫୩ ନଂ. ଜାତୀୟ ରାଜପଥ ଉପରେ ଶନିବାର ମନ୍ତ୍ରୀଙ୍କ ପୋଲିସ ଏସ୍କର୍ଟ ଗାଡି ଧକ୍କାରେ ଦୁଇ ଜଣ କଲେଜ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଉଭୟ ସିଳଦାସ୍ଥିତ ନ୍ୟାଶନାଲ କଲେଜର ପ୍ରଥମ ବର୍ଷ ଛାତ୍ର ଯୋଗେଶ ପୋଡ ଓ ରୁଦ୍ର ଦାସ (ଜିତୁ) ବୋଲି ଜଣାପଡିଛି। ଉଭୟ ଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ରାୟପୁର ସ୍ଥାନାନ୍ତର କରାଯାଇଛି।

ପ୍ରାପ୍ତ ସୂଚନା ମୁତାବକ ଶନିବାର ପୂର୍ବାହ୍ନରେ ଜୋଙ୍କ ଥାନା ଖରିଆର ରୋଡ୍ ସହର ପିଏଚ୍‌ଡି ପଡାର ରୁଦ୍ର ଓ ଯୋଗେଶ ଏକ ବାଇକ୍‌ରେ କଲେଜକୁ ଯାଉଥିଲେ। ଅନ୍ୟପଟେ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ପୋଲିସ ଏସ୍କର୍ଟ ଗାଡି ନୂଆପଡ଼ାରୁ ଖରିଆର ରୋଡ ସ୍ଥିତ ମନ୍ତ୍ରୀଙ୍କ ବାସଭବନକୁ ଯାଉଥିଲା। ଗୋତମା ଛକ ନିକଟରେ ଏସ୍କର୍ଟ ଗାଡ଼ି ବାଇକକୁ ଧକ୍କା ଦେଇଥିଲା ବୋଲି କଲେଜ ଛାତ୍ରଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଦୁଇ ଗୁରୁତର



ଦୁର୍ଘଟଣା ଘଟାଇଥିବା ଏସ୍କର୍ଟ ଗାଡ଼ି।

ଆହତ କଲେଜ ଛାତ୍ରଙ୍କୁ ଏସ୍କର୍ଟ ଗାଡିରେ ଥିବା ପୋଲିସ କର୍ମଚାରୀମାନେ ଉଦ୍ଧାର ନ କରି ଦୁର୍ଘଟଣାସ୍ଥଳରୁ ଗାଡି ଧରି ଚାଲି ଯାଇଥିଲେ। ଦୁଇ କଲେଜ ଛାତ୍ର ରାଜପଥ ଉପରେ ଛଟପଟ ହେଉଥିଲେ। ପରେ ଅନ୍ୟ ଏକ ପୋଲିସ ଗାଡ଼ି ଦୁର୍ଘଟଣା ସ୍ଥାନରେ ପହଞ୍ଚି ଉଭୟ ଛାତ୍ରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୋଲିସ ଏସ୍କର୍ଟ ଗାଡି କର୍ମଚାରୀ ଛାତ୍ରଙ୍କୁ ଉଦ୍ଧାର ନ କରି ଚାଲିଯାଇଥିବାରୁ ନୂଆପଡା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ତେବେ ଦୁର୍ଘଟଣା ଘଟାଇଥିବା ଏସ୍କର୍ଟ ଗାଡ଼ି ଅଟକ ରଖାଯାଇ ତଦନ୍ତ ଚାଲିଛି। ଏହି ଗାଡ଼ି ଦୁର୍ଘଟଣା ଘଟାଇଥିବା ଜଣାପଡ଼ିଲା ପରେ ସିଜ୍ କରାଯିବ ବୋଲି ନୂଆପଡ଼ା ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି। ପ୍ରକୃତରେ ଏହି ଗାଡ଼ି ଦୁର୍ଘଟଣା ଘଟାଇଛି କି ଆଉ କେଉଁ ଗାଡ଼ି ଘଟାଇଛି ସେନେଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

# ୩୧ରୁ ଜୟପୁରରୁ ନିୟମିତ ବିମାନ

**ଜୟପୁର,୨୯।୧୦ (ନି.ପ୍ର.)**

କୋରାପୁଟ ଜିଲାବାସୀଙ୍କ ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ହେବାକୁ ଯାଉଛି। ଆସନ୍ତା ୩୧ରୁ ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ଜୟପୁର ବିମାନବନ୍ଦରରୁ ଭୁବନେଶ୍ୱରକୁ ନିୟମିତ ବିମାନ ଉଡ଼ାଣ ଆରମ୍ଭ ହେବ। ଏନେଇ ଗତ ୨୦ରେ ବିମାନବନ୍ଦରକୁ ଲାଇସେନ୍ସ ମିଳିଥିବା ବେଳେ ଏବେ ବିମାନ ଉଡ଼ାଣ ଲାଗି ସ୍ଥିର ହୋଇଛି। ଜୟପୁରଠାରୁ ଭୁବନେଶ୍ୱର ପାଇଁ ଅନ୍‌ଲାଇନ ଟିକେଟ ବୁକିଂ ପାଇଁ ମଧ୍ୟ ଘୋଷଣା ହୋଇଛି। ଜୟପୁରଠାରୁ ଭୁବନେଶ୍ୱର ପାଇଁ ୯୯୯ ଟଙ୍କା ଟିକେଟ ମୂଲ୍ୟ ରହିଛି। ଏହି ବିମାନ ସେବା ଆରମ୍ଭ ହେଲେ ଅବିଭକ୍ତ କୋରାପୁଟ ଜିଲାବାସୀ ଉପକୃତ ହେବେ। ଜୟପୁର-ଭୁବନେଶ୍ୱର ଯାତ୍ରୀବାହୀ ବିମାନ ଉଡ଼ିବା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ସାହ ଦେଖାଦେଇଛି। ଶନିବାର ମନ୍ତ୍ରୀ ଜଗନ୍ନାଥ ସାରକା ବିମାନବନ୍ଦରର ପ୍ରସ୍ତୁତି ବୁଲି ଦେଖିବା ସହ ପିଏ ଆଇଟିଡିଏ ଗୋପୀନାଥ ସାରକା, ବିମାନ ବନ୍ଦର ପାଇଁ ଅଧିକୃତ ଅଧିକାରୀ ଇଂ. ଭାସ୍କର ସାମନ୍ତରାୟଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ବନ୍ଦରକୁ କିଭଳି ୭୨ ସିଟ୍ ବିଶିଷ୍ଟ ବିମାନ ଆସିବ ଏବଂ ବିମାନବନ୍ଦର ଲାଗି ଆବଶ୍ୟକ ଥିବା ଆଉ ୨୦୫ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ପାଇଁ ରାଜ୍ୟ ସରକାରଙ୍କଠାରୁ କିପରି ଶୀଘ୍ର ଅନୁମତି ମିଳିବ ସେନେଇ ସେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଥିଲେ। ୩୧ରୁ ନିୟମିତ ବିମାନ ଉଡ଼ିବା ନେଇ ବିଧାୟକ ତାରାପ୍ରସାଦ ବାହିନୀପତି ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଧର୍ମ ପରିବର୍ତ୍ତନ କରିଥିବାରୁ ଶ୍ମଶାନ ମନା

**ଉମରକୋଟ/ଧୋଡ୍ରା, ୨୯।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)**

ଧର୍ମ ପରିବର୍ତ୍ତନ କରିଥିବାରୁ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଧୋଡ୍ରା ପଞ୍ଚାୟତ ଗୁଳିବଡନା ଗ୍ରାମ ଶ୍ମଶାନରେ ଜଣେ ବ୍ୟକ୍ତିଙ୍କ ମୃତଦେହ ସତ୍କାର ପାଇଁ ଅନୁମତି ଦେଲେନାହିଁ ହିନ୍ଦୁ ଧର୍ମାବଲମ୍ବୀ। ଅଣହିନ୍ଦୁମାନେ ମଧ୍ୟ ନିଜ ଶ୍ମଶାନରେ ସତ୍କାର ପାଇଁ ଜାଗା ଦେଲେନାହିଁ। ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ମୃତଦେହ ସତ୍କାର ନ ହୋଇ ଡାକ୍ତରଖାନା ଶବାଗାରରେ ରହିଛି।

ଗୁଳିବଡନାର ଜିତରୁ ଭତ୍ରା (୭୦) ୫ ବର୍ଷ ତଳେ ହିନ୍ଦୁଧର୍ମ ଛାଡ଼ିଥିଲେ। ଗ୍ରାମବାସୀ ତାଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ ବାରଣ କରିଥିଲେ ମଧ୍ୟ ଜିତରୁ ମାନି ନ ଥିଲେ। ଶୁକ୍ରବାର ତାଙ୍କ ମୃତ୍ୟୁ ଘଟିବା ପରେ ଗାଁ ମଶାଣିରେ ମୃତଦେହ ସତ୍କାର କରିବାକୁ ହିନ୍ଦୁ ସମ୍ପ୍ରଦାୟ ଲୋକେ ମନା କରିଥିଲେ। ଝରିଗାଁ ତହସିଲଦାର ଭୀମସେନ ମାଝି ଓ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ହେଲେ ଉକ୍ତ ମୌଜାର କୌଣସି ସରକାରୀ ଜାଗାରେ ମଶାଣି ପାଇଁ ସ୍ଥାନ ଦେବେ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଅଣହିନ୍ଦୁ ସମ୍ପ୍ରଦାୟ ଲୋକଙ୍କ ସହ ଆଲୋଚନା କରି କୌଣସି ଶ୍ମଶାନରେ ସତ୍କାର ବ୍ୟବସ୍ଥା କରାଇବାକୁ ଅଧିକାରୀମାନେ ସେମାନଙ୍କୁ କହିଛନ୍ତି। ସ୍ଥାନ ନିରୂପଣ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ। ଏପରି ନ ହେଲେ ପ୍ରଶାସନ କୌଣସି ଏକ ରାସ୍ତା ବାହାର କରିବ ବୋଲି କହିଛନ୍ତି ଝରିଗାଁ ତହସିଲଦାର ଭୀମସେନ ମାଝି ଓ ଏସ୍‌ଡିପିଓ ଶୁଭେନ୍ଦୁ ଶବର। ଏବେ ପ୍ରଶାସନ ଯେଉଁଠି ଜାଗା ଦେବ ସେଠାରେ ମୃତଦେହ ସତ୍କାର କରିବେ ବୋଲି କହିଛନ୍ତି ମୃତକଙ୍କ ପୁଅ।

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଅନ୍ନପୂର୍ଣ୍ଣା ରଥ**

ଆବିର୍ଭାବ: ୨୭।୧୧।୧୯୫୨
ତିରୋଧାନ: ୨୫।୧୦।୨୦୧୭

ଆପଣଙ୍କ ଆଦର୍ଶ, ତ୍ୟାଗ, ସ୍ନେହ, ପରକୁ ଆପଣାର କରିବା ମନୋବୃତ୍ତି ଆମକୁ ସର୍ବଦା ପ୍ରେରଣା ଦେଉଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ: ନାତି-ନାତୁଣୀ, ପୁତ୍ର-ପୁତ୍ରବଧୂ, କନ୍ୟା-ଜାମାତା, ଭ୍ରାତା-ଭଗିନୀ ଓ ଆତ୍ମୀୟସ୍ୱଜନ।

ଧ-୧୮୭୫

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ରେଣୁବାଳା ପଣ୍ଡା**

ଗୁଣ୍ଡିଚା ବିହାର, ପୁରୀ

ଆବିର୍ଭାବ: ୧୨।୦୯।୧୯୫୨
ତିରୋଧାନ: ୦୪।୧୧।୨୦୦୮

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁବାନ୍ଧବ।

ଧ-୬୯୦୭୫

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ବିନମ୍ର ଶ୍ରଦ୍ଧାଞ୍ଜଳି**



**✓ନାରଖାରୀ ଦାସ**
ଶ୍ରୀକ୍ଷେତ୍ର, ପୁରୀ

ମା ବୋଲି ଏଇ ଗୋଟିଏ ଅକ୍ଷର
ଦୁନିଆରେ ଏହା ସବୁଠୁ ମଧୁର।
ପଣତ କାନିରେ ଘୋଡେଇ ଦେଲେ
ଛୋଟ ଲାଗେ ଏଇ ବଡ ସଂସାର।

ଆଜିର ଦିନରେ ତୋ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:ତୋର ହତଭାଗ୍ୟ ପୁତ୍ର,ପୁତ୍ରବଧୂ,ନାତି

ଧ-୧୮୭୭

# ସଂକଳ୍ପ



ଅନେକ ଯୁବତୀଯୁବକ ଜବ୍, ବିଜ୍‌ନେସ୍, ଷ୍ଟାର୍ଟଅପ୍ ହେଉ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ ନିଜକୁ ସଫଳତାର ଶୀର୍ଷରେ ଦେଖିବାକୁ ଚାହାନ୍ତି। ଏଥିରେ ସାମାନ୍ୟ ବିଫଳ ହେଲେ କେତେକଙ୍କ ମନୋବଳ ଭାଙ୍ଗିଯାଏ। ଏମିତିରେ କିଏ ଲକ୍ଷ୍ୟପଥରୁ ଓହରିଯାଏ ତ ଆଉ କିଏ ଧୈର୍ଯ୍ୟହରା ହୋଇ ଅନ୍ୟ ଦିଗ ବାଛିନିଏ। ହେଲେ ସଫଳତା କେବଳ ସେହିମାନଙ୍କୁ ମିଳେ, ଯାହା ଭିତରେ ଥାଏ ବାରମ୍ବାର ପ୍ରଚେଷ୍ଟା କରିବାର ଆତ୍ମବିଶ୍ୱାସ ଓ ଜିତିବାର ଦୃଢ଼ ସଂକଳ୍ପ...

**ରଖନ୍ତୁ ସକାରାତ୍ମକ ଭାବନା:** ଯେକୌଣସି କାର୍ଯ୍ୟରେ ଆଗକୁ ବଢ଼ିବାକୁ ହେଲେ ନିଜ ଭିତରେ ଆତ୍ମବିଶ୍ୱାସ ରହିବା ଦରକାର। କାରଣ ମୁଁ ଏହି କାର୍ଯ୍ୟ କରିପାରିବି କି ନାହିଁ, ଯଦି ନ ପାରିବି ପରିହାସର ପାତ୍ର ହୋଇଯିବି କି ? ଏହିଭଳି ନକାରାତ୍ମକ ମାନସିକତା ମଣିଷର ମନୋବଳକୁ ଦୁର୍ବଳ କରିଦିଏ, ଯାହା ଫଳରେ ମଣିଷ ଲକ୍ଷ୍ୟଚ୍ୟୁତ ହୋଇଯାଏ। ତେଣୁ ମନେରଖନ୍ତୁ, ସକାରାତ୍ମକ ଚିନ୍ତାର ଶକ୍ତି ଖୁବ୍ ଅଧିକ, ଯାହା ଯେକୌଣସି କଷ୍ଟକର ପରିସ୍ଥିତିରୁ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ ଏବଂ ସଫଳତା ହାସଲରେ ସାହାଯ୍ୟ କରେ।

**ନିଜ ସାମର୍ଥ୍ୟକୁ ଚିହ୍ନନ୍ତୁ:** ସ୍ୱରୋଜଗାରକ୍ଷମ ହେବାକୁ ସଭିଏଁ ଚାହାନ୍ତି। ତେବେ ଏଥିପାଇଁ କେବଳ ଯେ ଭଲ ଚାକିରିଟିଏ ଲୋଡ଼ା ତା’ ନୁହେଁ, ବରଂ ସେଥିରେ ଭଲ ପ୍ରଦର୍ଶନ କରି ନିଜର ଏକ ପରିଚୟ ସୃଷ୍ଟି କରିବାର ଲକ୍ଷ୍ୟ ଅନେକଙ୍କର ଥାଏ। ହେଲେ କେହିକେହି ଅନ୍ୟ କାହାକୁ କୌଣସି ଦିଗରେ ଆଗକୁ ବଢୁଥିବାର ଦେଖି ଭାବପ୍ରବଣ ହୋଇ ଏ ଦିଗରେ ଆଗେଇ ଆସନ୍ତି ଏବଂ ଅସଫଳ ହୁଅନ୍ତି। ତେଣୁ କାହାକୁ ଅନୁସରଣ ନ କରି ନିଜେ ଯେଉଁ କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଇଚ୍ଛୁକ ଏବଂ ଏଥିପାଇଁ ନିଜେ କେତେ ସମର୍ଥ ଜାଣିବାକୁ ଚେଷ୍ଟା କରନ୍ତୁ। ଯଦି ତାହା ଆପଣଙ୍କ ଲାଗି ଠିକ୍ ଦିଗ ବୋଲି ଭାବୁଛନ୍ତି, ତେବେ ଏକ ଦୃଢ଼ ସଂକଳ୍ପ ନେଇ ଉଦ୍ୟମ ଜାରି ରଖନ୍ତୁ, ଦେଖିବେ ନିଶ୍ଚୟ ସଫଳ ହେବେ।

**ଓଭର କନ୍‌ଫିଡେଣ୍ଟ ଠିକ୍ ନୁହେଁ :** ଆତ୍ମବିଶ୍ୱାସ ସଫଳତା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ହେଲେ ଏହା ଆବଶ୍ୟକରୁ ଅଧିକ ହେଲେ ମଣିଷ ପାଇଁ ଠିକ୍ ନୁହେଁ। କାରଣ ଅନେକେ ନିଜ କାର୍ଯ୍ୟକୁ ନେଇ ଏତେ ଓଭର କନ୍‌ଫିଡେଣ୍ଟ ହୋଇପଡନ୍ତି ଯେ, କୌଣସି କାର୍ଯ୍ୟ ପାଇଁ ପୂର୍ବ ପ୍ରସ୍ତୁତି କରିବା କିମ୍ବା ବାରମ୍ବାର ଅଭ୍ୟାସ କରିବା ଅନାବଶ୍ୟକ ବୋଲି ଭାବି ନିଅନ୍ତି। ଆଉ ଠିକ୍ ଦରକାର ସମୟରେ ଅନ୍ୟମାନେ ବାଜିମାତ୍ କରିଯାଆନ୍ତି। ସେମାନଙ୍କ ଓଭର କନ୍‌ଫିଡେନ୍ସ ହିଁ ସଫଳତାର ସ୍ୱାଦ ଚାଖିବାରୁ ବଞ୍ଚିତ କରିଥାଏ। ତେଣୁ ଲକ୍ଷ୍ୟ ହାସଲ କରିବାକୁ ହେଲେ ଓଭର କନ୍ଫିଡାଣ୍ଟ ନ ହୋଇ ନିଜ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ।







**ପ୍ରମାଣିତ କରନ୍ତୁ ନିଜ ଦକ୍ଷତା:** ଯେକୌଣସି କାର୍ଯ୍ୟ କରିବାକୁ ଚାହୁଁଛନ୍ତି, ପ୍ରଥମେ ସେଥିପାଇଁ ଦକ୍ଷତା ହାସଲ କରନ୍ତୁ। ହଁ ମୁଁ ପାରିବି ଭାବି ମନଇଚ୍ଛା ଆଗକୁ ବଢି ନ ଯାଇ ପ୍ରଥମେ ଆବଶ୍ୟକ ଜ୍ଞାନ ଆହରଣ କରନ୍ତୁ, ବାରମ୍ବାର ଅଭ୍ୟାସ ଜାରି ରଖନ୍ତୁ। ଠିକ୍ ସେହିପରି ଥରେ ବଫଳ ହେଲେ ଆଉ ଆଗକୁ ବଢିପାରିବି କି ନାହିଁ କିମ୍ବା ଏହା ମୋ ପାଇଁ କଠିନ ବ୍ୟାପାର ଆଦି ଭଳି ନକାରାତ୍ମକ ଚିନ୍ତା କରି ଚୁପ୍ ମଧ୍ୟ ରହିଯାଆନ୍ତୁ ନାହିଁ। ବାରମ୍ବାର ଚେଷ୍ଟା କରନ୍ତୁ ଏବଂ ପ୍ରତିଥର ନିଜର ବେଷ୍ଟ ଦେବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣଙ୍କ ଦକ୍ଷତା ବୃଦ୍ଧି ହେବ ଏବଂ ଲକ୍ଷ୍ୟ ହାସଲ କରିବା ଅପେକ୍ଷାକୃତ ସହଜ ହୋଇପାରିବ।

**ଦିଅନ୍ତୁନି ପଛଘୁଞ୍ଚା:** କଥାରେ ଅଛି ପଛଘୁଞ୍ଚା ନାହିଁ ବୀରର ଜାତକେ। ଯଦି କୌଣସି ଲକ୍ଷ୍ୟ ହାସଲ ନେଇ ମନରେ ସଂକଳ୍ପ କରିଛନ୍ତି ତେବେ ତାକୁ ହାସଲ କରିବାକୁ ଚେଷ୍ଟା କଲେ ସଫଳ ନିଶ୍ଚୟ ହେବେ। ତେଣୁ ଥରେ ଅସଫଳ ହେଲେ କିମ୍ବା ଅସଫଳ ହେବା ଭୟରେ ପଛଘୁଞ୍ଚା ଦେଇ ରହିଯିବା ବଦଳରେ ବାରମ୍ବାର ପ୍ରୟାସ କରନ୍ତୁ। ନିଜ ମନବଳ ଦୃଢ଼ କରି ଉଦ୍ୟମ ଜାରି ରଖିଲେ ଲକ୍ଷ୍ୟ ପଥରେ ଦିନେ ନା ଦିନେ ନିଶ୍ଚୟ ସଫଳ ହେବେ ସେଥିରେ ସନ୍ଦେହ ନାହିଁ।

> ନିଜକୁ ଜଣେ ସଫଳ ଓ ଆତ୍ମନିର୍ଭର ବ୍ୟକ୍ତିତ୍ୱର ପରିଚୟ ଦେବାକୁ କିଏବା ନ ଚାହେଁ! ହେଲେ ଏହା ଯେ ସମସ୍ତଙ୍କୁ ଖୁବ୍ ସହଜରେ ଥରକେ ମିଳିଯିବ, ତାହା ଭାବିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ତେଣୁ ସଫଳତାର ସ୍ୱାଦ ଚାଖିବାକୁ ହେଲେ ବିଫଳତାରେ ଭାଙ୍ଗି ନ ପଡ଼ି ଦରକାର ବାରମ୍ବାର ପ୍ରଚେଷ୍ଟା ଓ ଲକ୍ଷ୍ୟ ହାସଲର ଦୃଢ଼ ସଂକଳ୍ପ...

## ଏ ସପ୍ତାହର ପ୍ରଶ୍ନ

୧– ଭେଡ୍ ମାତା ମେଳା .............. ରାଜ୍ୟରେ ପାଳନ କରାଯାଏ ?
୨– ୩୬ତମ ନ୍ୟାଶନାଲ ଗେମ୍ସ ୨୦୨୨ ................ ସହରରେ ଆୟୋଜନ କରାଯିବ ?
୩– ‘ଜେଡ୍‌ଇଭି’ର ଫୁଲ୍‌ଫର୍ମ ..................... ?
୪– ................ ହେଉଛି ମଣିଷକୃତ ପ୍ରଥମ ପ୍ଲାଷ୍ଟିକ୍ ?
୫– ସମୁଦ୍ରରେ ପଡୁଥିବା ବର୍ଜ୍ୟ ପ୍ଲାଷ୍ଟିକ୍ ବୋତଲକୁ ବ୍ୟବହାର କରି କମ୍ପ୍ୟୁଟର ନିର୍ମାଣ କରୁଥିବା ପ୍ରଥମ କମ୍ପାନୀ ......... ?

## ଗତ ଥରର ଉତ୍ତର

୧ ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ କଲ୍‌ଚରାଲ ରିଲେଶନ୍ସ
୨ ହ୍ୱେଲ୍ ସାର୍କ
୩ ଅଷ୍ଟ୍ରେଲିଆ
୪ ବିଲାଆର୍ଡ୍ସ
୫ ହିମାଚଳପ୍ରଦେଶ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ସୁନୀଲ କୁମାର ବେହେରା, ବ୍ରହ୍ମପୁର

## ଟପ୍ ୧୦

### କ୍ଷୁଦ୍ରତମ ଚଢ଼େଇ



୧– ବି ହମିଂବାର୍ଡ ..................... ୫ ସେଣ୍ଟିମିଟର
୨– ୱିବିଲ୍ ..................... ୮–୯ ସେଣ୍ଟିମିଟର
୩– ପାର୍ଡାଲୋଟ୍ ..................... ୮–୧୨ ସେଣ୍ଟିମିଟର
୪– ଗୋଲ୍ଡ ହେଡେଡ୍ ସିଷ୍ଟିକୋଲା ..................... ୧୦ ସେଣ୍ଟିମିଟର
୫– ଗୋଲ୍ଡ କ୍ରେଷ୍ଟ..................... ୯ ସେଣ୍ଟିମିଟର
୬– ବ୍ରାଉନ୍ ଜେରିଗୋନ୍ ..................... ୮–୧୦ ସେଣ୍ଟିମିଟର
୭– ଆମେରିକାନ୍ ଗୋଲ୍ଡଫିଞ୍ଚ୍ ..................... ୧୧– ୧୪ ସେଣ୍ଟିମିଟର
୮– ବାନାନାକ୍ୱିଟ୍..................... ୧୦– ୧୩ ସେଣ୍ଟିମିଟର
୯– ଟ୍ରପିକାଲ୍ ପାରୁଲା ..................... ୧୧ ସେଣ୍ଟିମିଟର
୧୦– କ୍ରିମ୍‌ସନ୍ ଚାଟ୍ ..................... ୧୦–୧୩ ସେଣ୍ଟିମିଟର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଯୁବ ପ୍ରତିଭା

# ଶ୍ରୋତାଙ୍କୁ ମତୁଆଲା କରେ ସତ୍ୟବ୍ରତଙ୍କ ସଙ୍ଗୀତ

ବାଲେଶ୍ୱର ଜିଲା ବସ୍ତା ବ୍ଲକ କୁଡିଆ ଗ୍ରାମର ମା’ କାଞ୍ଚନ ଓ ବାପା ଗଣେଶ୍ୱର ଜେନାଙ୍କ ପୁଅ ସତ୍ୟବ୍ରତ। ନିଜର ସୁମଧୁର କଣ୍ଠରେ ଜଗନ୍ନାଥଙ୍କ ଏକ ଭଜନ ଗାଇ ସେ ବେଶ୍ ଚର୍ଚ୍ଚାରେ। ଯେଉଁ ଗୀତଟି ସୋସିଆଲ୍ ମିଡିଆରେ ଲକ୍ଷାଧିକ ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇପାରିଛି। ପିଲାଟି ଦିନରୁ ସଙ୍ଗୀତ ପ୍ରତି ତାଙ୍କର ଆଗ୍ରହ ରହିଆସିଛି। ତେଣୁ ମାତ୍ର ୨ୟ ଶ୍ରେଣୀରେ ପଢ଼ିବାବେଳେ ସେ ନୀଳଗିରିରେ ଥିବା କଳା ବିକାଶ କେନ୍ଦ୍ରରେ ଗୁରୁ ଶ୍ରୀ ଗୌରହରି ଜେନାଙ୍କ ପାଖରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ଏହାପରେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡୀଗଡ଼ର ନୀଳଗିରି ଶାଖାରେ ସଙ୍ଗୀତରେ ବିଶାରଦ ଉପାଧି ହାସଲ କରିଛନ୍ତି।

ବିଦ୍ୟାଳୟ ମଞ୍ଚରୁ ହିଁ ଆରମ୍ଭ ହୋଇଥିଲା ତାଙ୍କ ସଙ୍ଗୀତ ଜୀବନ। ସେଠାରେ ବିଭିନ୍ନ ଭଜନ ଗାଇ ସେ ବହୁ ପ୍ରଶଂସା ଓ ପୁରସ୍କାର ପାଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ। ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ ଅବସରରେ ଆୟୋଜିତ ବିଭିନ୍ନ ବ୍ଲକ୍‌ସ୍ତରୀୟ ସଙ୍ଗୀତ, ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ କଳା ଉତ୍ସବରେ ନୀଳଗିରି ବ୍ଲକରୁ ଯାଇ ଜିଲାସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କଲେ। ପୁଣି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦ୍ୱିତୀୟ ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ସେ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଅନେକ ଥର ପୁରସ୍କୃତ ହୋଇଛନ୍ତି। ସେ କୁହନ୍ତି, ‘‘୨୦୧୮ରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେଇ ନୀଳଗିରି ବ୍ଲକରୁ ନିଜ ରାଜ୍ୟ ସହ ଅନ୍ୟ ରାଜ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିବା ମୋ ପାଇଁ ଖୁବ୍ ଗର୍ବର ବିଷୟ ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରୁ ପୁରସ୍କାର ବାବଦରେ ୫୦୦୦ ଟଙ୍କା ଚେକ୍ ସହ ମାନପତ୍ର ଓ ସିଲ୍ ଗ୍ରହଣ କରିବା ବେଳର ଖୁସି ଅବର୍ଣ୍ଣନୀୟ।’’ ହାଇସ୍କୁଲରେ ପଢୁଥିବାବେଳେ ସେ ସ୍କାଉଟ୍‌ରେ ଯୋଗ ଦେଇ ଜିଲା ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ପୁରସ୍କାର ମଧ୍ୟ ପାଇସାରିଛନ୍ତି। ବର୍ତ୍ତମାନ ଏକ ଘରୋଇ ଓଡ଼ିଆ ଚ୍ୟାନେଲ୍‌ରେ ପ୍ରସାରିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ସ୍ୱର ଯାଦୁରେ ବିଚାରକଙ୍କଠାରୁ



ସତ୍ୟବ୍ରତ

ପୁରସ୍କୃତ ହେଲେ। ଧୀରେ ଧୀରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଜିଲାପାଳ ଏବଂ ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହେଲେ। ନବମ ଶ୍ରେଣୀରେ ପଢୁଥିବାବେଳେ ଭାରତ ସରକାରଙ୍କ ରାଷ୍ଟ୍ରୀୟ ମାଧ୍ୟମିକ ଆରମ୍ଭ କରି ଶ୍ରୋତାଙ୍କ ମନ ଜିଣିପାରିଛନ୍ତି। ତେବେ ନିଜ ପ୍ରତ୍ୟେକ ସଫଳତାର ଶ୍ରେୟ ମା’ବାପାଙ୍କୁ ଦେଉଥିବା ସତ୍ୟବ୍ରତ ଭବିଷ୍ୟତରେ ଜଣେ ଜାତୀୟସ୍ତରୀୟ କଣ୍ଠଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି।

–ପ୍ରଶାନ୍ତ ବିଶ୍ୱାଳ

## ଯୁଥ୍ ଆଲର୍ଟ

# ବଡି ଡିଟକ୍ସ

**ଦଶହରା, ଦୀପାବଳି ଭଳି ପୂଜାପର୍ବରେ ସାଧାରଣତଃ ପିଠା, ମିଠା ଏବଂ ଅନେକ ଭଳିକି ଭଳି ଖାଦ୍ୟରେ ସଭିଙ୍କ ଘର ଭରିଯାଏ। ଯାହାକୁ ଖାଇବା ଏବଂ ଅନ୍ୟମାନଙ୍କୁ ଶ୍ରଦ୍ଧାରେ ଖୁଆଇବାରେ ବେଶ୍ ଆନନ୍ଦ ବି ମିଳିଥାଏ। ହେଲେ ଏହାଦ୍ୱାରା ନା କେବଳ ଶରୀରକୁ ଅଧିକ କ୍ୟାଲୋରି ଯାଇଥାଏ ବରଂ ଏସବୁ ଖାଦ୍ୟରେ ବ୍ୟବହୃତ ରଙ୍ଗ, ତେଲ ଆଦିରେ ଥିବା ବିଷାକ୍ତ ପଦାର୍ଥ ଶରୀରକୁ ହାନି ପହଞ୍ଚାଇଥାଏ। ଯାହାକୁ ଦୂର କରି ସୁସ୍ଥ ରହିବା ଲାଗି ପୂଜାପର୍ବ ପରେ କେତେକ ଉପାୟରେ ବଡି ଡିଟକ୍ସ କରିବା ନିହାତି ଆବଶ୍ୟକ...**





**ପିଅନ୍ତୁ ଅଧିକ ପାଣି:** ଶରୀରକୁ ସୁସ୍ଥ ରଖିବା ଲାଗି ପାଣି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଝାଳ ଏବଂ ପରିସ୍ରା ଦ୍ୱାରା ବାହାର କରିବାରେ ସାହାଯ୍ୟ କରେ ଏବଂ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। ତେଣୁ ଅତିକମ୍‌ରେ ଦିନକୁ ୩–୪ ଲିଟର ପାଣି ପିଇବା ଆବଶ୍ୟକ। ବିଶେଷକରି ପୂଜା ଦିନମାନଙ୍କରେ ଖାଉଥିବା ଖାଦ୍ୟ ଭଲ ଭାବେ ହଜମ ହେବା ଲାଗି ଏହାଠୁ ଅଧିକ ପାଣି ପିଇପାରିଲେ ଭଲ।

**ପ୍ରୋବାୟୋଟିକ୍ ଖାଇବା ଲାଭ ଦାୟକ:** ଖାଦ୍ୟଦ୍ୱାରା ଶରୀରକୁ ଯାଉଥିବା କୌଣସି ବିଷାକ୍ତ ପଦାର୍ଥକୁ ଦୂର କରିବା ଲାଗି ଖାଦ୍ୟ ତାଲିକାରେ ପ୍ରୋବାୟୋଟିକ୍ ସାମିଲ କରନ୍ତୁ। ଦହିରେ ଅଧିକ ମାତ୍ରାରେ ପ୍ରୋବାୟୋଟିକ୍ ରହିଛି। ଏହା ଏକ ପ୍ରକାରର ଫାଇବର, ଯାହାକୁ ଖାଇବା ଦ୍ୱାରା ହଜମକ୍ରିୟା ଠିକ୍ ଭାବେ ହୋଇଥାଏ। ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ବ୍ୟାକ୍ଟେରିଆଙ୍କୁ ସୁରକ୍ଷିତ ରଖିଥାଏ।

**ପରିବା ଜୁସ୍:** ଶରୀରକୁ ଡିଟକ୍ସ କରିବା ଲାଗି ବିଭିନ୍ନ ପରିବା ଜୁସ୍ ପିଇବା ବେଶ୍ ଉପକାରୀ। ଏଥିପାଇଁ ଲାଉ, କାକୁଡ଼ି, ଅଦା, ଲେମ୍ବୁ, ଗାଜର, ବିଟ୍, ପାଳଙ୍ଗ ଆଦିର ଜୁସ୍ ପିଇପାରିବେ। ଏହା ଶରୀରକୁ ପୋଷକତତ୍ତ୍ୱ ଯୋଗାଇ ଦେବା ସହ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

**କମାନ୍ତୁ ଲୁଣ:** ଆବଶ୍ୟକତାଠାରୁ ଅଧିକ ଲୁଣ ଖାଇବା ଠିକ୍ ନୁହେଁ। କାରଣ ଏହା ରକ୍ତଚାପ ବଢ଼ାଇବା ସହ ଶରୀରରେ ପାଣି ଜମା କରିଥାଏ। ଏହାଦ୍ୱାରା ଲିଭର ଏବଂ କିଡ୍‌ନୀ ସମସ୍ୟା ଉପୁଜିପାରେ। ପୂଜା ପର୍ବ ସମୟରେ ହେଉଥିବା ଛଣାଛଣି କିମ୍ବା ଅନ୍ୟାନ୍ୟ ଖାଦ୍ୟରେ ଶରୀରକୁ ଅଧିକ ଲୁଣ ଯାଇଥାଏ। ତେଣୁ ପରେ ଶରୀରକୁ ଡିଟକ୍ସ କରିବା ଲାଗି ଖାଦ୍ୟରେ ଲୁଣମାତ୍ରା କମ୍ କରିବା ସହ ଅଧିକ ପାଣି ପିଇବା ଆବଶ୍ୟକ।

**ବ୍ୟାୟାମ ଗୁରୁତ୍ୱପୂର୍ଣ୍ଣ:** ପ୍ରତିଦିନ ବ୍ୟାୟାମ କରିବା ଦ୍ୱାରା ଶରୀର ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ପାଇଥାଏ। ଏହା ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇବା ସହ ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୩୦ ଅକ୍ଟୋବର, ୨୦୨୨ Bhubaneswar, Sunday, October 30/2022

# ଭାରତ ଚାମ୍ପିୟନ



ସୁଲତାନ ଜୋହର କପ୍ ହକି ଚାମ୍ପିୟନ ଭାରତୀୟ ଦଳ।

**ସୁଲ୍‌ତାନ ଜୋହର କପ୍ ହକି**

**ଗୋଲ ଦେଲେ ଓଡ଼ିଆ ଖେଳାଳି ସୁଦୀପ ଚିରମାକୋ**

**ଶୁଟ୍ ଆଉଟରେ ଅଷ୍ଟ୍ରେଲିଆ ପରାସ୍ତ**

ଜୋହର ବାହରୁ (ମାଲେସିଆ), ୨୯।୧୦ (ପି.ଟି.)

ଭାରତ ତୃତୀୟ ଥର ସୁଲ୍‌ତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟ ଟାଇଟଲ ବିଜୟୀ ହୋଇଛି। ଶନିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଦଳ ୫-୪ ଶୁଟ୍‌ଆଉଟରେ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ଭାରତ ୫ ବର୍ଷ ପରେ ଏଠାରେ ପୁଣି ଚାମ୍ପିୟନ ହୋଇ ପାରିଛି। ଟାଇଟଲ ମୁକାବିଲାର ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଶୁଟ୍ ଆଉଟରେ ଉଭୟ ଦଳ ସମାନ ୩ଟି ଲେଖାଏଁ ଗୋଲ୍ ସ୍କୋର କରିବାରୁ ସ୍କୋର ଲାଇନ୍ ୩-୩ରେ ରହିଥିଲା। ଫଳରେ ମ୍ୟାଚ ସଡନ ଡେଥ୍‌କୁ ଚାଲିଯାଇଥିଲା। ଶୁଟ୍ ଆଉଟରେ ଭାରତ ତରଫରୁ ଉତ୍ତମ ସିଂ ଦୁଇଟି ଗୋଲ ସ୍କୋର କରିଥିଲେ। ତନ୍ମଧ୍ୟରେ ତାଙ୍କ ସଡନ ଡେଥ୍ ଗୋଲ ସାମିଲ। ଅନ୍ୟ ଗୋଲ୍ ସ୍କୋରରମାନେ ହେଲେ ବିଷ୍ଣୁକାନ୍ତ ସିଂ, ଅଙ୍କିତ୍ ପାଲ ଏବଂ ଓଡ଼ିଶାର ସୁଦୀପ ଚିରମାକୋ। ଅଷ୍ଟ୍ରେଲିଆ ପକ୍ଷରୁ ବର୍ନ୍ସ କୁପର, ଫୋଷ୍ଟର ବ୍ରଡି, ବ୍ରୁକ୍ସ ଜୋଶୁଆ ଓ ହାର୍ଟ ଲିଆମ୍ ଗୋଲ୍ ଦେଇଥିଲେ। ନିର୍ଦ୍ଧାରିତ ସମୟ ଖେଳରେ ସୁଦୀପ ୧୩ ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରଇଥିଲେ। ଅଷ୍ଟ୍ରେଲିଆର ଜ୍ୟାକ୍ ହୋଲାଡ୍ ୨୮ତମ ମିନିଟ୍‌ରେ ଗୋଲ୍ ଦେଇ ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ଏହି ସ୍କୋର ଲାଇନ୍‌ରେ ନିର୍ଦ୍ଧାରିତ ସମୟ ଖେଳ ଅମୀମାଂସିତ ଭାବେ ଶେଷ ହୋଇଥିଲା। ସୂଚନାଯୋଗ୍ୟ, ଭାରତୀୟ ଦଳ ପୂର୍ବରୁ ଏହି ଟୁର୍ନାମେଣ୍ଟ ୨୦୧୩ ଓ ୨୦୧୪ରେ ଜିତିଥିଲା। ଏହା ବ୍ୟତୀତ ୨୦୧୨, ୨୦୧୫, ୨୦୧୮ ଏବଂ ଇଭେଣ୍ଟର ଗତ ସଂସ୍କରଣ ୨୦୧୯ରେ ଦ୍ୱିତୀୟ ଶ୍ରେଷ୍ଠ ବିବେଚିତ ହୋଇଥିଲା। କୋଭିଡ୍ ମହାମାରୀ ଯୋଗୁ ୨୦୨୦ ଓ ୨୦୨୧ରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇ ପାରି ନ ଥିଲା।

**ଟି୨୦ ବିଶ୍ୱକପ୍ ଆଜିର ମ୍ୟାଚ**

ବାଂଲାଦେଶ ବନାମ ଜିମ୍ବାୱେ
ସ୍ଥାନ: ଗାବା
ସମୟ: ପୂର୍ବାହ୍ନ ୮ଟା ୩୦

ପାକିସ୍ତାନ ବନାମ ନେଦରଲାଣ୍ଡ୍ସ
ସ୍ଥାନ: ପର୍ଥ
ସମୟ: ଅପରାହ୍ନ ୧୨ଟା ୩୦

ଭାରତ ବନାମ ଦକ୍ଷିଣ ଆଫ୍ରିକା
ସ୍ଥାନ: ପର୍ଥ
ସମୟ: ଅପରାହ୍ନ ୪ଟା ୩୦

## ବିସିସିଆଇ ଆପେକ୍ସ କାଉନ୍‌ସିଲ୍‌କୁ ଭେଙ୍ଗସରକାର, କୁଲକର୍ଣ୍ଣୀ ନିର୍ବାଚିତ

**ସ୍ଥାନ ବଜାୟ ରଖିଲେ ପ୍ରଜ୍ଞାନ**

ନୂଆଦିଲ୍ଲୀ, ୨୯।୧୦ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆପେକ୍ସ କାଉନ୍‌ସିଲରେ ଇଣ୍ଡିଆନ କ୍ରିକେଟର୍ସ ଆସୋସିଏଶନ (ଆଇସିଏ) ପ୍ରତିନିଧି ଭାବେ ପୂର୍ବତନ ଭାରତୀୟ ଅଧିନାୟକ ଦିଲୀପ ଭେଙ୍ଗସରକାର ଓ ଶୁଭାଙ୍ଗି କୁଲକର୍ଣ୍ଣୀ ନିର୍ବାଚିତ ହୋଇଛନ୍ତି। କୁଲକର୍ଣ୍ଣୀ ମହିଳା ଆଇସିଏ ପ୍ରତିନିଧି ଭାବେ ଆପେକ୍ସ କାଉନ୍‌ସିଲ୍‌କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଭେଙ୍ଗସରକାର ବିଦାୟୀ ଆଇସିଏ ସଭାପତି ତଥା ପୂର୍ବତନ ଭାରତ କ୍ରିକେଟର ଅଶୋକ ମାଲହୋତ୍ରାଙ୍କୁ ହରାଇ ନିର୍ବାଚିତ ହୋଇଛନ୍ତି। ଭାରତର ପୂର୍ବତନ ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝା ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲରେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ସେ ବିଜୟ ମୋହନ ରାଜଙ୍କୁ ୩୧୬-୨୩୪ ବ୍ୟବଧାନରେ ପରାସ୍ତ କରିଛନ୍ତି।

# ନ୍ୟୁଜିଲାଣ୍ଡକୁ ହରାଇଲା ସ୍ପେନ୍



କଳିଙ୍ଗ ଷ୍ଟାଡିୟମରେ ସ୍ପେନ୍ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍**

ଭୁବନେଶ୍ୱର, ୨୯।୧୦ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚରେ ସ୍ପେନ୍ ୩-୨ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଭାରତ ବିପକ୍ଷ ମ୍ୟାଚ ପରି ଏଥିରେ ମଧ ନ୍ୟୁଜିଲାଣ୍ଡ ଏକଦା ଅଗ୍ରଣୀ ରହିଥିଲେ ହେଁ ଶେଷରେ ପରାଜୟ ସ୍ୱାଦ ଚାଖିଛି। ବିଜୟ ସହ ସ୍ପେନ୍ ଏହାର ଅଭିଯାନ ଆରମ୍ଭ କରିଥିବାବେଳେ ୨ ମ୍ୟାଚରୁ ନ୍ୟୁଜିଲାଣ୍ଡର ଏହା ଦ୍ୱିତୀୟ ପରାଜୟ।

ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଫାଇଦାରେ ରହିଥିଲା ସ୍ପେନ୍। ୭ମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ ପାଉ କୁନିଲ। ପ୍ରଥମ କ୍ୱାର୍ଟରରେ ସ୍ପେନ୍ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ୨ଟି ଗୋଲ ଦେଇ ନ୍ୟୁଜିଲାଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୨୫ତମ ମିନିଟରେ ହେଡେନ ଫିଲିପ୍ସ ଏବଂ ଏହାର ୧ ମିନିଟ ପରେ ଅର୍ଥାତ୍ ୨୬ତମ ମିନିଟରେ ସିମନ ଚିଲ୍ଡ ୨ଟି ଫିଲ୍ଡ ଗୋଲ କରି ପ୍ରଥମାର୍ଦ୍ଧ ଶେଷ ବେଳକୁ ନ୍ୟୁଜିଲାଣ୍ଡକୁ ୨-୧ରେ ଆଗୁଆ ରଖିଥିଲେ। ତୃତୀୟ କ୍ୱାର୍ଟରରେ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଗୋଲ ପରିଶୋଧ ପାଇଁ ସ୍ପେନ୍ ଉଦ୍ୟମକୁ ସଫଳ କରିଥିଲେ ମାର୍କ ରେନେ। ସେ ୩୮ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ସ୍ପେନ୍ ଏତିକିରେ ସନ୍ତୁଷ୍ଟ ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ପେରେ ଅମାଟଙ୍କ ଗୋଲ ବଳରେ ଦଳ ଅଗ୍ରଣୀ ହାସଲ କରିଥିଲା। ଶେଷରେ ଏହି ଗୋଲଟି ନିର୍ଣ୍ଣାୟକ ସାଜିଥିଲା। ନ୍ୟୁଜିଲାଣ୍ଡ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇ ନ ଥିଲା।

# କଲମ୍ବିଆ-ସ୍ପେନ୍ ଫାଇନାଲ ଆଜି

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

ଭୁବନେଶ୍ୱର, ୨୯।୧୦ (କ୍ରୀଡ଼ା ପ୍ରତିନିଧି)

ଚଳିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଅନ୍ତିମ ପର୍ଯ୍ୟାୟ ଉପନୀତ। ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ରବିବାର କଲମ୍ବିଆ ଓ ସ୍ପେନ୍ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ସେହିଦିନ ଜର୍ମାନୀ ଓ ନାଇଜେରିଆ ମଧ୍ୟ ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ମ୍ୟାଚ ଖେଳିବେ। ତୃତୀୟ ସ୍ଥାନ ମ୍ୟାଚ ଅପରାହ୍ନ ୪ଟା ୩୦ ଓ ଫାଇନାଲ ରାତି ୮ଟାରେ ଆରମ୍ଭ ହେବ।

ଗ୍ରୁପ୍ 'ସି'ର ଏହି ୨ଟି ଯାକ ଦଳ ଲିଗ୍ ପୁଲ୍ ପର୍ଯ୍ୟାୟ ମ୍ୟାଚ ନଭି ମୁମ୍ବାଇରେ ଖେଳିଥିବାରୁ ପଡ଼ିଆ ଓ ପରିବେଶ ସହିତ ଭଲଭାବେ ଅଭ୍ୟସ୍ତ। ସ୍ପେନ୍ ଗତଥରର ଚାମ୍ପିୟନ ହୋଇଥିବାବେଳେ କଲମ୍ବିଆ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ନିଜର ପ୍ରଥମ ମ୍ୟାଚରେ ସ୍ପେନ୍ ୧-୦ ଗୋଲରେ କଲମ୍ବିଆକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ତେଣୁ ଆଗାମୀ ମ୍ୟାଚ ପାଇଁ ଏହି ଦଳର ପଲା ଭାରି ରହିବ। ଅନ୍ୟପକ୍ଷରେ କଲମ୍ବିଆ ପାଇଁ ପରାଜୟର ପ୍ରତିଶୋଧ ନେବା ସହିତ ପ୍ରଥମଥର ପାଇଁ ଚାମ୍ପିୟନ ହୋଇ ଇତିହାସ ରଚିବାର ସମୟ ଉପନୀତ ହୋଇଛି। ତେଣୁ ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଏ।

## ହକି ଇଣ୍ଡିଆର ପୁରସ୍କାର ଘୋଷଣା

ନୂଆଦିଲ୍ଲୀ, ୨୯।୧୦ (ପି.ଟି.)

ସୁଲ୍‌ତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିବା ଭାରତୀୟ ଜୁନିୟର ପୁରୁଷ ହକି ଦଳ ପାଇଁ ଶନିବାର ପୁରସ୍କାର ଘୋଷାଣା କରିଛି ହକି ଇଣ୍ଡିଆ। ତଦନୁସାରେ ଦଳର ପ୍ରତ୍ୟେ ଖେଳାଳି ୨ ଲକ୍ଷ ଟଙ୍କା ଏବଂ ସପୋର୍ଟ ଷ୍ଟାଫ ୧ ଲକ୍ଷ ଟଙ୍କା ଲେଖାଏଁ ପାଇବେ। ଭାରତ ୫-୪ ଶୁଟ୍‌ଆଉଟ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ସୁଲ୍‌ତାନ ଜୋହର କପ୍ ଟାଇଟଲ ହାସଲ କରିଛି। ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, ଜୁନିୟର ଖେଳାଳିମାନେ ସମଗ୍ର ଟୁର୍ନାମେଣ୍ଟରେ ଲଢୁଆ ପ୍ରଦର୍ଶନ କରି ଆମକୁ ଗର୍ବିତ କରିଛନ୍ତି। ଏହି ବିଜୟ ଆସନ୍ତାବର୍ଷ ମାଲେସିଆରେ ହେବାକୁଥିବା ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍ ପାଇଁ ଖେଳାଳିମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ। ହକି ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ଭୋଳାନାଥ ସିଂ ଐତିହାସିକ ପ୍ରଦର୍ଶନ ପାଇଁ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ନ୍ୟୁଜିଲାଣ୍ଡକୁ ଜିତାଇଲେ ଫିଲିପ୍ସ, ବୋଲ୍ଟ

ସିଡ୍‌ନୀ, ୨୯।୧୦(ପି.ଟି.)



ଶଟ୍ ଖେଳିବା ଅବସରରେ ଗ୍ଲେନ ଫିଲିପ୍ସ।

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଶନିବାର ଶ୍ରୀଲଙ୍କା ବିପକ୍ଷରେ ନ୍ୟୁଜିଲାଣ୍ଡ ୬୫ ରନରେ ବିଜୟ ଲାଭ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ପାୱାର ପ୍ଲେରେ ଏକଦା ମାତ୍ର ୧୫ ରନରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ପରେ ଗ୍ଲେନ ଫିଲିପ୍ସ (୬୪ ବଲ୍‌ରୁ ୧୦୪ ରନ) ଓ ଡେରିଲ ମିଚେଲ ୨୪ ବଲ୍‌ରୁ ୨୨ରନ) ପାର୍ଟନରଶିପ୍‌ରେ ଗୁରୁତ୍ୱପୂର୍ଣ୍ଣ ୮୪ ରନ ଯୋଗ କରି ଦଳର ବ୍ୟାଟିଂ ସ୍ଥିତିକୁ ସଜାଡିଥିଲେ। ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୬୭ରନ କରିଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ୨୫ ବର୍ଷୀୟ ଫିଲିପ୍ସ ତାଙ୍କ ଦ୍ୱିତୀୟ ଟି୨୦ ଶତକ ହାସଲ କରିଥିଲେ। ସେ ୪ ଛକା ଓ ୧୦ ଚୌକା ମାରିଥିଲେ। ଶ୍ରୀଲଙ୍କା ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ନ୍ୟୁଜିଲାଣ୍ଡ ଭଳି ସ୍ଥିତି ସୁଧାରିବାରେ ସକ୍ଷମ ହୋଇପାରି ନ ଥିଲା। ଦଳ ୧୯.୨ ଓଭରରେ ୧୦୨ ରନ କରି ଅଲଆଉଟ ହୋଇଯାଇଥିଲା। ଟ୍ରେଣ୍ଟ ବୋଲ୍ଟ ଶ୍ରୀଲଙ୍କା ଦଳର ସବୁଠାରୁ ବେଶି କ୍ଷତି ଘଟାଇଥିଲେ। ସେ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରି ୪ ଓଭରରେ ମାତ୍ର ୧୩ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ନ୍ୟୁଜିଲାଣ୍ଡର ତିନୋଟି ଗେମ୍‌ରେ ଏହା ଥିଲା ଦ୍ୱିତୀୟ ବିଜୟ। ଆଫଗାନିସ୍ତାନ ବିପକ୍ଷ ପୂର୍ବ ଗେମ୍ ବର୍ଷା ଯୋଗୁ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ଏସିଆ କପ୍ ଚାମ୍ପିୟନ ଶ୍ରୀଲଙ୍କାର ତିନୋଟି ଗେମ୍‌ରେ ଏହା ଦ୍ୱିତୀୟ ପରାଜୟ। ଫଳରେ ଦଳ ପାଇଁ ସେମିଫାଇନାଲ ରାସ୍ତା ଏବେ କଠିନ ହୋଇଛି। ଶନିବାର ମ୍ୟାଚରେ ନ୍ୟୁଜିଲାଣ୍ଡର ଭେଟେରାନ ପେସ୍ ଯୋଡ଼ି ବୋଲ୍ଟ ଓ ଟିମ୍ ସୌଦି (୧/୧୨) ଶ୍ରୀଲଙ୍କା ଟପ୍ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିଲେ। ବୋଲ୍ଟ ତାଙ୍କ ଓପନିଂ ସ୍ପେଲ୍‌ରେ ତିନୋଟି ଉଇକେଟ ନେଇଥିଲେ। ବାମହାତି ସ୍ପିନର ମିଚେଲ ସାଣ୍ଟନର (୨/୨୧) ଓ ଈଶ ସୋଧି (୨/୨୧) ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୬୭/୭ (ଗ୍ଲେନ ଫିଲିପ୍ସ-୧୦୪, ଡେରିଲ ମିଚେଲ-୨୨, କାସୁନ ରଜିଥା-୨/୨୩, ଧନଞ୍ଜୟ ଡି ସିଲ୍‌ଭା-୧/୧୪)। ଶ୍ରୀଲଙ୍କା ୧୯.୨ ଓଭରରେ ୧୦୨/ଅଲଆଉଟ (ଦସୁନ ସାନକା-୩୫, ଭାନୁକା ରାଜପାକ୍‌ସେ-୩୪, ଟ୍ରେଣ୍ଟ ବୋଲ୍ଟ-୪/୧୩)।

# ଭାରତୀୟ ଦଳରେ ଓଡ଼ିଶାର ୬ ସାମିଲ

**୨୦ ବର୍ଷରୁ କମ୍ ଏସିଆ ରଗ୍‌ବୀ ଟୁର୍ନାମେଣ୍ଟ**

ଭୁବନେଶ୍ୱର, ୨୯।୧୦ (କ୍ରୀଡ଼ା ପ୍ରତିନିଧି)




ବାଳିକା ଦଳର ଅଧିନାୟିକା ମାମା ନାଏକଙ୍କୁ ଅତିଥିମାନେ ଜର୍ସି ପ୍ରଦାନ କରୁଛନ୍ତି।

ନଭେମ୍ବର ୫ ଓ ୬ରେ ୨୦ ବର୍ଷରୁ କମ୍ ଏସିଆ ରଗ୍‌ବୀ (ବାଳିକା ଓ ବାଳକ) ଟୁର୍ନାମେଣ୍ଟ ଉଜବେକିସ୍ତାନରେ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୬ ଖେଳାଳି ସାମିଲ ହୋଇଛନ୍ତି। ଏହା ମଧ୍ୟରେ ୫ ବାଳିକା ଓ ୧ ବାଳକ ଖେଳାଳି ସାମିଲ। ବାଳିକା ଦଳରେ ସାମିଲଥିବା ଓଡ଼ିଶା ଖେଳାଳି ହେଲେ ମାମା ନାଏକ, ପାର୍ବତୀ ହାଁସଦା, ତରୁଲତା ନାଏକ, ନିର୍ମାଲ୍ୟ ରାଉତ ଓ ଆରତୀ ମୁର୍ମୁ। ସେହିପରି ବାଳକ ଦଳରେ ରାଜ୍ୟର ଗଣେଶ ଧାଙ୍ଗଡ଼ା ମାଝି ସାମିଲ ହୋଇଛନ୍ତି। ମାମା ନାଏକ ବାଳିକା ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। ସମ୍ମାନଜନକ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ରଗ୍‌ବୀ ଇଣ୍ଡିଆ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅକ୍ଟୋବର ୧ରୁ ଏଠାରେ ଚୟନ ଟ୍ରାଏଲ୍ ଓ କୋଚିଂ କ୍ୟାମ୍ପ ଚାଲିଥିଲା। କ୍ୟାମ୍ପ ଶେଷ ହେବାପରେ ଦଳ ଚୟନ ଏବଂ କିଟ୍ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର ମହାନ୍ତି, କିଟ୍ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏବଂ ରଗ୍‌ବୀ ଇଣ୍ଡିଆର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୋଚିଂ କ୍ୟାମ୍ପ ପାଇଁ ଖେଳାଳି ଓ ଅଫିସିଆଲଙ୍କ ଲାଗି ଆବଶ୍ୟକ ସୁବିଧାସୁଯୋଗ ଯୋଗାଇ ଦେଇଥିବାରୁ ଅଚ୍ୟୁତଙ୍କୁ ରାହୁଲ ଧନ୍ୟବାଦ ଜଣାଇଛନ୍ତି। ଏହା ବ୍ୟତୀତ ରଗ୍‌ବୀ ପ୍ରତି ସମର୍ଥନ ଅବ୍ୟାହତ ରଖିଥିବାରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ମନୋନୀତ ସମସ୍ତ ଖେଳାଳିଙ୍କୁ ଅଚ୍ୟୁତ ଅଭିନନ୍ଦନ ଜଣାଇବା ସହ ଆଗାମୀ ଟୁର୍ନାମେଣ୍ଟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

**ଭାରତୀୟ ବାଳିକା ଦଳ:** ମାମା ନାଏକ, ଗୋମତି, ପାର୍ବତୀ ହାଁସଦା, ତରୁଲତା ନାଏକ, କୁମାରୀ ଧର୍ମଶୀଳା, ନିର୍ମାଲ୍ୟ ରାଉତ, କ୍ରିଜ୍‌ଲେ ଚାନେଲ, କଟକାଡେ ଆକାଂକ୍ଷା ଆନନ୍ଦ, କୁମାର ସପ୍ନା, ଆରତୀ କୁମାରୀ, ନନ୍ଦିନୀ, ଆରତୀ ମୁର୍ମୁ। ଅଫିସିଆଲ୍ସ: ଭାନ୍ ଡେଭେଣ୍ଟର ଲୁଡ୍‌ୱିଚେ ହେର୍ମାନୁସ (ଦକ୍ଷିଣ ଆଫ୍ରିକା), ପାଏସ ଲିଜାନେ, ଭାରିଚା ଭାବିଜ୍ ବୋମାନ (ଉଭୟେ ମହାରାଷ୍ଟ୍ର)।

**ଭାରତୀୟ ବାଳକ ଦଳ:** ପ୍ରଥମେଶ ମହାଦେବ ପାଟିଲ, ଦିବେଶ ସଦାଶିବ ଦେବଡିଗା, ନିଶାନ୍ତ ସୁରେନ୍ଦ୍ର ଚୌହାନ, ବିନୟ ଆନ୍ନାବାଥିନି, ଦୀନେଶ ଦେଶମୁଖ, ଗଣେଶ ଚନ୍ଦ୍ର ମାଝି, ହର୍ଷ ରାଜ, ପ୍ରଣବ ବିଜୟ ପାଟିଲ, ତେଜାସ ତୁକାରାମ ପାଟିଲ, ବିଦ୍ୟାନନ୍ଦ କୁମାର, କୁମାର ରାଜ, କରନ ରାଜଭାର। **ଅଫିସିଆଲ୍ସ:** ବିକାଶ ଖତ୍ରି (ହରିୟାଣା), ଅବଦୁଲ ୱାହିଦଖାଁ ଅବଦୁଲାତିଫଖାଁ ପଠାନ (ଗୁଜରାଟ), କୁନାତୁବା ଏଲେନୋଆ ନାଇକୁଲାନିଭାନୁଆ (ଫିଜି)।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ୩୧ରେ ଗୋଶାଳାରେ ଗୋପାଷ୍ଟମୀ ମେଳା

କଟକ ଅଫିସ, ୨୯।୧୦- କଟକ ନୂଆବଜାରସ୍ଥିତ ଶ୍ରୀଗୋପାଳକୃଷ୍ଣ ଗୋଶାଳା ପରିସରରେ ଆସନ୍ତା ୩୧ ଓ ନଭେମ୍ବର ୧ ତାରିଖରେ ଗୋପାଷ୍ଟମୀ ମେଳା ଏବଂ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଆସନ୍ତା ସୋମବାର ବିଶେଷଜ୍ଞ ଓ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଦାନ ଶିବିର ଆୟୋଜନ କରାଯିବ। ସେହିପରି ମଙ୍ଗଳବାର ନୂଆବଜାର ଗୋଶାଳା ଓ ମାରୱାଡି କ୍ଲବ୍‌ରେ ଗୋପୂଜା, ଗୋପାଷ୍ଟମୀ ମେଳା ଶୁଭାରମ୍ଭ ହେବ। ଏଥିସହ ସନ୍ଧ୍ୟାରେ ଗୋପାଷ୍ଟମୀ ସମାରୋହ ଓ ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ଗୋଶାଳା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ମହାମନ୍ତ୍ରୀ ଗଣେଶ ପ୍ରସାଦ କନ୍ଦୋଇ ସୂଚନା ଦେଇଛନ୍ତି। ଏଥିସହ ସେ କହିଛନ୍ତି, ଶ୍ରୀଗୋପାଳକୃଷ୍ଣ ଗୋଶାଳାରେ ଦୀର୍ଘବର୍ଷ ଧରି ଗୋରୁଙ୍କ ସେବା କରାଯାଇଆସୁଛି। ଏଠାରେ ୯୦୦ ଗୋରୁଙ୍କ ମଧ୍ୟରୁ ୭୦୦ ଅକ୍ଷମ। ଉକ୍ତ ଗୋରୁଙ୍କ ଉପଯୁକ୍ତ ଚିକିତ୍ସା ନିମନ୍ତେ ଗୋଶାଳା ପରିସରରେ କାମଧେନୁ ଭେଟେରିନାରୀ ହସ୍ପିଟାଲ ନିର୍ମାଣ କରାଯାଇଛି ବୋଲି କନ୍ଦୋଇ କହିଥିଲେ। ଉକ୍ତ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ବିଜୟକୃଷ୍ଣ ମହାନ୍ତି, ମେଳା ସଂଯୋଜକ ମନମୋହନ ପୋଦାର, ସୁରେଶ ପୋଦାର, ବିମଳ ପର୍ଶୁରାମ ପୁରିହା, ଅଶୋକ କୁମାର ଅଗ୍ରୱାଲ, ଅରୁଣ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ମହାନଦୀ ଆଳତି କାର୍ଯ୍ୟକ୍ରମ

କଟକ ଅଫିସ,୨୯।୧୦- ବାଲିଯାତ୍ରାକୁ ସ୍ୱଚ୍ଛ ଓ ସରସ ସୁନ୍ଦର କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅବସରରେ ଶନିବାର ବାଲିଯାତ୍ରା ପଡିଆରେ ମହାନଦୀ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ପ୍ରକୃତି ଓ ପରିବେଶ ପ୍ରତି ଦୃଷ୍ଟି ଦେଇ ପ୍ରଗତିଶୀଳ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ଏଥିରେ ସମ୍ମାନିତ ଅତିଥି ଭାବେ ଡିସିପି ପିନାକ ମିଶ୍ର, ଡ. ଦ୍ୱୀପାୟନ ପଟ୍ଟନାୟକ, ସାମାଜିକ କର୍ମୀ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ପ୍ରମୁଖ ଯୋଗଦେଇଥିଲେ।

### ସ୍ୱାସ୍ଥ୍ୟ ସଚେତନତା ଶିବିର

କଟକ ଅଫିସ,୨୯।୧୦- ୱାଇଜମ୍ୟାନ କ୍ଲବ୍ ଓ ସ୍ୱାଗର ମିଳିତ ଆନୁକୂଲ୍ୟରେ କଟକ ବିସିନାବରସ୍ଥିତ ମଲ୍ଲିକ ସାହିଠାରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଡା. ପ୍ରଭାତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶବିତ୍ ଡ. ଆଶୁତୋଷ ଦେବତା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ଦେଶର ସୁରକ୍ଷା କରିବା ଆମର ପ୍ରଥମ କର୍ତ୍ତବ୍ୟ। ସେହିପରି ଅନ୍ୟତମ ଅତିଥି ଭାବେ ଆଇନଜୀବୀ ବିଭୁଦତ୍ତ ଦାସ ଯୋଗଦେଇ କ୍ଲବ୍‌ର ସାମାଜିକ କାର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ୩୭ ନଂ. ୱାର୍ଡର କର୍ପୋରେଟର ଯତୀନ୍ ବେହେରା ସାନିଟାରୀ କିଟ୍ ବିତରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଡ୍‌ଭୋକେଟ ପ୍ରସନ୍ନ କୁମାର ନନ୍ଦ, ସତ୍ୟ ଗୋପାଳ ପରିଜା, ଜ୍ୟୋତି ରଞ୍ଜନ ସିଂ, ସୁଜାତା ସାମଲ, ଇତିଶ୍ରୀ ଦାସ, ସ୍ୱୋରୂପାରାଣୀ ଦାସ ଯୋଗଦେଇଥିଲେ।

# ‘ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଦେଶରେ ସର୍ବାଗ୍ରେ’

**କଟକ ଅଫିସ, ୨୯।୧୦**

ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ-୨୦୨୨ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି କହିଥିଲେ, ୧୯୯୯ରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପ୍ରାକ୍ ପ୍ରସ୍ତୁତି ପଦକ୍ଷେପ ସମ୍ବନ୍ଧରେ ଜନସାଧାରଣ ଅଜ୍ଞ ଥିଲେ। ତେଣୁ ସେ ସମୟରେ ପ୍ରାୟ ୧୦ ହଜାର ବ୍ୟକ୍ତିଙ୍କ ସହ ଲକ୍ଷାଧିକ ଗୃହପାଳିତ ଏବଂ ଅନ୍ୟାନ୍ୟ ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଥିଲା। ୧୯୯୯ ମହାବାତ୍ୟା ପରେ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ସ୍ଥାପନ କରିଛନ୍ତି। ଉକ୍ତ ସଂସ୍ଥା ଦ୍ୱାରା ବାତ୍ୟା, ବନ୍ୟା, ମରୁଡ଼ି, ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଗ୍ରାମାଞ୍ଚଳରେ ବହୁମୁଖୀ ବନ୍ୟା, ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରି ଲୋକମାନଙ୍କୁ ଆଶ୍ରୟ ଦିଆଯାଉଛି। ଓଡ୍ରାଫ ଟିମ୍‌କୁ ଆଧୁନିକ ତାଲିମ ଦିଆଯାଇ ଲୋକଙ୍କୁ ଜରୁରୀ ସେବା ଯୋଗାଇବାରେ ନିୟୋଜନ କରାଯାଉଛି। ଏହାଦ୍ୱାରା ଗତ ଫାଇଲିନ୍, ଫନି ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରି ସମଗ୍ର ଭାରତବର୍ଷରେ ଓଡ଼ିଶା ସର୍ବାଗ୍ରେ ରହିଛି ବୋଲି ଜିଲାପାଳ କହିଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର କହିଥିଲେ, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଗ୍ରାମସ୍ତରରେ ବିପର୍ଯ୍ୟୟ ମୁକାବିଲା ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଛି। ରହିବା ପାଇଁ ସୁରକ୍ଷିତ କୋଠା ନିର୍ମାଣ କରାଯାଇ ମୃତ୍ୟୁ ହାର ଶୂନରେ ସୀମିତ ରଖିବାକୁ ରାଜ୍ୟ ସରକାର ଦୃଢ଼ପରିକର। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଭାରତବର୍ଷରେ ଓଡ଼ିଶା ଏକ ମଡେଲ ରାଜ୍ୟ ଭାବେ ଉଭା ହୋଇଛି ବୋଲି ସେ କହିଥିଲେ। ବୈଠକରେ ଜିଲାପାଳଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ପ୍ରଦୀପ ତ୍ରିପାଠୀ, ଖାନ୍‌ନଗର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ ଷଡଙ୍ଗୀ, ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ ନନ୍ଦ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟସ୍ତରୀୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ଡେପୁଟି କଲେକ୍ଟର ଏନ.ଏନ. ରାଜଲକ୍ଷ୍ମୀ ଓଝା ସ୍ୱାଗତ ଭାଷଣ ଓ ସହକାରୀ ଜିଲାପାଳ ଶଶାଙ୍କ ଶେଖର ମିଶ୍ର ଧନ୍ୟବାଦ ଦେଇଥିଲେ।



ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

**ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ**


କଟକ ସହିଦ ଭବନରେ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ସମାରୋହରେ ମାହାଙ୍ଗାର ବିନୋଦ ବିହାରୀ କଳା ପରିଷଦ ପକ୍ଷରୁ ଶନିବାର ମଞ୍ଚସ୍ଥ ନାଟକ ‘ଗୀତାଭିନୟ ବିଚିତ୍ର’ର ଏକ ଦୃଶ୍ୟ।

# ଠିକ୍ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କର

## ଗ୍ରୀନ୍ କଭର ପ୍ରକଳ୍ପ କାର୍ଯ୍ୟ ତଦାରଖ କଲେ ଜିଲାପାଳ, କମିଶନର

**କଟକ ଅଫିସ, ୨୯।୧୦**

ଚଳିତବର୍ଷ ବାଲିଯାତ୍ରାକୁ ନିଆରା ଭାବେ ପାଳନ କରିବା ଲକ୍ଷ୍ୟରେ ପ୍ରଶାସନ ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜାତୀୟ ସ୍ତରରେ ବାଲିଯାତ୍ରା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିବା ପାଇଁ ରାଜ୍ୟ ସରକାର, ଜିଲା ପ୍ରଶାସନ, ସିଏମ୍‌ସି ଓ ସିଡିଏ ପକ୍ଷରୁ ମିଳିତ ଉଦ୍ୟମ ଅବ୍ୟାହତ ରହିଛି। ଏହି ପରିପ୍ରେକ୍ଷୀରେ ମହାନଦୀ କୂଳ ନିକଟ ୫ ଲକ୍ଷ ବର୍ଗଫୁଟ ଅଞ୍ଚଳର ଶତାଧିକ ଗଛ ଗହଳରେ ‘ଗ୍ରୀନ୍ କଭର’ ପ୍ରକଳ୍ପ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ଏଠାରେ ୭ଟି ସୁଦୃଶ୍ୟ ତୋରଣ ନିର୍ମାଣ କରାଯିବ। ପ୍ରତିଟି ତୋରଣର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ରହିବ। ଇତିମଧ୍ୟରେ ସମସ୍ତ ଗଛକୁ ଆଲୋକମାଳାରେ ସଜାଇବା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଗ୍ରୀନ୍ କଭର ପରିସରରେ ଶିଖରପୁରର ଗୁରୁଦ୍ୱାର, ଧବଳେଶ୍ୱର ମନ୍ଦିର ଢାଞ୍ଚାରେ ପ୍ରତିକୃତି, ମିଶନରୋଡସ୍ଥିତ ବାପ୍ଟିଷ୍ଟ ଚର୍ଚ୍ଚ, ଦରଘାବଜାରର କଦମ୍ ରସୁଲ୍ ମସଜିଦ୍ ଓ ହାଇକୋର୍ଟର ପ୍ରତିକୃତି ରହିବ। ଯାହାକି ‘କଟକ-ଇନ୍-କଟକ’ ଯୋଜନାର ଅନ୍ତର୍ଭୁକ୍ତ। ତେବେ ଏହିସବୁ କାର୍ଯ୍ୟର ଅଗ୍ରଗତିକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ ଶନିବାର ଅନୁଧ୍ୟାନ କରିଛନ୍ତି। ସେମାନେ ବାଲିଯାତ୍ରାର ଉପର ଓ ତଳ ପଡିଆରେ ସମସ୍ତ କାର୍ଯ୍ୟ ବୁଲି ଦେଖିଥିଲେ। ବିଶେଷକରି ମଲ୍ଟି ମିଡିଆ ଶୋ, ସ୍ୟାଣ୍ଡ୍ ଆର୍ଟ ଓ ବିଭିନ୍ନ ଇଭେଣ୍ଟ ପାଇଁ ଚାଲିଥିବା ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀ ଓ ଯନ୍ତ୍ରୀଙ୍କୁ ସେମାନେ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲା ପ୍ରଶାସନର ବହୁ ଅଧିକାରୀ ଓ ସିଏମ୍‌ସିର ବିଭିନ୍ନ ବିଭାଗ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ‘ସକାରାତ୍ମକ ଭାବନା ନେଇ ଆଗକୁ ବଢ଼ନ୍ତୁ ଛାତ୍ରୀଛାତ୍ର’

**କଟକ ଅଫିସ,୨୯।୧୦**

**ଡ୍ରିମ୍‌ସରେ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅଭ୍ୟୁଦୟ**

ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟରେ ନବାଗତ ବିଦ୍ୟାର୍ଥୀଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ‘ଅଭ୍ୟୁଦୟ’ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିଏସ୍‌ଏମ୍ ଟେକ୍ନୋଲୋଜିର ଅପରେସନାଲ ମୁଖ୍ୟ ଇଂ. ସୁବ୍ରତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ପ୍ରତିବଦ୍ଧତା, ସକାରାତ୍ମକ ଭାବନା ଓ ନୂତନ ଦୃଷ୍ଟିଭଙ୍ଗୀ ସହ ଆଗକୁ ବଢିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର କହିଥିଲେ ଦେଶ ପାଇଁ ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରେଜିଷ୍ଟ୍ରାର ଡ. କଲ୍ୟାଣ ସାହୁ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ବିଦ୍ୟାର୍ଥୀମାନେ ସ୍ୱପ୍ନ ସାକାର ଲାଗି ପ୍ରଚେଷ୍ଟା ଜାରି ରଖିବାକୁ ମତ ଦେଇଥିଲେ। ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ ସ୍ୱାଗତ ଭାଷଣ, ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧ୍ୟାପିକା ରୋଜାଲିନ୍ ଦାସ ଧନ୍ୟବାଦ ଦେଇଥିଲେ। ଛାତ୍ରୀ ଶୁଭାଙ୍ଗୀ କର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ, ଡ. କ୍ରିଷ୍ଣାପ୍ରଦା ଦାଶ, ଡ. ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରାଧ୍ୟାପକ ରାଜୀବ ଅଗ୍ରୱାଲ, ସଚିବ ପ୍ରାଣବନ୍ଧୁ ନାୟକ, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୂର୍ଯ୍ୟୋପରାଗରେ ଚିକେନ ବିରିୟାନୀ ଖାଇବା ଘଟଣା

# ହେତୁବାଦୀ ସଙ୍ଗଠନ ବିରୋଧରେ ଏତଲା

**କଟକ ଅଫିସ, ୨୯।୧୦**

ସୂର୍ଯ୍ୟୋପରାଗ ଦିନ ହେତୁବାଦୀ ସଙ୍ଗଠନ କାର୍ଯ୍ୟକର୍ତ୍ତାମାନେ ଚିକେନ ବିରିୟାନୀ ଖାଇବାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ରାଜ୍ୟର ବିଭିନ୍ନ ଥାନାରେ ଏତଲା ଦିଆଯାଇଛି। ଉକ୍ତ ଘଟଣାକୁ ନେଇ ଦୈବଜ୍ଞ ବ୍ରାହ୍ମଣ ସଂଘ କଟକ ପକ୍ଷରୁ ହେତୁବାଦୀ ସଙ୍ଗଠନ ବିରୋଧରେ କଟକ ଡିସିପିଙ୍କ ନିକଟରେ ଶନିବାର ଏତଲା ଦିଆଯାଇଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି। ଏତଲାରେ ଦର୍ଶାଯାଇଛି, ଗତ ୨୫ ତାରିଖ ସୂର୍ଯ୍ୟୋପରାଗ ଦିନ ସାରା ରାଜ୍ୟରେ ଲୋକମାନେ ହିନ୍ଦୁ ଶାସ୍ତ୍ର ଏବଂ ଜ୍ୟୋତିର୍ବିଦ ପଣ୍ଡିତଙ୍କ ଦ୍ୱାରା ସ୍ଥିରୀକୃତ ନୀତିନିର୍ଘଣ୍ଟ ସମୟାନୁସାରେ ଦେବନୀତି ଏବଂ ପାକ ନୀତି ପାଳନ କରିଥିଲେ। ହେଲେ ହେତୁବାଦୀ ସଙ୍ଗଠନର କାର୍ଯ୍ୟକର୍ତ୍ତା ପ୍ରତାପ ରଥ, ଦେବେନ୍ଦ୍ର ସୂତାର ଏବଂ ଅନ୍ୟ ସଦସ୍ୟମାନେ ଜ୍ୟୋତିଷ ଶାସ୍ତ୍ର ବିଷୟରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଉକ୍ତ ଦିନ ସର୍ବସାଧାରଣ ସ୍ଥାନରେ ଚିକେନ ବିରିୟାନୀ ଖାଇଥିଲେ। ଏପରି କି ହିନ୍ଦୁ ଧର୍ମ ବିରୋଧରେ ଅପପ୍ରଚାର କରିଥିଲେ। ଆଗାମୀ ଚନ୍ଦ୍ରଗ୍ରହଣ ଦିନ ସେମାନେ ଏହାର ପୁନରାବୃତ୍ତି କରିବେ ବୋଲି ପ୍ରଚାର କରୁଛନ୍ତି। ଉକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା କରାଯାଉଥିବା ଅଶୋଭନୀୟ କାର୍ଯ୍ୟକ୍ରମ ହିନ୍ଦୁ ସମାଜ, ଜ୍ୟୋତିଷ ଶାସ୍ତ୍ର ପ୍ରତି ଘୋର ଅପମାନ। ତେଣୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରାଯାଇ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଏତଲାରେ ଉଲ୍ଲେଖ ରହିଛି। ସଂଘ ସଭାପତି ମନୋରଞ୍ଜନ ନାୟକ ଓ ସାଧାରଣ ସମ୍ପାଦକ ବିନୋଦ କୁମାର ପ୍ରମୁଖ ଉକ୍ତ ଏତଲା ପ୍ରଦାନ କରିଥିଲେ।

# ପ୍ରକୃତ ତଥ୍ୟ ନ ଜାଣି ବିଭ୍ରାନ୍ତି କରାଯାଉଛି

**କଟକ ଅଫିସ,୨୯।୧୦**

**ମୁଖ୍ୟ ବିଚାରପତି, ୫-ଟି ସଚିବଙ୍କ ଫଟୋ ଚର୍ଚ୍ଚା ପ୍ରସଙ୍ଗ**

ହାଇକୋର୍ଟର ମୁଖ୍ୟ ବିଚାରପତି ଓ ରାଜ୍ୟ ସରକାରଙ୍କ ୫-ଟି ସଚିବଙ୍କ ଏକ ଫଟୋକୁ ନେଇ ସୋସିଆଲ ମିଡିଆରେ ଚାଲିଥିବା ଚର୍ଚ୍ଚାକୁ ହାଇକୋର୍ଟ ରେଜିଷ୍ଟ୍ରାର ପକ୍ଷରୁ ଖଣ୍ଡନ କରାଯାଇଛି। ଏହାକୁ ଏକ ଭିତ୍ତିହୀନ ତଥା ଅପଚର୍ଚ୍ଚା ପ୍ରସଙ୍ଗ ଭାବେ ଅଭିହିତ କରାଯାଇଛି। ଏକ ପୁରୁଣା ଫଟୋକୁ ନେଇ ଅଯଥା ଅତିରଞ୍ଜିତ କରାଯାଇ ହାଇକୋର୍ଟ ଭଳି ବିଚାରବ୍ୟବସ୍ଥାର ଏକ ପବିତ୍ର ଅନୁଷ୍ଠାନକୁ ନିନ୍ଦିତ କରିବାର ପ୍ରୟାସ କରାଯାଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରେଜିଷ୍ଟ୍ରାର ପକ୍ଷରୁ କୁହାଯାଇଛି।

ହାଇକୋର୍ଟରେ ଓକିଲାତି କରୁଥିବା ଜଣେ ଆଇନଜୀବୀ ପ୍ରକୃତ ତଥ୍ୟ ନ ଜାଣି ବିଭ୍ରାନ୍ତି କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଏକ ଫଟୋ ପ୍ରକାଶ କରି ସେଥିରେ ମିଥ୍ୟା କଥା ସବୁ ଉଲ୍ଲେଖ କରିଛନ୍ତି। ଉକ୍ତ ଫଟୋଗ୍ରାଫରେ ହାଇକୋର୍ଟର ମୁଖ୍ୟ ବିଚାରପତି ଏକ ଟେବୁଲରେ ଅର୍ଦ୍ଧବୃତ୍ତାକାର ଭାବେ ୪ଜଣ ବ୍ୟକ୍ତିଙ୍କ ସହ ବସିଛନ୍ତି। ସେଥିରେ ତନ୍ମଧ୍ୟରୁ ମୁଖ୍ୟ ବ୍ୟକ୍ତିଙ୍କ ସହ କଥା ହେଉଛନ୍ତି। ମୁଖ୍ୟ ବ୍ୟକ୍ତି ଜଣକ ହେଲେ ଶ୍ରୀ ସତ୍ୟସାଇ ହାର୍ଟ ହସ୍ପିଟାଲର ମ୍ୟାନେଜିଂ ଟ୍ରଷ୍ଟି ମନୋଜ ଭିମାନି। ଅନ୍ୟ ତିନି ଜଣ ହେଉଛନ୍ତି ଉକ୍ତ ହସ୍ପିଟାଲର ଡାକ୍ତର। ଏମାନଙ୍କ ବ୍ୟତୀତ ରାଜ୍ୟ ସରକାରଙ୍କ ୫ଟି ସଚିବ ଭି. କେ. ପାଣ୍ଡିଆନ ମଧ୍ୟ କିଛି ଦୂରରେ ଅଛନ୍ତି। ଏହି ଫଟୋଟି ୨୦୨୨ ମାର୍ଚ୍ଚ ୧୨ ତାରିଖ ଭୁବନେଶ୍ୱର ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଭିମାନିଙ୍କ ନେତୃତ୍ୱରେ ହେବାକୁ ଥିବା ୩ ଦିନିଆ ନିଃଶୁଳ୍କ ହୃଦ୍‌ରୋଗ ଚିକିତ୍ସା ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟର ବିଚାରପତି ଏମ୍. ଆର୍. ଶାହ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍ ମୁରଲିଧର ଯୋଗଦେଇଥିଲେ। ଏଥିସହ ଉକ୍ତ ମେଗା ଶିବିର ରାଜ୍ୟ ସରକାରଙ୍କ ସହଯୋଗରେ ହେଉଥିବାରୁ ୫-ଟି ସଚିବ ଭି. କେ. ପାଣ୍ଡିଆନ ମଧ୍ୟ ସେଠାକୁ ନିମନ୍ତ୍ରିତ ହୋଇ ଯାଇଥିଲେ। ବିଚାରପତି ଶାହ ପୁରୀରୁ ଆସୁଥିବାରୁ ତାଙ୍କୁ ଅପେକ୍ଷା କରି ଅନ୍ୟ ଅତିଥିମାନେ ସେଠାରେ ଉପସ୍ଥିତ ଥିବା ସମୟରେ ଫଟୋଟି ଉଠାଯାଇଥିଲା। ତେଣୁ ମୁଖ୍ୟ ବିଚାରପତି ଓ ପାଣ୍ଡିଆନଙ୍କ ମଧ୍ୟରେ ତାହା କୌଣସି ରୁଦ୍ଧଦ୍ୱାର ବୈଠକ କିମ୍ବା ବ୍ୟକ୍ତିଗତ ବୈଠକ ନ ଥିଲା ବୋଲି ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ କୁହାଯାଇଛି।


ନାଗ ଚତୁର୍ଥୀ ଅବସରରେ କଟକ ଓଡ଼ିଆ ବଜାରସ୍ଥିତ ସଚ୍ଚିଦାନନ୍ଦ ମଠ ପରିସରରେ ଥିବା ଏକ ଗଛ ମୂଳରେ ତେଲୁଗୁ ସମ୍ପ୍ରଦାୟର ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

# ‘ଗୁଣବତ୍ତା ସମ୍ମାନ ଅନ୍ୟ ଚିକିତ୍ସାଳୟ ପାଇଁ ପ୍ରେରଣା ହେବ’

**କଟକ ଅଫିସ, ୨୯।୧୦**

କଟକ ସିଟି ହସ୍ପିଟାଲ କାୟାକଳ୍ପ ଓ ଲକ୍ଷ୍ୟ ଗୁଣବତ୍ତା ପୁରସ୍କାରରେ ସମ୍ମାନିତ ହୋଇଛି। ଏଥିସହ ମାହାଙ୍ଗା ବ୍ଲକସ୍ଥିତ ଏରକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜାତୀୟ ଗୁଣବତ୍ତାମାନ ସମ୍ମାନରେ ସ୍ଥାନିତ ହୋଇଛି। ଏହି ଅବସରରେ ଏସ୍‌ସିବି ମେଡିକାଲର ମାନସିକ ସ୍ୱାସ୍ଥ୍ୟ ଅଡିଟୋରିୟମରେ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି କହିଥିଲେ, ଏହା ସମଗ୍ର କଟକ ଜିଲା ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ମାନକୁ ଜିଲାର ଅନ୍ୟ ଚିକିତ୍ସାଳୟରେ ଉପଲବ୍ଧ କରିବା ନିମନ୍ତେ ପ୍ରତିବଦ୍ଧତା ସହ ସମ୍ପୃକ୍ତ ସମସ୍ତ ଡାକ୍ତର, ନର୍ସିଂ ଷ୍ଟାଫ ଏବଂ ଅନ୍ୟ କର୍ମଚାରୀମାନେ ନିରନ୍ତର ପ୍ରୟାସ ଜାରି ରଖିବା ଆବଶ୍ୟକ। ଫଳରେ ଗୁଣବତ୍ତାଜନିତ ସେବାରେ ଉନ୍ନତି ପରିଲକ୍ଷିତ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ସେହିପରି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁଣବତ୍ତା ସମ୍ମାନ ଜିଲାର ଅନ୍ୟ ଚିକିତ୍ସାଳୟଗୁଡ଼ିକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ରାଜ୍ୟ ଗୁଣବତ୍ତା ପରାମର୍ଶଦାତା ଡା. ବିଜୟ ସ୍ୱାଇଁ କହିଥିଲେ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ଅହରହ ଉଦ୍ୟମ କରିଆସୁଛନ୍ତି। ଅନେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୃଶ୍ୟମାନ କରାଇବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ସେ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟସେବା ସୁଦୃଢ଼ କରାଯିବା ଦିଗରେ ଜିଲାର ସମସ୍ତ ଚିକିତ୍ସାଳୟର ଅଧୀକ୍ଷକମାନେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ୍ୟତା ହାସଲ କରିଥିବା ୪୪ଟି ଚିକିତ୍ସାଳୟକୁ କାୟାକଳ୍ପ, ଲକ୍ଷ୍ୟ ଓ ଜାତୀୟ ଗୁଣବତ୍ତାମାନ ପ୍ରୋତ୍ସାହନ ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଦୀପକ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଇତିଶ୍ରୀ ମିଶ୍ର ଓ ମନ୍ଦାକିନୀ ବେହେରା ସହଯୋଗ କରିଥିଲେ। ସନ୍ଧ୍ୟାରାଣୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବ୍ୟବସାୟୀଙ୍କ ଘରୁ ୧୮.୫ ଲକ୍ଷ ଲୁଟ ଘଟଣା, ୫ ଗିରଫ

**କଟକ ଅଫିସ,୨୯।୧୦**

**୧ ଲକ୍ଷ ୭୮ ହଜାର ୫୦୦ ଟଙ୍କା, ୭ ମୋବାଇଲ ଫୋନ୍, ଗାଡ଼ି ଜବତ**

କଟକ ମହାନଦୀ ବିହାରରେ ଘଟିଥିବା ଲୁଟ୍ ଘଟଣାରେ ଚାଉଳିଆଗଞ୍ଜ ପୋଲିସ ୫ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ପୂର୍ବ ସିଂହଭୂମ ଜିଲାର ଗଣେଶ ପ୍ରସାଦ ସୋନି, ବିଜୟ ପଟେଲ, ଦୀପକ ଝା, ଯାଜପୁର ଜିଲା ସଦାନନ୍ଦପୁରର ଚିତ୍ତରଞ୍ଜନ ମହାପାତ୍ର ଓ ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ସେଣ୍ଡତିରାର ତାପସ କୁମାର ଜେନା। ସେମାନଙ୍କଠାରୁ ୧ ଲକ୍ଷ ୭୮ ହଜାର ୫୦୦ ଟଙ୍କା, ୭ଟି ମୋବାଇଲ ଫୋନ୍, ଏକ କାର୍ ଓ ବାଇକ୍ ଜବତ କରାଯାଇଛି। ପୋଲିସ ତତ୍କାଳ ପଦକ୍ଷେପ ଯୋଗୁ ଏକ ଆନ୍ତଃରାଜ୍ୟ ଲୁଟେରା ଦଳକୁ ଧରାଯାଇ ପାରିଥିବା ଡିସିପି ପିନାକ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ମହାନଦୀ ବିହାରର ବ୍ୟବସାୟୀ ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ ଘରୁ ଗତ ୨୧ ତାରିଖରେ ଡକାୟତି ହୋଇଥିଲା। ଉକ୍ତ ଦିନ ସକାଳ ୬ଟାରେ ସେ ଘରେ ଶୋଇଥିଲେ। ଏକ ଶବ୍ଦ ହେବାରୁ ସେ ଉଠିପଡିଥିଲେ। ଶୋଇବା ଘର ବାହାରକୁ ଆସି ଦେଖନ୍ତି ତ ୫ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ସ୍ତ୍ରୀଙ୍କ ହାତକୁ ବାନ୍ଧି ପକାଇଛନ୍ତି। ସେମାନେ ଦୀପ୍ତିରଞ୍ଜନଙ୍କୁ ଦେଖିବା କ୍ଷଣି ଏକ ପ୍ଲାଷ୍ଟିକ ପାଇପରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ଘରର ଅନ୍ୟ ଏକ କୋଠରିରେ ତାଙ୍କ ପୁଅ ସାଇକୁ ଟିଉସନ୍ ମିସ୍ ଜଲି ପଢ଼ାଉଥିଲେ। ସେମାନେ ଉକ୍ତ କୋଠରିକୁ ଯାଇ ତାଙ୍କ ପୁଅ ଓ ମିସ୍‌ଙ୍କ ହାତକୁ ବାନ୍ଧି ପକାଇଥିଲେ। ଦୁର୍ବୃତ୍ତମାନେ ନିଜ ମୁହଁକୁ ବ୍ୟାଗ ଦ୍ୱାରା ଘୋଡ଼ାଇ ରଖିବା ସହ ହାତରେ ପିସ୍ତଲ ଓ ମାରଣାସ୍ତ୍ର ଧରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଦୀପ୍ତିରଞ୍ଜନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଓ ସୁନା ଦେବାକୁ କହିଥିଲେ। ଫଳରେ ତାଙ୍କ ସ୍ତ୍ରୀ ଭୟରେ ଆଲମିରା ଚାବି ତାଙ୍କୁ ଦେଇଥିଲେ। ପରେ ସେମାନେ ଆଲମିରା ଖୋଲି ସାଢ଼େ ୧୮ ଲକ୍ଷ ଟଙ୍କା ସମେତ ବହୁ ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିଲେ। ଦୁର୍ବୃତ୍ତମାନେ ଓଡ଼ିଆ ଓ ହିନ୍ଦି ଭାଷାରେ କଥା ହେଉଥିଲେ। ଏ ନେଇ ଦୀପ୍ତିରଞ୍ଜନ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ବିଭିନ୍ନ ତଥ୍ୟ ପ୍ରମାଣ, ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲା। ଦୀପ୍ତିରଞ୍ଜନଙ୍କ ପାଖରେ ଚିତ୍ତରଞ୍ଜନ ଚାକିରି କରିଥିଲେ। କୌଣସି କାରଣରୁ ସେ ତାଙ୍କୁ ଚାକିରିରୁ ବାହାର କରିଦେଇଥିଲେ। ଫଳରେ ସେ ପ୍ରତିଶୋଧ ପରାୟଣ ହୋଇ ଏଭଳି ଡକାୟତି ପାଇଁ ଯୋଜନା କରିଥିଲେ। ପରବର୍ତ୍ତୀ ସମୟରେ ସେ ରାଜ୍ୟ ବାହାରର ପେଶାଦାର ଅପରାଧୀଙ୍କ ସହ ଯୋଗସୂତ୍ର ସ୍ଥାପନ କରିଥିଲେ। ବାଦାମବାଡିରେ ଚିତ୍ତରଞ୍ଜନ ଘରଭଡା ନେଇ ରହୁଥିବାବେଳେ ଯୋଜନା ମୁତାବକ ଅଭିଯୁକ୍ତମାନଙ୍କୁ ଡକାଇଥିଲେ। ଲୁଟ୍ ପୂର୍ବରୁ ସେମାନେ ଦୀପ୍ତିରଞ୍ଜନଙ୍କ ଘର ନିକଟକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସକାଳ ସମୟରେ ଲୋକଙ୍କ ଗହଳି ନ ଥିବାରୁ ଲୁଟ୍ କରିବାକୁ ସହଜ ହେବ ବୋଲି ସେମାନେ ଚିନ୍ତା କରି ଯୋଜନାକୁ ସଫଳ ରୂପ ଦେଇଥିଲେ। ଏସିପି ଅରୁଣ କୁମାର ସ୍ୱାଇଁ, ଆଇଆଇସି ବିରଞ୍ଚି ନାରାୟଣ ପତି ଓ ତଦନ୍ତକାରୀ ଅଧିକାରୀ ଶଶିକାନ୍ତ ରାଉତ ଶୁକ୍ରବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।


ଗିରଫ ୫ ଅଭିଯୁକ୍ତ। ଜବତ ମୋବାଇଲ, ଟଙ୍କା।

# ୨୯ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ଆଜି

## କେସିସିବି ପରିଚାଳନା ପରିଷଦ ନିର୍ବାଚନ

- ମତଦାନ କରିବେ ୨୨ଶହ ଭୋଟର
- ସିସିଟିଭି ସର୍ଭେଲାନ୍ସରେ ହେବ ମତଦାନ
- ସକାଳ ୭ରୁ ମତଦାନ, ୪ଟାରେ ଗଣନା

**ଖୋର୍ଦ୍ଧା ଅଫିସ,୨୯।୧୦**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦ ପାଇଁ ରବିବାର ମତଦାନ ଅନୁଷ୍ଠିତ ହେବ। ସ୍ଥାନୀୟ ବିଜେବି ହାଇସ୍କୁଲରେ ସକାଳ ୭ଟାରୁ ୪ଟା ପର୍ଯ୍ୟନ୍ତ ମତଦାନ ହେବ। ଅପରାହ୍ଣ ୪ଟା ପରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ୧୧ଟି ଜୋନ୍‌ରେ ୨୨ ଶହ ଭୋଟର ରହିଛନ୍ତି। ସମସ୍ତ ଜୋନ୍‌ରେ ୧୯୯ ଭୋଟର ରହିଥିବା ବେଳେ କେବଳ ୧୫ନଂ. ଜୋନ୍‌ରେ ୨୧୦ ଭୋଟର ରହିଛନ୍ତି। ଏଥିପାଇଁ ୧୧ଟି ବୁଥ୍ କରାଯାଇଛି। ପ୍ରତି ବୁଥ୍‌ରେ ପ୍ରିଜାଇଡିଂ ଅଫିସରଙ୍କୁ ମିଶାଇ ମୋଟ୍ ୪ଜଣ ନିୟୋଜିତ ରହିବେ। ସିସିଟିଭି ସର୍ଭେଲାନ୍ସରେ ନିର୍ବାଚନ ଆୟୋଜନ କରାଯିବ ବୋଲି ନିର୍ବାଚନ ଅଧିକାରୀ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କହିଛନ୍ତି। ଭୋଟରମାନେ ଆଧାର କାର୍ଡ ସହ ଭୋଟ ଦେବାକୁ ଆସିବାକୁ ନିବେଦନ କରାଯାଇଛି। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ରହିବେ।

୧୫ ଜୋନ୍ ସଦସ୍ୟ ପାଇଁ ୫୧ ଜଣ ନାମାଙ୍କନ ଦାଖଲ କରିଥିଲେ। ସେଥିରୁ ଜଣଙ୍କର ନାମାଙ୍କନ ନାକଚ ହୋଇଥିଲା। ୪ଜଣ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ବେଳେ ୧୧ ଜୋନ୍‌ରେ ୨୯ ଜଣ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ରବିବାର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ନିର୍ବାଚନ ଲାଗି ପ୍ରାର୍ଥୀଙ୍କ ପ୍ରଚାର ଶେଷ ହୋଇଥିବା ବେଳେ ଭୋଟରଙ୍କ ମତଦାନ କାହା ସପକ୍ଷରେ ଯାଉଛି ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ନିର୍ବାଚନ ଦୌଡ଼ରେ ଶାସକ ଦଳ ସମର୍ଥିତ ୧୫ଜଣ ରହିଥିବା ବେଳେ ଭାଜପାରୁ ୫ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ଜଣାପଡ଼ିଛି। ତେବେ ମୁଖ୍ୟତଃ ବିଜେଡି ଏବଂ ଭାଜପା ମଧ୍ୟରେ ଟକ୍କର ହେବ। ମତଦାନ ହେବାକୁ ଥିବା ୧୧ଟି ଜୋନ୍‌ରେ ବିଜେଡିର ପ୍ରଭାବ ରହିଥିବାରୁ ଶାସକ ଦଳ ସମର୍ଥିତ ପ୍ରାର୍ଥୀ ବିଜୟୀ ହେବା ଏବଂ ଚଳିତବର୍ଷ କମିଟି ଗଠନ କରିବା ଅଧିକ ସମ୍ଭାବନା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନା ମୁତାବକ, ୬ନଂ. ଜୋନ୍‌ରୁ ପ୍ରସନ୍ନ କୁମାର ଜାଲି, ୭ନଂ. ପଦ୍ମିନୀପ୍ରଭା ଷଡ଼ଙ୍ଗୀ, ୧୦ନଂ. ଜୟଶ୍ରୀ ଗଡ଼ନାୟକ ଏବଂ ୧୪ନଂ. ଜୋନ୍‌ରୁ ଅଭିଷେକ ସିଂସାମନ୍ତ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ୧ନଂ. ଜୋନ୍ ପାଇଁ କୃଷ୍ଣଚନ୍ଦ୍ର ବାରିକ, ପ୍ରଶାନ୍ତ କୁମାର ସାହୁ ଓ ସୁଧାଂଶୁ ଶେଖର ବଡ଼ଜେନା ପ୍ରାର୍ଥୀ ରହିଛନ୍ତି। ୨ନଂ.ରେ ପ୍ରକାଶ ଚନ୍ଦ୍ର ରାଉତରାୟ ଓ ସୌରୀ ସାହୁ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ୩ନଂ.ରେ ପବିତ୍ର ମୋହନ ମାଝି ଓ ସ୍ୱପ୍ନେଶ୍ୱର ଜୟସିଂ, ୪ନଂ.ରେ ପ୍ରଦୀପ କୁମାର ବାରିକ ଓ ରମେଶ ଶ୍ରୀଚନ୍ଦନ ପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି। ୫ନଂ.ଜୋନ୍‌ରେ ୬ଜଣ ପ୍ରାର୍ଥୀ ବସନ୍ତ କୁମାର ସ୍ୱାଇଁ, ବିଜୟ କୁମାର ଲେଙ୍କା, ଭି.କାମେଶ୍ୱର ଆଚାରୀ, ରଞ୍ଜନ କୁମାର ଛୋଟରାୟ, ହରିହର ସାହୁ ଓ ହିମାଦ୍ରୀ କୁମାର ପ୍ରଧାନଙ୍କ ମଧ୍ୟରେ ଲଢ଼େଇ ହେବ। ୮ନଂ.ରେ ପ୍ରଶାନ୍ତ କୁମାର ଦାସ ଓ ବିପିନ ବିହାରୀ ପାତ୍ର, ୯ନଂ.ରେ କୃଷ୍ଣଚନ୍ଦ୍ର ପୃଷ୍ଟି, ପ୍ରଶାନ୍ତ ଆଦିତ୍ୟ ଓ ଭାରତ ଭୂଷଣ ମହାନ୍ତି ପ୍ରମୁଖ ରହିଛନ୍ତି। ୧୧ନଂ.ରେ ପଦ୍ମଚରଣ ମହାନ୍ତି ଓ ଭାବଗ୍ରାହୀ ସାହୁ, ୧୨ନଂ.ରେ ରୀନାରାଣୀ ବିଶ୍ୱାଳ, ଶ୍ରୀରଞ୍ଜନ ମଙ୍ଗରାଜ ଓ ସୁକାନ୍ତ ଚନ୍ଦ୍ର ସାମନ୍ତରାୟ, ୧୩ ନଂ.ରେ ଝୁନି ପ୍ରଧାନ, ସୁମତି ଶତ୍ରୁସଲ୍ୟ ଏବଂ ୧୫ନଂ.ରେ ବିଜୟ କୁମାର ମଙ୍ଗରାଜ ଓ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ମଧ୍ୟରେ ଲଢ଼େଇ ହେବ। ତେବେ ୫ନଂ. ଜୋନ୍‌ରେ କେସିସିବିର ପୂର୍ବତନ ମହାପ୍ରବନ୍ଧକ ହିମାଦ୍ରୀ ପ୍ରଧାନ ଏବଂ ସହ ପ୍ରବନ୍ଧକ ଭି. କାମେଶ୍ୱର ଆଚାରୀ ଏବଂ ୧୫ ନଂ.ଜୋନ୍‌ରେ ଭୁବନେଶ୍ୱର ସିଟି ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ବିଜୟ ମଙ୍ଗରାଜ ନିର୍ବାଚନ ଲଢୁଛନ୍ତି।

## ସଂକ୍ଷେପରେ

### ବାଇକ୍ ସହ ମଦ ଜବତ, ଜଣେ ଗିରଫ



**ବାଲୁଗାଁ,୨୯।୧୦(ଡି.ଏନ୍.ଏ.):** ବାଲୁଗାଁ ଅବକାରୀ ବିଭାଗ ଚଢ଼ାଉ କରି ବାଣପୁର ଶାଳିଆ ଡ୍ୟାମ୍ ଅଞ୍ଚଳରୁ ବେଆଇନ ଭାବେ ଚାଲାଣ ହେଉଥିବା ୭୦ ଲିଟର ମଦ ସହ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେ ହେଲେ ସ୍ଥାନୀୟ କୋଷରଡ଼ା ଗ୍ରାମର ଶିବ ଶବର। ସୂଚନା ମୁତାବକ, ଶନିବାର ପୂର୍ବାହ୍ଣ ୧୧ଟାରେ ଏକ ବାଇକ୍‌ରେ ମଦ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ଖବର ପାଇ ବିଭାଗୀୟ କର୍ମଚାରୀ ଶାଳିଆ ଡ୍ୟାମ୍ ନିକଟରେ ଛକି ରହି ସମ୍ପୃକ୍ତ ବ୍ୟବସାୟୀଙ୍କୁ ଧରିଥିଲେ। ଏ ନେଇ ଏକ ମାମଲା (ନଂ.୧୦୨/୨୨) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ବହୁ ପ୍ରତିଭାର ଅଧିକାରୀ ଥିଲେ କେଦାରନାଥ

**ବୋଲଗଡ଼,୨୯।୧୦(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅଧୀନ ଅସରଳାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେଦାରନାଥ ପଢ଼ିଯୋଶୀଙ୍କ ଏକାଦଶାହରେ ଶନିବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ବାସଭବନଠାରେ ଆୟୋଜିତ ସଭାରେ ବନ୍ଧୁ, ସହକର୍ମୀ, ପୂର୍ବତନ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। କେଦାରନାଥ ବହୁ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ଶିକ୍ଷାବିତ୍ ହରିବନ୍ଧୁ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଜେଡି ନେତା ପ୍ରଦୀପ ସାହୁ, ଐତିହାସିକ ରବୀନ୍ଦ୍ର ପରିଡା, କଂଗ୍ରେସ ନେତା ମାଧବ ବିଶ୍ୱାଳ, କମ୍ୟୁନିଷ୍ଟ ନେତା ଅମିୟ ପଟ୍ଟନାୟକ, ରଘୁନାଥ ଷଡ଼ଙ୍ଗୀ, ଶିକ୍ଷାବିତ୍ ବାଲ୍ମୀକି ବଳିୟାରସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଗୀତାଞ୍ଜଳି ମହାପାତ୍ର ବେଦପାଠ କରିଥିବା ବେଳେ କେଦାର ସାର ପୁସ୍ତକ ଉନ୍ମୋଚିତ ହୋଇଥିଲା।

### ସାମାଜିକ କର୍ମୀ ଅନନ୍ତଙ୍କ ପରଲୋକ



**ଖୋର୍ଦ୍ଧା ଅଫିସ, ୨୯।୧୦:** ଖୋର୍ଦ୍ଧା ନିକଟବର୍ତ୍ତୀ ଜାଗୁଳିପାଟଣା ଗ୍ରାମର ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ସେବକ ତଥା ସାମାଜିକ କର୍ମୀ ଅନନ୍ତ ଚରଣ ବେହେରାଙ୍କ ଭୁବନେଶ୍ୱରସ୍ଥିତ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୫୪ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ବୁଦ୍ଧିଜୀବୀ, ସାମାଜିକ କର୍ମୀ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ।

# ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି ବୈଠକ



ବୈଠକରେ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ ଏବଂ ଅନ୍ୟମାନେ।

**ବାଲୁଗାଁ,୨୯।୧୦(ଡି.ଏନ୍.ଏ.)**

ଚିଲିକାର ଐତିହ୍ୟ ନୌବାଣିଜ୍ୟ ପରମ୍ପରା, କଳା, ସଂସ୍କୃତିକୁ ଉଜ୍ଜୀବିତ ଉଦ୍ଦେଶ୍ୟରେ ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ ଆସନ୍ତା ୮ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶନିବାର ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ସଭାପତିତ୍ୱରେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ଯୋଗୁ ଗତ ୨ବର୍ଷ ହେଲା ଏହି ଉତ୍ସବ ବନ୍ଦ ରହିଥିବା ବେଳେ ଚଳିତବର୍ଷ ଏହା ଆଡ଼ମ୍ବରରେ ପାଳନ କରାଯିବ। ବିଗତ ବର୍ଷଗୁଡ଼ିକରେ ୩ ଦିନ ଧରି ଏହି ଉତ୍ସବ ପାଳିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଗୋଟିଏ ଦିନ ପାଳନ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। କାର୍ତ୍ତିକ ପୂର୍ଣ୍ଣମୀ ଦିନ ରାତିତମାମ୍ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ଉତ୍ସବରେ ଅତିଥିଭାବେ ବହୁ ମନ୍ତ୍ରୀ, ନେତାଙ୍କୁ ନିମନ୍ତ୍ରଣ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ଭଗବାନ ପ୍ରଧାନ, ସଙ୍ଗଠକ ଶଙ୍କର ପାଇକରାୟ, ଯୁବନେତା ସନ୍ତୋଷ ପାଇକରାୟ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀ, ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା, ବିଧାୟକଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ ରଣସିଂହ, ବାଲୁଗାଁ ବଣିକ ସଂଘ ସଭାପତି ରବିନାରାୟଣ ନାୟକ, ପୋଲିସ ପ୍ରଶାସନ, ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ ଏବଂ ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ।





ସ୍କୁଲ ଏବଂ ମନ୍ଦିର ପାଖରେ ପ୍ରସ୍ତାବିତ ମଦ ବାର୍‌କୁ ବିରୋଧ କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଳିଙ୍ଗସେନା ପକ୍ଷରୁ ବିକ୍ଷୋଭ କରାଯାଉଛି ।

# ସ୍କୁଲ, ମନ୍ଦିର ପାଖରେ ପ୍ରସ୍ତାବିତ ମଦ ବାର୍‌କୁ ବିରୋଧ

**ଖୋର୍ଦ୍ଧା ଅଫିସ,୨୯।୧୦**

ଭୁବନେଶ୍ୱର ମହାନଗନର ନିଗମ ୱାର୍ଡ ନମ୍ବର ୬୩ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମଡୁମା ଠାରେ ଠିପିଖୋଲା ବିଦେଶୀ ମଦ ବାର୍ ଆଣ୍ଡ ରେଷ୍ଟୁରାଣ୍ଟ ଖୋଲିବାକୁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ଶହେ ମିଟର ପରିଧି ମଧ୍ୟରେ ଶିକ୍ଷାନୁଷ୍ଠାନ, ମନ୍ଦିର ଏବଂ ଜନବସତି ରହିଛି। ଏହାର ପ୍ରତିବାଦରେ ଶନିବାର କଳିଙ୍ଗ ସେନାର ସଭାପତି ହେମନ୍ତ ରଥଙ୍କ ନେତୃତ୍ୱରେ ଉକ୍ତ ଅଞ୍ଚଳର ଶତାଧିକ ମହିଳା, ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହିତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଡୁମଡୁମା ମୌଜାର ପ୍ଲଟ ନଂ.୩୮/୧୧୮୬ ଏବଂ ଖାତା ନଂ–୪୩୨/୧୦୬୫ରେ ଏକ ମଦ ବାର୍ ଏବଂ ରେଷ୍ଟୁରାଣ୍ଟ ଖୋଲିବାକୁ ପ୍ରସ୍ତାବ ରହିଛି। ଉକ୍ତ ପ୍ରସ୍ତାବିତ ମଦ ବାର ଏବଂ ରେଷ୍ଟୁରାଣ୍ଟର ଶହେ ମିଟର ପରଧି ମଧ୍ୟରେ ଜାଗମରା ସ୍ଥିତ ପୁରୁଣା ରାମେଶ୍ୱର ମନ୍ଦିର ଏବଂ ବାରଭୁଜା ମନ୍ଦିର ରହିଛି। ଏଥିସହ ଏକ ଘରୋଇ ବିଦ୍ୟାଳୟ ରହିଛି।

ଛାତ୍ରୀଛାତ୍ରମାନେ ଉକ୍ତ ରାସ୍ତାଦେଇ ଯାତାୟାତ କରନ୍ତି। ତେବେ ସେଠାରେ ମଦ ବାର୍ କରାଗଲେ ଏହାର ପ୍ରଭାବ ନିକଟ ଅଞ୍ଚଳରେ ପଡିବ। ଅସମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି କଳିଙ୍ଗ ସେନା ପକ୍ଷରୁ ଦିଆଯାଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ ମଦ ବାର୍ ଖୋଲାଗଲେ ଉକ୍ତ ଅଞ୍ଚଳ ପ୍ରଭାବିତ ହେବ। ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ ସେଠାରେ ବାର୍ ନ ଖୋଲିବାକୁ ଦାବି କରିଛନ୍ତି। କଳିଙ୍ଗ ସେନା ସଭାପତି ରଥ କୁହନ୍ତି, ଯେ କୌଣସି ଜନବସତି ଅଞ୍ଚଳରେ ମଦ ଦୋକାନ ଖୋଲିବାକୁ ସ୍ଥାନୀୟ ସ୍ତରରେ ଲୋକଙ୍କ ଆଲୋଚନା ଏବଂ ନୋଟିସ କରାଯାଏ। ଏଥିଲାଗି ସରକାରୀ ସ୍ତରରେ ଗାଇଡଲାଇନ ମଧ୍ୟ ରହିଛି। ତେବେ ଏହି ବାର ଖୋଲିବା ପାଇଁ କୌଣସି ନିୟମ ପାଳନ କରାଯାଇନାହିଁ। ଏପରିକି ନୋଟିସ ମଧ୍ୟ ଜାରି କରାଯାଇନାହିଁ। ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି।

# ଶୁଣାଣି ଶେଷ, ରାୟ ସଂରକ୍ଷିତ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

ପ୍ଲଟ ପାଇଁ ରାଜଧାନୀରେ ୭ ବର୍ଷ ତଳେ ଘଟିଥିବା ଟ୍ରିପଲ ମର୍ଡର ଘଟଣାର ଶନିବାର ଶୁଣାଣି ଶେଷ ହୋଇଛି। ଭୁବନେଶ୍ୱର ଅତିରିକ୍ତ ଦୌରାଜଜ ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ସୋମବାର ରାୟ ପ୍ରକାଶ ପାଇବ ବୋଲ ସୂଚନା ମିଳିଛି। ସୂଚନାନୁସାରେ, ଭରତପୁର ଆଖଣ୍ଡଳମଣି ବସ୍ତିରେ ରହୁଥିବା ଅଭିଯୁକ୍ତ ପ୍ରଦୀପ ପଣ୍ଡା ୨୦୧୫ରେ ପ୍ଲଟ ହାତେଇବା ପାଇଁ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟାଇଥିଲା। ପ୍ରଦୀପ ନିଜର ଶାଶୁ ସୁକାନ୍ତି ସାହୁ, ଶ୍ୱଶୁର ଚକ୍ରଧର ସାହୁ ଓ ଆଈଶାଶୁ ଶାନ୍ତିଲତା ପତିଙ୍କୁ ହତ୍ୟା କରିଥିଲା। ଦୁଇଟି ପ୍ଲଟ ନିଜ ନାମରେ ନ କରିବାରୁ ଏହି ହତ୍ୟାକାଣ୍ଡ ଘଟାଇଥିଲା ପ୍ରଦୀପ। ଖଣ୍ଡଗିରି ଥାନା ଅଧିକାରୀ, ତଦନ୍ତକାରୀ ଅଫିସର ସବୁ ତଥ୍ୟ ପ୍ରମାଣ କୋର୍ଟରେ ଦାଖଲ କରିବା ପରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅତିରିକ୍ତ ଦୌରାଜଜ୍ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ସରକାରୀ ଓକିଲ ପ୍ରଦୀପ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ଜୟୀ ରାଜଗୁରୁଙ୍କ ଜୟନ୍ତୀ ପାଳିତ





ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି।

**ଟାଙ୍ଗୀ(ଖୋର୍ଦ୍ଧା),୨୯।୧୦(ଡି.ଏନ୍.ଏ.)**

ପାଇକ ବିଦ୍ରୋହର ତୁଙ୍ଗନେତା ତଥା ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ବିନ୍ଧାଣି ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ପରିସରରେ ପାଳିତ ହୋଇଯାଇଛି। ଖବରଦାତା ତଥା ପୂର୍ବତନ ଛାତ୍ର ରଘୁନାଥ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁନୀଲ କୁମାର ମହାନ୍ତି, ଶୁଭେନ୍ଦୁ ସାହୁ ପ୍ରମୁଖ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ରାଜଗୁରୁ ପାଇକଙ୍କ ମଧ୍ୟରେ ଦେଶ ପାଇଁ ଜାଗରଣ ଭାବନା ସୃଷ୍ଟି କରି ଇଂରେଜମାନଙ୍କ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଅସ୍ତ୍ର ଉତ୍ତୋଳନ କରିବା ନିମନ୍ତେ ସାଧନା କରିଥିଲେ। ଏଥିସହ ସେ ପାଇକମାନଙ୍କୁ ସମର ବିଦ୍ୟା ଶିଖାଉଥିଲେ।

# କାଳୀପୂଜାରେ ନାଟକ ମଞ୍ଚସ୍ଥ



ନାଟକ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

**ବୋଲଗଡ଼,୨୯।୧୦(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ବଡକୁମାରି ପଞ୍ଚାୟତ ଅନ୍ତର୍ଗତ ଡିହଖଉରୁଣି ଗ୍ରାମରେ କାଳୀପୂଜା ଅବସରରେ ମା'ଶକ୍ତିମୟୀ ଯୁବକ ସଂଘ ଆନୁକୁଲ୍ୟରେ ଏକ ସାମାଜିକ ନାଟକ 'ଏମିତି ଭୁଲ କେମିତି ହେଲା' ମଞ୍ଚସ୍ଥ ହୋଇଯାଇଛି। ନାଟକ ପ୍ରାରମ୍ଭରେ ଗ୍ରାମ୍ୟ କମିଟି ସଭାପତି ବ୍ରଜବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷକ ବ୍ରଜ ବିହାରୀ ସୁବୁଦ୍ଧି, ଅତିଥିଭାବେ ରାଧା ମାଧବ ସଂସ୍କୃତ କଲେଜର ଅଧ୍ୟକ୍ଷ ବଟକୃଷ୍ଣ ସାହୁ, ବୋଲଗଡ ମଣ୍ଡଳ ଭାଜପା ସଭାପତି ସୁମନ୍ତ କୁମାର ପ୍ରଧାନ, ସଞ୍ଜୟ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ। ନାଟକରେ ଗ୍ରାମର ଯୁବକମାନେ ଅଂଶଗ୍ରହଣ କରିଥିଲେ।

# ହାଇୱା ଧକ୍କାରେ ଲୁନା ଚାଳକ ମୃତ

**ବେଗୁନିଆ,୨୯।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସାରୁଅ ପେଟ୍ରୋଲ ପମ୍ପ ନିକଟରେ ଶନିବାର ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ଲୁନା ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଗୁନିଆ ବ୍ଲକ ବାଘମାରୀ ଥାନା ଅନ୍ତର୍ଗତ କୋଟପଲ୍ଲା ଗ୍ରାମର ବାନାମ୍ବର ସାହୁ। ପୋଲିସ ସୂଚନା ମୁତାବକ, ଅପରାହ୍ଣ ପ୍ରାୟ ୩ଟାରେ ବାନାମ୍ବର ବ୍ୟବସାୟ ସାରି ଖୋର୍ଦ୍ଧାରୁ ଏକ ଲୁନାରେ ଘରକୁ ଫେରୁଥିଲେ। ସାରୁଅ ପେଟ୍ରାଲ ପମ୍ପ ନିକଟରେ ବିପରୀତ ଦିଗରୁ ଏକ ବାଲି ବୋଝେଇ ହାଇୱା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ବାନାମ୍ବରଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଘମାରୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# ୧୫ ଗ୍ରାମ ବ୍ରାଉନସୁଗାର ଜବତ

**ପୁରୀ ଅଫିସ, ୨୯।୧୦**

ବ୍ରାଉନସୁଗାର କାରବାର ଅଭିଯୋଗରେ ତାଳବଣିଆ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ସିଟି ରୋଡ ବାଙ୍କି ମୁହାଁଣ ନିକଟ ମଣିବାବା କଲୋନୀର ମାନସ ରଞ୍ଜନ ବିଶ୍ୱାଳ ଏବଂ ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧମହାବୀର ମଙ୍ଗଳାଲେନ୍‌ର ପ୍ରକାଶ କୁମାର ମହାନ୍ତି । ଏମାନଙ୍କ ନିକଟରୁ ୧୫ ଗ୍ରାମ ୮୪୦ ମିଲିଗ୍ରାମ ବ୍ରାଉନସୁଗାର, ୧୮୦୦ ଟଙ୍କା, ଦୁଇଟି ମୋବାଇଲ ଫୋନ ଏବଂ ଗୋଟିଏ ବାଇକ ଜବତ ଜବତ ହୋଇଛି।

# ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: ଅହମ୍ମଦିଆ କ୍ଲବ ବିଜୟୀ

**ଖୋର୍ଦ୍ଧା ଅଫିସ,୨୯।୧୦**

ଖୋର୍ଦ୍ଧା କ୍ରୀଡ଼ା ସଂସଦ ଓ ଜୟଦୁର୍ଗା କ୍ଲବର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଦିବସ ଶନିବାର କୁଶପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ଓ ଅହମ୍ମଦିଆ କ୍ଲବ କେରଙ୍ଗ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧର ୩୨ତମ ମିନିଟ୍‌ରେ ଅହମ୍ମଦିଆ କ୍ଲବର ଶେଖ୍ ହନାନ୍ ଗୋଟିଏ ଗୋଲ୍ ଦେଇଥିଲେ। ତେବେ ଖେଳ ଶେଷସୁଦ୍ଧା କୁଶପଲ୍ଲା ଆଥ୍‌ଲେଟିକ ଆସୋସିଏଶନ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ମନୋରଞ୍ଜନ ଖୁଣ୍ଟିଆ, ଅବନୀ କୁମାର ଦାସ ଓ ଯୋଗେନ୍ଦ୍ର ନାୟକ, ଅକିଉଦ୍ଦିନ ଖାଁ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ପାଇକ ଡିଗିରିଆର ଜାଗରଣ କ୍ଲବ ଏବଂ ମୁକୁନ୍ଦପ୍ରସାଦର ମିଲନ୍ ଯୁଥ୍ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ଜୀବନର କର୍ମଧାରାକୁ ନିୟନ୍ତ୍ରଣ କରେ ସତ୍‌ସଙ୍ଗ

**ବୋଲଗଡ଼,୨୯।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କବିତୀର୍ଥ ସାନପଦର ଗ୍ରାମରେ ଦ୍ୱାଦଶ ଭାଗବତ ମହାପୁରାଣ କଥାଯଜ୍ଞ ପ୍ରବକ୍ତା ନବୀନ ଜୀ ମହାରାଜଙ୍କ ଦ୍ୱାରା ସାନପଦରସ୍ଥିତ ଭକ୍ତଚରଣ ସ୍ମୃତିସଦନଠାରେ ଉଦ୍‌ଘାଟିତ ହୋଇଯାଇଛି। ପୁରୁଷାର୍ଥ ଆଧ୍ୟାତ୍ମିକ ସତ୍‌ସଙ୍ଗ ସେବାସମିତି ସାନପଦର ଶାଖା ଆନୁକୂଲ୍ୟରେ ଏହି କଥାଯଜ୍ଞ ସାତଦିନ ଧରି ଚାଲିବ ବୋଲି ଆୟୋଜକ ସାନପଦର ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ଗତ ୧୧ ବର୍ଷ ଧରି କବି ଭକ୍ତଚରଣ ଦାସଙ୍କ ସ୍ମୃତିରେ ଏହି କାର୍ଯ୍ୟକ୍ରମ ଭକ୍ତଚରଣ ସ୍ମାରକୀ ପୂର୍ବରୁ ସାତଦିନ ଧରି ଚାଲିଆସୁଛି। ଗତ ଦୁଇ ବର୍ଷ କରୋନା ପାଇଁ ଏହା ବନ୍ଦ ଥିଲା। ଚଳିତବର୍ଷ ଏହା ମହାସମାରୋହରେ ପାଳିତ ହେଉଛି। ଶନିବାରର ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ଅତିଥିଭାବେ ସମିତିସଭ୍ୟ ଦିଲୀପ ମହାପାତ୍ର, ପରିଚାଳନା ନିର୍ଦ୍ଦେଶିକା ଜ୍ୟୋତ୍ସ୍ନାମୟୀ ପଟ୍ଟନାୟକ, ସତ୍‌ସଙ୍ଗ ସଭାପତି ଗଗନ କୁମାର ସ୍ୱାଇଁ, ସମ୍ପାଦକ ଅମ୍ବିକା ପ୍ରସାଦ ମହାନ୍ତି, ପୂର୍ବତନ ସରପଞ୍ଚ ବିଜୟ ସାହୁ ପ୍ରମୁଖ ଯୋଗଦେଇ ମାନବ ଜୀବନରେ ଆଧ୍ୟାତ୍ମିକ ସତ୍‌ସଙ୍ଗର ମହତ୍ତ୍ୱକୁ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସକାଳେ କଳସ ଶୋଭାଯାତ୍ରା ଗ୍ରାମ ପରିଭ୍ରମଣ କରିଥିଲା। ସୂର୍ଯ୍ୟପୂଜା, ଗୋପୂଜା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଭାବେ ବାସୁଦେବ ପଢ଼ିଯୋଶୀ ଓ ଗୁଲୁ ମିଶ୍ର ଯୋଗଦେଇଥିବା ବେଳେ ବିଭୁପ୍ରସାଦ ସୁବୁଦ୍ଧି, କୋଷାଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ନାୟକ, ଟୁଟୁ ପଟ୍ଟନାୟକ, ଗଙ୍ଗାଧର ନାୟକ, ରବୀନ୍ଦ୍ର ମହାପାତ୍ର, ପ୍ରଭାକର ବେହେରା ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ୨୯ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ଆଜି

**କେସିସିବି ପରିଚାଳନା ପରିଷଦ ନିର୍ବାଚନ**
- ମତଦାନ କରିବେ ୨୨ଶହ ଭୋଟର
- ସିସିଟିଭି ସର୍ଭେଲାନ୍ସରେ ହେବ ମତଦାନ
- ସକାଳ ୭ରୁ ମତଦାନ, ୪ଟାରେ ଗଣନା

ଖୋର୍ଦ୍ଧା ଅଫିସ,୨୯।୧୦

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦ ପାଇଁ ରବିବାର ମତଦାନ ଅନୁଷ୍ଠିତ ହେବ। ସ୍ଥାନୀୟ ବିଜେବି ହାଇସ୍କୁଲରେ ସକାଳ ୭ଟାରୁ ୪ଟା ପର୍ଯ୍ୟନ୍ତ ମତଦାନ ହେବ। ଅପରାହ୍ନ ୪ଟା ପରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ୧୧ଟି ଜୋନ୍‌ରେ ୨୨ ଶହ ଭୋଟର ରହିଛନ୍ତି। ସମସ୍ତ ଜୋନ୍‌ରେ ୧୯୯ ଭୋଟର ରହିଥିବା ବେଳେ କେବଳ ୧୫ନଂ. ଜୋନ୍‌ରେ ୨୧୦ ଭୋଟର ରହିଛନ୍ତି। ଏଥିପାଇଁ ୧୧ଟି ବୁଥ୍ କରାଯାଇଛି। ପ୍ରତି ବୁଥ୍‌ରେ ପ୍ରିଜାଇଡିଂ ଅଫିସରଙ୍କୁ ମିଶାଇ ମୋଟ୍ ୪ଜଣ ନିୟୋଜିତ ରହିବେ। ସିସିଟିଭି ସର୍ଭେଲାନ୍ସରେ ନିର୍ବାଚନ ଆୟୋଜନ କରାଯିବ ବୋଲି ନିର୍ବାଚନ ଅଧିକାରୀ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କହିଛନ୍ତି। ଭୋଟରମାନେ ଆଧାର କାର୍ଡ ସହ ଭୋଟ ଦେବାକୁ ଆସିବାକୁ ନିବେଦନ କରାଯାଇଛି। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ରହିବେ।

୧୫ ଜୋନ୍ ସଦସ୍ୟ ପାଇଁ ୫୧ ଜଣ ନାମାଙ୍କନ ଦାଖଲ କରିଥିଲେ। ସେଥିରୁ ଜଣଙ୍କର ନାମାଙ୍କନ ନାକଚ ହୋଇଥିଲା। ୪ଜଣ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ବେଳେ ୧୧ ଜୋନ୍‌ରେ ୨୯ ଜଣ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ରବିବାର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ନିର୍ବାଚନ ଲାଗି ପ୍ରାର୍ଥୀଙ୍କ ପ୍ରଚାର ଶେଷ ହୋଇଥିବା ବେଳେ ଭୋଟରଙ୍କ ମତଦାନ କାହା ସପକ୍ଷରେ ଯାଉଛି ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ନିର୍ବାଚନ ଦୌଡ଼ରେ ଶାସକ ଦଳ ସମର୍ଥିତ ୧୫ଜଣ ରହିଥିବା ବେଳେ ଭାଜପାରୁ ୫ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ଜଣାପଡ଼ିଛି। ତେବେ ମୁଖ୍ୟତଃ ବିଜେଡି ଏବଂ ଭାଜପା ମଧ୍ୟରେ ଟକ୍କର ହେବ। ମତଦାନ ହେବାକୁ ଥିବା ୧୧ଟି ଜୋନ୍‌ରେ ବିଜେଡିର ପ୍ରଭାବ ରହିଥିବାରୁ ଶାସକ ଦଳ ସମର୍ଥିତ ପ୍ରାର୍ଥୀ ବିଜୟୀ ହେବା ଏବଂ ଚଳିତବର୍ଷ କମିଟି ଗଠନ କରିବା ଅଧିକ ସମ୍ଭାବନା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନା ମୁତାବକ, ୬ନଂ. ଜୋନ୍‌ରୁ ପ୍ରସନ୍ନ କୁମାର ଜାଲି, ୭ନଂ. ପଦ୍ମିନୀପ୍ରଭା ଷଡ଼ଙ୍ଗୀ, ୧୦ନଂ. ଜୟଶ୍ରୀ ଗଡ଼ନାୟକ ଏବଂ ୧୪ନଂ. ଜୋନ୍‌ରୁ ଅଭିଷେକ ସିଂସାମନ୍ତ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ୧ନଂ. ଜୋନ୍ ପାଇଁ କୃଷ୍ଣଚନ୍ଦ୍ର ବାରିକ, ପ୍ରଶାନ୍ତ କୁମାର ସାହୁ ଓ ସୁଧାଂଶୁ ଶେଖର ବଡ଼ଜେନା ପ୍ରାର୍ଥୀ ରହିଛନ୍ତି। ୨ନଂ.ରେ ପ୍ରକାଶ ଚନ୍ଦ୍ର ରାଉତରାୟ ଓ ସୌରୀ ସାହୁ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ୩ନଂ.ରେ ପବିତ୍ର ମୋହନ ମାଝି ଓ ସ୍ୱପ୍ନେଶ୍ୱର ଜୟସିଂ, ୪ନଂ.ରେ ପ୍ରଦୀପ କୁମାର ବାରିକ ଓ ରମେଶ ଶ୍ରୀଚନ୍ଦନ ପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି। ୫ନଂ.ଜୋନ୍‌ରେ ୬ଜଣ ପ୍ରାର୍ଥୀ ବସନ୍ତ କୁମାର ସ୍ୱାଇଁ, ବିଜୟ କୁମାର ଲେଙ୍କା, ଭି.କାମେଶ୍ୱର ଆଚାରୀ, ରଞ୍ଜନ କୁମାର ଛୋଟରାୟ, ହରିହର ସାହୁ ଓ ହିମାଦ୍ରୀ କୁମାର ପ୍ରଧାନଙ୍କ ମଧ୍ୟରେ ଲଢ଼େଇ ହେବ। ୮ନଂ.ରେ ପ୍ରଶାନ୍ତ କୁମାର ଦାସ ଓ ବିପିନ ବିହାରୀ ପାତ୍ର, ୯ନଂ.ରେ କୃଷ୍ଣଚନ୍ଦ୍ର ପୃଷ୍ଟି, ପ୍ରଶାନ୍ତ ଆଦିତ୍ୟ ଓ ଭାରତ ଭୂଷଣ ମହାନ୍ତି ପ୍ରମୁଖ ରହିଛନ୍ତି। ୧୧ନଂ.ରେ ପଦ୍ମଚରଣ ମହାନ୍ତି ଓ ଭାବଗ୍ରାହୀ ସାହୁ, ୧୨ନଂ.ରେ ରୀନାରାଣୀ ବିଶ୍ୱାଳ, ଶ୍ରୀରଞ୍ଜନ ମଙ୍ଗରାଜ ଓ ସୁକାନ୍ତ ଚନ୍ଦ୍ର ସାମନ୍ତରାୟ, ୧୩ ନଂ.ରେ ଝୁନି ପ୍ରଧାନ, ସୁମତି ଶତ୍ରୁସଲ୍ୟ ଏବଂ ୧୫ନଂ.ରେ ବିଜୟ କୁମାର ମଙ୍ଗରାଜ ଓ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ମଧ୍ୟରେ ଲଢ଼େଇ ହେବ। ତେବେ ୫ନଂ. ଜୋନ୍‌ରେ କେସିସିବିର ପୂର୍ବତନ ମହାପ୍ରବନ୍ଧକ ହିମାଦ୍ରୀ ପ୍ରଧାନ ଏବଂ ସହ ପ୍ରବନ୍ଧକ ଭି. କାମେଶ୍ୱର ଆଚାରୀ ଏବଂ ୧୫ ନଂ.ଜୋନ୍‌ରେ ଭୁବନେଶ୍ୱର ସିଟି ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ବିଜୟ ମଙ୍ଗରାଜ ନିର୍ବାଚନ ଲଢୁଛନ୍ତି।



ପୁରୀ ଗାନ୍ଧୀଘାଟ ପରିସରରେ ଶନିବାର ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରାକୃତିକ ଦୁର୍ବିପାକ ସୁରକ୍ଷା ସମ୍ପର୍କରେ ପ୍ରଶିକ୍ଷଣ ନେଉଛନ୍ତି।

## ସଂକ୍ଷେପରେ

### ବାଇକ୍ ସହ ମଦ ଜବତ, ଜଣେ ଗିରଫ



ବାଲୁଗାଁ,୨୯।୧୦(ଡି.ଏନ୍.ଏ.): ବାଲୁଗାଁ ଅବକାରୀ ବିଭାଗ ଚଢ଼ାଉ କରି ବାଣପୁର ଶାଳିଆ ଡ୍ୟାମ୍ ଅଞ୍ଚଳରୁ ବେଆଇନ ଭାବେ ଚାଲାଣ ହେଉଥିବା ୭୦ ଲିଟର ମଦ ସହ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେ ହେଲେ ସ୍ଥାନୀୟ କୋଷରଡ଼ା ଗ୍ରାମର ଶିବ ଶବର। ସୂଚନା ମୁତାବକ, ଶନିବାର ପୂର୍ବାହ୍ନ ୧୧ଟାରେ ଏକ ବାଇକ୍‌ରେ ମଦ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ଖବର ପାଇ ବିଭାଗୀୟ କର୍ମଚାରୀ ଶାଳିଆ ଡ୍ୟାମ୍ ନିକଟରେ ଛକି ରହି ସମ୍ପୃକ୍ତ ବ୍ୟବସାୟୀଙ୍କୁ ଧରିଥିଲେ। ଏ ନେଇ ଏକ ମାମଲା (ନଂ.୧୦୨/୨୨) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ବହୁ ପ୍ରତିଭାର ଅଧିକାରୀ ଥିଲେ କେଦାରନାଥ

ବୋଲଗଡ଼,୨୯।୧୦(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଅଧୀନ ଅସରଳାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେଦାରନାଥ ପଟ୍ଟଯୋଶୀଙ୍କ ଏକାଦଶାହରେ ଶନିବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ବାସଭବନଠାରେ ଆୟୋଜିତ ସଭାରେ ବନ୍ଧୁ, ସହକର୍ମୀ, ପୂର୍ବତନ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। କେଦାରନାଥ ବହୁ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ଶିକ୍ଷାବିତ୍ ହରିବନ୍ଧୁ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଜେଡି ନେତା ପ୍ରଦୀପ ସାହୁ, ଐତିହାସିକ ରବୀନ୍ଦ୍ର ପରିଡା, କଂଗ୍ରେସ ନେତା ମାଧବ ବିଶ୍ୱାଳ, କମ୍ୟୁନିଷ୍ଟ ନେତା ଅମିୟ ପଟ୍ଟନାୟକ, ରଘୁନାଥ ଷଡ଼ଙ୍ଗୀ, ଶିକ୍ଷାବିତ୍ ବାଲ୍ମୀକି ବଳିୟାରସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଗୀତାଞ୍ଜଳି ମହାପାତ୍ର ବେଦପାଠ କରିଥିବା ବେଳେ କେଦାର ସାର ପୁସ୍ତକ ଉନ୍ମୋଚିତ ହୋଇଥିଲା।

### ସାମାଜିକ କର୍ମୀ ଅନନ୍ତଙ୍କ ପରଲୋକ

ଖୋର୍ଦ୍ଧା ଅଫିସ, ୨୯।୧୦: ଖୋର୍ଦ୍ଧା ନିକଟବର୍ତ୍ତୀ ଜାଗୁଲିପାଟଣା ଗ୍ରାମର ଶ୍ରୀଅନନ୍ତ



ପୁରୁଷୋତ୍ତମ ଦେବଙ୍କ ସେବକ ତଥା ସାମାଜିକ କର୍ମୀ ଅନନ୍ତ ଚରଣ ବେହେରାଙ୍କ ଭୁବନେଶ୍ୱରସ୍ଥିତ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୫୪ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ବୁଦ୍ଧିଜୀବୀ, ସାମାଜିକ କର୍ମୀ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ।

# ସଚେତନତା ହିଁ ଧନଜୀବନକୁ ସୁରକ୍ଷା ଦେବ



ଅଗ୍ନିଶମ ସେବା କର୍ମଚାରୀ ବିପର୍ଯ୍ୟୟ ମୁକାବିଲା ନେଇ କୌଶଳ ପ୍ରଦର୍ଶନ କରୁଛନ୍ତି।

କୃଷ୍ଣପ୍ରସାଦ,୨୯।୧୦(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସଭାଗୃହରେ ଶନିବାର ବ୍ଲକସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଡିଓ ମନୋଜ କୁମାର ନାୟକ ଯୋଗଦେଇ ସଚେତନ ରହିଲେ ଧନଜୀବନ ସୁରକ୍ଷିତ ରହିପାରିବ। ମାଲୁଦ ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ନୋଡାଲ ଏନ୍‌ଜିଓ ସମ୍ପାଦକ ପ୍ରବୀର କୁମାର ନାୟକ ବିପର୍ଯ୍ୟୟ କ୍ଷତିଗ୍ରସ୍ତଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ବ୍ଲକ ମୁଖ୍ୟ କିରାଣି କୁବେର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ଏପିଓ ଅଭିନ୍ନ କୁମାର ପଲେଇ, ସୌଭାଗ୍ୟ କୁମାର ବଳିୟାରସିଂହ, ରାଜସ୍ୱ ସହାୟକ କାଶିମ୍ ମହମ୍ମଦ, ରଶ୍ମିରଞ୍ଜନ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବିଭିନ୍ନ ସଂସ୍ଥାର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଶୁଣାଣି ଶେଷ, ରାୟ ସଂରକ୍ଷିତ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ପ୍ଲଟ ପାଇଁ ରାଜଧାନୀରେ ୭ ବର୍ଷ ତଳେ ଘଟିଥିବା ଟ୍ରିପଲ ମର୍ଡର ଘଟଣାର ଶନିବାର ଶୁଣାଣି ଶେଷ ହୋଇଛି। ଭୁବନେଶ୍ୱର ଅତିରିକ୍ତ ଦୌରାଜଜ ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ସୋମବାର ରାୟ ପ୍ରକାଶ ପାଇବ ବୋଲ ସୂଚନା ମିଳିଛି । ସୂଚନାନୁସାରେ, ଭରତପୁର ଆଖଣ୍ଡଳମଣି ବସ୍ତିରେ ରହୁଥିବା ଅଭିଯୁକ୍ତ ପ୍ରଦୀପ ପଣ୍ଡା ୨୦୧୫ରେ ପ୍ଲଟ ହାତେଇବା ପାଇଁ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟାଇଥିଲା।

ପ୍ରଦୀପ ନିଜର ଶାଶୁ ସୁକାନ୍ତି ସାହୁ, ଶ୍ୱଶୁର ଚକ୍ରଧର ସାହୁ ଓ ଆଇଶାଶୁ ଶାନ୍ତିଲତା ପତିଙ୍କୁ ହତ୍ୟା କରିଥିଲା। ଦୁଇଟି ପ୍ଲଟ ନିଜ ନାମରେ ନ କରିବାରୁ ଏହି ହତ୍ୟାକାଣ୍ଡ ଘଟାଇଥିଲା ପ୍ରଦୀପ। ଖଣ୍ଡଗିରି ଥାନା ଅଧିକାରୀ, ତଦନ୍ତକାରୀ ଅଫିସର ସବୁ ତଥ୍ୟ ପ୍ରମାଣ କୋର୍ଟରେ ଦାଖଲ କରିବା ପରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅତିରିକ୍ତ ଦୌରାଜଜ୍ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ସରକାରୀ ଓକିଲ ପ୍ରଦୀପ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ଅନୁଷ୍କାଙ୍କ ସେବାରେ ଭଲ ହେଉଛି ବାଛୁରୀ

ସାକ୍ଷୀଗୋପାଳ,୨୯।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)

ବୟସ ମାତ୍ର ୧୨ ବର୍ଷ ହୋଇଥିବାବେଳେ ତାଙ୍କ ସ୍ନେହ ବଳରେ ଦୁର୍ଘଟଣାଗ୍ରସ୍ତ ୨ ବର୍ଷର ବାଛୁରୀଟି ଏବେ ସୁସ୍ଥ ହେବାରେ ଲାଗିଛି। ସତ୍ୟବାଦୀ ବ୍ଲକ ଜୟପୁର ପଞ୍ଚାୟତ କମାରସାହିର ପ୍ରଶାନ୍ତ ମହାରଣା ଓ ଦମୟନ୍ତୀ ମହାରଣାଙ୍କ ଝିଅ ଅନୁଷ୍କା ମହାରଣା। ସେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ମ ଶ୍ରେଣୀର ଛାତ୍ରୀ। ତାଙ୍କର ଅନ୍ୟ ପ୍ରତି ସ୍ନେହ ଭଲପାଇବା ଯୋଗୁ ସେ ଗୁରୁଜନଙ୍କ ପ୍ରିୟ ହୋଇପାରିଛନ୍ତି। ଘଟଣା ମୁତାବକ, ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଥିବା ଦୋଳବେଦି ନିକଟରେ ଏକ ତୀର୍ଥ ଯାତ୍ରୀ ବସ୍ ଦୁର୍ଘଟଣା ଘଟିଥିଲା। ସେଥିରେ ୨ ବର୍ଷର ବାଛୁରୀ ଛୁଆର ପଛ ୨ ଗୋଡ ସମ୍ପୂର୍ଣ୍ଣ ଅକାମୀ ହୋଇଯାଇଥିଲା। ସେ ସମୟରେ ବସ୍ କର୍ମଚାରୀ ବାଛୁରୀଟି ପାଇଁ ସହାୟତା ଆକାରରେ କିଛି ଅର୍ଥ ଦେଇଥିଲେ। ସେଥିରେ ସ୍ଥାନୀୟ ଲୋକେ ମିଶି ବାଛୁରୀ ପାଇଁ ଔଷଧ କିଣି ସେବା ଶୁଶ୍ରୂଷା କରୁଥିଲେ। ମାତ୍ର କିଛି ଦିନ ଅତିକ୍ରାନ୍ତରେ ବାଛୁରୀଟି ଭଲ ନ ହେବାରୁ ସ୍ଥାନୀୟ ଲୋକେ ଆଉ ତା'ର ଧ୍ୟାନ ନେଇ ନ ଥିଲେ। ଫଳରେ ବାଛୁରୀଟିର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହେଲାନାହିଁ। ସେ ଗୋଟିଏ ସ୍ଥାନରେ ପଡି ରହୁଥିଲା। ସେହି ସମୟରେ ଅନୁଷ୍କା ତାଙ୍କ ସ୍ନେହ ସେହି ବାଛୁରୀଟି ଉପରେ ଅଜାଡି ଦେଉଥିବା ଦେଖିବାକୁ ମିଳୁଛି।



**୧୫ ଦିନ ତଳେ ବସ୍ ଦୁର୍ଘଟଣାରେ ଗୁରୁତର ହୋଇଥିଲା**

ସକାଳ ୧୦ଟା ସମୟରେ ସ୍କୁଲ ଯିବା ବାଟରେ ଅନୁଷ୍କା ବାଛୁରୀଟି ପାଇଁ ଘରୁ ଆଣିଥିବା ଖାଦ୍ୟ ଓ ପାଣି ଦେବା ସହ ତା' ପାଖରେ କିଛି ସମୟ ଅତିବାହିତ କରନ୍ତି। ଏବେ ସେହି ବାଛୁରୀଟି ଧୀରେଧୀରେ ସୁସ୍ଥ ହେବା ସହ ଠିଆହେବାକୁ ଆରମ୍ଭ କରୁଛି। ଅନୁଷ୍କାଙ୍କ ବାଛୁରୀ ପ୍ରତି ଏପରି ସ୍ନେହ ସ୍ଥାନୀୟ ଲୋକଙ୍କ କେନ୍ଦ୍ରବିନ୍ଦୁ ପାଲଟିଛି। ଅନୁଷ୍କାଙ୍କ ସ୍କୁଲର ଶ୍ରେଣୀ ଆଚାର୍ଯ୍ୟା ସୁଧାଂଶୁବାଳା ଷଡଙ୍ଗୀ ଓ ପ୍ରଧାନ ଆଚାର୍ଯ୍ୟ ନବୀନ ସେନାପତି କୁହନ୍ତି, ଅନୁଷ୍କା ଆମ ବିଦ୍ୟାଳୟର ବହୁତ ଭଲ ଛାତ୍ରୀ। ତାଙ୍କର ଏପରି ଗୁଣ ଯୋଗୁ ସେ ପାଠ ସହ ନିଜର ସହପାଠୀ ଓ ସମସ୍ତ ଗୁରୁଜୀ ଗୁରୁମାଙ୍କର ଅତି ପ୍ରିୟ ହୋଇପାରିଛନ୍ତି।

# ପ୍ରକୃତ ତଥ୍ୟ ନ ଜାଣି ବିଭ୍ରାନ୍ତି କରାଯାଉଛି

**ମୁଖ୍ୟ ବିଚାରପତି, ୫-ଟି ସଚିବଙ୍କ ଫଟୋ ଚର୍ଚ୍ଚା ପ୍ରସଙ୍ଗ**

କଟକ ଅଫିସ,୨୯।୧୦

ହାଇକୋର୍ଟର ମୁଖ୍ୟ ବିଚାରପତି ଓ ରାଜ୍ୟ ସରକାରଙ୍କ ୫-ଟି ସଚିବଙ୍କ ଏକ ଫଟୋକୁ ନେଇ ସୋସିଆଲ ମିଡିଆରେ ଚାଲିଥିବା ଚର୍ଚ୍ଚାକୁ ହାଇକୋର୍ଟ ରେଜିଷ୍ଟ୍ରାର ପକ୍ଷରୁ ଖଣ୍ଡନ କରାଯାଇଛି। ଏହାକୁ ଏକ ଭିତ୍ତିହୀନ ତଥା ଅପଚର୍ଚ୍ଚା ପ୍ରସଙ୍ଗ ଭାବେ ଅଭିହିତ କରାଯାଇଛି। ଏକ ପୁରୁଣା ଫଟୋକୁ ନେଇ ଅଯଥା ଅତିରଞ୍ଜିତ କରାଯାଇ ହାଇକୋର୍ଟ ଭଳି ବିଚାରବ୍ୟବସ୍ଥାର ଏକ ପବିତ୍ର ଅନୁଷ୍ଠାନକୁ ନିନ୍ଦିତ କରିବାର ପ୍ରୟାସ କରାଯାଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରେଜିଷ୍ଟ୍ରାର ପକ୍ଷରୁ କୁହାଯାଇଛି।

ହାଇକୋର୍ଟରେ ଓକିଲାତି କରୁଥିବା ଜଣେ ଆଇନଜୀବୀ ପ୍ରକୃତ ତଥ୍ୟ ନ ଜାଣି ବିଭ୍ରାନ୍ତି କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଏକ ଫଟୋ ପ୍ରକାଶ କରି ସେଥିରେ ମିଥ୍ୟା କଥା ସବୁ ଉଲ୍ଲେଖ କରିଛନ୍ତି। ଉକ୍ତ ଫଟୋଗ୍ରାଫରେ ହାଇକୋର୍ଟର ମୁଖ୍ୟ ବିଚାରପତି ଏକ ଟେବୁଲରେ ଅର୍ଦ୍ଧବୃତ୍ତାକାର ଭାବେ ୪ଜଣ ବ୍ୟକ୍ତିଙ୍କ ସହ ବସିଛନ୍ତି। ସେଥିରେ ତନ୍ମଧ୍ୟରୁ ମୁଖ୍ୟ ବ୍ୟକ୍ତିଙ୍କ ସହ କଥା ହେଉଛନ୍ତି। ମୁଖ୍ୟ ବ୍ୟକ୍ତି ଜଣକ ହେଲେ ଶ୍ରୀ ସତ୍ୟସାଇ ହାର୍ଟ ହସ୍ପିଟାଲର ମ୍ୟାନେଜିଂ ଟ୍ରଷ୍ଟି ମନୋଜ ଭିମାନି। ଅନ୍ୟ ତିନି ଜଣ ହେଉଛନ୍ତି ଉକ୍ତ ହସ୍ପିଟାଲର ଡାକ୍ତର। ଏମାନଙ୍କ ବ୍ୟତୀତ ରାଜ୍ୟ ସରକାରଙ୍କ ୫ଟି ସଚିବ ଭି. କେ. ପାଣ୍ଡିଆନ ମଧ୍ୟ କିଛି ଦୂରରେ ଅଛନ୍ତି। ଏହି ଫଟୋଟି ୨୦୨୨ ମାର୍ଚ୍ଚ ୧୨ ତାରିଖ ଭୁବନେଶ୍ୱର ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଭିମାନିଙ୍କ ନେତୃତ୍ୱରେ ହେବାକୁ ଥିବା ୩ ଦିନିଆ ନିଃଶୁଳ୍କ ହୃଦ୍‌ରୋଗ ଚିକିତ୍ସା ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟର ବିଚାରପତି ଏମ୍. ଆର୍. ଶାହ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇଥିଲେ। ଏଥିସହ ଉକ୍ତ ମେଗା ଶିବିର ରାଜ୍ୟ ସରକାରଙ୍କ ସହଯୋଗରେ ହେଉଥିବାରୁ ୫ଟି ସଚିବ ଭି. କେ. ପାଣ୍ଡିଆନ ମଧ୍ୟ ସେଠାକୁ ନିମନ୍ତ୍ରିତ ହୋଇ ଯାଇଥିଲେ। ବିଚାରପତି ଶାହ ପୁରୀରୁ ଆସୁଥିବାରୁ ତାଙ୍କୁ ଅପେକ୍ଷା କରି ଅନ୍ୟ ଅତିଥିମାନେ ସେଠାରେ ଉପସ୍ଥିତ ଥିବା ସମୟରେ ଫଟୋଟି ଉଠାଯାଇଥିଲା। ତେଣୁ ମୁଖ୍ୟ ବିଚାରପତି ଓ ପାଣ୍ଡିଆନଙ୍କ ମଧ୍ୟରେ ତାହା କୌଣସି ରୁଦ୍ଧଦ୍ୱାର ବୈଠକ କିମ୍ବା ବ୍ୟକ୍ତିଗତ ବୈଠକ ନ ଥିଲା ବୋଲି ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ କୁହାଯାଇଛି।

# କେନାଲରେ ପାଣି ଯୋଗାଇବାକୁ ଚାଷୀଙ୍କ ଦାବି

ବଲାଙ୍ଗୀ,୨୯।୧୦(ଡି.ଏନ୍.ଏ.)

ଚଳିତବର୍ଷ ଧାନ ଫସଲ ପ୍ରାୟତଃ ଭଲ ରହିଛି। ଧାନ କେଣ୍ଡା ବାହାରିବା ବେଳକୁ ଅନେକ ଜମିରେ ପାଣି ନ ଥିବାରୁ ମାଟି ଫାଟିଗଲାଣି। କେନାଲ ପାଣି ଏକମାତ୍ର ଭରସା ହୋଇଥିଲେ ମଧ୍ୟ ତାହା ସମସ୍ତ ଜମିରେ ପହଞ୍ଚିବା ସମ୍ଭବପର ହେଉନାହିଁ। ଏଥିରେ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ମୁତାବକ, ବଲାଙ୍ଗୀ ଜଳସମ୍ପଦ ଉପଖଣ୍ଡ ନିୟନ୍ତ୍ରଣରେ ୨ଟି ମୁଖ୍ୟ କେନାଲ ଓ ୫୫ଟି ଶାଖା କେନାଲ ରହିଛି। ବଲାଙ୍ଗୀ ଏଫ୍‌ସି, ଉଚ୍ଛୁପୁର ମାଇନର ଏବଂ ଡିଷ୍ଟ୍ରିବ୍ୟୁଟାରିର ଜଳ ପ୍ରାୟ ୪୦ ଭାଗ ଶାଖା କେନାଲର ଶେଷ ସୀମାରେ ପହଞ୍ଚି ପାରୁନାହିଁ। ପ୍ରତିବର୍ଷ କେନାଲ ସଫେଇ ହେଉଥିଲେ ମଧ୍ୟ ତାହା ଠିକ ଭାବେ ହେଉ ନ ଥିବା ଚାଷୀ ଅଭିଯୋଗ କରୁଛନ୍ତି। ମୁଖ୍ୟ କେନାଲରେ ନିର୍ଦ୍ଧାରିତ ପାଣି ନ ଥିବାରୁ ଜମିକୁ ସଂଲଗ୍ନ କାଡାନାଳିରେ ଜଳ ଆସିପାରୁନାହିଁ। ଅନେକ ଜମିରେ ଚାଷୀ ନିଜସ୍ୱ ଉଦ୍ୟମରେ ପାଣି ମଡାଉଛନ୍ତି। ଦୀର୍ଘ ବର୍ଷ ଧରି ଅଧିକାଂଶ କେନାଲର ପୁନରୁଦ୍ଧାର ନ ହେବାରୁ ଜଳ ପ୍ରବାହ କ୍ଷମତା ହ୍ରାସ ପାଉଛି। ବର୍ତ୍ତମାନ ଅଧିକାଂଶ ପରିମାଣରେ ଧାନ କେଣ୍ଡା ବାହାରୁଥିବାରୁ ଏହି ସମୟରେ ପାଣିର ଆବଶ୍ୟକତା ଜରୁରୀ ହୋଇପଡ଼ିଛି। ଧନୁଆ ପ୍ରବାହିତ ଅଞ୍ଚଳରେ ଧାନ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ରୁଆ ହୋଇଥିବାରୁ ସେଥିନିମନ୍ତେ ଅଧିକ ପରିମାଣ ଜଳ ଆବଶ୍ୟକ ପଡୁଛି। ବର୍ଷା ନ ହେଲେ କିମ୍ବା କେନାଲ ପାଣି ଯୋଗାଣରେ ବାଧାପ୍ରାପ୍ତ ହେଲେ ପର୍ଯ୍ୟାପ୍ତ ପରିମାଣର ଧାନ ନଷ୍ଟ ହେବାର ଆଶଙ୍କା ରହିଛି। ଜିଲାପାଳ, ଜଳସମ୍ପଦ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ପ୍ରଫୁଲ୍ଲ ପ୍ରଧାନ, ଶିଖର ଛାଟୋଇ, ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ଚାଷୀ ଦାବି କରିଛନ୍ତି।

# ଅଙ୍ଗନୱାଡ଼ି କେନ୍ଦ୍ରକୁ ନିମ୍ନମାନର ଗ୍ୟାସ, ଚୁଲା ପ୍ରଦାନ

ବ୍ରହ୍ମଗିରି,୨୯।୧୦(ଡି.ଏନ୍.ଏ.)

ପୁରୀ ଜିଲା ବ୍ରହ୍ମଗିରି ବ୍ଲକର ୨୦୦ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ରନ୍ଧନ ଗ୍ୟାସ ଓ ଚୁଲା ନିମ୍ନମାନର ଦିଆଯାଉଥିବା ଅଭିଯୋଗ ହୋଇଛି। ଡିଲରମାନେ କମ୍ ଟଙ୍କାର ଗ୍ୟାସ, ଚୁଲା ଦେଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରୁଛନ୍ତି। ବ୍ରହ୍ମଗିରିର ନିଖିଳ ଉତ୍କଳ ଅଙ୍ଗନୱାଡ଼ି ସଂଘ ସମେତ ବ୍ଲକର ଅନ୍ୟ ସଂଘଗୁଡ଼ିକ ଏହାର ତଦନ୍ତ ନିମନ୍ତେ ପୁରୀ ଜିଲାପାଳଙ୍କୁ ପତ୍ର ଲେଖି ଜଣାଇଛନ୍ତି। ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓଡ଼ିଶା ପତ୍ର ସଂଖ୍ୟା ୩୭୫୯ ତାରିଖ ୨୮।୨।୨୨ରେ ସବୁ ଅଙ୍ଗନୱାଡ଼ି କେନ୍ଦ୍ରରେ ଏଲ୍‌ପିଜି ସଂଯୋଗ ନିମନ୍ତେ ଚିଠିଲେଖି ଜଣାଇବା ସହ ଦୁଇଟି ଗ୍ୟାସ ସିଲିଣ୍ଡର ସହ ଚୁଲା ଓ ପୂରା ଫିଟିଂ ସହ ଏକ ରେଟ ଚାର୍ଟ ଦେଇଥିଲେ, ଯାହାର ସର୍ବାଧିକ ମୂଲ୍ୟ ଥିଲା ୭,୫୦୦ ଟଙ୍କା। ଶିଶୁ କଲ୍ୟାଣ ଅଧିକାରୀ ସରକାରୀ ନିର୍ଦ୍ଦେଶନାମା ମାନି ବ୍ଲକରେ କମିଟି କରି ଦୁଇଟି ଗ୍ୟାସ ଡିଲରକୁ ଚୟନ କରି ଜଣଙ୍କ ପାଖରୁ ୧୧୫ଟି ଓ ଅନ୍ୟ ଜଣଙ୍କ ପାଖରୁ ୮୫ଟି କିଣିବା ନିମନ୍ତେ ନିର୍ଦ୍ଦେଶ ଦେଲେ। ଡିଲରମାନେ ଅଙ୍ଗନୱାଡି କେନ୍ଦ୍ରକୁ ଗ୍ୟାସ ଯୋଗାଣରେ ବିଳମ୍ବ କଲେ। ଫଳରେ କିଛିଦିନ ପରେ ଗ୍ୟାସ ଦର ବଢ଼ିଗଲା। ଫଳରେ ସମ୍ପୃକ୍ତ ଯୋଗାଣକାରୀ ସଂସ୍ଥା ୭,୫୦୦ ଟଙ୍କାରେ ଗ୍ୟାସ ଯୋଗାଇଦେବାକୁ ଆଗ୍ରହ କଲା ନାହିଁ।

ଶେଷରେ ଅଙ୍ଗନୱାଡ଼ି କର୍ମୀମାନେ ଶିଶୁ କଲ୍ୟାଣ ଅଧିକାରୀଙ୍କ ନିର୍ଦ୍ଦେଶରେ ନିଜ କଣ୍ଟିଜେନ୍ସି ଫଣ୍ଡରୁ ୧୪୦୦ଟଙ୍କା ମିଶାଇ ୮,୯୦୦ ଟଙ୍କା ଦେଇ ଗ୍ୟାସ ସଂଯୋଗ ନେଲେ। ଅଙ୍ଗନୱାଡ଼ି କେନ୍ଦ୍ରକୁ ମିଳିଥିବା ବିଲ୍‌ରେ ଚୁଲା ପ୍ରତି ୨୦୦୦ଟଙ୍କା ରହିଛି। ମାତ୍ର ଡିଲର ଅତ୍ୟନ୍ତ ନିମ୍ନମାନର ଚୁଲା ଦିଅନ୍ତି। ୨୬।୦୭।୨୨ରେ ଯୋଗାଇ ଦିଆଯାଇଥିବା ଏହି ଚୁଲାର ଅବସ୍ଥା କଳଙ୍କ ଲାଗିବା ସହ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ବଜାରରେ ଏପରି ଚୁଲା ହଜାରେରୁ ୧୨୦୦ ଟଙ୍କାରେ ମିଳୁଥିବା ବେଳେ ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ଟଙ୍କା ନେଇ ନିମ୍ନମାନର ଚୁଲା ଯୋଗାଣ ହେଉଥିବା ଅଭିଯୋଗ ହୋଇଛି। ସେହିପରି ଗ୍ୟାସ ମଧ୍ୟ ବିଳମ୍ବରେ ଦେଉଛନ୍ତି। ଏ ସମ୍ପର୍କରେ ଅଙ୍ଗନୱାଡ଼ି କର୍ମୀ ଓ ସଂଘ ଶିଶୁ କଲ୍ୟାଣ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ, ହେଲେ ସେ ଏଥିପ୍ରତି କୌଣସି ପଦକ୍ଷେପ ନେଉନାହାନ୍ତି। ଶେଷରେ ଅଙ୍ଗନୱାଡ଼ି ବ୍ଲକ ସଂଘ ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛି।

# ସ୍କୁଲ, ମନ୍ଦିର ପାଖରେ ପ୍ରସ୍ତାବିତ ମଦ ବାର୍‌କୁ ବିରୋଧ

ଖୋର୍ଦ୍ଧା ଅଫିସ,୨୯।୧୦

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୬୩ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମଡୁମା ଠାରେ ଠିପିଖୋଲା ବିଦେଶୀ ମଦ ବାର୍ ଆଣ୍ଡ ରେଷ୍ଟୁରାଣ୍ଟ ଖୋଲିବାକୁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ଶହେ ମିଟର ପରିଧି ମଧ୍ୟରେ ଶିକ୍ଷାନୁଷ୍ଠାନ, ମନ୍ଦିର ଏବଂ ଜନବସତି ରହିଛି। ଏହାର ପ୍ରତିବାଦରେ ଶନିବାର କଳିଙ୍ଗ ସେନାର ସଭାପତି ହେମନ୍ତ ରଥଙ୍କ ନେତୃତ୍ୱରେ ଉକ୍ତ ଅଞ୍ଚଳର ଶତାଧିକ ମହିଳା, ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହିତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଡୁମଡୁମା ମୌଜାର ପ୍ଲଟ ନଂ.୩୮/୧୧୮୬ ଏବଂ ଖାତା





ନଂ-୪୩୨/୧୦୬୫ରେ ଏକ ମଦ ବାର୍ ଏବଂ ରେଷ୍ଟୁରାଣ୍ଟ ଖୋଲିବାକୁ ପ୍ରସ୍ତାବ ରହିଛି। ଉକ୍ତ ପ୍ରସ୍ତାବିତ ମଦ ବାର ଏବଂ ରେଷ୍ଟୁରାଣ୍ଟର ଶହେ ମିଟର ପରଧି ମଧ୍ୟରେ ଜାଗମରା ସ୍ଥିତ ପୁରୁଣା ରାମେଶ୍ୱର ମନ୍ଦିର ଏବଂ ବାରଭୁଜା ମନ୍ଦିର ରହିଛି । ଏଥିସହ ଏକ ଘରୋଇ ବିଦ୍ୟାଳୟ ରହିଛି।

ଛାତ୍ରୀଛାତ୍ରମାନେ ଉକ୍ତ ରାସ୍ତାଦେଇ ଯାତାୟାତ କରନ୍ତି। ତେବେ ସେଠାରେ ମଦ ବାର୍ କରାଗଲେ ଏହାର ପ୍ରଭାବ ନିକଟ ଅଞ୍ଚଳରେ ପଡିବ। ଅସମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି କଳିଙ୍ଗ ସେନା ପକ୍ଷରୁ ଦିଆଯାଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ ମଦ ବାର୍ ଖୋଲାଗଲେ ଉକ୍ତ ଅଞ୍ଚଳ ପ୍ରଭାବିତ ହେବ। ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ ସେଠାରେ ବାର୍ ନ ଖୋଲିବାକୁ ଦାବି କରିଛନ୍ତି। କଳିଙ୍ଗ ସେନା ସଭାପତି ରଥ କୁହନ୍ତି, ଯେ କୌଣସି ଜନବସତି ଅଞ୍ଚଳରେ ମଦ ଦୋକାନ ଖୋଲିବାକୁ ସ୍ଥାନୀୟ ସ୍ତରରେ ଲୋକଙ୍କ ଆଲୋଚନା ଏବଂ ନୋଟିସ କରାଯାଏ। ଏଥିଲାଗି ସରକାରୀ ସ୍ତରରେ ଗାଇଡଲାଇନ ମଧ୍ୟ ରହିଛି। ତେବେ ଏହି ବାର ଖୋଲିବା ପାଇଁ କୌଣସି ନିୟମ ପାଳନ କରାଯାଇନାହିଁ। ଏପରିକି ନୋଟିସ ମଧ୍ୟ ଜାରି କରାଯାଇନାହିଁ। ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ, ଜଣେ ଗୁରୁତର

ପିପିଲି,୨୯।୧୦(ସ୍ୱ.ପ୍ର.): ପିପିଲି ଥାନା ଅନ୍ତର୍ଗତ ସିରିଆପୁର ଗ୍ରାମ ନିକଟସ୍ଥ ଏକ ପୋଖରୀରେ ବୁଡି ଶନିବାର ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସିରିଆପୁରର ସିଲୁ ବେହେରାଙ୍କ ପୁଅ ଚିକୁନ୍ (୩)। ସୂଚନା ଅନୁଯାୟୀ, ଚିକୁନ୍ ଏବଂ ତାଙ୍କ ବଡ ବାପାଙ୍କ ପୁଅ ଲିକୁନ୍(୫) ଅପରାହ୍ନରେ ଖେଳୁଥିବା ସମୟରେ ଘର ବାରିପଟେ ଥିବା ପୋଖରୀରେ ଖସି ପଡିଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ଦୁହିଁଙ୍କୁ ପୋଖରୀରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ପିପିଲି ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଚିକୁନ୍‌ଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଲିକୁନ୍ ଚିକିତ୍ସାଧୀନ ଥିବା ଡାକ୍ତର କହିଛନ୍ତି। ଚିକୁନଙ୍କ ମୃତ୍ୟୁ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ପୁରୀ ଅଫିସ,୨୯।୧୦: ଡକାୟତି ଯୋଜନା କରିବା ଅଭିଯୋଗରେ ସଦରଥାନା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସଦରଥାନା ଅନ୍ତର୍ଗତ ଗିରଳର ଜିତେନ୍ଦ୍ର ରାଉତ(୨୫), ଗୋରୁଆଳ ଅଞ୍ଚଳର ପ୍ରଭାତ ବରାଳ (୩୧), ଖୁଣ୍ଟିଆ ବଗିଚା ଅଞ୍ଚଳର ରାଜେଶ ଖଣ୍ଡୁଆଳ(୩୧) ଏବଂ ଅଠରନଳା ନିଳଚକ୍ର ନଗରର ସୁଭାଶିଷ ପଣ୍ଡା (୩୬)। ପୋଲିସ ସେମାନଙ୍କ ନିକଟରୁ ୨ଟି ହାତ ତିଆରି ବନ୍ଧୁକ, ଗୋଟିଏ ଛୁରି, ନଗଦ ୩୫୦ ଟଙ୍କା ଏବଂ ୧୫ ବିୟର ବୋତଲ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏ ନେଇ ପୋଲିସ ନଂ.୨୮୪/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ଗିରଫ ହୋଇଥିବା ୪ଅଭିଯୁକ୍ତଙ୍କ ସହ ଅନ୍ୟ କିଛି ବ୍ୟକ୍ତି ଶୁକ୍ରବାର ରାତି ପ୍ରାୟ ୧୦ଟା ୩୦ ସମୟରେ କଣ୍ଡପୁର ଜଳଭଣ୍ଡାର ନିକଟରେ ଏକ ନିଛାଟିଆ ସ୍ଥାନରେ ବିଭିନ୍ନ ମାରଣାସ୍ତ୍ର ସହ ବସି ହାଇୱା ଡକାୟତି ପାଇଁ ଯୋଜନା କରୁଥିଲେ। ତେବେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ତେବେ ଚଢ଼ାଉ ସମୟରେ ସେଠାରେ ଉପସ୍ଥିତ ଥିବା ୩ ଜଣ ଖସିଯିବାରେ ସଫଳ ହୋଇଥିବା ବେଳେ ୪ଜଣ ଗିରଫ କରିବାରେ ପୋଲିସ ସକ୍ଷମ ହୋଇଥିଲା।

### ୧୫ ଗ୍ରାମ ବ୍ରାଉନସୁଗାର, ବାଇକ୍ ଜବତ: ୨ ଗିରଫ

ପୁରୀ ଅଫିସ୍, ୨୯।୧୦: ବ୍ରାଉନ ସୁଗାର କାରବାର କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ସିଟି ରୋଡ ବାଙ୍କି ମୁହାଣ ନିକଟ ମଣିବାବା କଲୋନୀର ମାନସ ରଞ୍ଜନ ବିଶ୍ୱାଳ ଓରଫ ଗୋପାଳ (୨୧) ଏବଂ ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧମହାବୀର ମଙ୍ଗଳାଲେନ୍‌ର ପ୍ରକାଶ କୁମାର ମହାନ୍ତି ଓରଫ କାଲୁ ମାମା (୪୦)। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଜରିପଲିଥିନ ଭିତରୁ ୧୫ ଗ୍ରାମ ୮୪୦ ମିଲିଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛି। ବ୍ରାଉନ ସୁଗାର ସହ ନଗଦ ୧୮୦୦ ଟଙ୍କା ,ଦୁଇଟି ମୋବାଇଲ ଫୋନ ଏବଂ ଓଡି ୦୨ବି ୫୪୮୪ ନମ୍ବର ବିଶିଷ୍ଟ ଗୋଟିଏ ବାଇକ ଜବତ ଜବତ କରିଛି। ଏ ନେଇ ପୋଲିସ କେସ ନଂ. ୧୪୩/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ ତାଳବଣିଆ ଥାନା ଅନ୍ତର୍ଗତ ହୁଲୁହୁଲିଆ ବ୍ରିଜ୍ ନିକଟରେ ବ୍ରାଉନ ସୁଗାର କାରବାର କରିବା ପାଇଁ ଦୁଇଜଣ ବ୍ୟକ୍ତି ଆସିଥିଲେ। ପୋଲିସ ଏକ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢ଼ାଉ କରି ବ୍ରାଉନ ସୁଗାର କରାବାର କରୁଥିବା ୨ ଅଭିଯୁକ୍ତଙ୍କୁ ଗିରଫ ଥାନାକୁ ଆଣିଥିଲା। ପରେ ପଚରାଉଚରା କରି ଧାରା ୨୧(ବି) ୨୯ ଏନଡିପିଏସ୍ ଆକ୍ଟରେ ଗିରଫ କରିଥିଲା।

# ଏଏସ୍ଆଇ କାର୍ଯ୍ୟ ନେଇ ସେବାୟତ ଖପ୍ପା

**ଶ୍ରୀମନ୍ଦିରର ପଥର ଖସିବା ପ୍ରସଙ୍ଗ**

■ ମରାମତି ପାଇଁ ୫ ବର୍ଷୀୟା ପ୍ଲାନ ପ୍ରସ୍ତୁତ

ପୁରୀ ଅଫିସ,୨୯।୧୦

ଗତ କିଛିଦିନ ତଳେ ଶ୍ରୀମନ୍ଦିର ଭିତରୁ ପଥର ଖସିଥିଲା। ଏହି ଘଟଣା ବିଷୟରେ ସେବାୟତମାନେ ଏଏସ୍ଆଇକୁ ଜଣାଇଥିଲେ। ହେଲେ ଏଏସ୍ଆଇ ପକ୍ଷରୁ କୌଣସି ଅନୁଧ୍ୟାନ କରା ନ ଯିବାରୁ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରୁଥିଲା। କିନ୍ତୁ କଥା ପ୍ରଚାର ହେବା ସହ ଲୋକଲୋଚନକୁ ଆସିବା ପରେ ଏବେ ଶ୍ରୀମନ୍ଦିରରୁ ପଥର ଖସିଥିବା କଥା ଶ୍ରୀମନ୍ଦିର ପ୍ରଶାସନ ସ୍ୱୀକାର କରିଥିଲା। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ଜଗମୋହନ ଦକ୍ଷିଣ ପୂର୍ବ ଦିଗରୁ ଗତ ରବିବାର ପଥର ଖସିଥିଲା। ବେହେରଣ ଦ୍ୱାର ଓ ମୁଦିଲି ଦ୍ୱାର ମଝିରେ ଥିବା ଚର୍ଚ୍ଚା ନିକଟରେ ଏକ ବଡ଼ ପଥର ଖଣ୍ଡ ଖସିଥିଲା। ତେବେ ଉକ୍ତ ସ୍ଥାନରେ ଚଳପ୍ରଚଳ କମ ଥିବାରୁ କାହାରି କ୍ଷତି ହୋଇନାହିଁ। ଖସିପଡିଥିବା ପଥରଟି ପ୍ରାୟ ୧ରୁ ଦେଢ଼ଫୁଟ ଭଳି ହେବ ବୋଲି ଅନୁମାନ କରାଯାଉଛି।

ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଗତ ୨୩ ତାରିଖରେ ଶ୍ରୀମନ୍ଦିର ମାଜଣାମଣ୍ଡପ ନିକଟରେ ଥିବା ଚର୍ଚ୍ଚା ଘର ପାଖରେ ଏକ ପଥର ଖସିଥିଲା। ଖସିଥିବା ପଥରଟିକୁ ଶ୍ରୀମନ୍ଦିର ସୁପରଭାଇଜରଙ୍କ ଜରିଆରେ ଏଏସ୍ଆଇ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଛି। ଜଗମୋହନର ବାହାରପଟୁ ପଥରଟା ଖସିଛି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପ୍ରଶାସକ ଏଏସ୍ଆଇକୁ ଅବଗତ କରିବା ସହ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଏସ୍ଆଇ ଅନୁଧ୍ୟାନ କରି ପଥର କାହିଁକି ଖସୁଛି ତାହାର ତର୍ଜମା କରି କାର୍ଯ୍ୟ କରିବ। ଏଏସ୍ଆଇ ସହ ଶ୍ରୀମନ୍ଦିର ପରିଚାଳନା ବୈଠକରେ ଆଲୋଚନା କରାଯାଉଛି। ସେହିପରି ଶ୍ରୀମନ୍ଦିରର ଯେଉଁ ସ୍ଥାନରେ ପାଣି ଗଳୁଥିଲା ତାହାର ମରାମତି କରାଯାଇଛି ଓ ଆଉ କେଉଁ ସ୍ଥାନରେ ପାଣି ଗଳୁଛି, ତାହାର ମଧ୍ୟ ଅନୁଧ୍ୟାନ କରାଯାଇ ମରାମତି କରାଯିବ ବୋଲି ଜେନା କହିଛନ୍ତି। ଅନ୍ୟପଟେ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଓ ମରାମତି ଦାୟିତ୍ୱରେ ଥିବା ଏଏସ୍ଆଇ ଚରମ ଅବହେଳା କରୁଛି। କିଛିଦିନ ତଳେ ଶ୍ରୀମନ୍ଦିର ରତ୍ନସିଂହାସନ ଶ୍ରୀବଳଭଦ୍ରଙ୍କ ପଛପାର୍ଶ୍ୱରୁ ଚୂନ ପ୍ଲାଷ୍ଟର ଖସିଥିଲା। ଏବେ ପୁଣି ଶ୍ରୀମନ୍ଦିର ଚର୍ଚ୍ଚା ଘର ବାହାରପଟେ ପଥର ଖସିଛି। ଘଟଣାକୁ ଅନେକ ଦିନ ବିତିଯାଇଥିଲେ ମଧ୍ୟ ଏଏସ୍ଆଇ ଏଯାଏ ଅନୁଧ୍ୟାନ କରିନାହିଁ। ଯେଉଁଠି ପଥର ଖସୁଛି ସେଇଠି କାରୁକାର୍ଯ୍ୟ ପଥର ଲଗାଇବା ପରିବର୍ତ୍ତେ ଧଳାପଥର ଲଗାଇଦେଇଛି। ରାଜ୍ୟରେ ବହୁତ କୁଶଳି କାରିଗର ଅଛନ୍ତି। ତେଣୁ ଏଏସ୍ଆଇ ଯଦି କାର୍ଯ୍ୟରେ ଅବହେଳା କରୁଛି, ତେବେ ତା'କୁ ସରକାର ତୁରନ୍ତ ବାହାର କରିଦେବା ଆବଶ୍ୟକ। ଶ୍ରୀମନ୍ଦିର ଘଟୁଆ ସେବକ ତଥା ପୂର୍ବତନ ନଗରପାଳ ଗୌରହରି ପ୍ରଧାନ କହିଛନ୍ତି, ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ କ୍ଷେତ୍ରରେ ଛତିଶା ନିଯୋଗ, ପରିଚାଳନା କମିଟି ଆଦି ବୈଠକରେ ବାରମ୍ବାର ଏନେଇ ଉଦ୍‌ବେଗ ପ୍ରକାଶ କରାଯାଇ ଏଏସ୍ଆଇକୁ ଜଣାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଏପରି କାର୍ଯ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଏସ୍ଆଇକୁ ତୁରନ୍ତ ଶ୍ରୀମନ୍ଦିର ଦାୟିତ୍ୱରୁ ନିବୃତ କରନ୍ତୁ। ଅନ୍ୟପଟେ ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ସଦସ୍ୟ ଡ. ଏନ୍.ସି.ପାଲ୍ କହିଛନ୍ତି, ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ବାରମ୍ବାର ଅନୁଧ୍ୟାନ କରି ଆବଶ୍ୟକ ମରାମତି ଓ ପଦକ୍ଷେପ ନେବାକୁ ଏଏସ୍ଆଇକୁ କହିଛି। ଶ୍ରୀମନ୍ଦିର ପରିଚାଳନା କମିଟି ମଧ୍ୟ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସରିବାକୁ କହିଛି। ଏଏସ୍ଆଇକୁ ଖସିଥିବା ପଥର ହସ୍ତାନ୍ତର କରାଯାଇଥିବାରୁ ତାହାକୁ ସେମାନେ ଅନୁଧ୍ୟାନ କରୁଛନ୍ତି। ଅପରପକ୍ଷେ ଶ୍ରୀମନ୍ଦିର ନାଟମଣ୍ଡପ ଓ ପାର୍ଶ୍ୱ ଦେବଦେବୀ ମନ୍ଦିରରେ ଆବଶ୍ୟକ ମରାମତି ପାଇଁ ୫ ବର୍ଷୀୟା ପ୍ଲାନ୍ ପ୍ରସ୍ତୁତ କରାଯାଇଛି ବୋଲି ଡ. ପାଲ ସୂଚନା ଦେଇଛନ୍ତି।



ଏସ୍‌ପି କନୱର ବିଶାଲ ସିଂ ସାକ୍ଷୀଗୋପାଳ ମନ୍ଦିରରେ ପୋଲିସଙ୍କ ସହ ଆଲୋଚନା କରୁଛନ୍ତି।

# ସାକ୍ଷୀଗୋପାଳ ମନ୍ଦିରରେ ଏସ୍‌ପିଙ୍କ ସମୀକ୍ଷା

**୨ରେ ଶ୍ରୀରାଧା ପାଦ ଦର୍ଶନ**

ସାକ୍ଷୀଗୋପାଳ,୨୯।୧୦ (ଡି.ଏନ୍.ଏ/ସ୍ୱ.ପ୍ର.)

ପ୍ରତିବର୍ଷ ଭଳି ଏବର୍ଷ କାର୍ତ୍ତିକ ଶୁକ୍ଳପକ୍ଷ ନବମୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନମୀ ଅବସରରେ ଶ୍ରୀରାଧା ପାଦ ଦର୍ଶନ ନଭେମ୍ବର ୨ରେ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁଙ୍କ ଭିଡକୁ ଲକ୍ଷ୍ୟ ରଖି ଶୃଙ୍ଖଳିତ ଦର୍ଶନ ଏବଂ ପ୍ରସ୍ତୁତି ନେଇ ପୁରୀ ଏସ୍.ପି କନୱର ବିଶାଲ ସିଂ ଶନିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିରରେ ପହଞ୍ଚିଥିଲେ। ଦ୍ୱାର ଉନ୍ମୋଚନ, ଦେବନୀତି, ମନ୍ଦିର ସମ୍ମୁଖରେ ବ୍ୟାରିକେଟ, ପ୍ରବେଶ ଓ ପ୍ରସ୍ଥାନ, ଦୀପଦାନ, ଜୋତାଷ୍ଟାଣ୍ଡ, ପାର୍କିଂ, ସିସି କ୍ୟାମେରା ଲଗାଇବା, ସାଂସ୍କୃତିକ ସମାରୋହ ଓ ପ୍ରଦର୍ଶନୀ ପଡିଆରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଆଦିର ସମୀକ୍ଷା କରିଥିଲେ। ସେବାୟତ ପ୍ରତିନିଧିଙ୍କ ସହିତ ଆଲୋଚନା କରିବା ସହ ମନ୍ଦିର ପରିସର ବୁଲି ଦେଖିଥିଲେ। ସକାଳେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ପ୍ରମୁଖ ମନ୍ଦିର ଅଞ୍ଚଳରେ ପରିଦର୍ଶନ କରିଥିଲେ। ସତ୍ୟବାଦୀ ବିଧାୟକ ତଥା ମନ୍ଦିର ପରିଚାଳନା କମିଟି ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଡାକ ବଙ୍ଗଳାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସାମନ୍ତରାୟ, ସେବାୟତ ପ୍ରତିନିଧି, ମନ୍ଦିର କାର୍ଯ୍ୟ ନିର୍ବାହୀ ଓ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଜାତୀୟ ପ୍ରଶମନ ଦିବସ ଅବସରରେ ଶନିବାର ସିଂହଦ୍ୱାର ସମ୍ମୁଖରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ସଚେତନତା ରାଲି।

## ଜୁଆଆଡ୍ଡାରେ ଚଢ଼ାଉ, ୪ ଗିରଫ

### ୮୧ ହଜାର ଟଙ୍କା, ୨ ବାଇକ୍ ଜବତ

ପୁରୀ ଅଫିସ ୨୯।୧୦

ଜୁଆ ଖେଳିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଚଢ଼ାଉ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ଧାନକୁଟି ସାହିର ଗୋପାଳ ସାହୁ (୨୯), ବାଲିସାହି ଘଣାମଲ ଲେନ୍‌ର ଶ୍ୟାମସୁନ୍ଦର ସାହୁ (୪୪), ତିଆଡି ସାହିର ପ୍ରଦୀପ କୁମାର ମିଶ୍ର ଏବଂ ଗୁଡିଆ ସାହିର ରାଜ କିଶୋର ପୂଜାପଣ୍ଡା (୫୪)। ପୋଲିସ ସେମାନଙ୍କଠାରୁ ୪ଟି ମୋବାଇଲ, ୨ଟି ବାଇକ୍, ୨ ଯୋଡା ଖେଳା କାର୍ଡ ଏବଂ ନଗଦ ୮୧ ହଜାର ଟଙ୍କା ଜବତ କରିଛି। ପୋଲିସ ଏ ନେଇ ନଂ. ୧୪୪/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ଶୁକ୍ରବାର ରାତି ସମୟରେ ଥାନା ପକ୍ଷରୁ ନାଇଟ୍ ପାଟ୍ରୋଲିଂ କରାଯାଉଥିବା ସମୟରେ ରାତି ପ୍ରାୟ ୧୨ଟା ୩୦ ସମୟରେ କାଳିଧାମ ଲେନ୍‌ସ୍ଥିତ ଏକ ହୋଟେଲରେ କିଛି ବ୍ୟକ୍ତି ଟଙ୍କା ଲଗାଇ ଜୁଆ ଖେଳୁଛନ୍ତି। ଏକ ବିଶେଷ ସୂତ୍ରରୁ ପୋଲିସ ଖବରପାଇ ଉକ୍ତ ସ୍ଥାନରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ୨ ଜଣ ଘଟଣା ସ୍ଥଳରୁ ଖସି ଯିବାରେ ସଫଳ ହୋଇଥିଲେ।

# ମାଛ ଧରିବାବେଳେ ହାତ କଟି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ବେଆଇନ ଟ୍ରଲର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ଗୋପ/କୋଣାର୍କ, ୨୯।୧୦(ଡି.ଏନ୍.ଏ.)

କୋଣାର୍କ ଚନ୍ଦ୍ରଭାଗା କୂଳ ନିକଟ ବଙ୍ଗୋପସାଗରରେ ଟ୍ରଲରରେ ମାଛ ଧରୁଥିବା ସମୟରେ ଟ୍ରଲର ଫ୍ୟାନ୍‌ରେ ହାତ କଟି ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ଅନ୍ତର୍ଗତ ପୋଡୁଆଁ ଗାଁର ନରେନ୍ଦ୍ର ମଲ୍ଲିକ। ଏନେଇ ଚନ୍ଦ୍ରଭାଗା ମେରାଇନ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

ସୂଚନା ମୁତାବକ, ଉକ୍ତ ଟ୍ରଲରଟି ପାରାଦୀପରୁ ଆସି କୋଣାର୍କ ଚନ୍ଦ୍ରଭାଗା କୂଳ ନିକଟରେ ମାଛ ଧରୁଥିଲା। ସେଥିରେ ୯ଜଣ ମାଛ ଧରାଳି ଉପସ୍ଥିତ ଥିଲେ। ନରେନ୍ଦ୍ର ମାଛ ଧରୁଥିବାବେଳେ ଅସାବଧାନତା କାରଣରୁ ଟ୍ରଲରର ଫ୍ୟାନରେ ତାଙ୍କ ବାମ ହାତ ପଶି କଟିଯାଇଥିଲା। ଅନ୍ୟ ସାଥୀମାନେ ତାଙ୍କୁ ଉଦ୍ଧାର କରି କୋଣାର୍କ ତେଲୁଗୁ ବସ୍ତି ଲୋକଙ୍କ ସାହାଯ୍ୟରେ କୋଣାର୍କ ପରେ ଗୋପ ମେଡିକାଲକୁ ନେଇଥିଲେ। ସେଠାରେ ଡା. ଶିବ ପ୍ରସାଦ ମଙ୍ଗରାଜ ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରେ ନରେନ୍ଦ୍ରଙ୍କ ପରିବାର ଓ ଟ୍ରଲର ମାଲିକ ପହଞ୍ଚିବାରେ ସେମାନଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ମେରାଇନ ଥାନା ଅଧିକାରୀ ରବୀନ୍ଦ୍ର ସେଠୀ କହିଛନ୍ତି। ପ୍ରକାଶ ଯେ, ବର୍ଷ ବର୍ଷ ଧରି ବେଆଇନ ଭାବେ ଚନ୍ଦ୍ରଭାଗା ସମୁଦ୍ର କୂଳରେ ଟ୍ରଲରରେ ଆସି ମାଲିକମାନେ ମାଛ ଧରୁଥିବା ଭଳି ଅଭିଯୋଗ ହୋଇଆସୁଛି। ହେଲେ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏପରି ବେଆଇନ ଟ୍ରଲର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବୀରହରେକୃଷ୍ଣପୁର ଛକର ସମସ୍ୟା ସମାଧାନ ଦାବି

**ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ**

ପୁରୀ ଅଫିସ,୨୯।୧୦

ପୁରୀକୁ ମୁଖ୍ୟ ପ୍ରବେଶ ଦ୍ୱାର ଥିବା ବୀରହରେକୃଷ୍ଣପୁର ଛକ ଅନେକ ଦିନ ଧରି ଅନ୍ଧାର ଭିତରେ ରହିଛି। ଫଳରେ ଅପରାଧଠାରୁ ଛୋଟ ବଡ଼ ଦୁର୍ଘଟଣା ଭଳି ବିଭିନ୍ନ ସମସ୍ୟା ଦେଖାଦେଉଥିବା ଅଭିଯୋଗ କରି ବୀରହରେକୃଷ୍ଣପୁର ପଞ୍ଚାୟତର ସମିତି ସଭ୍ୟ ଅଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ କେତେଜଣ ବ୍ୟକ୍ତି ଜିଲାପାଳଙ୍କୁ ସାକ୍ଷାତ କରି ସମସ୍ୟାର ସମାଧାନ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମିତିସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ବୀରହରେକୃଷ୍ଣପୁର ପୁରୀର ପ୍ରବେଶ ଦ୍ୱାର ଭାବେ ବିବେଚନା କରାଯାଏ। ତେବେ ଅନେକ ଦିନ ହେବ ବୀରହରେକୃଷ୍ଣପୁର ଛକରେ ଥିବା ହାଇମାଷ୍ଟ ଲାଇଟଟି ଖରାପ ହୋଇଯାଇଛି। ଫଳରେ ଏହି ମୁଖ୍ୟ ପ୍ରବେଶ ଦ୍ୱାରଟି ଅନେକ ଦିନ ହେବ ଅନ୍ଧକାରରେ ରହିଛି। ଏହି ଗୋଲେଇ ଛକଟି ପୁରୀର ମୁଖ୍ୟ ସ୍ଥାନଗୁଡିକୁ ସଂଯୋଗ କରୁଛି। ପୁରୀ ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ପ୍ରତିଦିନ ଅନେକ ପର୍ଯ୍ୟଟକ ଏହି ଛକ ଦେଇ ଯାତାୟାତ କରିଥାନ୍ତି। କିନ୍ତୁ ଛକଟି ଅନ୍ଧକାରରେ ଥିବାରୁ ପ୍ରତିଦିନ ଏଠି ଅନେକ ଦୁର୍ଘଟଣା ଘଟିବା ସହ ଆପରାଧିକ କାର୍ଯ୍ୟ ମଧ୍ୟ ହେଉଛି। ସେହିପରି ଗୋଲେଇ ଛକ ଭିତରେ ଏକଟାଳିଆପାଟଣାର ଏକ ମାତ୍ର ନଳକୂପ ରହିଛି, ଯାହା ଉପରେ ଉକ୍ତ ଗ୍ରାମବାସୀ ନିର୍ଭରଶୀଳ। ଏପରି କି ସନ୍ଧ୍ୟାରେ ସେଠାରୁ ପିଇବା ପାଣି ନେବା ମହିଳାଙ୍କ ପାଇଁ ସୁରକ୍ଷିତ ନାହିଁ। ସେହିପରି ମାଳତିପାଟିପୁର ଓଭରବ୍ରିଜ ନିକଟରେ ଥିବା ହାଇମାଷ୍ଟ ଲାଇଟି ବି ଅନେକ ଦିନ ହେବ ଜଳୁନାହିଁ। ସେଠାରେ ଥିବା ସିସିଟିଭି କ୍ୟାମେରା ବି ଅଚଳ ହୋଇପଡିଛି, ଯାହାର ଫାଇଦା ନେଇ ଅସାମାଜିକ ବ୍ୟକ୍ତି ପ୍ରତିଦିନ ଅନେକ ରାହାଜାନି ଘଟାଉଛନ୍ତି। ଯାହା ପାଇଁ ପୁରୀର ଛବି ଖରାପ ହେଉଛି। ତେଣୁ ଏହି ଘଟଣାର ସମାଧାନ କରାଯାଇ ଉକ୍ତ ସ୍ଥାନକୁ ଆଲୋକୀକରଣ କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମିତିସଭ୍ୟ ପ୍ରଧାନଙ୍କ ସହ ପଞ୍ଚାୟତର ଶକ୍ତି ପ୍ରସାଦ ମିଶ୍ର, ସୁମନ୍ତ ପଲେଇ, ଦିଲୀପ ପ୍ରଧାନ, ବିଜୟ ଦାସ, ନିହାରିକା ତ୍ରିପାଠୀ, ସତ୍ୟନାରାୟଣ ସାହୁ, ଅଜୟ ପ୍ରଧାନ, ସାମାଜିକ କର୍ମୀ ବଦ୍ରିନାରାୟଣ ମିଶ୍ର ଏବଂ ସନ୍ତୋଷ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ନାଗ ଚତୁର୍ଥୀରେ ହୁଙ୍କା ପୂଜିଲେ ତେଲୁଗୁ ବସ୍ତିବାସିନ୍ଦା

କୋଣାର୍କ,୨୯।୧୦(ଡି.ଏନ୍.ଏ.)

କୋଣାର୍କ ଚନ୍ଦ୍ରଭାଗା ତେଲୁଗୁ ବସ୍ତି ଲୋକେ ଘରେ ଘରେ ନାଗ ଦେବତାଙ୍କୁ ପୂଜା କରିବା ସହ ଉଈ ହୁଙ୍କାରେ ଅଣ୍ଡା, ନଡିଆ, ଫୁଲ, ହଳଦୀ, ନୂଆ ଗାମୁଛା, ବିଭିନ୍ନ ପ୍ରକାର ପିଠା, କ୍ଷୀର ଢାଳି କୁକୁଡ଼ା ବଳି ଦେଇ ଶନିବାର ପୂଜାର୍ଚ୍ଚନା କରିଛନ୍ତି।

ସୂଚନାଥାଉ କି, କାହିଁ କେଉଁକାଳରୁ ନାଗ ଦେବତା ପାଇଁ ଚନ୍ଦ୍ରଭାଗା ତେଲୁଗୁ ବସ୍ତିର ମହିଳା ୫/୭ ବା ୯ ଦିନ ଆମିଷ ଖାଇବା ବନ୍ଦ କରି ଏହି ପୂଜା ଆରମ୍ଭ କରିଥାନ୍ତି। ଏହା କାଳୀପୂଜା ପୂର୍ବ ଦିନରୁ ଆରମ୍ଭ ହୋଇଥାଏ। ସକାଳ ଓ ସନ୍ଧ୍ୟା ସମୟରେ ଘରେ ଘରେ ନାଗ ଦେବତାଙ୍କୁ ପୂଜା କରି ମୁଗ ଆଣି ଏକ ପାତ୍ରରେ ଗଛ ପ୍ରସ୍ତୁତ କରିଥାନ୍ତି। ନାଗ ଚତୁର୍ଥୀ ଦିନ ପରିବାର ସହ ନୂଆ ବସ୍ତ୍ର ପରିଧାନ କରି ବାଜା ବଜାଇ ଉଈ ହୁଙ୍କା ପାଖରେ ପହଞ୍ଚିଥାନ୍ତି। ସେଠାର ପୂଜାର୍ଚ୍ଚନା କରି କୁକୁଡ଼ା ବଳି ଦେଇଥାନ୍ତି। ଏହି ପୂଜା ପାଳନ କଲେ ପରିବାରର ମଙ୍ଗଳ ହେବା ସହ ପିଲାଛୁଆଙ୍କ ଦେହ ଭଲ ରହିବାବେଳେ ନାଗ ଦେବତା ପିଲାଛୁଆ ଓ ପରିବାରକୁ ସୁରକ୍ଷା ଦିଅନ୍ତି ବୋଲି ବ୍ରତଧାରୀଙ୍କ ବିଶ୍ୱାସ ରହିଛି। ଓଡ଼ିଆରେ ୧୨ ମାସରେ ତେର ଓଷା ପାଳନ କରାଯାଉଥିବାବେଳେ ତେଲୁଗୁ ବସ୍ତିବାସିନ୍ଦାଙ୍କ ଏହା ଏକ ନିଆରା ପର୍ବ। କୋଣାର୍କ, ପୁରୀ ବୁଲି ଆସିଥିବା ପର୍ଯ୍ୟଟକ ଏହିପର୍ବ ଦେଖିବା ପାଇଁ ଭିଡ ଲଗାଇଥିଲେ।



କୋଣାର୍କ ଚନ୍ଦ୍ରଭାଗା ତେଲୁଗୁ ବସ୍ତି ଲୋକେ ଉଈ ହୁଙ୍କାରେ ନଡିଆ, ଫୁଲ, କ୍ଷୀର ଦେଇ ନାଗ ଦେବତାଙ୍କୁ ପୂଜା କରୁଛନ୍ତି।

# 'ସଚେତନ, ସତର୍କ ହେଲେ କ୍ଷୟକ୍ଷତି ରୋକାଯାଇପାରିବ'

**ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ**

ପୁରୀ ଅଫିସ,୨୯।୧୦

ପ୍ରାକୃତିକ ବିପର୍ଯ୍ୟୟକୁ ବନ୍ଦ କରାଯାଇପାରିବ ନାହିଁ। କିନ୍ତୁ ସଚେତନ ଓ ସତର୍କ ହେଲେ ବିପର୍ଯ୍ୟୟର ପ୍ରଭାବ ଓ କ୍ଷୟକ୍ଷତିକୁ ରୋକାଯାଇପାରିବ ବୋଲି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମତବ୍ୟକ୍ତ କରିଛନ୍ତି। ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଶନିବାର ସଦ୍‌ଭାବନା ସଭାଗୃହ ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଯୋଗଦେଇ କହିଥିଲେ, ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା ଭାବେ ପରିଚିତ। ବିଭିନ୍ନ ବିପର୍ଯ୍ୟୟକୁ ଚିହ୍ନଟ କରାଯାଇ ତାହାର ପ୍ରଶମନ ପାଇଁ ପଦକ୍ଷେପ ନିଆଯାଉଛି। ତେବେ ବିପର୍ଯ୍ୟୟର ମୁକାବିଲା ପାଇଁ ଉପଯୁକ୍ତ ଯୋଜନା, ବ୍ୟାପକ ସଚେତନତା, ବିପର୍ଯ୍ୟୟ ପୂର୍ବରୁ ସତର୍କତା, ଉଦ୍ଧାର ଓ ପରେ ଥଇଥାନ ଓ ସହଯୋଗ ପାଇଁ ଜନ ଜାଗରଣ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ।

ଅତିରିକ୍ତ ଜିଲାପାଳ(ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ଆମ ହାତରେ ନ ଥିଲେ ମଧ୍ୟ ଏହାର ପରିମାଣ ଓ କ୍ଷୟକ୍ଷତି ହ୍ରାସ ଆମ ଦ୍ୱାରା ସମ୍ଭବ ହୋଇପାରିବ।



ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଅବସରରେ ଅଧିକାରୀମାନେ ବିପର୍ଯ୍ୟୟ ହ୍ରାସ ନେଇ ଶପଥ ନେଉଛନ୍ତି।

ତେଣୁ ପ୍ରତ୍ୟେକ ବ୍ୟକ୍ତି ବିଭିନ୍ନ ବିପର୍ଯ୍ୟୟ ସମ୍ପର୍କରେ ଅବଗତ ହୋଇ ତାହାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ବାଲ୍ୟ ଅବସ୍ଥାରୁ ପିଲାମାନଙ୍କୁ ବିବିଧ ବିପର୍ଯ୍ୟୟ ପରିଚାଳନାର ବ୍ୟବହାରିକ ଜ୍ଞାନ ସମ୍ପର୍କରେ ସଚେତନ କରାଯିବା ସହ ପ୍ରକୃତିର ସନ୍ତୁଳନକୁ ବଜାୟ ରଖିଲେ ବିପର୍ଯ୍ୟୟ ମୁକାବିଲା ସହଜ ହୋଇପାରିବ ବୋଲି ଆହ୍ୱାନ ଦେଇଥିଲେ। ଜିଲା ଜରୁରୀ ବିଭାଗ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଜିଲା ପ୍ରକଳ୍ପ ଅଧିକାରୀ ବିଶ୍ୱଜିତ ସାହୁ, ନୋଡାଲ ଏନଜିଓ ସୋଲାରର ସମ୍ପାଦକ ହରିଶଚନ୍ଦ୍ର ଦାସ, ଏବିସିଡି ସମ୍ପାଦକ ସୁଧାକର ଭୋଳ ପ୍ରମୁଖ ଯୋଗ ଦେଇ ବିପର୍ଯ୍ୟୟର କାରଣ, ନିରାକରଣ, ସତର୍କତା ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ସାହୁ ଉପସ୍ଥିତ ସମସ୍ତଙ୍କୁ ବିପର୍ଯ୍ୟୟ ପ୍ରଶମନର ଶପଥ ପାଠ କରାଇଥିଲେ। ଏହାପରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲା ସଂଯୋଜକ ଆଶୁତୋଷ ଦାସ ଧନ୍ୟବାଦ ଦେଇଥିଲେ। ସେହିପରି ସଭାକାର୍ଯ୍ୟ ପୂର୍ବରୁ ସିଂହଦ୍ୱାରଠାରୁ ଗାନ୍ଧୀଘାଟ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ହୋଇଥିଲା। ଗାନ୍ଧୀ ଘାଟଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲାପାଳ ସାହୁ ମାଲ୍ୟାର୍ପଣ କରିବା ସହ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ବିପର୍ଯ୍ୟୟର ମୁକାବିଲା ପାଇଁ ବିବିଧ କୌଶଳ ଓ ଉପାୟ ପ୍ରଦର୍ଶନ କରିବା ସହ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଥିଲା।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୩୦ ଅକ୍ଟୋବର, ୨୦୨୨



# ପଚ୍ଚାମୁଣ୍ଡାଇ କେନାଲରେ ୧୦୦ ଫୁଟ୍‌ର ଘାଇ

- ଭାସିଗଲା ୬ ଦୋକାନ
- ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ
- ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା କଂଗ୍ରେସ

ମାହାଙ୍ଗା, ୨୯।୧୦(ସ୍ୱ.ପ୍ର)

ମାହାଙ୍ଗା ବ୍ଲକ ପଚ୍ଚାମୁଣ୍ଡାଇ କେନାଲ ବନ୍ଧ କୁଆଁପାଳ-ଗୋପୀନାଥପୁର ପୂର୍ତ୍ତ ରାସ୍ତାର ତ୍ରିବେଣୀଶ୍ୱର ବଜାରଠାରେ ଶହେ ଫୁଟ୍‌ରୁ ଊର୍ଦ୍ଧ୍ୱ ଲମ୍ବର ଘାଇ ସୃଷ୍ଟି ହୋଇଛି। ପାଣିର ପ୍ରଖର ସ୍ରୋତରେ ବନ୍ଧ ପାର୍ଶ୍ୱରେ ଥିବା ଦୁଇ ମହଲା କୋଠା ଭାଙ୍ଗିରୁଜି ଯାଇଥିବା ବେଳେ ସେଠାରେ ଥିବା ୬ଟି ଦୋକାନ ଭାସିଯାଇ ବିରୂପା ନଦୀରେ ଲୀନ ହୋଇଯାଇଛି। ଘାଇ ହେବା ଦ୍ୱାରା ତ୍ରିବେଣୀଶ୍ୱରଠାରୁ ପଚ୍ଚାମୁଣ୍ଡାଇ ପର୍ଯ୍ୟନ୍ତ ଗମନାଗମନ ଠପ୍ ହୋଇଯାଇଛି । ଯୁଦ୍ଧକାଳୀନ ଭିତ୍ତିରେ ବନ୍ଧ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

ପ୍ରକାଶ ଯେ, ଶୁକ୍ରବାର ବିଳମ୍ବିତ ରାତିରେ ତ୍ରିବେଣୀଶ୍ୱର ବଜାର ନିକଟରେ ଯାଇଥିବା କେନାଲ ବନ୍ଧ ପାର୍ଶ୍ୱରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଘର ନିର୍ମାଣ କରି ବ୍ୟବସାୟ ପ୍ରତିଷ୍ଠାନ ଚଳାଉଥିଲେ। ଏକ ଦୁଇ ମହଲା କୋଠା ଘରେ ତେଜରାତି, ଷ୍ଟେଶନାରି, ଜନସେବା କେନ୍ଦ୍ର ସହିତ ଏକ ଟେଷ୍ଟ ହାଉସ ରହିଥିଲା । ଏହି ବ୍ୟବସାୟ ପ୍ରତିଷ୍ଠାନର ପଛପଟରେ ବିରୂପା ନଦୀର ଦେବୀ ଗଣ୍ଡ ରହିଥିବାବେଳେ ପୂର୍ବରେ ଶୁକନଦୀ ପ୍ରବାହିତ ହେଉଛି। ତେବେ କେନାଲରେ ଭରା ପାଣି ପ୍ରବାହିତ ହେବା ଦ୍ୱାରା ଉକ୍ତ ସ୍ଥାନରେ ଘାଇ ସୃଷ୍ଟି ହେବା ସହ ଶହେ ଫୁଟ ଲମ୍ବରୁ ଅଧିକ ରାସ୍ତା ଧୋଇ ନେଇଯାଇଥିଲା। ବନ୍ଧ ପାର୍ଶ୍ୱରେ ଦୁଇ ମହଲା ବିଶିଷ୍ଟ କୋଠା ଘରଟି ଭାଙ୍ଗିରୁଜି ଯିବା ସହ ସେଠାରେ ଥିବା ୬ଟି ଦୋକାନର ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭାସିଯାଇ ବିରୂପା ନଦୀରେ ଲୀନ ହୋଇଯାଇଥିଲା। ସକାଳୁ ଏହି ଖବର ଜଣାପଡ଼ିବା ପରେ ଘଟଣାସ୍ଥଳରେ ହଜାର ହଜାର ଲୋକ ରୁଣ୍ଡ ହୋଇଥିଲେ। ଏହି କେନାଲଟି ଜଗତପୁର ଉତ୍ତର ଜଳ ସମ୍ପଦ ଡିଭିଜନ ନୂଆଁଗାଁ ସେକ୍ସନ ଅଧୀନରେ ରହିଛି। ଉତ୍ତର ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ବେହେରା, ସହକାରୀ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ଏସଡିଓ ଶକ୍ତିପ୍ରସାଦ ଦାସ, ନୂଆଁଗାଁ ଜଳ ସମ୍ପଦ ବିଭାଗ ଯନ୍ତ୍ରୀ ବୈକୁଣ୍ଠନାଥ ଭୋଇ ପ୍ରମୁଖ ଘାଇ ହୋଇଥିବା ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। ଯନ୍ତ୍ରୀ ଭୋଇ କହିଛନ୍ତି, ଏହା କୌଣସି ମନୁଷ୍ୟକୃତ ନୁହେଁ। ଯେତେ ଶୀଘ୍ର ସମ୍ଭବ ଏହାକୁ ମରାମତି କରାଯାଉଛି। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ବ୍ୟବସାୟୀମାନେ କ୍ଷତିପୂରଣ ଦାବି କରି ମରାମତି କାର୍ଯ୍ୟକୁ ବିରୋଧ କରିଥିଲେ । ମାହାଙ୍ଗା ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ଦାସ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ଶରତ ନାୟକ, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ବିଡିଓ ନିହାର ରଞ୍ଜନ ମଲିକ, ତହସିଲଦାର ଉମାକାନ୍ତ ବିଶ୍ୱାଳ, ଥାନା ଆଇଆଇସି ବିଜୟ କୁମାର ମଲିକ, ସରପଞ୍ଚ ଓ ସମିତିସଭ୍ୟ ପହଞ୍ଚି କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ସହିତ ଆଲୋଚନା କରିବା ପରେ ବନ୍ଧ ମରାମତି କାର୍ଯ୍ୟ ଚାଲୁ ହୋଇଥିଲା । ଅପରପକ୍ଷରେ ପୂର୍ବତନ ମନ୍ତ୍ରୀ ସେକ ମତଲୁବ ଅଲିଙ୍କ ପୁଅ ସେକ ମସୁଦ ଅଲି ଓ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ପହଞ୍ଚି ଘାଇ ସୃଷ୍ଟି ହେବା ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।



ପଚ୍ଚାମୁଣ୍ଡାଇ କେନାଲରେ ସୃଷ୍ଟି ହୋଇଥିବା ଘାଇ।

## ସଂକ୍ଷେପରେ

### ନାଟକ 'ହେ ସ୍ରଷ୍ଟା' ମଞ୍ଚସ୍ଥ



କଟକ ଅଫିସ,୨୯।୧୦: କଟକ ଅନ୍ନପୂର୍ଣ୍ଣା ଥିଏଟର ବି-ଗ୍ରୁପ ପ୍ରେକ୍ଷାଳୟରେ ଭୁବନେଶ୍ୱରର ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ନାଟକ 'ହେ ସ୍ରଷ୍ଟା' ଶନିବାର ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଯାଇଛି। ପଞ୍ଚାନନ ଦାଶଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଦୀପ୍ତିରଞ୍ଜନ ଦାଶ। କରୁଣାକର ସାମଲ, ରଘୁନାଥ ବେହେରା, ସନ୍ତୋଷ ପଟ୍ଟନାୟକ, ମାନସ ପରିଡ଼ା, ସୋନିକା ସାହୁ, ଲକ୍ଷ୍ମୀପ୍ରିୟା ସେନାପତି ପ୍ରମୁଖ କଳାକାର ନିଖୁଣ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

### ଡକାୟତି ଯୋଜନା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ) ଡକାୟତି ଯୋଜନା କରୁଥିବାବେଳେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଚଢ଼ାଉ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତକୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସାମନ୍ତରାପୁରର ଜଗା ଓରଫ୍ ଜଗନ୍ନାଥ ପ୍ରଧାନ। ସୂଚନାନୁସାରେ ୧୮ତାରିଖରେ ୫ଜଣିଆ ସଶସ୍ତ୍ର ଡକାୟତ ଦଳ ବଶିଷ୍ଠନଗର କେନାଲ ବନ୍ଧଠାରେ ଏକାଠି ହୋଇ ଡକାୟତି ଯୋଜନା କରୁଥିଲେ। ପୋଲିସ ପାଟ୍ରୋଲିଙ୍ଗ ଟିମ୍ ସୂଚନା ପାଇ ସେଠାରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଅଭିଯୁକ୍ତଙ୍କ ନାମରେ ଶ୍ରୀଲିଙ୍ଗରାଜ ଥାନାରେ ୯ଟି ଅପରାଧିକ ମାମଲା ରହିଥିବା ବେଳେ ଶହୀଦନଗର, ଖଣ୍ଡଗିରି, ବଡ଼ଗଡ଼ ଓ କ୍ୟାପିଟାଲ ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି।

### ସମବାୟ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ନରସିଂହପୁର ୨୯।୧୦ (ସ୍ୱ.ପ୍ର): ବାଙ୍କୀ



ସମବାୟ ସମିତି ନିର୍ଦ୍ଦେଶକ ନିର୍ବାଚନରେ ଜିଲିଣ୍ଡା ସେବା ସମବାୟ ସମିତିର ପୂର୍ବତନ ସଭାପତି ସାମାଜିକ କର୍ମୀ ମନୋରଞ୍ଜନ ଦେହୁରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମବାୟ ସମିତିର ସରକାରଙ୍କ ପ୍ରତିଟି ଯୋଜନାକୁ ଠିକ୍ କାର୍ଯ୍ୟକାରୀ କରାଇ କୃଷି ଓ କୃଷକର ହିତ ସାଧନ ପାଇଁ କାମ କରିବେ ବୋଲି ନିର୍ଦ୍ଦେଶକ ଦେହୁରୀ କହିଛନ୍ତି।

## ହସ୍ତଶିଳ୍ପ ତାଲିମ ନେଇ ସ୍ୱାବଲମ୍ବୀ ହୁଅ

ରଘୁନାଥପୁର,୨୯।୧୦(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆରେ ଏସ୍‌ଏଚ୍‌ଜି ସଦସ୍ୟାନେ ହସ୍ତଶିଳ୍ପ ଓ ଟେଲରିଂ ତାଲିମ ନେଇ ସ୍ୱାବଲମ୍ବୀ ହେବାକୁ ହସ୍ତଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶକ ଦୀପ୍ତିରଞ୍ଜନ ଜେନା ଆହ୍ୱାନ ଦେଇଛନ୍ତି। ଗ୍ରାମାଞ୍ଚଳରେ ହସ୍ତଶିଳ୍ପର ତାଲିମ ପାଇଁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଓଡିଶା ତଥା ହସ୍ତଶିଳ୍ପ ନିର୍ଦ୍ଦେଶକ ଜଗତସିଂହପୁର ଆନୁକୂଲ୍ୟରେ ନୂତନ ଭାବେ ଖୋଲାଯାଇଥିବା ପ୍ରିୟଙ୍କା ଜୁଟକ୍ରାଷ୍ଟ ଆଣ୍ଡ ଟେଲରିଂ କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଅବସରରେ ସେ ଏହା କହିଛନ୍ତି। ପ୍ରିୟଙ୍କା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ହସ୍ତଶିଳ୍ପ ବିଭାଗର ପ୍ରମୋସନ ଅଫିସର ସୁଶାନ୍ତ କୁମାର ସାମଲ ଯୋଗଦେଇ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅଧିକରୁ ଅଧିକ ମହିଳା ତାଲିମ ନେଇ ନିଜକୁ ସ୍ୱାବଲମ୍ବୀ କରିପାରିଲେ ସରକାରଙ୍କ ଯୋଜନା ଫଳପ୍ରଦ ହେବ ବୋଲି ସାମଲ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ନୀଳମାଧବ ଓ ମା' ଭଗବତୀ ଏସ୍‌ଏଚ୍‌ଜିକୁ ୨ଟି ଅତ୍ୟାଧୁନିକ ସିଲେଇ ମେଶିନ ଓ ୩୦ ଜଣ ମହିଳାଙ୍କୁ କଇଁଚି, ଟେପ ଓ ସମସ୍ତ ସିଲେଇ କିଟ୍ ପ୍ରଦାନ କରାଯାଇଥିଲା।




ମଧୁସୂଦନ ସେତୁରେ ଆଲୋକ ବ୍ୟବସ୍ଥା କରିବା ଦାବିରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଲଣ୍ଠନ ଜାଳି ଧାରଣା ଦିଆଯାଇଛି।

## ଆଲୋକୀକରଣ ଦାବିରେ ଲଣ୍ଠନ ଶୋଭାଯାତ୍ରା

ଚୌଦ୍ୱାର,୨୯।୧୦(ଡି.ଏନ୍.ଏ)

ମହାନଦୀ ଉପରେ ଚୌଦ୍ୱାର ପଟୁ ନୂଆପାଟଣାରୁ କଟକକୁ ସଂଯୋଗ କରୁଥିବା ମଧୁସୂଦନ ସେତୁରେ ଆଲୋକ ବ୍ୟବସ୍ଥା କରିବା ପାଇଁ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଦୃଢ଼ ଦାବି କରାଯାଇଛି। ଆଖପାଖ ୫ଟି ପଞ୍ଚାୟତକୁ ନେଇ ଗଠିତ ଏହି ସଂଗଠନର ସଭାପତି ରଶ୍ମିରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଜଳୁଥିବା ଲଣ୍ଠନ ଧରି ଶୋଭାଯାତ୍ରା କରିବା ସହିତ ନୂଆପାଟଣା ନିକଟରେ ମଧୁସେତୁ ଉପରେ ଧାରଣାରେ ବସିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ସେତୁରେ ଆଲୋକ ବ୍ୟବସ୍ଥା ନଥିବାରୁ ରାତିରେ ନାନା ଅସାମାଜିକ କାର୍ଯ୍ୟକଳାପ ତଥା ଚୋରି, ଡକାୟତି, ରାହାଜାନୀ ଆଦି ଘଟଣା ଘଟୁଛି। ଅନେକ ସମୟରେ ଲୋକେ ଆକ୍ରମଣର ଶିକାର ହେଉଛନ୍ତି। ତେଣୁ ସୁରକ୍ଷା ଦୃଷ୍ଟିରୁ ସେତୁରେ ତୁରନ୍ତ ଆଲୋକ ବ୍ୟବସ୍ଥା କରିବା ସହିତ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ପରିଷଦ ତରଫରୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କିତ ଏକ ଦାବିପତ୍ର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ଜିଲାପାଳ, ଡିସିପିଙ୍କୁ ପ୍ରଦାନ କରାଯାଇଛି।

## ହେତୁବାଦୀଙ୍କ ବିରୋଧରେ ଏତଲା

**ସୂର୍ଯ୍ୟୋପରାଗରେ ଆମିଷ ଭକ୍ଷଣ ଘଟଣା**

ଚୌଦ୍ୱାର,୨୯।୧୦(ଡି.ଏନ୍.ଏ.)

ସୂର୍ଯ୍ୟୋପରାଗରେ ଆମିଷ ଭକ୍ଷଣ ଓ ଗଣମାଧ୍ୟମରେ ବିଭିନ୍ନ ମନ୍ତବ୍ୟ ଦେଉଥିବା ହେତୁବାଦୀମାନଙ୍କ ବିରୋଧରେ ବିଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଟାଙ୍ଗୀ-ଚୌଦ୍ୱାର ବୈଦିକ ବ୍ରାହ୍ମଣ ସମିତି ପକ୍ଷରୁ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି। ବ୍ରାହ୍ମଣ ସମିତି ସଭାପତି ନିରଞ୍ଜନ ହୋତା ଓ ସମ୍ପାଦକ ଦିଲୀପ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର ଥାନାରେ ପ୍ରଦାନ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ହେତୁବାଦୀ ସଂଗଠନର ପ୍ରତାପ ରଥ,ଦେବେନ୍ଦ୍ର ସୂତାର ପ୍ରମୁଖ ବିଭିନ୍ନ ଗଣମାଧ୍ୟମରେ ଯେଉଁ ମନ୍ତବ୍ୟମାନ ଦେଉଛନ୍ତି ସେସବୁ ହିନ୍ଦୁ ପରମ୍ପରା ବିରୋଧୀ ଓ ସାମାଜିକ ଅପରାଧ। ଏହି ପ୍ରତିନିଧି ମଣ୍ଡଳୀରେ ସୁଶୀଲ କୁମାର ଶତପଥୀ,ପବିତ୍ର ମୋହନ ଷଡ଼ଙ୍ଗୀ, ନିଗମାନନ୍ଦ ତ୍ରିପାଠୀ,ସନ୍ତୋଷ କୁମାର ଦାସ, ମାନସ ରଞ୍ଜନ ପଣ୍ଡା, ସୁନୀଲ ତ୍ରିପାଠୀ, ଶ୍ରୀନୀବାସ ପଣ୍ଡା ପ୍ରମୁଖ ସଦସ୍ୟ ରହିଛନ୍ତି।

## ସମିତି ସଭ୍ୟା ଓ ପୂର୍ବତନ ସରପଞ୍ଚଙ୍କ ନାଁରେ ମାମଲା

ନିଶ୍ଚିନ୍ତକୋଇଲ, ୨୯।୧୦(ସ୍ୱ.ପ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କଟରପଡ଼ା ପଞ୍ଚାୟତର ସମିତି ସଭ୍ୟା ଓ ପୂର୍ବତନ ସରପଞ୍ଚଙ୍କ ନାମରେ ନିଶ୍ଚିନ୍ତକୋଇଲି ଥାନାରେ ପୃଥକ ଭାବେ ୨ଟି ମାମଲା ରୁଜୁ ହୋଇଛି। ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାଯାଇଛି। କଟରପଡ଼ା ପଞ୍ଚାୟତର ପିଅନ ଛବୀନ୍ଦ୍ର ମଲିକ ଓ ତାଙ୍କର ସ୍ତ୍ରୀ ଅଙ୍ଗନୱାଡ଼ି ସହାୟିକା ଦ୍ରୌପଦୀ ମଲିକଙ୍କୁ ସୋସିଆଲ ମିଡିଆରେ ପଞ୍ଚାୟତର ସମିତି ସଭ୍ୟା ସ୍ୱାଗତିକା ନାୟକ ଓ ତାଙ୍କ ସ୍ୱାମୀ ତଥା ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକ ଅଶାଳୀନ ଓ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୮୧/୨୨ ଓ ୧୮୨/୨୨ରେ ୨ଟି ମାମଲା ରୁଜୁ ହୋଇଥିବା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି। ଏହି ଅଭିଯୋଗକୁ ପୂର୍ବତନ ସରପଞ୍ଚ ନାୟକ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି।

## ଆଇନ ସଚେତନତା ଶିବିର

ଆଠଗଡ଼, ୨୯।୧୦(ସ୍ୱ.ପ୍ର)

ଆଠଗଡ଼ ଆଙ୍କୁଲା କଲ୍ୟାଣ ମଣ୍ଡପଠାରେ ତାଲୁକ ଆଇନସେବା କମିଟି ତରଫରୁ ଶନିବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତୀ ବେହେରା, ଜାତୀୟ ମାନବିକ ଅଧିକାର କମିଶନ ଅଧ୍ୟକ୍ଷା ସସ୍ମିତା ଦାସ ଯୋଗଦେଇ ମାନସିକ ଶକ୍ତି ଓ ଦୃଢ଼ତା ନାରୀର ଶ୍ରେଷ୍ଠ ଶକ୍ତି ବୋଲି କହିଥିଲେ। ତାଲୁକ ଆଇନସେବା କମିଟିର ସଭାପତି ତଥା ଆଠଗଡ଼ ସହକାରୀ ଜିଲା ଦୌରାଜଜ ପ୍ରଦୀପ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଯଶୋବନ୍ତ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଠଗଡ଼ ଓକିଲ ସଂଘ ସମ୍ପାଦକ ବନବିହାରୀ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାପତି ସତ୍ୟେନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ପ୍ରତାପ ଚନ୍ଦ୍ର ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ଆଠଗଡ଼ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୁନମୁନ ଆଚାର୍ଯ୍ୟ, ଜେଏମ୍‌ଏଫ୍‌ସି ପୂଜାରାଣୀ ଜୈନ, ଡେପୁଟି କଲେକ୍ଟର ଦୀପ୍ତିମୟୀ ବେହେରା, ସିଡିପିଓ ନିବେଦିତା ରାୟ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ।

## ଡିସେମ୍ବର ୧୫ରୁ ଆଠଗଡ଼ ମହୋତ୍ସବ



ମହୋତ୍ସବ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ଆଠଗଡ, ୨୯।୧୦(ସ୍ୱ.ପ୍ର)

ଦୀର୍ଘ ଦିନ ଧରି ବନ୍ଦ ହୋଇ ରହିଥିବା ଆଠଗଡ଼ ମହୋତ୍ସବ ପାଳନ ପାଇଁ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବହୁ ବୁଦ୍ଧିଜୀବୀ, ଜନ ପ୍ରତିନିଧି, ରାଜନୈତିକ ଦଳର ନେତା ପ୍ରମୁଖ ଯୋଗଦେଇଥିଲେ। ଏକ ପୂର୍ଣ୍ଣାଙ୍ଗ ମହୋତ୍ସବ ପାଳନ ନିମନ୍ତେ ଏକ ରୋଡ଼ମ୍ୟାପ ପ୍ରସ୍ତୁତ ସହିତ ଏହାକୁ ଶୃଙ୍ଖଳିତ ଭାବେ ପରିଚାଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ସ୍ଥାନୀୟ ବିଧାୟକ ସଭାପତି, ଉପଜିଲାପାଳ କାର୍ଯ୍ୟକାରୀ ସଭାପତି ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ସମ୍ପାଦକ ଦାୟିତ୍ୱ ନିର୍ବାହ କରିବେ । ଏହାକୁ ଏକ ସ୍ଥାୟୀ କମିଟି ଭାବରେ ଗ୍ରହଣ କରି ପ୍ରତିବର୍ଷ ଏହି ମହୋତ୍ସବ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ଡିସେମ୍ବର ୧୫ରୁ ୨୧ ତାରିଖ ୭ଦିନ ବ୍ୟାପୀ ମହୋତ୍ସବ ଆୟୋଜନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ତହସିଲଦାର ପ୍ରିୟବ୍ରତ ଦାସ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି ଶୁଭ୍ରଶଙ୍କର ଜ୍ୟୋତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, ଉପଖଣ୍ଡ ଚିକିତ୍ସାଧିକାରୀ ଡା ବିଜୟ କୁମାର ମିଶ୍ର ଜିଲା ପରିଷଦ ସଭ୍ୟ ବଳଭଦ୍ର, ଶାନ୍ତିଲତା ବେହେରା, ସମସ୍ତ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ।

## ମାସକ ମଧ୍ୟରେ ଫଇସଲା କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ବିନା କାରଣରେ ଅଧ୍ୟାପକଙ୍କ ଦରମା ବନ୍ଦ ମାମଲା**

କଟକ ଅଫିସ,୨୯।୧୦

ଗଞ୍ଜାମ ଜିଲା ଖଲ୍ଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟାପକ ସୋମନାଥ ରାଉତଙ୍କ ଦରମା ବିନା କାରଣରେ ବନ୍ଦକୁ ନେଇ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ହୋଇଛି। ବିଚାରପତି ଡ. ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ଆସନ୍ତା ଏକ ମାସ ମଧ୍ୟରେ ଅଧ୍ୟାପକଙ୍କ ଅଭିଯୋଗର ଫଇସଲା କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ହାଇକୋର୍ଟରେ ମାମଲାର ଅନ୍ତ ଘଟିଛି।

ମାମଲାର ବିବରଣୀରୁ ପ୍ରକାଶ, ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ୨୦୧୩ଠାରୁ ସୋମନାଥ ଅଧ୍ୟାପକ ଭାବେ ନିଯୁକ୍ତି ପାଇ ନ୍ୟସ୍ତ ଦାୟିତ୍ୱ ସୁଚାରୁରୂପେ ତୁଲାଇ ଆସୁଛନ୍ତି। ସେ ଭାସ୍କର୍ଯ୍ୟ କଳା ବିଭାଗର ଏକମାତ୍ର ଅଧ୍ୟାପକ ଭାବେ ଶିକ୍ଷାଦାନ କରିବା ସହ ଛାତ୍ରୀନିବାସ ଓ ଛାତ୍ରାବାସ ଅଧୀକ୍ଷକ ଦାୟିତ୍ୱ ଏବଂ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଭାବେ ଅତିରିକ୍ତ ଦାୟିତ୍ୱ ସମ୍ପାଦନ କରିଆସୁଛନ୍ତି। କୌଣସି କାରଣ ନ ଥାଇ କିମ୍ବା ସୂଚନା ନ ଦେଇ ଗତ ମାର୍ଚ୍ଚରୁ ତାଙ୍କ ଦରମା ବନ୍ଦ କରିଦିଆଯାଇଛି। ସେଥିପାଇଁ ବୃଦ୍ଧା ମାଆଙ୍କ ଚିକିତ୍ସା, ରୋଗଣା ସ୍ତ୍ରୀ ଓ ଦୁଇ ସନ୍ତାନଙ୍କ ଭରଣପୋଷଣ କଷ୍ଟକର ହୋଇପଡ଼ିଛି। ଏ ବାବଦରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ସୁଫଳ ମିଳି ନ ଥିଲା। ପରେ ସେ ବିଭାଗୀୟ ନିର୍ଦ୍ଦେଶକଙ୍କୁ ପତ୍ର ମାଧ୍ୟମରେ ଏ ବାବଦରେ ଜଣାଇ ଦରମା ପାଇବା ନିମନ୍ତେ ନିବେଦନ କରିଥିଲେ। ହେଲେ ଏହାସତ୍ତ୍ୱେ କୌଣସି ଫଳ ନ ମିଳିବାରୁ ସୋମନାଥ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୌଭାଗ୍ୟ କୁମାର ଦାଶ ଓ ସୌମ୍ୟକାନ୍ତ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।



## ଗୋଚର ଜମି ଜବରଦଖଲ ପ୍ରତିବାଦରେ ଧାରଣା

ନିଶ୍ଚିନ୍ତକୋଇଲି, ୨୯।୧୦ (ସ୍ୱ.ପ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଓରତି ପଞ୍ଚାୟତ ଅନ୍ତର୍ଗତ ଅସରପଡା, କୃଷ୍ଣଦାସପୁର, ଦିଆନପୁର ରାଜସ୍ୱ ଗ୍ରାମରେ ଥିବା କେତେକ ଗୋଚର ଓ ଚକନାଳ ଜମିକୁ ଜବରଦଖଲ ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହି ଗୋଚର ଜମିକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ବେଆଇନ ଭାବେ ଗୃହ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଫଳରେ ଜବରଦଖଲ ଓ ଅବରୋଧ ହେତୁ ସ୍ଥାନୀୟ ଦଳିତ ସାହିର ଲୋକେ ଗାଈଗୋରୁ, ଛେଳିମେଣ୍ଢା ଚରାଇବା ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଚକନାଳକୁ ଜବରଦଖଲ କରାଯିବା ଦ୍ୱାରା ଜଳ ନିଷ୍କାସନ ହୋଇପାରୁନାହିଁ କିମ୍ବା ଜଳ ସେଚନ କରାଯାଇପାରୁନାହିଁ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଏହାର ପ୍ରତିବାଦରେ ଗ୍ରାମବାସୀଙ୍କ ତରଫରୁ ତହସିଲ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଧାରଣାରେ ବିଦ୍ୟାଧର ଦାସ, ଚନ୍ଦ୍ରମଣୀ ସେଠୀ, ବୈରାଗୀ ସେଠୀ, ଅଜୟ କୁମାର ମଲିକ, ବୈରାଗୀ ମଲିକ, ପ୍ରମୋଦ କୁମାର ମଲିକ, ମନୋଜ କୁମାର ମଲିକ, ସରୋଜ କୁମାର ମଲିକ, କାଶୀନାଥ ମଲିକ, କେଶବ ଦାସ, ରଞ୍ଜନ କୁମାର ମଲିକ, ଅଚ୍ୟୁତାନନ୍ଦ ମଲିକ, ଧନେଶ୍ୱର ମଲିକ, ବାବାଜି ଚରଣ ମଲିକ ପ୍ରମୁଖ ସାମିଲ ହୋଇଥିଲେ। ତହସିଲଦାର ଦିଲୀପ କୁମାର ନାୟକ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।




ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଲୋକେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ, ଜଣେ ଗୁରୁତର

ପିପିଲି,୨୯।୧୦(ସ୍ୱ.ପ୍ର.): ପିପିଲି ଥାନା ଅନ୍ତର୍ଗତ ସିରିଆପୁର ଗ୍ରାମ ନିକଟସ୍ଥ ଏକ ପୋଖରୀରେ ବୁଡ଼ି ଶନିବାର ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସିରିଆପୁରର ସିଲୁ ବେହେରାଙ୍କ ପୁଅ ଚିକୁନ୍ (୩)। ସୂଚନା ଅନୁଯାୟୀ, ଚିକୁନ୍ ଏବଂ ତାଙ୍କ ବଡ ବାପାଙ୍କ ପୁଅ ଲିକୁନ୍(୫) ଅପରାହ୍ନରେ ଖେଳୁଥିବା ସମୟରେ ଘର ବାରିପଟେ ଥିବା ପୋଖରୀରେ ଖସି ପଡିଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ଦୁହିଁଙ୍କୁ ପୋଖରୀରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ପିପିଲି ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଚିକୁନ୍‌ଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଲିକୁନ୍ ଚିକିତ୍ସାଧୀନ ଥିବା ଡାକ୍ତର କହିଛନ୍ତି। ଚିକୁନଙ୍କ ମୃତ୍ୟୁ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ମାଛ ଧରିବାବେଳେ ହାତ କଟି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ଗୋପ/କୋଣାର୍କ, ୨୯।୧୦(ଡି.ଏନ୍.ଏ.): କୋଣାର୍କ ଚନ୍ଦ୍ରଭାଗା କୂଳ ନିକଟ ବଙ୍ଗୋପସାଗରରେ ଟ୍ରଲରରେ ମାଛ ଧରୁଥିବା ସମୟରେ ଟ୍ରଲର ଫ୍ୟାନ୍‌ରେ ହାତ କଟି ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ଅନ୍ତର୍ଗତ ପୋଡୁଆଁ ଗାଁର ନରେନ୍ଦ୍ର ମଲ୍ଲିକ। ଏନେଇ ଚନ୍ଦ୍ରଭାଗା ମେରାଇନ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସୂଚନା ମୁତାବକ, ଉକ୍ତ ଟ୍ରଲରଟି ପାରାଦୀପରୁ ଆସି କୋଣାର୍କ ଚନ୍ଦ୍ରଭାଗା କୂଳ ନିକଟରେ ମାଛ ଧରୁଥିଲା। ସେଥିରେ ୯ଜଣ ମାଛ ଧରାଳି ଉପସ୍ଥିତ ଥିଲେ। ନରେନ୍ଦ୍ର ମାଛ ଧରୁଥିବାବେଳେ ଅସାବଧାନତା କାରଣରୁ ଟ୍ରଲରର ଫ୍ୟାନରେ ତାଙ୍କ ବାମ ହାତ ପଶି କଟିଯାଇଥିଲା। ଅନ୍ୟ ସାଥୀମାନେ ତାଙ୍କୁ ଉଦ୍ଧାର କରି କୋଣାର୍କ ତେଲୁଗୁ ବସ୍ତି ଲୋକଙ୍କ ସାହାଯ୍ୟରେ କୋଣାର୍କ ପରେ ଗୋପ ମେଡିକାଲକୁ ନେଇଥିଲେ। ସେଠାରେ ଡା. ଶିବ ପ୍ରସାଦ ମଙ୍ଗରାଜ ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରେ ନରେନ୍ଦ୍ରଙ୍କ ପରିବାର ଓ ଟ୍ରଲର ମାଲିକ ପହଞ୍ଚିବାରେ ସେମାନଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ମେରାଇନ ଥାନା ଅଧିକାରୀ ରବୀନ୍ଦ୍ର ସେଠୀ କହିଛନ୍ତି। ଏଠାରେ ପ୍ରକାଶ ଯେ, ବର୍ଷ ବର୍ଷ ଧରି ବେଆଇନ ଭାବରେ ଚନ୍ଦ୍ରଭାଗା ସମୁଦ୍ର କୂଳରେ ଶହ ଶହ ଟ୍ରଲର ମାଛ ଧରୁଥିବା ଭଳି ଅଭିଯୋଗ ହୋଇଆସୁଛି। ହେଲେ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏପରି ବେଆଇନ ଟ୍ରଲର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଦାରୁଠେଙ୍ଗ ବାୟୋ ମାଇନିଂ ପ୍ରକଳ୍ପ କାମ ଆରମ୍ଭ

ଭୁବନେଶ୍ୱର, ୨୯।୧୦ (ବ୍ୟୁରୋ): ବହୁ ବାଦବିବାଦ ପରେ ବହୁ ପ୍ରତୀକ୍ଷିତ ଦାରୁଠେଙ୍ଗ ବାୟୋମାଇନିଂ ପ୍ରକଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗ୍ରାମବାସୀଙ୍କ ସହମତି ପରେ ବିଏମ୍‌ସି ପକ୍ଷରୁ ପୂର୍ବରୁ କ୍ଷେତ୍ର ପରିଦର୍ଶନ କରାଯାଇଥିଲା। ଶନିବାର ବାୟୋ ମାଇନିଂ ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ସ୍ଥାନରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ସମ୍ପୃକ୍ତ ସ୍ଥାନରେ ଖାଲଖମା ହେବା ସହିତ ଅନାବନା ଗଛ ଉଠି ଯାଇଛି। ଏପରିକି ମେଶିନ ସ୍ଥାପନ ହେବା ସ୍ଥାନରୁ ଦୁର୍ବୃତ୍ତମାନେ ମୋର ଖୋଲି ନେଇ ଯାଇଛନ୍ତି। ତେଣୁ ପ୍ରଥମେ ପାଚେରୀ ନିର୍ମାଣ ସହ ସମତୁଲ କାର୍ଯ୍ୟ କରାଯିବ। ଏହାପରେ ମେଶିନ ସ୍ଥାପନ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୩ମାସ ସମୟ ଲାଗିବ। ଆସନ୍ତା ଜାନୁୟାରୀ କିମ୍ବା ଫେବୃୟାରୀ ସୁଦ୍ଧା ମେଶନ ସ୍ଥାପନ କାମ ସରିବା ପରେ ବାୟୋ ମାଇନିଂ କାମ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ସେହିପରି ଦାରୁଠେଙ୍ଗରେ ଗଦା ହୋଇଥିବା ଆବର୍ଜନାରୁ ବାହାରିବା ପ୍ଲାଷ୍ଟିକ୍‌କୁ ବିକ୍ରି କରାଯିବା ସହ ସେଠାକାର ମୃତ୍ତିକାକୁ ରିଫିଲ୍ କରାଯିବ। ଏବଂ ବାକି ଆବର୍ଜନାକୁ ସିମେଣ୍ଟ ଫ୍ୟାକ୍ଟ୍ରିକୁ ପଠାଯିବ। ବାୟୋ ମାଇନିଂ ପ୍ରକଳ୍ପ ନିର୍ମାଣରେ ଆବର୍ଜନାକୁ ନେଇ କୌଣସି ସମସ୍ୟା ରହିବ ନାହିଁ ସୂଚନା ଦିଆଯାଇଛି। ସେହିପରି ପୂର୍ବ ଚୁକ୍ତି ଅନୁଯାୟୀ ଦାରୁଠେଙ୍ଗ ଗ୍ରାମର କିଛି ଉନ୍ନୟନମୂଳକ କାର୍ଯ୍ୟ ବିଏମ୍‌ସି କରିବ ବୋଲି ସୂଚନା ଦିଆଯାଇଛି। ଏହି ସମୟରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ଦାରୁଠେଙ୍ଗ ସରପଞ୍ଚ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସମନ୍ୱୟ ରହିଲେ କ୍ଷୟକ୍ଷତି ରୋକାଯାଇପାରିବ

ଖୋର୍ଦ୍ଧା ଅଫିସ,୨୯।୧୦


ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରୁଛନ୍ତି।


ଅଗ୍ନିଶମ କର୍ମଚାରୀ ବିପର୍ଯ୍ୟୟ ମୁକାବିଲା କୌଶଳ ଦେଖାଉଛନ୍ତି।

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲ ପରିସରରୁ ବାହାରିଥିବା ଶୋଭାଯାତ୍ରାକୁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସ୍କୁଲ ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ୍, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶୋଭାଯାତ୍ରାରେ ସାମିଲ ହୋଇ ସଚେତନତାର ବାର୍ତ୍ତା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଖୋର୍ଦ୍ଧା ଅଗ୍ନିଶମ ସେବାସଂସ୍ଥା ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ, ଜରୁରିକାଳୀନ ସେବା, ବ୍ୟବହୃତ ସରଞ୍ଜାମର କୌଶଳ ଦେଖାଇଥିଲେ। ବିପର୍ଯ୍ୟୟ ସମୟରେ ବଡ଼କୋଠା ଭିତରେ ରହିଯାଇଥିବା ବ୍ୟକ୍ତିବିଶେଷ ତଥା ଶ୍ୱାସରୁଦ୍ଧ ଅବସ୍ଥାରେ ଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇଥାଏ, ତାହାର ଗୋଟିଏ ପରେ ଗୋଟିଏ କୌଶଳ ଦେଖାଇଥିଲେ। ପିଲାମାନେ ଏହି କୌଶଳ ଦେଖିଥିଲେ। ଏ ସଂକ୍ରାନ୍ତରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷର ବିଷୟବସ୍ତୁ 'ବିପର୍ଯ୍ୟୟଜନିତ ସମ୍ଭାବ୍ୟ କ୍ଷୟକ୍ଷତିର ସ୍ଥିତିରେ ଗୋଷ୍ଠୀର ଭୂମିକା' ଉପରେ ଆଲୋଚନା କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଠିକ୍ ସୂଚନା ଓ ସତର୍କତା ଅବଲମ୍ବନର

**ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ**

ଆବଶ୍ୟକତା ରହିଛି। ସମସ୍ତଙ୍କ ସହଯୋଗରେ ଧନଜୀବନ ସୁରକ୍ଷା କରାଯାଇପାରିବ ବୋଲି ଅତିରିକ୍ତ ଜିଲାପାଳ ପାଢ଼ୀ କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ କହିଥିଲେ, ବିପର୍ଯ୍ୟୟ ମୁକାବିଲା ସମୟରେ ନିୟୋଜିତ ବିଭାଗୀୟ ଅଧିକାରୀ, ଅଗ୍ନିଶମ, ପୋଲିସ, ଉଦ୍ଧାରକାରୀ ଦଳ ମଧ୍ୟରେ ସମନ୍ୱୟ ଏବଂ ସ୍ଥାନୀୟ ଗ୍ରାମବାସୀ, ଯୁବସମାଜ, ସ୍ୱେଚ୍ଛାସେବୀଙ୍କ ସହଯୋଗର ଆବଶ୍ୟକତା ରହିଛି। ସମସ୍ତଙ୍କ ସହଯୋଗ ରହିଲେ ଠିକ୍‌ଭାବେ ମୁକାବିଲା କରାଯାଇପାରିବ ବୋଲି ବିପର୍ଯ୍ୟୟ ପ୍ରସ୍ତୁତି ଶପଥ ପାଠ କରାଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆପଦ୍‌କାଳୀନ ଉର୍ମିପ୍ରଭା ମହାରଣା, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଅତିରିକ୍ତ ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ମନୋଜ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଓସ୍‌ଡମା ଜିଲା ପ୍ରକଳ୍ପ ସଂଯୋଜକ ସୁକାନ୍ତ କୁମାର ଦାଶଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## 'ନୃତତ୍ତ୍ୱ ବିଜ୍ଞାନକୁ ଲକ୍ଷ୍ମଣ ମହାପାତ୍ରଙ୍କ ଅବଦାନ ଅତୁଳନୀୟ'

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ତଥା ବିଶିଷ୍ଟ ନୃତତ୍ତ୍ୱବିତ୍ ସ୍ୱର୍ଗତ ପ୍ରଫେସର ଲକ୍ଷ୍ମଣ ମହାପାତ୍ରଙ୍କ ଦ୍ୱିତୀୟ ସ୍ମାରକୀ ବକ୍ତୃତା ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ମହାପାତ୍ରଙ୍କ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ଲକ୍ଷ୍ମଣ କୁମାର ମହାପାତ୍ର ମେମୋରିଆଲ୍ ଟ୍ରଷ୍ଟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ସ୍ନାତକୋତ୍ତର ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରି କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଜ୍ଞାନ ବିଭାଗର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ସହ ଉତ୍କର୍ଷ କେନ୍ଦ୍ର ହେବାର ଶ୍ରେୟ ପ୍ରଫେସର ଲକ୍ଷ୍ମଣ କୁମାର ମହାପାତ୍ର ପାଇବେ। ପିଢ଼ି ପରେ ପଢ଼ି ସଫଳ ନୃତତ୍ତ୍ୱବିତ୍ ସୃଷ୍ଟି କରିବାରେ ତାଙ୍କ ଅବଦାନ ଉଲ୍ଲେଖନୀୟ ବୋଲି କୁଳପତି କହିଥିଲେ।



ସାହିତ୍ୟିକ ବିଚିତ୍ର କୁମାର ବଡ଼ଜେନାଙ୍କ ଉଦ୍ଦେଶ୍ୟରେ ଅତିଥିମାନେ ତାଙ୍କ ପରିବାର ସଦସ୍ୟଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରୁଛନ୍ତି।

## ବିଚିତ୍ର ଥିଲେ ଭାଷା ଆନ୍ଦୋଳନର କର୍ଣ୍ଣଧାର

ଖୋର୍ଦ୍ଧା ଅଫିସ,୨୯।୧୦

ଖୋର୍ଦ୍ଧା ନାଗରିକ ମଞ୍ଚ ଓ ଖୋର୍ଦ୍ଧା ଜିଲା ଓକିଲ ସଂଘର ମିଳିତ ଆନୁକୂଲ୍ୟରେ ବରିଷ୍ଠ ଆଇନଜୀବୀ, ସାହିତ୍ୟିକ ତଥା ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପ୍ରମୁଖ କର୍ଣ୍ଣଧାର ବିଚିତ୍ର କୁମାର ବଡ଼ଜେନାଙ୍କ ଏକାଦଶାହ ଅବସରରେ ଶନିବାର ସ୍ଥାନୀୟ ବିଡିଏ କଲ୍ୟାଣମଣ୍ଡପ ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ବିଜୟ କୁମାର ସାମନ୍ତସିଂହାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ନିଖିଳ ଓଡ଼ିଶା ଓକିଲ ସଂଘ ସମ୍ପାଦକ ଅକ୍ଷୟ ପତି, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, ମହିଳା ରାଜ୍ୟ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ବରିଷ୍ଠ ସିପିଆଇ ନେତା ଅନନ୍ତ ମଙ୍ଗରାଜ, ପୂର୍ବତନ ବାର୍ ସଭାପତି ଶିଶିର ପରିଡ଼ା, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ପୂର୍ବତନ ଏସ୍‌ପି ଦେବପ୍ରସାଦ ମଜୁମ୍‌ଦାର, ବ୍ଲକ ଉପାଧ୍ୟକ୍ଷ ପ୍ରକାନ୍ତ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଚିତ୍ର ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଦିଗରେ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ। ଏକାଧାରାରେ ସେ ଜଣେ ଦକ୍ଷ ଆଇନଜୀବୀ, ରାଜନେତା, ସୁସାହିତ୍ୟିକ ଏବଂ ଜୀବନବ୍ୟାପୀ ଭାଷା ଆନ୍ଦୋଳନରେ ଜଣେ ସୈନିକ ଭାବେ କାର୍ଯ୍ୟ କରିଯାଇଛନ୍ତି ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ମଞ୍ଚ ପକ୍ଷରୁ ବିଚିତ୍ରଙ୍କ ଉଦ୍ଦେଶ୍ୟରେ ତାଙ୍କ ପରିବାରବର୍ଗଙ୍କୁ ସ୍ମୃତି ସମ୍ମାନ ଦିଆଯାଇଥିଲା। ବଡ଼ ପୁଅବୋହୂ ଅଂଶୁମାନ ଓ ପୁଷ୍ପାଞ୍ଜଳି, ସାନ ପୁଅବୋହୂ ଦୀପ୍ତିମାନ ଓ ସୁଚିସ୍ମିତା ଏବଂ ସ୍ୱର୍ଗତ ବଡ଼ଜେନାଙ୍କ ପତ୍ନୀ ଉର୍ମିଳା ବଡ଼ଜେନା ପ୍ରମୁଖ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ମଞ୍ଚ ସମ୍ପାଦକ ସଞ୍ଜୟ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିଳାଦିତ୍ୟ ପଟ୍ଟନାୟକ, ପ୍ଲାବନ ପଟ୍ଟନାୟକ, ଦ୍ୱାରିକାନାଥ ମହାନ୍ତି ଓ ଅନ୍ୟମାନେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଡକାୟତି ଯୋଜନା: ୪ ଗିରଫ

ପୁରୀ ଅଫିସ,୨୯।୧୦

ଡକାୟତି ଯୋଜନା କରିବା ଅଭିଯୋଗରେ ସଦରଥାନା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସଦରଥାନା ଅନ୍ତର୍ଗତ ଗିରଳର ଜିତେନ୍ଦ୍ର ରାଉତ(୨୫), ଗୋରୁଆଳ ଅଞ୍ଚଳର ପ୍ରଭାତ ବରାଳ (୩୧), ଖୁଣ୍ଟିଆ ବଗିଚା ଅଞ୍ଚଳର ରାଜେଶ ଖଣ୍ଡୁଆଳ(୩୧) ଏବଂ ଅଠରନଳା ନିଳଚକ୍ର ନଗରର ସୁଭାଶିଷ ପଣ୍ଡା (୩୬)। ପୋଲିସ ସେମାନଙ୍କ ନିକଟରୁ ୨ଟି ହାତ ତିଆରି ବନ୍ଧୁକ, ଗୋଟିଏ ଛୁରି, ନଗଦ ୩୫୦ ଟଙ୍କା ଏବଂ ୧୫ ବିୟର ବୋତଲ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏ ନେଇ ପୋଲିସ ନଂ.୨୮୪/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ଗିରଫ ହୋଇଥିବା ୪ଅଭିଯୁକ୍ତଙ୍କ ସହ ଅନ୍ୟ କିଛି ବ୍ୟକ୍ତି ଶୁକ୍ରବାର ରାତି ପ୍ରାୟ ୧୦ଟା ୩୦ ସମୟରେ କଣ୍ଟପୁର ଜଳଭଣ୍ଡାର ନିକଟରେ ଏକ ନିଛାଟିଆ ସ୍ଥାନରେ ବିଭିନ୍ନ ମାରଣାସ୍ତ୍ର ସହ ବସି ହାଇୱା ଡକାୟତି ପାଇଁ ଯୋଜନା କରୁଥିଲେ। ତେବେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢାଉ କରିଥିଲା। ତେବେ ଚଢାଉ ସମୟରେ ସେଠାରେ ଉପସ୍ଥିତ ଥିବା ୩ ଜଣ ଖସିଯିବାରେ ସଫଳ ହୋଇଥିବା ବେଳେ ୪ଜଣ ଗିରଫ କରିବାରେ ପୋଲିସ ସକ୍ଷମ ହୋଇଥିଲା।

## ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବାଣପୁର,୨୯।୧୦(ଡି.ଏନ୍.ଏ.)

ବାଣପୁର ନିକଟ ସିଙ୍ଗେଶ୍ୱର ପଞ୍ଚାୟତର ଧୂଆଁଳ ଗ୍ରାମସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାତଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବାତ୍ୟା ଆଶ୍ରୟସ୍ଥଳୀର ୨୫ ଜଣିଆ କମିଟି ମେମ୍ବରଙ୍କ ସମେତ ୨୫ ଜଣ ଉଦ୍ଧାରକାରୀ ଦଳ ଓ ୨୫ଜଣ ଆପତ୍‌କାଳୀନ ଚିକିତ୍ସା ଦଳକୁ ନେଇ ଓସ୍‌ଡମାର ପ୍ରଶିକ୍ଷକଙ୍କ ସମେତ ସାମୁକା ପରିବାର ଟ୍ରଷ୍ଟର କର୍ମକର୍ତ୍ତାମାନେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ବିପର୍ଯ୍ୟୟକୁ କିପରି ମୁକାବିଲା କରାଯାଇପାରିବ ସେନେଇ ପ୍ରଶିକ୍ଷଣ ଦେଇଥିଲେ। ଏନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ ସିଙ୍ଗେଶ୍ୱର ସରପଞ୍ଚ ସ୍ନେହଲତା ସେଠୀ, ବଡ଼କୂଳ ସରପଞ୍ଚ ପ୍ରହ୍ଲାଦ ବେହେରା, ସମିତିସଭ୍ୟ ଦୁର୍ଗାଚରଣ ରଥ, ଅଠରବାଟିଆ ସରପଞ୍ଚ ଦୀପକ ଜେନା, ନିମିକ୍ଷେତା ସରପଞ୍ଚ ବିଶ୍ୱବିହାରୀ ଗୁରୁ, ଓସ୍‌ଡମାର ପ୍ରଶିକ୍ଷକ ଦୀପକ ଗିରି, ରତିକାନ୍ତ ନାଥ, ଚିଲିକା ଜିପିଓ ରବୀନ୍ଦ୍ର ସ୍ୱାଇଁ, ମନୋଜ ସ୍ୱାଇଁ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ମୁକାବିଲା କରିପାରିବେ ସେନେଇ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ଶାମୁକା ପରିବାର ଟ୍ରଷ୍ଟର ସଭାପତି ବିଶ୍ୱଜିତ୍ ଦାଶ ପରିଚାଳନା କରିଥିଲେ। ସତ୍ୟ ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

## ସଚେତନତା ହିଁ ଧନଜୀବନକୁ ସୁରକ୍ଷା ଦେବ

କୃଷ୍ଣପ୍ରସାଦ,୨୯।୧୦(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ସଭାଗୃହରେ ଶନିବାର ବ୍ଲକସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଡିଓ ମନୋଜ କୁମାର ନାୟକ ଯୋଗଦେଇ ସଚେତନ ରହିଲେ ଧନଜୀବନ ସୁରକ୍ଷିତ ରହିପାରିବ। ମାଲୁଦ ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ନୋଡାଲ ଏନ୍‌ଜିଓ ସମ୍ପାଦକ ପ୍ରବୀର କୁମାର ନାୟକ ବିପର୍ଯ୍ୟୟ କ୍ଷତିଗ୍ରସ୍ତଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ବ୍ଲକ ମୁଖ୍ୟ କିରାଣି କୁବେର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ଏପିଓ ଅଭିନ୍ନ କୁମାର ପଲେଇ, ସୌଭାଗ୍ୟ କୁମାର ବଳିୟାରସିଂହ, ରାଜସ୍ୱ ସହାୟକ କାଶିମ୍ ମହମ୍ମଦ, ରଶ୍ମିରଞ୍ଜନ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବିଭିନ୍ନ ସଂସ୍ଥାର କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଧଉଳିରେ ଲାଇଟ୍ ଆଣ୍ଡ ଶୋ' ଟ୍ରାଏଲ

ପୁରୁଣା ଭୁବନେଶ୍ୱର, ୨୯।୧୦(ଡି.ଏନ୍.ଏ.)

ବାତ୍ୟା 'ଫନୀ'ରେ ଶାନ୍ତିସ୍ତୂପ ଧଉଳିରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ କାର୍ଯ୍ୟକ୍ରମ ପାଇଁ ଥିବା ଉପକରଣ ଭାଙ୍ଗିରୁଜି ଯାଇଥିଲା। ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓଟିଡିସି) ପକ୍ଷରୁ ଉପକରଣ ମରାମତି ପାଇଁ ଦୁଇ ବର୍ଷ ବିତିଯାଇଥିଲା। ୬ମାସ ପୂର୍ବେ ଏହାର କାର୍ଯ୍ୟ ଶେଷ ହୋଇଛି। ତେବେ ଶନିବାର ସନ୍ଧ୍ୟାରେ ଏହାକୁ କାର୍ଯ୍ୟକ୍ଷମ ତଥା ପୁନଃ ଚାଲୁ କରିବା ପାଇଁ ଟ୍ରାଏଲ କରାଯାଇଥିଲା। ମଙ୍ଗଳବାର ଠାରୁ ଜନସାଧାରଣଙ୍କ ପାଇଁ ଟିକେଟ କରାଯାଇ ଚାଲୁ ହେବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି।

## 'ସ୍ୱାସ୍ଥ୍ୟ ହିଁ ସମ୍ପଦ'




ନିରାକାରପୁର,୨୯।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ମ୍ୟାଗ୍ନମ୍ ଡି ବି ଫାଉଣ୍ଡେସନ ଓ ଶିଶୁମନ୍ଦିର ମିଳିତ ଆନକୂଲ୍ୟରେ ଦିନିକିଆ ସ୍ୱାସ୍ଥ୍ୟ ସଚେତନତା ଶିବିର ଓ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୦୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ଉଦ୍‌ଘାଟନ କରିବା ସହିତ ରକ୍ତଦାନ ମଧ୍ୟ କରିଥିଲେ। ଅପରାହ୍ନରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସମ୍ପାଦକ ବିଭୁତି ଭୁଷଣ ଆଚାର୍ଯ୍ୟ ପୌରୋହିତ୍ୟ କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରି ସ୍ୱାସ୍ଥ୍ୟ ହିଁ ସମ୍ପଦ ବିଷୟରେ ଆଲୋକପାତ କରିଥିଲେ। ଅତିଥିଭାବେ ଫାଉଣ୍ଡେସନ ଉପାଧ୍ୟକ୍ଷ ଗୀତାରାଣୀ ପାଢୀ, ବିଦ୍ୟାଳୟର ପ୍ରଧାନ ଅଚାର୍ଯ୍ୟା ନଳିନୀ ରଥ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରବୀନ୍ ପାହି ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ଓ ରକ୍ତଦାନ ମହାପୂଣ୍ୟ କହିବା ସହିତ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧରେ କହିଥିଲେ। ଫାଉଣ୍ଡେସନ ପକ୍ଷରୁ ବିଦ୍ୟାଳୟର ସମ୍ପାଦକଙ୍କ ସମେତ ଗୁରୁଜୀ ଗୁରୁମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜଣେ ଛାତ୍ର ସଙ୍ଗୀତ ଗାନ କରିଥିଲେ। ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏଏସ୍‌ଆଇ କାର୍ଯ୍ୟ ନେଇ ସେବାୟତ ଖପ୍ପା

ପୁରୀ ଅଫିସ,୨୯।୧୦

ଗତ କିଛିଦିନ ତଳେ ଶ୍ରୀମନ୍ଦିର ଭିତରୁ ପଥର ଖସିଥିଲା। ଏହି ଘଟଣା ବିଷୟରେ ସେବାୟତମାନେ ଏଏସ୍‌ଆଇଙ୍କୁ ଜଣାଇଥିଲେ। ହେଲେ ଏଏସ୍‌ଆଇ ପକ୍ଷରୁ କୌଣସି ଅନୁଧ୍ୟାନ କରା ନ ଯିବାରୁ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରୁଥିଲା। କିନ୍ତୁ କଥା ପ୍ରଚାର ହେବା ସହ ଲୋକଲୋଚନକୁ ଆସିବା ପରେ ଏବେ ଶ୍ରୀମନ୍ଦିରରୁ ପଥର ଖସିଥିବା କଥା ଶ୍ରୀମନ୍ଦିର ପ୍ରଶାସନ ସ୍ୱୀକାର କରିଥିଲା। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ଜଗମୋହନ ଦକ୍ଷିଣ ପୂର୍ବ ଦିଗରୁ ଗତ ରବିବାର ପଥର ଖସିଥିଲା। ବେହେରଣ ଦ୍ୱାର ଓ ମୁଦିଲି ଦ୍ୱାର ମଝିରେ ଥିବା ଚର୍ଚ୍ଚା ନିକଟରେ ଏକ ବଡ଼ ପଥର ଖଣ୍ଡ ଖସିଥିଲା। ତେବେ ଉକ୍ତ ସ୍ଥାନରେ ଚଳପ୍ରଚଳ କମ ଥିବାରୁ କାହାରି କ୍ଷତି ହୋଇ ନାହିଁ। ଖସିପଡିଥିବା ପଥରଟି ପ୍ରାୟ ୧ରୁ ଦେଢ଼ ଫୁଟ ଭଳି ହେବ ବୋଲି ଅନୁମାନ କରାଯାଉଛି।

ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଗତ ୨୩ ତାରିଖରେ ଶ୍ରୀମନ୍ଦିର ମାଜଣାମଣ୍ଡପ ନିକଟରେ ଥିବା ଚର୍ଚ୍ଚା ଘର ପାଖରେ ଏକ ପଥର ଖସିଥିଲା। ଖସିଥିବା ପଥରଟିକୁ ଶ୍ରୀମନ୍ଦିର ସୁପରଭାଇଜରଙ୍କ ଜରିଆରେ ଏଏସ୍‌ଆଇ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଛି। ଜଗମୋହନର ବହାରପଟୁ ପଥରଟା ଖସିଛି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପ୍ରଶାସକ ଏଏସ୍‌ଆଇକୁ ଅବଗତ କରିବା ସହ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଏସ୍‌ଆଇ ଅନୁଧ୍ୟାନ କରି ପଥର କାହିଁକି ଖସୁଛି ତାହାର ତର୍ଜମା କରି କାର୍ଯ୍ୟ କରିବ। ଏଏସ୍‌ଆଇ ସହ ଶ୍ରୀମନ୍ଦିର ପରିଚାଳନା ବୈଠକରେ ଆଲୋଚନା କରାଯାଉଛି। ସେହିପରି ଶ୍ରୀମନ୍ଦିରର ଯେଉଁ ସ୍ଥାନରେ ପାଣି ଗଳୁଥିଲା ତାହାର ମରାମତି କରାଯାଇଛି ଓ ଆଉ କେଉଁ ସ୍ଥାନରେ ପାଣି ଗଳୁଛି, ତାହାର ମଧ୍ୟ ଅନୁଧ୍ୟାନ କରାଯାଇ ମରାମତି କରାଯିବ ବୋଲି ଜେନା କହିଛନ୍ତି। ଅନ୍ୟପଟେ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଶ୍ରୀମନ୍ଦିର

**ଶ୍ରୀମନ୍ଦିରର ପଥର ଖସିବା ପ୍ରସଙ୍ଗ**
- ମରାମତି ପାଇଁ ୫ ବର୍ଷିଆ ପ୍ଲାନ୍ ପ୍ରସ୍ତୁତ

ରକ୍ଷଣାବେକ୍ଷଣ ଓ ମରାମତି ଦାୟିତ୍ୱରେ ଥିବା ଏଏସ୍‌ଆଇ ଚରମ ଅବହେଳା କରୁଛି। କିଛିଦିନ ତଳେ ଶ୍ରୀମନ୍ଦିର ରତ୍ନସିଂହାସନ ଶ୍ରୀବଳଭଦ୍ରଙ୍କ ପଛପାର୍ଶ୍ୱରୁ ଚୂନ ପ୍ଲାଷ୍ଟର ଖସିଥିଲା। ଏବେ ପୁଣି ଶ୍ରୀମନ୍ଦିର ଚର୍ଚ୍ଚା ଘର ବାହାରପଟେ ପଥର ଖସିଛି। ଘଟଣାକୁ ଅନେକ ଦିନ ବିତିଯାଇଥିଲେ ମଧ୍ୟ ଏଏସ୍‌ଆଇ ଏଯାଏ ଅନୁଧ୍ୟାନ କରି ନାହିଁ। ଯେଉଁଠି ପଥର ଖସୁଛି ସେଇଠି କାରୁକାର୍ଯ୍ୟ ପଥର ଲଗାଇବା ପରିବର୍ତ୍ତେ ଧଳାପଥର ଲଗାଇଦେଇଛି। ରାଜ୍ୟରେ ବହୁତ କୁସଳି କାରିଗର ଅଛନ୍ତି। ତେଣୁ ଏଏସ୍‌ଆଇ ଯଦି କାର୍ଯ୍ୟରେ ଅବହେଳା କରୁଛି, ତେବେ ତା'କୁ ସରକାର ତୁରନ୍ତ ବାହାର କରିଦେବା ଆବଶ୍ୟକ। ଶ୍ରୀମନ୍ଦିର ଘଟୁଆ ସେବକ ତଥା ପୂର୍ବତନ ନଗରପାଳ ଗୌରହରୀ ପ୍ରଧାନ କହିଛନ୍ତି, ଶ୍ରୀମନ୍ଦିର ରକ୍ଷଣାବେକ୍ଷଣା କ୍ଷେତ୍ରରେ ଛତିଶା ନିଯୋଗ, ପରିଚାଳନା କମିଟି ଆଦି ବୈଠକରେ ବାରମ୍ବାର ଏନେଇ ଉଦ୍‌ବେଗ ପ୍ରକାଶ କରାଯାଇ ଏଏସ୍‌ଆଇକୁ ଜଣାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଏପରି କାର୍ଯ୍ୟକୁ ଦୃଷ୍ଟିରେ ରଖି ରାଜ୍ଯ ସରକାର ଏଏସ୍‌ଆଇକୁ ତୁରନ୍ତ ଶ୍ରୀମନ୍ଦିର ଦାୟିତ୍ୱରୁ ନିବୃତ୍ତ କରନ୍ତୁ। ଅନ୍ୟପଟେ ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ସଦସ୍ୟ ଡ. ଏନ୍.ସି.ପାଲ୍ କହିଛନ୍ତି, ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ବାରମ୍ବାର ଅନୁଧ୍ୟାନ କରି ଆବଶ୍ୟକ ମରାମତି ଓ ପଦକ୍ଷେପ ନେବାକୁ ଏଏସ୍‌ଆଇକୁ କହିଛି। ଶ୍ରୀମନ୍ଦିର ପରିଚାଳନା କମିଟି ମଧ୍ୟ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସରିବାକୁ କହିଛି। ଏଏସ୍‌ଆଇକୁ ଖସିଥିବା ପଥର ହସ୍ତାନ୍ତର କରାଯାଇଥିବାରୁ ତାହାକୁ ସେମାନେ ଅନୁଧ୍ୟାନ କରୁଛନ୍ତି। ଅପରପକ୍ଷେ ଶ୍ରୀମନ୍ଦିର ନାଟମଣ୍ଡପ ଓ ପାର୍ଶ୍ୱ ଦେବଦେବୀ ମନ୍ଦିରରେ ଆବଶ୍ୟକ ମରାମତି ପାଇଁ ୫ ବର୍ଷୀୟା ପ୍ଲାନ୍ ପ୍ରସ୍ତୁତ କରାଯାଇଛି ବୋଲି ଡ. ପାଲ ସୂଚନା ଦେଇଛନ୍ତି।